ସଂଚାର
THE SANCHAR

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

Vol. 34 | ISSUE 217 ଭାଗ ୩୪ | ସଂଖ୍ୟା ୨୧୭ | Saturday 31 October 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର, ୩୧ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ରାଷ୍ଟ୍ରପତି

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ)ଃ ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ଓଡ଼ିଶାରେ ସୃଷ୍ଟି ହୋଇଥିବା ପ୍ରଭାବ, ପ୍ରଭାବିତ ଜିଲ୍ଲାଗୁଡ଼ିକର ସାମ୍ପ୍ରତିକ ସ୍ଥିତି ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି। ଏହି କଠିନ ସମୟରେ ଓଡ଼ିଶାବାସୀଙ୍କ ସୁରକ୍ଷା ପାଇଁ ତାଙ୍କ ମନର ଗଭୀର ଚିନ୍ତା ଓ ସମସ୍ତ ସହଯୋଗର ଆଶ୍ୱାସନା ଆମ ମନୋବଳକୁ ବହୁଗୁଣିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାତ୍ୟା 'ଅର୍ଣ୍ଣବ' ପରିପ୍ରେକ୍ଷୀରେ ଓଡ଼ିଶା ପ୍ରତି ସମବେଦନା, ଚିନ୍ତା ବ୍ୟକ୍ତ କରିବା ସହ ସମସ୍ତ ସହଯୋଗର ଆଶ୍ୱାସନା ଦେଇଥିବାରୁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ତାଙ୍କର ଏହି ସହାନୁଭୂତି ଓ ସହଯୋଗ ପ୍ରତ୍ୟେକ ଓଡ଼ିଆଙ୍କ ସୁରକ୍ଷା ତଥା ମଙ୍ଗଳ ସୁନିଶ୍ଚିତ କରିବା ଦିଗରେ ଆମ ସଂକଳ୍ପକୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଛନ୍ତି।

ଉବୁଟୁବୁ ହେଉଛି ଦକ୍ଷିଣ ଓଡ଼ିଶା

ଆନ୍ଧ୍ରକୁ ଆଉ ଏକ ବାତ୍ୟା ବିପଦ!

ବଙ୍ଗୋପସାଗରରେ ଲଘୁଚାପ ଛୋଟ ବାତ୍ୟା ଆଶଙ୍କା

- ଗଞ୍ଜାମ, ଗଜପତିରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା
- ଆଜି ଅବପାତର ରୂପ ନେବ ଲଘୁଚାପ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ)ଃ ଦକ୍ଷିଣ ଆଣ୍ଡାମାନ ସାଗର ଓ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଶ୍ରୀବିଜୟପୁରମ୍ (ପୋର୍ଟ ବ୍ଲେୟାର)ଠାରୁ ପ୍ରାୟ ୧୫୦ କିମି ପୂର୍ବ-ଦକ୍ଷିଣ ପୂର୍ବରେ ଓ ଲିଟିଲ୍ ଆଣ୍ଡାମାନଠାରୁ ପ୍ରାୟ ୧୨୦ କିମି ପୂର୍ବରେ ରହିଛି। ଲଘୁଚାପ କ୍ଷେତ୍ରଟି ଆଜି ଦକ୍ଷିଣ ଆଣ୍ଡାମାନ ସାଗରରୁ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ଦକ୍ଷିଣପୂର୍ବ ବଙ୍ଗୋପ ସାଗର ଆଡ଼କୁ ଅଗ୍ରସର ହେବ। ଆସନ୍ତାକାଲି ସୁଦ୍ଧା ଏହା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପରେ ୧– ୩ ନଭେମ୍ବର ମଧ୍ୟରେ ଏହା ବଙ୍ଗୋପ ସାଗର ଦେଇ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଆନ୍ଧ୍ର ପ୍ରଦେଶ ଉପକୂଳ ଆଡ଼କୁ ଯାଇପାରେ ବୋଲି ପାଣିପାଗ ବିଶାରଦ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି। ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଥିବା ବେଳେ ଉତ୍ତର ତାମିଲନାଡୁ ଉପକୂଳକୁ ଯିବାର ସମ୍ଭାବନାକୁ ମଧ୍ୟ ➾ପୃଷ୍ଠା-୬

- ଆକାଶମାର୍ଗରୁ ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ
- ବିପତ୍ତିରେ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ପ୍ରାଥମିକତା
- ୨୧ଟି ସ୍ଥାନରେ ଏୟାର ଡ୍ରପିଙ୍ଗ୍, ୨ରେ ଆସିବ କେନ୍ଦ୍ରୀୟ ଟିମ୍
- ଗଞ୍ଜାମ ପାଇଁ ଅତିରିକ୍ତ ୨୦ କୋଟିର ସହାୟତା ଘୋଷଣା
- ୨୪୨ ପଞ୍ଚାୟତର ୩୮୬ ଗାଁ ଓ ୧୦୬ ୱାର୍ଡ ପ୍ରଭାବିତ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ)ଃ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରଳୟଙ୍କରୀ ବର୍ଷା ଯୋଗୁଁ ଦକ୍ଷିଣଓଡ଼ିଶାର ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବନ୍ୟା ସ୍ଥିତି ଓ କ୍ଷୟକ୍ଷତିର ତଦାରଖ କରିଛନ୍ତି। ଜଳପ୍ରଳୟ ➾ପୃଷ୍ଠା-୬

୩୦ ଓଏଏସଙ୍କୁ ଗଞ୍ଜାମ ଦାୟିତ୍ୱ

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଦକ୍ଷିଣ ଓଡ଼ିଶାରେ ଜଳପ୍ରଳୟ ଆସି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ହେବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିବାବେଳେ ରାଜ୍ୟ ସରକାର ସ୍ଥିତିର ତ୍ୱରିତ ମୁକାବିଲା ପାଇଁ ପଦକ୍ଷେପ ନେଇଛନ୍ତି। ୧୦ ଜଣ ବରିଷ୍ଠ ଓଏଏସଙ୍କ ସମେତ ମୋଟ ୩୦ ଜଣ ଓଏଏସ୍ ଅଫିସର ଓ ୩ଟି ଇଞ୍ଜିନିୟରିଂ ଟିମ୍‌କୁ ମଧ୍ୟ ଗଞ୍ଜାମକୁ ପଠାଯାଇଛି। ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନଆସିବା ପର୍ଯ୍ୟନ୍ତ ଏହି ଅଫିସରମାନେ ଗଞ୍ଜାମରେ କାର୍ଯ୍ୟ ଜାରି ରଖିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ସୂଚନାନୁସାରେ, ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତ ଅଞ୍ଚଳରେ ରିଲିଫ୍ ତଥା ପୁନରୁଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବିଶେଷକରି ଗଞ୍ଜାମ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଆକଳନ, ରାସ୍ତାଘାଟ ମରାମତି ଓ ସାଧାରଣ ଜୀବନଯାତ୍ରାକୁ ସ୍ୱାଭାବିକ କରିବା ପାଇଁ ରାଜ୍ୟ ପ୍ରଶାସନ ପକ୍ଷରୁ ଅଧିକ ପ୍ରଶାସନିକ ଅଧିକାରୀ ଓ ଇଞ୍ଜିନିୟର ଟିମକୁ ତୁରନ୍ତ ଦାୟିତ୍ୱ ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଭିନ୍ନ ଭିନ୍ନ ସରକାରୀ ଆଦେଶନାମା ଜାରି କରାଯାଇଛି। ➾ପୃଷ୍ଠା-୬

ଗୁଜରାଟରରୁ ପ୍ରଧାନମନ୍ତ୍ରୀ ଦେଲେ ପିଏମ୍ କିଷାନ ସହାୟତା

ବିକାଶକୁ ଆଗକୁ ବଢ଼ାଇବ ଚାଷୀଙ୍କ ଉନ୍ନତି

- ରାଜ୍ୟସ୍ତରୀୟ ପିଏମ୍ କିଷାନ ଉତ୍ସବରେ ମୁଖ୍ୟମନ୍ତ୍ରୀ
- କୃଷି ବିଦ୍ୟାନିଧିରେ ୬୯ ହଜାର ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ
- ରାଜ୍ୟର କୃଷି ଇତିହାସରେ ଅଭୂତପୂର୍ବ ସଫଳତା

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ)ଃ ଦେଶର କୃଷକ ସମାଜକୁ ଆର୍ଥିକ ଭାବେ ଅଧିକ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ 'ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି' ଅର୍ଥାତ୍ 'ପିଏମ୍ କିଷାନ' ଯୋଜନାର ୨୪ତମ କିସ୍ତି ସହାୟତା ରାଶି ସିଧାସଳଖ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ବନାସକାଣ୍ଠାଠାରେ ଅନୁଷ୍ଠିତ ଜାତୀୟ ସମାରୋହରୁ ଆଭାସୀ ମାଧ୍ୟମରେ ଏହି ସହାୟତା ରାଶି ବଣ୍ଟନର ଶୁଭାରମ୍ଭ କରିଛନ୍ତି। ସାରା ଦେଶରେ ୯.୩୪ କୋଟିରୁ ଅଧିକ ଚାଷୀଙ୍କୁ ୧୮,୬୯୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

ଗୁଜରାଟର ବନାସକାଣ୍ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହି କାର୍ଯ୍ୟକ୍ରମକୁ ଓଡ଼ିଶାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏବଂ ରାଜ୍ୟର ଅନ୍ୟାନ୍ୟ ମନ୍ତ୍ରୀ ଓ ବିଧାୟକମାନେ ସିଧାପ୍ରସାରଣ ଦେଖିଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତର କୃଷକଙ୍କ ସହ ମୁଖ୍ୟମନ୍ତ୍ରୀ ସିଧାସଳଖ କଥା ମଧ୍ୟ ହୋଇଥିଲେ, ଯାହାକି କୃଷକ ମହଲରେ ଉତ୍ସାହ ସୃଷ୍ଟି କରିଥିଲା। ଏହି ଜାତୀୟ କାର୍ଯ୍ୟକ୍ରମ ଅବସରରେ ଓଡ଼ିଶାର ୩୫ ଲକ୍ଷ ୩୮ ହଜାରରୁ ଉର୍ଦ୍ଧ୍ୱ ଯୋଗ୍ୟ କୃଷକଙ୍କ ବ୍ୟାଙ୍କ ଜମାଖାତାକୁ ଡିବିଟି ଜରିଆରେ ୨ ହଜାର ଟଙ୍କା ଲେଖାଏଁ ସହାୟତା ➾ପୃଷ୍ଠା-୬

● ଭୂସ୍ଖଳନରେ ନିଖୋଜ ଥିଲେ ପରିବାର

୩ ଜଣଙ୍କର ମୃତ୍ୟୁ; ୪ ଲକ୍ଷ ସହାୟତା

ଜି.ଉଦୟଗିରି,୩୦।୧୦(ସଂଚାର ବ୍ୟୁରୋ)ଃ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଭୂସ୍ଖଳନ ପାଇଁ ଓଡ଼ିଶାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। କନ୍ଧମାଳ ରାଇକିଆ ବ୍ଲକ ଡାଙ୍ଗେସି ଗାଁର ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ହୋଇଛି । ମୃତକମାନେ ହେଲେ ଅଚ୍ୟୁତ ପ୍ରଧାନ, ଅନୀଷା ପ୍ରଧାନ ଓ ତାଙ୍କର ୯ ମାସର ପୁଅ।

ଗତକାଲି ଭୂସ୍ଖଳନ ପରେ ପୂରା ପରିବାର ନିଖୋଜ ଥିଲେ। ଆଜି ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ତଦନ୍ତ କରିବା ପରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଘଟଣା ଜଣାପଡ଼ିବା ପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରିଛନ୍ତି। ଅନ୍ୟ ୨ ଜଣଙ୍କୁ ଉଦ୍ଧାର କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ଭୂସ୍ଖଳନ ପାଇଁ ଅନେକ ସ୍ଥାନରେ ରାସ୍ତା ଧୋଇଯାଇଥିବା ବେଳେ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ତେବେ ୩ ଜଣଙ୍କ ମୃତ୍ୟୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହ ପ୍ରତ୍ୟେକ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି । କନ୍ଧମାଳ-ଗଞ୍ଜାମ ସୀମାନ୍ତ ଗାଙ୍ଗୁବାଲି ପାହାଡ଼ରେ ବଡ଼ ଭୂସ୍ଖଳନ। ପାହାଡ଼ରୁ ଖସିଥିବା ପଥର ଓ ମାଟି ଅତଡ଼ାରେ ଧୋଇ ହୋଇଯାଇଛି ବାଇବେଲି ଏବଂ ଗିଡ଼ିପାବାଲି ଗାଁ। ଏହି ଦୁଇ ଗ୍ରାମର ୧୩ ଜଣ ଲୋକ ନିଖୋଜ ଥିବା ସୂଚନା ଆସିଛି। ଉପତ୍ୟକାରେ ପ୍ରବଳ ବର୍ଷା ଯୋଗୁ ପ୍ରାୟ ୩ କିମି ପର୍ଯ୍ୟନ୍ତ ପାହାଡ଼ ଧସିଯିବାରୁ ଏହି ପରିସ୍ଥିତି ଉପୁଜିଛି। କିଛି ଗ୍ରାମବାସୀ କିଲାପାଙ୍ଗା ଗ୍ରାମରେ ଥିବା ଆଶ୍ରୟ ସ୍ଥଳୀରେ ଆଶ୍ରୟ ନେଇଛନ୍ତି। ଭୂସ୍ଖଳନ ଅଞ୍ଚଳରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଖୋଜ ଗ୍ରାମବାସୀଙ୍କ ତାଲାସୀ ଆରମ୍ଭ କରିଛି । ବାଲିଗୁଡ଼ା ଉପଜିଲ୍ଲାପାଳ ଏବଂ ରାଇକିଆ ବିଡିଓ ମଧ୍ୟ ଭୂସ୍ଖଳନ ଅଞ୍ଚଳକୁ ଯାଇଥିବା ସୂଚନା ମିଳିଛି।

ଜାନୁଆରୀ ୨୫ରୁ ଜନଗଣନା

■ ଫେବୃଆରୀ ୨୮ ଯାଏଁ ଚାଲିବ ପ୍ରକ୍ରିୟା

ନୂଆଦିଲ୍ଲୀ,୩୦।୧୦ଃ ଆସନ୍ତା ବର୍ଷ ଜାନୁଆରୀ ୨୫ରୁ ଦେଶରେ ଆରମ୍ଭ ହେବ ଜନଗଣନା ପ୍ରକ୍ରିୟା। ୨୦୨୭ ଜନଗଣନା ପାଇଁ ଘୋଷଣା ହୋଇଛି ତାରିଖ। ଜାନୁଆରୀ ୨୫ରୁ ଫେବୃଆରୀ ୨୮ ତାରିଖ ଯାଏଁ ଘରକୁ ଘର ବୁଲି ଚାଲିବ ଜନସଂଖ୍ୟା ଗଣନା। ଓଡ଼ିଶା ସମେତ ଅଧିକାଂଶ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପ୍ରକ୍ରିୟା ହେବ। ତେବେ ନିର୍ବାଚନ ହେବାକୁ ଥିବା କିଛି ରାଜ୍ୟ ଓ ତୁଷାରପାତ ପ୍ରଭାବିତ ଅଞ୍ଚଳ ପାଇଁ ଅଲଗା ବ୍ୟବସ୍ଥା ରହିଛି।

୨୦୨୭ ମାର୍ଚ୍ଚ ୧ ତାରିଖ ରାତି ୧୨ଟାକୁ ଜନଗଣନାର ଆଧାର ତାରିଖ ବା ରେଫରେନ୍ସ ଡେଟ୍ ଭାବେ ଧାର୍ଯ୍ୟ କରାଯାଇଛି। ତେବେ ଜନଗଣନା ପ୍ରକ୍ରିୟା ଆରମ୍ଭ ପୂର୍ବରୁ ଜାନୁଆରୀ ୧୦ରୁ ୨୪ ତାରିଖ ଯାଏଁ ଲୋକଙ୍କୁ ସ୍ୱ-ଗଣନାର ସୁଯୋଗ ମିଳିବ। ଅର୍ଥାତ୍ ଲୋକେ ନିଜେ ନିଜର ତଥ୍ୟ ଦାଖଲ କରିପାରିବେ। ଏହାପରେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରାଯିବ। ମାର୍ଚ୍ଚ ୧ରୁ ୫ ତାରିଖ ➾ପୃଷ୍ଠା-୬

ଓଡ଼ିଶାରେ ଖୋଲିବ ୭ ନୂଆ ନର୍ସିଂ କଲେଜ

୪୨୦ ଛାତ୍ରଛାତ୍ରୀ ପାଇବେ ସୁଯୋଗ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ଆଉ ୭ଟି ନୂଆ ନର୍ସିଂ କଲେଜ ଖୋଲିବ। ଅନୁଗୋଳ, ବଲାଙ୍ଗୀର, କୋରାପୁଟ, ମୟୂରଭଞ୍ଜ, ବାଲେଶ୍ୱର, ପୁରୀ ଓ ଯାଜପୁରରେ ନର୍ସିଂ କଲେଜ ଖୋଲିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୮ ସୁଦ୍ଧା ସମସ୍ତ କଲେଜରେ ବିଏସ୍‌ସି ନର୍ସିଂ ପାଠପଢ଼ା ଆରମ୍ଭ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏସବୁ ନର୍ସିଂ କଲେଜ ମେଡିକାଲ କଲେଜକୁ ସଂଲଗ୍ନ କରି ଖୋଲାଯିବ। ସମସ୍ତ କଲେଜ ନିର୍ମାଣ ପାଇଁ ଜାଗା ଚିହ୍ନଟ ଓ ଅର୍ଥ ବରାଦ କରାଯାଇଛି। ଅନୁଗୋଳ ଓ ବଲାଙ୍ଗିରରେ କଲେଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ୟ ୫ଟି ସ୍ଥାନରେ କାମ ଆରମ୍ଭ ନେଇ ଟେଣ୍ଡର ହୋଇଛି। ଏହା କାର୍ଯ୍ୟକ୍ଷମ ହେଲେ ପ୍ରତିବର୍ଷ ୪୨୦ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେବେ। ୧୫୦ ପାଖାପାଖି ଅଧ୍ୟାପକଙ୍କଠାରୁ ଆରମ୍ଭ କରି କର୍ମଚାରୀ ନିଯୁକ୍ତି ପାଇବେ। କେନ୍ଦ୍ର ସରକାର ପ୍ରତ୍ୟେକ କଲେଜ ପାଇଁ ୧୦ କୋଟି ଲେଖାଏଁ ମୋଟ ୭୦ କୋଟି ବଜେଟ୍‌ରେ ମଞ୍ଜୁର କରିଛନ୍ତି। କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ମ୍ୟାଚିଂ ଗ୍ରାଣ୍ଟରେ ଏହି ନର୍ସିଂ କଲେଜ ଖୋଲାଯାଉଛି। ରାଜ୍ୟରେ ୨୧ଟି ସରକାରୀ ଅଗ୍‌ଜିଲାରୀ ନର୍ସ ଆଣ୍ଡ୍ ମିଡ୍‌ୱାଇଫେରୀ (ଏଏନ୍‌ଟିସି) ଓ ୮ ନର୍ସିଂ କଲେଜ ରହିଛି। ଏହି ୮ କଲେଜରୁ ମଧ୍ୟରୁ ୩ ମେଡିକାଲ କଲେଜରେ ନର୍ସିଂ କଲେଜ ମିଶି ରହିଛି।

■ ପ୍ରଶାସନିକ ସ୍ତରରେ ଅଦଳବଦଳ

ବଦଳିଲେ ୪୨ ଓଏଏସ୍

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ)ଃ ଆଜି ରାଜ୍ୟ ସରକାର ଓଏଏସ୍ ଅଫିସରଙ୍କ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଏହି ଅଦଳବଦଳ ପ୍ରକ୍ରିୟାରେ ମୋଟ ୪୨ ଜଣ ଓଏଏସ୍ ବଦଳିଛନ୍ତି। ଏନେଇ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏପିଜି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁସାରେ, ବାଣିଜ୍ୟ ଓ ପରିବହନ ବିଭାଗରେ

କାର୍ଯ୍ୟରତ ସ୍ୱତନ୍ତ୍ର ସଚିବ ବିଧାନଚନ୍ଦ୍ର ରାୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ (ଏଫ୍‌ଆଣ୍ଡ୍‌ଏଆର୍‌ଡି) ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ଆଡିସନାଲ୍ ରିଭିଜନାଲ୍ କୋର୍ଟର ଅତିରିକ୍ତ କମିଶନର୍ ପ୍ରବୀର କୁମାର ନାୟକ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ ହୋଇଛନ୍ତି। ➾ପୃଷ୍ଠା-୬

ଉତ୍ତରାଖଣ୍ଡରେ ହେଲିକପ୍ଟର କ୍ରାସ୍

ବରିଷ୍ଠ ପଦାଧିକାରୀଙ୍କ ସମେତ ୬ ମୃତ

ଡେରାଡୁନ୍,୩୦।୧୦ଃ ଶୁକ୍ରବାର ଉତ୍ତରାଖଣ୍ଡର ମଧ୍ୟ ଆକାଶରେ ଏକ ହେଲିକପ୍ଟର ଦୁର୍ଘଟଣା ଘଟି ବେଙ୍ଗାଲୁର କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀ ଓ ହେଲିକପ୍ଟର ପାଇଲଟଙ୍କ ସମେତ ୬ ଜଣ ପ୍ରାଣ ହରାଇଛନ୍ତି। ଟ୍ରାନ୍ସ ଭାରତ ଏଭିଏସନର ଏହି ଚପ୍ପରଟି ବଦ୍ରିନାଥରୁ ଦିନ ପ୍ରାୟ ଗୋଟାଏ ୧୪ ମିନିଟରେ ଉଡ଼ାଣ ଆରମ୍ଭ କରି ଡେରାଡୁନ୍ ଯାତ୍ରା କରୁଥିବା ବେଳେ ଚାମୋଲି ଜିଲ୍ଲାର ଜ୍ୟୋତିର୍ମଠ (ପୁରୁଣା ନାମ ଯୋଶୀମଠ) ଠାରେ ଦୁର୍ଘଟଣାର ଶିକାର ହୋଇଥିଲା। ହେଲିକପ୍ଟରଟି ଶେଷ ଥର ପାଇଁ ଯୋଶୀମଠ ସାମ୍ନା ହାତୀ ପାହାଡ ଉପରିସ୍ଥ ଆର୍ମିପୋଷ୍ଟ ରାଡାର ସମ୍ପର୍କରେ ରହିଥିଲା। ମାତ୍ର ହଠାତ ଏହା ରାଡାରରୁ ନିଖୋଜ୍ ହୋଇଯିବା ପରେ ବ୍ୟାପକ ତଲାସୀ ଓ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଥିଲା। ଆର୍ମି ଟିମ୍ ପ୍ରାୟ ସାଢ଼େ ତିନିଟା ବେଳେ ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରଟିକୁ ଠାବ କରିବା ସହିତ ସେଥିରେ ଯାତ୍ରା କରୁଥିବା ପାଇଲଟଙ୍କ ସମେତ ସମୁଦାୟ ୬ଜଣଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ହେଲିକପ୍ଟର ଉଡ଼ାଉଥିବା ପାଇଲଟ୍ ହିମାଂଶୁ ସଭରୱାଲ ପଶ୍ଚିମ ଦିଲ୍ଲୀର ଶାଲିମାରବାଗ ଅଞ୍ଚଳର ବାସିନ୍ଦା ଥିଲେ। ଅନ୍ୟ ମୃତକମାନଙ୍କ ➾ପୃଷ୍ଠା-୬

ପ୍ରାଣ ହରାଇଥିବା ଇନ୍ସପେକ୍ଟର ଅରୁଣ ସାଳୁଙ୍କେ

କାନ ଡେରିଥା

ବନ୍ୟାବାତ୍ୟା ହେଲେ କିଛି
ନେତାନେତ୍ରୀ
ପାଣିରେ ଓଦା ହୁଅନ୍ତି
ଏୟା କରିଦେଲୁ ସେୟା
କରିଦେଲୁ
ସେଠାରେ କହି ବୁଲନ୍ତି
କେବଳ ଦୋଷ ଢାଳନ୍ତି...
ବିସ୍କୁଟ ପ୍ୟାକେଟ ଦେଇଦେଇ
ପରା
ନିଜକୁ ଧନ୍ୟ ଭାବନ୍ତି ।

■ ଦେବାଶିଷ

ଗଞ୍ଜାମ ପୀଡ଼ିତଙ୍କଠାରୁ ଦୂରରେ ବିରୋଧୀ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ)ଃ ବାତ୍ୟା 'ଅର୍ଣ୍ଣବ' ମାଡ଼ରେ ଗଞ୍ଜାମ ଜିଲ୍ଲାରେ ସୃଷ୍ଟି ହୋଇଥିବା ଜଳ ପ୍ରଳୟରେ ଏବେ ବି ହଜାର ହଜାର ଲୋକ ଫସି ରହିଥିବା ବେଳେ ରାଜନୈତିକ ଦଳ ବିଶେଷକରି ବିରୋଧୀ ଦଳର ନେତାମାନେ ସେମାନଙ୍କ ନିକଟକୁ

- ରାଜଧାନୀରେ ରହି ଗର୍ଜୁଛନ୍ତି
- ଦିଶୁନାହାନ୍ତି ବିଜେଡି ନେତା
- ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ
- ହାତଛଡ଼ା କରୁଛନ୍ତି ସୁଯୋଗ

ଯିବା ବଦଳରେ ରାଜଧାନୀର ଦଳୀୟ କାର୍ଯ୍ୟାଳୟରେ ବସି ଗଣମାଧ୍ୟମ ଆଗରେ ଗର୍ଜନ କରୁଛନ୍ତି । ସରକାରଙ୍କ ଦୋଷ ଦୁର୍ବଳତାକୁ ଖୋଜୁଥିବା ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ କାହିଁକି ଆଗତୁରା ଲୋକଙ୍କ ନିକଟରେ ପହଞ୍ଚୁନାହାନ୍ତି ତାହାକୁ ନେଇ ଏବେ ଆଲୋଚନା ।

ଏଆଇ ଫଟୋ

ବାତ୍ୟା ଓ ପରବର୍ତ୍ତୀ ବର୍ଷା ପ୍ରଭାବରେ ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକ ପ୍ରଭାବିତ । ସବୁଆଡ଼େ ପାଣି ହିଁ ପାଣି । ତିନି ଜଣ ଲୋକ ମରିସାରିଲେଣି । ଏହି ଜିଲ୍ଲାରେ ଲୋକେ ଖାଦ୍ୟ ଓ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଦୁଇ ଦୁଇ ଜଣ ମନ୍ତ୍ରୀଙ୍କୁ ଘେରିଲେଣି । ଜିଲ୍ଲାରେ କେବଳ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ବାଦ୍ ଦେଲେ ଅନ୍ୟ ସବୁ ଆସନରେ ବିଜେପି ଜିତିଛି । ସାଂସଦ ବି ବିଜେପିର । ହେଲେ ଦୁଇ ମନ୍ତ୍ରୀଙ୍କୁ ବନ୍ୟାଞ୍ଚଳ ଲୋକ ଘେରିବା ଏବେ ଭିନ୍ନ ବାର୍ତ୍ତା ଦେଉଛି ।

ସେହିଭଳି ମୁଖ୍ୟ ବିରୋଧୀ ଦଳ ବିଜେଡି ମୁଖିଆ ହେଉଛନ୍ତି ହିଞ୍ଜିଳିର ବିଧାୟକ । ତାଙ୍କ ଛଡ଼ା ଜିଲ୍ଲାରେ ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିକ୍ରମ ପଣ୍ଡାଙ୍କ ସମେତ ସୂର୍ଯ୍ୟ ପାତ୍ରଙ୍କ ପୁତ୍ର ବିପ୍ଳବ ପାତ୍ରଙ୍କ ଭଳି ଟାଣୁଆ ନେତା ରହିଛନ୍ତି। ଜିଲ୍ଲାର ବିପନ୍ନଙ୍କ ନିକଟରେ ଆଗତୁରା ପହଞ୍ଚି ସେମାନଙ୍କୁ ସହାୟତାର ହାତ ବଢ଼ାଇ ସହାନୁଭୂତି ପାଇବାର ଏହା ଥିଲା ଦଳ ଓ ଦଳୀୟ ନେତାଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ହେଲେ ସେମାନଙ୍କୁ କିନ୍ତୁ ଦେଖିବାକୁ ମିଳୁନାହିଁ । ବରଂ ରାଜଧାନୀରେ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ଗାଳି ଦେବା ପରେ କିଛି ବିଜେଡି ନେତା ଗଞ୍ଜାମ ଅଭିମୁଖେ ବାହାରିଛନ୍ତି । ନିକଟରେ ଯାଜପୁର ଜିଲ୍ଲାରେ ବନ୍ୟା ସମୟରେ ବିଜେଡି ନେତାମାନେ ଯେଭଳି ଆଗତୁରା ବନ୍ୟାଞ୍ଚଳରେ ପହଞ୍ଚି ଲୋକଙ୍କ ସହାନୁଭୂତି ପାଇଥିଲେ, ସେଥିରୁ ଗଞ୍ଜାମ ନେତାମାନେ କିଛି ଶିଖିଲେ ନାହିଁ ବୋଲି ଏବେ ବିଜେଡି କର୍ମୀମାନେ କହୁଛନ୍ତି ।

ସେହିପରି ଅନ୍ୟତମ ➾ପୃଷ୍ଠା-୬

ଘୁଞ୍ଚିବନି ଓପିଏସ୍‌ସି ପରୀକ୍ଷା

- ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବେ ସରକାର
- ବନ୍ୟା ପ୍ରଭାବିତ ଜିଲ୍ଲାରୁ ଅଛନ୍ତି ୪୨୫ ପରୀକ୍ଷାର୍ଥୀ

ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏଭଳି ସ୍ଥିତିରେ ଓପିଏସସି ପରୀକ୍ଷାକୁ ନେଇ ଚିନ୍ତାରେ ଥିଲେ ବନ୍ୟା ପ୍ରଭାବିତ ଅଞ୍ଚଳର ପରୀକ୍ଷାର୍ଥୀ। ତେବେ ପରୀକ୍ଷା ଘୁଞ୍ଚାଇବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ନିର୍ଦ୍ଧାରିତ ସମୟରେ ହିଁ ପରୀକ୍ଷା ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ସ୍ପଷ୍ଟ କରିଛନ୍ତି। ମନ୍ତ୍ରୀଙ୍କ ସୂଚନାନୁସାରେ, ଥରେ ପରୀକ୍ଷା ଘୁଞ୍ଚାଗଲେ ପୁନର୍ବାର ପରୀକ୍ଷା କରିବାକୁ ପ୍ରାୟ ୬ ମାସ ସମୟ ଲାଗିବ। ତେଣୁ ପରୀକ୍ଷା ଘୁଞ୍ଚାଇବା ପରିବର୍ତ୍ତେ ପରୀକ୍ଷାର୍ଥୀଙ୍କୁ କିଭଳି ସୁରକ୍ଷିତ ଭାବେ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଯାଇପାରିବ, ସେନେଇ ପଦକ୍ଷେପ ନିଆଯାଉଛି। ଗଞ୍ଜାମ ଜିଲ୍ଲାରୁ ପ୍ରାୟ ୩୨୫ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ସେହିପରି ଅନ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳରୁ ପ୍ରାୟ ୧୦୦ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ଦାୟିତ୍ୱ ସରକାରଙ୍କର। ଏଥିପାଇଁ ସମ୍ପୃକ୍ତ ଅଞ୍ଚଳର ବିଡିଓମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରୁ ପରୀକ୍ଷାର୍ଥୀମାନଙ୍କୁ ସୁରକ୍ଷିତରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବାକୁ ବିଡିଓମାନେ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

SANCHAR ସଂଚାର

ବଦଳିଲେ ବିବାଦୀୟ ଉପଜିଲ୍ଲାପାଳ

ନୂତନ ଉପଜିଲ୍ଲାପାଳ ହେଲେ ଜ୍ୟୋତିକାନ୍ତ ଭୂଜବଳ

କେନ୍ଦ୍ରାପଡ଼ା, ୩୦।୧୦ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ାରେ କାର୍ଯ୍ୟରତ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ରାଜ୍ୟ ସରକାର ବଦଳି କରିଛନ୍ତି। ତାଙ୍କୁ ପୁରୀ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଭାବେ ନୂତନ ଦାୟିତ୍ୱ ମିଳିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବଦଳି ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ତାଙ୍କ ସ୍ଥାନରେ ପୁରୀ ଶ୍ରୀମନ୍ଦିର ପ୍ରଶାସନର ଉପପ୍ରଶାସକ (ରାଜସ୍ୱ) ଭାବେ କାର୍ଯ୍ୟରତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଜ୍ୟୋତିକାନ୍ତ ଭୂଜବଳଙ୍କୁ କେନ୍ଦ୍ରାପଡ଼ାର ନୂତନ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି।

କେନ୍ଦ୍ରାପଡ଼ାରେ ଉପଜିଲ୍ଲାପାଳ ଭାବେ ଯୋଗଦେବା ପରଠାରୁ ଅରୁଣ କୁମାର ନାୟକଙ୍କ କାର୍ଯ୍ୟଶୈଳୀକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଓ ବିବାଦ ଦେଖାଦେଇଥିଲା। ବିଶେଷକରି ସ୍ଥାନୀୟ ଆଇନଜୀବୀ, ସାମ୍ବାଦିକ ଓ ସାଧାରଣ ଲୋକଙ୍କ ସହ ତାଙ୍କ ବ୍ୟବହାରକୁ ନେଇ ସମୟ ସମୟରେ ପ୍ରତିବାଦର ସ୍ୱର ଉଠିଥିଲା। ଲୋକଙ୍କ ସମସ୍ୟା ଶୁଣିବା ଓ ଅଭିଯୋଗର ସମାଧାନ କରିବା କ୍ଷେତ୍ରରେ ତାଙ୍କ ଆଭିମୁଖ୍ୟକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା।ଏପରିକି ଆଇନଜୀବୀଙ୍କ ପ୍ରତି ଅଶାଳୀନ ବ୍ୟବହାର ଏବଂ ଗଣମାଧ୍ୟମ ପ୍ରତିନିଧି ଓ ସାମ୍ବାଦିକଙ୍କ ସହ ଦୁର୍ବ୍ୟବହାର ଅଭିଯୋଗ ମଧ୍ୟ ଉଠିଥିଲା। ସମାଜର ବରିଷ୍ଠ ନାଗରିକଙ୍କୁ ଉପଯୁକ୍ତ ସମ୍ମାନ ନଦେବା ଏବଂ ନିଜ ସମସ୍ୟା ନେଇ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକଙ୍କ ସହ

ରୁକ୍ଷ ବ୍ୟବହାର କରିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଜିଲ୍ଲାର ବିଭିନ୍ନ ବର୍ଗରେ ଅସନ୍ତୋଷ ବଢ଼ିବା ସହ ପ୍ରଶାସନର ଭାବମୂର୍ତ୍ତି ଉପରେ ପ୍ରଶ୍ନ ଉଠିଥିଲା।

ଏହି ପରିପ୍ରେକ୍ଷୀରେ ଜିଲ୍ଲା ଓକିଲ ସଂଘ, ସାମ୍ବାଦିକ ସଂଘ ଏବଂ ସାଧାରଣ ନାଗରିକଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ତାଙ୍କ ବିରୋଧରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ଦିନକୁ ଦିନ ବଢ଼ୁଥିବା ଅସନ୍ତୋଷ ଓ ବିବାଦକୁ ଦୃଷ୍ଟିରେ ରଖି ସରକାରଙ୍କ ଏହି ବଦଳି ନିଷ୍ପତ୍ତିକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି।

ଅରୁଣ କୁମାର ନାୟକଙ୍କ ବଦଳି ଖବର ପ୍ରଚାର ହେବା ପରେ ସ୍ଥାନୀୟ ଆଇନଜୀବୀ, ସାମ୍ବାଦିକ ଓ ସାଧାରଣ ନାଗରିକଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ନୂତନ ଉପଜିଲ୍ଲାପାଳ ଜ୍ୟୋତିକାନ୍ତ ଭୂଜବଳଙ୍କ ନିଯୁକ୍ତିକୁ ନେଇ ଜିଲ୍ଲାବାସୀ ଆଶାବାଦୀ ଅଛନ୍ତି। ନୂତନ ଅଧିକାରୀଙ୍କ କାର୍ଯ୍ୟକାଳରେ ପ୍ରଶାସନିକ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଲୋକାଭିମୁଖୀ ସେବା ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ସାଧାରଣ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ହେବ ବୋଲି ଜନସାଧାରଣ ଆଶା ରଖିଛନ୍ତି।

ଜଳ ନିଷ୍କାସନ ପଥ ଅବରୋଧ କରି କେନାଲ ନିର୍ମାଣ ଅଭିଯୋଗ

ସାତ ଦିନରେ ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା, ୩୦।୧୦ (ସଂଚାର ବ୍ୟୁରୋ)ଃ ଜଳ ନିଷ୍କାସନ ପଥକୁ ଅବରୋଧ କରି କେନାଲ ନିର୍ମାଣ କରାଯାଉଥିବା ଅଭିଯୋଗକୁ ନେଇ ମହାକାଳପଡ଼ା ବ୍ଲକର ଜମ୍ବୁ ଓ ମାର୍ଶାଘାଇ କେନାଲ ରାସ୍ତା ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଏହାକୁ ବିରୋଧ କରି ସ୍ଥାନୀୟ ହରେକୃଷ୍ଣ ପାତ୍ରଙ୍କ ସମେତ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଜମ୍ବୁ ଓ ମାର୍ଶାଘାଇ କେନାଲ ରାସ୍ତାର ଛପାଳି ଛକ ନିକଟସ୍ଥ ପ୍ରଭାକରପୁର ଆପ୍ରୋଚ୍ ରୋଡ୍ ପାଖରେ କେନାଲ ବନ୍ଧ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ନିର୍ମାଣ ଯୋଗୁଁ ସ୍ଥାନୀୟ ଅଞ୍ଚଳର ଜଳ ନିଷ୍କାସନ ପଥ ବନ୍ଦ ହୋଇଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ବର୍ଷାଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେବା ସହ ଚାଷଜମି ଓ ଜନବସତି ପ୍ରଭାବିତ ହେବାର ଆଶଙ୍କା ରହିଛି।ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ନିର୍ମାଣ ବିଭାଗର ମନ୍ତ୍ରୀ, ଜଳସମ୍ପଦ ବିଭାଗର ମନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଓ ଜିଲ୍ଲାପାଳଙ୍କ ନିକଟରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ରଘୁରାମ ଆର୍. ଆୟର ସମ୍ପୃକ୍ତ ବିଭାଗ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଆଗାମୀ ସାତ ଦିନ ମଧ୍ୟରେ ସମସ୍ୟାର ସମାଧାନ କରି ଜଳ ନିଷ୍କାସନ ପଥକୁ ଖୋଲା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତେବେ ନିର୍ମାଣ କାର୍ଯ୍ୟ ଯୋଗୁଁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବାର ଅଭିଯୋଗ ଉପରେ ବିଭାଗୀୟ ତଦନ୍ତ ଓ ସ୍ଥାୟୀ ସମାଧାନକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

ଦୁର୍ନୀତି ବିରୋଧରେ ସଚେତନତା ବାର୍ତ୍ତା ନେଇ ମିଶନ ଶକ୍ତି ମହିଳାଙ୍କ ଶୋଭାଯାତ୍ରା

କେନ୍ଦ୍ରାପଡ଼ା, ୩୦।୧୦ (ସଂଚାର ବ୍ୟୁରୋ)ଃ ଦୁର୍ନୀତିମୁକ୍ତ ସମାଜ ଗଠନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ରାପଡ଼ାରେ ମିଶନ ଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପକ୍ଷରୁ ଏକ ବିଶାଳ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଜିଲ୍ଲା କାର୍ଯ୍ୟାଳୟ ନିକଟରୁ ଏହି ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ରାସ୍ତା ପରିକ୍ରମା କରିଥିଲା। ଏଥିରେ ସାମିଲ ହୋଇଥିବା ମହିଳାମାନେ ହାତରେ ସଚେତନତାମୂଳକ ପ୍ଲାକାର୍ଡ ଧରି ଦୁର୍ନୀତି ବିରୋଧରେ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ।

ଦୁର୍ନୀତି ଏକ ସୁସ୍ଥ ସମାଜ ଗଠନରେ ବାଧକ ସାଜୁଥିବା ବେଳେ ଏହାର ମୂଳୋତ୍ପାଟନ ପାଇଁ ପ୍ରତ୍ୟେକ ନାଗରିକଙ୍କ ସହଯୋଗ ଆବଶ୍ୟକ। ସମାଜରୁ ଦୁର୍ନୀତି ଦୂର ହେଲେ ଦେଶର ପ୍ରଗତି ତ୍ୱରାନ୍ୱିତ ହେବ ବୋଲି ଶୋଭାଯାତ୍ରା ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗଦେଇ ଦୁର୍ନୀତି ବିରୋଧୀ ଅଭିଯାନକୁ ସମର୍ଥନ ଜଣାଇଥିଲେ।

ପିଏମ୍-କିଷାନ ଯୋଜନାରେ କେନ୍ଦ୍ରାପଡ଼ାର ୧.୩୧ ଲକ୍ଷ ଚାଷୀଙ୍କୁ ଆର୍ଥିକ ସହାୟତା

ପ୍ରତ୍ୟେକ ଚାଷୀଙ୍କ ଖାତାକୁ ଗଲା ୨ ହଜାର ଟଙ୍କା

ଫସଲ ବିବିଧକରଣ ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ

କେନ୍ଦ୍ରାପଡ଼ା,୩୦।୧୦(ସଂଚାର ବ୍ୟୁରୋ)ଃ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇବା ଏବଂ କୃଷି କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ରବି ଋତୁ ୨୦୨୬-୨୭ ପାଇଁ ଚାଷୀଙ୍କୁ ଆର୍ଥିକ ସହାୟତାର କିସ୍ତି ପ୍ରଦାନ କରାଯାଇଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ୧ ଲକ୍ଷ ୩୧ ହଜାର ୧୩୬ ଜଣ ଯୋଗ୍ୟ ଚାଷୀ ଉପକୃତ ହୋଇଛନ୍ତି। ପ୍ରତ୍ୟେକ ଚାଷୀଙ୍କ ବ୍ୟାଙ୍କ ଜମାଖାତାକୁ ୨ ହଜାର ଟଙ୍କା ଲେଖାଏଁ ସିଧାସଳଖ ପଠାଯାଇଛି। ଗୁଜରାଟର ବନାସକାଣ୍ଠାଠାରେ ଆୟୋଜିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶର ଯୋଗ୍ୟ ଚାଷୀଙ୍କ ଖାତାକୁ ଏହି ଅର୍ଥରାଶି ହସ୍ତାନ୍ତର କରିଥିବାବେଳେ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ

ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ଯୋଗଦେଇ ଚାଷୀମାନଙ୍କୁ ଏହି ଯୋଜନାର ସୁଫଳ ଓ ଆର୍ଥିକ ସହାୟତାର ଉପଯୋଗ ସମ୍ପର୍କରେ ଅବଗତ କରାଇଥିଲେ।

ପିଏମ୍-କିଷାନ ଯୋଜନାରେ ପ୍ରତ୍ୟେକ ଯୋଗ୍ୟ ଚାଷୀ ପରିବାରକୁ ବର୍ଷକୁ ମୋଟ ୬ ହଜାର ଟଙ୍କା ତିନୋଟି ସମାନ କିସ୍ତିରେ ପ୍ରଦାନ କରାଯାଉଛି। ପ୍ରତ୍ୟେକ କିସ୍ତିରେ ୨ ହଜାର ଟଙ୍କା ହିସାବରେ ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଛି। ସିଧାସଳଖ ଲାଭ ହସ୍ତାନ୍ତର ବ୍ୟବସ୍ଥା ଯୋଗୁଁ ଅର୍ଥ ପ୍ରଦାନରେ ସ୍ୱଚ୍ଛତା ରହିବା ସହ ହିତାଧିକାରୀମାନେ ସିଧାସଳଖ ଏହାର ଲାଭ ପାଇପାରୁଛନ୍ତି।

ଏହି ଅର୍ଥ ରବି ଫସଲ ଚାଷ ପାଇଁ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀ କିଣିବାରେ ଚାଷୀଙ୍କୁ ସହାୟକ ହେବ।

କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଚାଷୀମାନଙ୍କୁ କେବଳ ପାରମ୍ପରିକ ଧାନ ଚାଷ ଉପରେ ନିର୍ଭର ନକରି ବଜାର ଚାହିଦା ଅନୁଯାୟୀ ଅନ୍ୟାନ୍ୟ ଫସଲ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଫସଲ ବିବିଧକରଣ ଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ହେବା ସହ କୃଷି କ୍ଷେତ୍ରରେ ଆର୍ଥିକ ସ୍ଥିରତା ଆସିପାରିବ ବୋଲି ସେ କହିଥିଲେ।

ଏଥିସହ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ହେଉଥିବା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସମୟରେ ସ୍ୱତନ୍ତ୍ର ସଚେତନତା ଶିବିର ଆୟୋଜନ କରି ସରକାରଙ୍କ ବିଭିନ୍ନ କୃଷି ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।

ନଡିଆଗଛ ପଡ଼ି ଆହତ ମହିଳାଙ୍କୁ ଈଶ୍ୱରପୁର ଯୁବଶକ୍ତି ଟିମର ସହାୟତା

ରାଜନଗର, ୩୦।୧୦ (ସଂଚାର ବ୍ୟୁରୋ)ଃକେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଈଶ୍ୱରପୁରୁ ପଞ୍ଚାୟତ ରାବଣେଶ୍ୱର ଗ୍ରାମରେ ଗୁରୁବାର ଦିନ ଅର୍ଣ୍ଣବ୍ୱ ପ୍ରକ୍ୱପରେ ନଡ଼ିଆ ଗଛ ଭାଙ୍ଗି ଛାତ ତଳେ ଚାପି ହୋଇ ଅଣ୍ଟା ଓ ଗୋଡ ଭାଙ୍ଗି ଚିକିତ୍ସିତ ହେଉଥିବା ବସନ୍ତ ଜେନାଙ୍କ ପତ୍ନୀ ମିନତୀଙ୍କ ପାଇଁ ଈଶ୍ୱରପୁରୁ ଯୁବକଶକ୍ତି ଟିମ ସହାୟତାର ହାତବଢାଇ ଦଳଗତ ନିର୍ବିଶେଷରେ ମାନବ ସେବାର ପରିଚୟ ଦେଇଛନ୍ତି ଏବଂ ଏହି ଟିମ ମିନତିଙ୍କ ଆଶୁ ଆରୋଗ୍ୟ ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ଏହି ଟିମ୍ ତରଫରୁ ୮୩୦୨ ଦୁଇଟଙ୍କା ମିନତିଙ୍କ ଚିକିତ୍ସା ପାଇଁ ପ୍ରଦାନ କରି ଭାଇଚାରା ସମ୍ପର୍କ ଓ ଅସହାୟଙ୍କୁ ତାଙ୍କ ଦୁର୍ଦ୍ଦିନରେ କିପରି ସହାୟ ହେବେ ଈଶ୍ୱରପୁରୁ ଯୁବକ ମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ହେଲେ ଏହି ଯୁବକ ମାନଙ୍କୁ ଛାଡିଦେଲେ ସରକାର ଦଳର ନେତା କି ଅଧିକାରୀଙ୍କର ତତ୍ପରତା ଦେଖାଦେଉନି। ଆହତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଏହି ଯୁବଶକ୍ତି ଟିମ୍‌ର ସଦସ୍ୟମାନେ ଦାବୀ କରିଛନ୍ତି।

ନେମ୍ବରା ଟେନସନ ପୂଜା କମିଟି ପକ୍ଷରୁ

ଶ୍ରୀହନୁମାନଜୀଉଙ୍କ ପୂଜା ମହାଆଡମ୍ବରରେ ପାଳିତ

୩୦ ବର୍ଷରେ ପଦାର୍ପଣ କଲା ଐତିହ୍ୟ

କେନ୍ଦ୍ରାପଡ଼ା, ୩୦।୧୦ (ସଂଚାର ବ୍ୟୁରୋ)ଃ ଜିଲ୍ଲାର ଅନ୍ୟତମ ପ୍ରମୁଖ ଧାର୍ମିକ ପରମ୍ପରା ତଥା ଉତ୍ସାହର ପ୍ରତୀକ ସାଜିଥିବା ନେମ୍ବରା(କୁହୁଡି) ସ୍ଥିତ 'ଟେନସନ ପୂଜା କମିଟି' ଆନୁକୂଲ୍ୟରେ ମହାଆଡ଼ମ୍ବର ଓ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ମାରୁତିନନ୍ଦନ ଶ୍ରୀହନୁମାନଜୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ପବିତ୍ର ପୂଜା ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାରମ୍ପରିକ ରୀତିନୀତି, ବୈଦିକ ମନ୍ତ୍ରୋଚ୍ଚାରଣ ଏବଂ ନିଷ୍ଠାର ସହ ଏହି ପୂଜାର୍ଚ୍ଚନା ସମ୍ପନ୍ନ ହୋଇଛି ।

ପ୍ରକାଶ ଥାଉକି, ଏହି ପୂଜା ଦୀର୍ଘ ୩୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଅନୁଷ୍ଠିତ ହୋଇଆସୁଛି। ଏହି ତିନି ଦଶନ୍ଧି ଧରି ଅଞ୍ଚଳରେ ଧାର୍ମିକ ସଦ୍ଭାବନା, ଭ୍ରାତୃଭାବ ଏବଂ ଏକତାର ବାର୍ତ୍ତା ବାଣ୍ଟିବାରେ ଏହି ପୂଜା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ଶ୍ରୀହନୁମାନଜୀଙ୍କ ଆରାଧନା ସହ ପ୍ରତିବର୍ଷ ଏଠାରେ ଆୟୋଜିତ ହେଉଥିବା ଭବ୍ୟ ମେଳଣ ଅଞ୍ଚଳବାସୀଙ୍କ ପାଇଁ ଏକ ମୁଖ୍ୟ ଆକର୍ଷଣ ପାଲଟିଛି। ରାସ୍ତାଘାଟ ଆଲୋକମାଳାରେ ସଜ୍ଜିତ ହେବା ସହ ମେଳଣ ପଡ଼ିଆରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଛି। ଏହି ବିରାଟ ଆୟୋଜନକୁ ସଫଳ କରିବାରେ ସ୍ଥାନୀୟ ଅଞ୍ଚଳର ଉଦୀୟମାନ ତଥା ଉତ୍ସାହୀ ଯୁବକମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଇଚ୍ଛାପୁରରେ ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସର ଡିଜିଟାଲ କର୍ଣ୍ଣର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୩୦।୧୦(ସଂଚାର ବ୍ୟୁରୋ)ଃ ସାଧାରଣ ଲୋକଙ୍କୁ ବିଭିନ୍ନ ବୀମା ସେବା ସହଜରେ ଯୋଗାଇଦେବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଇଚ୍ଛାପୁରଠାରେ ଓରିଏଣ୍ଟାଲ ଇନ୍‌ସୁରାନ୍ସ କମ୍ପାନୀର ଏକ ଏଜେଣ୍ଟ ଏକ୍ସପ୍ରେସ ଡିଜିଟାଲ କର୍ଣ୍ଣର ଉଦ୍‌ଘାଟିତ ହୋଇଛି।

କମ୍ପାନୀର ନିୟମ ଓ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଇଚ୍ଛାପୁରର କମଳ ଲୋଚନ ଦାସଙ୍କୁ ଏହି କେନ୍ଦ୍ର ପରିଚାଳନା ପାଇଁ ମନୋନୀତ କରାଯାଇଛି। ଏଠାରେ ସାଧାରଣ ଲୋକେ ମୋଟରସାଇକେଲ, କାର୍, ବସ୍, ଟ୍ରକ୍ ଆଦି ଯାନବାହନର ବୀମା ସହ ବ୍ୟକ୍ତିଗତ ଦୁର୍ଘଟଣା ଓ ସ୍ୱାସ୍ଥ୍ୟ ବୀମା ସେବା ପାଇପାରିବେ। ଫଳରେ ବୀମା ସମ୍ପର୍କିତ ବିଭିନ୍ନ କାର୍ଯ୍ୟ ପାଇଁ ଲୋକଙ୍କୁ ଦୂରକୁ ଯିବାକୁ ପଡ଼ିବ ନାହିଁ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କମ୍ପାନୀର ଉପମହାପ୍ରବନ୍ଧକ ଯଦୁନାଥ ସେଠୀ, ଆଞ୍ଚଳିକ ପ୍ରବନ୍ଧକ ମିନାକ୍ଷୀ ବ୍ରହ୍ମା, ମାଥୁରାମ ହଂସଦା, ଅମରେଶ ରାଉତ, କେନ୍ଦ୍ରାପଡ଼ା ଶାଖା ପରିଚାଳକ ତାପସ ରଞ୍ଜନ ରାଉତ, କମ୍ପାନୀର ବିଭିନ୍ନ ଅଭିକର୍ତ୍ତା ଏବଂ ପୌରାଞ୍ଚଳର ୧ ନମ୍ବର ୱାର୍ଡର କାଉନସିଲର ପୁଷ୍ପଲତା ବେହେରା, ୨ ନମ୍ବର ୱାର୍ଡର କାଉନସିଲର କାଳୀପ୍ରସାଦ ମିଶ୍ର ଓ ବ୍ରଜକିଶୋର ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ରକ୍ତଦାନ ପାଇଁ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ,୩୦।୧୦(ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ ଗ୍ରାମ ପଞ୍ଚାୟତର ନିଗିନପୁରସ୍ଥିତ ନୃସିଂହଜୀଉ ନୋଡାଲ ବିଦ୍ୟାଳୟ ପରିସରରେ ଆସନ୍ତା ନଭେମ୍ବର ୧୫ ତାରିଖରେ ହେବାକୁ ଥିବା ରକ୍ତଦାନ ମହୋତ୍ସବ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଚଳିତ ବର୍ଷ ଏହି ମହୋତ୍ସବ ପଞ୍ଚମ ବର୍ଷରେ ପଦାର୍ପଣ କରୁଥିବାରୁ ଏହାକୁ ବ୍ୟାପକ ଆକାରରେ ଆୟୋଜନ କରିବା ସହ ଅଧିକରୁ ଅଧିକ ରକ୍ତଦାତା ସୃଷ୍ଟି କରିବାକୁ ଆୟୋଜକମାନେ ଲକ୍ଷ୍ୟ ରଖିଛନ୍ତି। ସ୍ୱାମୀ ବିବେକାନନ୍ଦ ଯୁବ ସମାଜ, ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ, ଏଚଡିଏଫସି ବ୍ୟାଙ୍କ ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଏବଂ ଜାତୀୟ ଯୁବ ପ୍ରକଳ୍ପର ମିଳିତ ସହଯୋଗରେ ଏହି ମହୋତ୍ସବ ଆୟୋଜିତ ହେବ। ବୈଠକରେ ସମାଜସେବୀ ଯଦୁମଣି ଦାସ, ଗଗନ ପ୍ରସାଦ ବାରିକ, ଶୁଭେନ୍ଦୁ ପଲାଇ, ପ୍ରଫୁଲ୍ଲ ତରାଇ, ସୁବାସ ଚନ୍ଦ୍ର ବାରିକ, ବିଶିଷ୍ଟ ଶିକ୍ଷାବିତ୍ ସଞ୍ଜୀବ କୁମାର ତରାଇ, ସାମ୍ବାଦିକ ଜଗନ୍ନାଥ ଆଚାର୍ଯ୍ୟ ଓ ସୁଧାଂଶୁ ତ୍ରିପାଠୀଙ୍କ ସମେତ ବିଜୟ ଜେନା,

ପଣ୍ଡିତ ତଥା କବି ପ୍ରମୋଦ ତ୍ରିପାଠୀ, ଚିତ୍ତରଞ୍ଜନ ମିଶ୍ର, ମହେଶ୍ୱର ପ୍ରଧାନ, ସୁଧାଂଶୁ ଶେଖର ପ୍ରଧାନ, ସୁଲେଖ ପ୍ରଧାନ, ବାଦଲ କୁମାର ଦାସ, ହେମନ୍ତ କୁମାର ରାଉତ ଓ ନୟନ ଗିରି ପ୍ରମୁଖ ଯୋଗଦେଇଥିଲେ। ସ୍ୱାମୀ ବିବେକାନନ୍ଦ ଯୁବ ସମାଜର ସଭାପତି ନିହାରକାନ୍ତ ନାୟକ, ଉପସଭାପତି ରତିକାନ୍ତ ରାଉତ, ସମ୍ପାଦକ ବିଭୂତି କୁମାର ପ୍ରଧାନ, ଉପଦେଷ୍ଟା ମଳୟ ରଞ୍ଜନ ବାରିକ, ବରିଷ୍ଠ ଉପଦେଷ୍ଟା ଆଲୋକ କୁମାର ଦାସ ଓ ସରୋଜ କାନ୍ତି ସାହାଣୀଙ୍କ ସମେତ ସାଗର ସୂତାର, ବେଦଜ୍ୟୋତି ଦାସ, ଦେବାଶିଷ ଜେନା, ସୁଦର୍ଶନ ସ୍ୱାଇଁ, ତ୍ରିଲୋଚନ ସାହୁ, ମନୋରଞ୍ଜନ ସାହୁ, ଗୌତମ କୁମାର ସାହୁ, ମୃତ୍ୟୁଞ୍ଜୟ ଜେନା, ଅନିଲ କୁମାର ଦାସ, ସୂର୍ଯ୍ୟକାନ୍ତ ତ୍ରିପାଠୀ, ସୁବାସ ପ୍ରଧାନ, ବିକାଶ ପ୍ରଧାନ, ମନୋଜ ପ୍ରଧାନ, ମୁନା ବସ୍ତିଆ, ସତ୍ୟରଞ୍ଜନ ସାହୁ, ସତ୍ୟବ୍ରତ ପ୍ରଧାନ, ମଦନ କୁମାର ଦାସ, ଭବାନୀ ଶଙ୍କର ଗିରି, ସଂଗ୍ରାମ କୁମାର ଦାସ ଓ ବୁଲୁ ଦାସଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ଆଗାମୀ ରକ୍ତଦାନ ମହୋତ୍ସବକୁ ସଫଳ କରିବା, ଅଧିକ ସଂଖ୍ୟକ ଲୋକଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିବା ଏବଂ ସାମୂହିକ ସହଯୋଗରେ ଏହାକୁ ଏକ ସଫଳ ଜନସେବା କାର୍ଯ୍ୟକ୍ରମରେ ପରିଣତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଜୟପୁର-ନବରଙ୍ଗପୁର ନୂତନ ରେଳପଥ ପାଇଁ ଅନ୍ତିମ ପର୍ଯ୍ୟାୟ ଜମି ହସ୍ତାନ୍ତର

ବୋରିଗୁମ୍ମା ତହସିଲ ପକ୍ଷରୁ ୫ଟି ପୋର୍ଯ୍ୟାୟରେ ମୋଟ ୩୨୨ ଏକର ଜମି ହସ୍ତାନ୍ତର

ବୋରିଗୁମ୍ମା, ୩୦।୧୦ (ସଂଚାର ବ୍ୟୁରୋ)ଃ ଜୟପୁର-ନବରଙ୍ଗପୁର ନୂତନ ରେଳପଥ ଆଶା ଆଉ ଟିକିଏ ଉଜ୍ଜ୍ୱଳ ହେବାକୁ ଯାଉଛି। ପୂର୍ବରୁ ରେଲୱେ ବିଭାଗ ଜୟପୁର-ନବରଙ୍ଗପୁର ନୂତନ ରେଳପଥ ନିମନ୍ତେ ସର୍ଭେ କାର୍ଯ୍ୟ ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଥିବା ବେଳେ, ଏବେ ପ୍ରଶାସନ ଅଧିଗ୍ରହଣ ଜମି କୁ ରେଲୱେ ବିଭାଗକୁ ହସ୍ତାନ୍ତର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୋରିଗୁମ୍ମା ତହସିଲ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ରେଲୱେ ବିଭାଗକୁ ଜମି ହସ୍ତାନ୍ତର କରାଯାଇଥିବା ବେଳେ ଆଜି ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହୋଇଛି।

ବୋରିଗୁମ୍ମା ତହସିଲ କାର୍ଯ୍ୟାଳୟ ପକ୍ଷରୁ ମୋଟ ୧୩ ଗୋଟି ଗ୍ରାମର ୬୧୨ ଏକର ଜମି

ରେଲୱେ ବିଭାଗଙ୍କୁ ହସ୍ତାନ୍ତର କରାଯାଇଛି। ଜମି ବଦଳେ ଜମି ହରାଇଥିବା ଲୋକଙ୍କୁ ପର୍ଯ୍ୟାୟ କ୍ରମେ ୬୮ କୋଟି ୭୨ ଲକ୍ଷ ୫୩ ହଜାର ୬୫ ଟଙ୍କା ପ୍ରଦାନ କରାଯାଇଛି ବୋଲି ସ୍ଥାନୀୟ ତହସିଲଦାର ଶୋଭନ କୁମାର ବେହେରା ସୂଚନା ଦେଇଛନ୍ତି।ତେବେ ଅନ୍ୟ ହିତାଧିକାରୀ ମାନଙ୍କୁ ଖୁବଶୀଘ୍ର ଜମି ପ୍ରାପ୍ୟ ପ୍ରଦାନ କରାଯିବ।ଆଜି ପୁରୁଣା ବୋରିଗୁମ୍ମା ଠାରେ ବୋରିଗୁମ୍ମା ସହର ର ୬୮ ଏକର ଜମି ରେଲୱେ ବିଭାଗକୁ ପ୍ରଶାସନ ହସ୍ତାନ୍ତର କରିଥିଲେ। ଯେଉଁଠି ଜମି ଅଧିଗ୍ରହଣ ହୋଇଛି, ସେହି ସ୍ଥାନ ମାନଙ୍କରେ ଆଜି ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା ଜମି କାଗଜପତ୍ର ପୂର୍ବତଟ ରେଳବାଇ, ଜୟପୁର ର ସହାୟକ କାର୍ଯ୍ୟନିର୍ବାହୀ ଅଧିକାରୀ ଏସ.ମୁରଲୀଧରଙ୍କୁ ହସ୍ତାନ୍ତର କରିଥିଲେ।

ଭୂସ୍ଖଳନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ପଞ୍ଚାୟତିରାଜ ମନ୍ତ୍ରୀ

ଫୁଲବାଣୀ, ୩୦।୧୦ (ସଂଚାର ବ୍ୟୁରୋ)ଃ ବାତ୍ୟା ଅର୍ଣ୍ଣବର ପ୍ରଭାବରେ କନ୍ଧମାଳ ଜିଲ୍ଲାରେ ଭୂସ୍ଖଳନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି । ରାଇକିଆ ବ୍ଲକ ମାଣିକେଶ୍ୱରୀ ପଞ୍ଚାୟତରେ ଘଟିଥିବା ଭୂସ୍ଖଳନ ପ୍ରଭାବିତ ଅଞ୍ଚଳକୁ ପରିଦର୍ଶନ କରିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ । ଜିଲ୍ଲାପାଳ, ଏସ୍‌ପି ଓ ବିଭିନ୍ନ ବିଭାଗର ସରକାରୀ ଅଧିକାରୀଙ୍କ ସହ ମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଉଦ୍ଧାର କାର୍ଯ୍ୟ ଓ ପ୍ରଭାବିତ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି ।

ଏହି ଭୂସ୍ଖଳନରେ ପାଞ୍ଚଟି ଗ୍ରାମର ପ୍ରାୟ ୮୦୦ ଲୋକ ପ୍ରଭାବିତ ହୋଇଛନ୍ତି। ଏଥିସହ ପରିବା ଚାଷ, ହଳଦୀ ଓ ଧାନ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। ପ୍ରଭାବିତ ପରିବାରଙ୍କୁ ତୁରନ୍ତ ରିଲିଫ୍ ଯୋଗାଇବା, କ୍ଷୟକ୍ଷତିର ଆକଳନ କରିବା ଏବଂ ଅଞ୍ଚଳରେ ଯଥାଶୀଘ୍ର ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଭାଙ୍ଗିଯାଇଥିବା ଘରର ପୁନରୁଦ୍ଧାର, ପାନୀୟ ଜଳ ଯୋଗାଣ ଓ ଅବରୋଧ ହୋଇଥିବା ରାସ୍ତା ସଫା କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରତାପରୁଦ୍ରପୁର ଲକ୍ଷ୍ମୀନାରାୟଣ ମଠ ଝରକା ତାଡି ୨୦ ହଜାର ଟଙ୍କା ଲୁଟ୍, ଅଭିଯୁକ୍ତ ଗିରଫ

ବାଲିଅନ୍ତା, ୩୦।୧୦ (ସଂଚାର ବ୍ୟୁରୋ)ଃ ବାଲିଅନ୍ତା ଥାନା ଅନ୍ତର୍ଗତ ପ୍ରତାପରୁଦ୍ରପୁର ଲକ୍ଷ୍ମୀ ନାରାୟଣ ମଠରୁ ଗତକାଲି ଝରକା ଗ୍ରିଲ ତାଡି ଆଲମିରାରୁ ୨୦ ହଜାର ଟଙ୍କା ଲୁଟ ହୋଇଯାଇଛି । ଏହା ସହିତ ହୁଣ୍ଡି ବାକ୍ସ ଭାଙ୍ଗି ଟଙ୍କା ନେଇଯାଇଛନ୍ତି । ମଠର ଝରକା ତାଡି ୨ ଜଣ ଯୁବକ ଘରେ ପଶି ଆଲମିରା ତାଲା ଭାଙ୍ଗି ଲୁଟପାଟ କରିଥିଲେ । ଏସମ୍ପର୍କରେ ପ୍ରଶାନ୍ତ ନନ୍ଦ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ସାଗର ଭୋଇ ନାମକ ଜଣେ ୩୦ବର୍ଷୀୟ ଯୁବକକୁ ପୁଲିସ ସନ୍ଦେହରେ ଥାନାକୁ ନେଇ ପଚରା ଉଚରା କରିଥିଲା। ସାଗର ନାମରେ ମଧ୍ୟ ପୂର୍ବରୁ ବାଲିଅନ୍ତା ଥାନା ଅଞ୍ଚଳରେ ସିନ୍ଧି ଚୋରି ମାମଲା ରହିଛି । ପଚରା ଉଚରା କରିବାରେ ସେ ସତ ମାନି ଯାଇଥିଲା। ଏହାପରେ ସାଗରକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । କୋର୍ଟରେ ସାଗର ଜାମିନ ଖାରଜ ହୋଇଯିବାରୁ ଝାରପଡା ହାଜତକୁ ପଠାଇ ଦିଆଯାଉଥିବା ଜଣାଅପଡ଼ିଛି ।

ଖୋର୍ଦ୍ଧା ଜିଲ୍ଲାରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ଖୋର୍ଦ୍ଧା, ୩୦।୧୦ (ସଂଚାର ବ୍ୟୁରୋ)ଃ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଆର୍ଥିକ ସାକ୍ଷରତା ଶିବିର ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଞ୍ଚୟ ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ନିୟମିତ ସଞ୍ଚୟ ଓ ମିତବ୍ୟୟିତା ଅବଲମ୍ବନ ଦ୍ୱାରା ଜନସାଧାରଣ ନିଜର ଆର୍ଥିକ ସ୍ଥିତିକୁ କିପରି ସୁଦୃଢ଼ କରିପାରିବେ, ସେ ସମ୍ପର୍କରେ ସେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟକ୍ତି, ପରିବାର ଓ ରାଷ୍ଟ୍ରର ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ସ୍ୱଳ୍ପ ସଞ୍ଚୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସ୍ୱଳ୍ପ ସଞ୍ଚୟ ଯୋଜନା ମାଧ୍ୟମରେ ଲୋକମାନେ ନିଜର ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ କରିବା ସହ ଆବଶ୍ୟକ ସମୟରେ ଆର୍ଥିକ ସହାୟତା ପାଇପାରିବେ ବୋଲି ସେ ମତ ଦେଇଥିଲେ।

ପିଏମ୍ କିଷାନର ୨୪ତମ କିସ୍ତି ପ୍ରଦାନ

ଜିଲ୍ଲାର ୧,୦୬,୬୪୨ ଜଣ ଚାଷୀ ଉପକୃତ

ଢେଙ୍କାନାଳ, ୩୦।୧୦ (ସଂଚାର ବ୍ୟୁରୋ)ଃ ପି.ଏମ୍. କିଷାନ ଦିବସ ପାଳନ ଅବସରରେ ଆଜି ଗୁଜୁରାଟର ବନାସକାଣ୍ଠା ଠାରେ ଆୟୋଜିତ ଉତ୍ସବ ସ୍ଥଳରୁ ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ରବି ଋତୁ ଫସଲ ପାଇଁ ଦେଶର ୯ କୋଟି ୩୪ ଲକ୍ଷରୁ ଉର୍ଦ୍ଧ୍ୱ କିଷାନ ଭାଇ-ଭଉଣୀମାନଙ୍କୁ ୧୮,୬୯୦ କୋଟିରୁ ଉର୍ଦ୍ଧ ସହାୟତା ରାଶି ଡ଼ି.ବି.ଟି. ମାଧ୍ୟମରେ ୨୪ ତମ କିସ୍ତି ପ୍ରଦାନ କରିଛନ୍ତି।

ଏହି ଅବସରରେ ଭୁବନେଶ୍ୱର ସ୍ଥିତ ଓୟୁଏଟିର କୃଷି ଶିକ୍ଷା ସଦନ ଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା ଦ୍ୱାରା ଓଡ଼ିଶାର ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀ ଉପକୃତ ହେବେ ବୋଲି କହିଛନ୍ତି । ୭୦୦

କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଶି ଡ଼ି.ବି.ଟି. ମାଧ୍ୟମରେ ହସ୍ତାନ୍ତର କରାଯାଇଛି । କ୍ଷୁଦ୍ର ଚାଷୀ ଭାଇ ଭଉଣୀମାନେ ଏହି ଅର୍ଥ ରାଶି ବିନିଯୋଗ କରି ବିବିଧ ଫସଲ ଉତ୍ପାଦନ କରି ଲାଭାନ୍ୱିତ ହେବା ସହ ରାଜ୍ୟର ଉନ୍ନତିରେ ସହାୟକ ହେବାକୁ କହିଥିଲେ ।

ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ସ୍ଥାନୀୟ ପୁରୁଣା ଜିଲ୍ଲାପରିଷଦ ହଲ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ କାମାକ୍ଷାନଗରର ମାନ୍ୟବର ବିଧାୟକ ଶ୍ରୀ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଲଳିତ ମୋହନ ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଶ୍ରୀ ବିମଳେନ୍ଦୁ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରବି ଫସଲ ପାଇଁ ଜିଲ୍ଲାର ୧ ଲକ୍ଷ ୬ ହଜାର ୬୪୨ ଜଣ ଚାଷୀ ଭାଇ ଭଉଣୀ ୨ ହଜାର ଟଙ୍କା ଲେଖାଏଁ ପି.ଏମ୍. କିଷାନ ସହାୟତା ରାଶି ପାଇବେ ବୋଲି ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ହେମନ୍ତ କୁମାର ପଢ଼ିହାରୀ ପ୍ରକାଶ କରିଥିଲେ । ଏହି ସଭାରେ ଜିଲ୍ଲାର ବହୁ ସଂଖ୍ୟକ ଚାଷୀ ଭାଇ ଭଉଣୀମାନେ ଉପସ୍ଥିତ ଥିଲେ ।

ଡିଜେର ଶବ୍ଦ ନୁହେଁ, ମାନବିକତାର ସ୍ୱର ଉଚ୍ଚ ହେଉ

■ ଜନସାଧାରଣଙ୍କୁ ଆଇଜି ଡକ୍ଟର ସତ୍ୟଜିତ ନାୟକଙ୍କ ନିବେଦନ

କଟକ,୩୦ା୧୦(ସଂଚାର ବ୍ୟୁରୋ): ପର୍ବପର୍ବାଣି ଓ ସାମାଜିକ ଉତ୍ସବ ପାଳନ ସମୟରେ ଆନନ୍ଦ, ଉଲ୍ଲାସ ଓଉତ୍ସାହ ସହ ଶୃଙ୍ଖଳା, ସଂଯମ ଓ ଜନସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବାକୁ ସେଣ୍ଟ୍ରାଲ ରେଞ୍ଜ ଆଇଜି ଡକ୍ଟର ସତ୍ୟଜିତ ନାୟକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଡିଜେ ସଙ୍ଗୀତ ଓ ଉଚ୍ଚ ଶବ୍ଦର ମନୋରଞ୍ଜନ ଅପେକ୍ଷା ମଣିଷର ଜୀବନ, ସ୍ୱାସ୍ଥ୍ୟ ଓ ସୁରକ୍ଷା ଅଧିକ ମୂଲ୍ୟବାନ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏକ ସଚେତନତାମୂଳକ ବାର୍ତ୍ତାରେ ଡକ୍ଟର ନାୟକ କହିଛନ୍ତି ଯେ ଉତ୍ସବ ପାଳନର ପ୍ରକୃତ ଉଦ୍ଦେଶ୍ୟ ହେଉଛି ସମାଜରେ ଖୁସି, ଭାଇଚାରା, ସଦ୍ଭାବନା ଓ ଏକତାର ଭାବନାକୁ ସୁଦୃଢ଼ କରିବା। କିନ୍ତୁ ଅତ୍ୟଧିକ ଶବ୍ଦ, ଅନିୟନ୍ତ୍ରିତ ଶୋଭାଯାତ୍ରା, ବେପରୁଆ ଗାଡ଼ିଚାଳନା ଓ ଅସାବଧାନତା ଯୋଗୁଁ ଉତ୍ସବର ଆନନ୍ଦ ଦୁର୍ଘଟଣା ଓ ଅଘଟଣରେ ପରିଣତ ହେବା ଉଚିତ ନୁହେଁ। କିଛି ଘଣ୍ଟାର ମନୋରଞ୍ଜନ ପାଇଁ ଗୋଟିଏ ଅମୂଲ୍ୟ ଜୀବନକୁ ବିପଦରେ ପକାଇବା କଦାପି ଗ୍ରହଣୀୟ ନୁହେଁ। ବିଶେଷକରି ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇ ସେ କହିଛନ୍ତି ଯେ ଉତ୍ସବରେ ଆନନ୍ଦ କରନ୍ତୁ, ନାଚନ୍ତୁ, ଗାଆନ୍ତୁ, ନିଜ ଖୁସିକୁ ଅନ୍ୟମାନଙ୍କ ସହ ବାଣ୍ଟନ୍ତୁ, କିନ୍ତୁ ନିଜର ଓ ଅନ୍ୟମାନଙ୍କ ଜୀବନ ସୁରକ୍ଷାକୁ କଦାପି ଭୁଲନ୍ତୁ ନାହିଁ। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା, ଚଳନ୍ତା ଗାଡ଼ି ଉପରେ ବିପଜ୍ଜନକ କାର୍ଯ୍ୟ କରିବା, ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିବା ଓ ଅନ୍ୟମାନଙ୍କ ଯାତାୟାତରେ ବାଧା ସୃଷ୍ଟି କରିବାରୁ ସମସ୍ତେ ଦୂରେଇ ରହିବା ଆବଶ୍ୟକ।

ଅତ୍ୟଧିକ ଶବ୍ଦ ଯୋଗୁଁ ବୟସ୍କ ବ୍ୟକ୍ତି, ଶିଶୁ, ରୋଗୀ ଓ ଛାତ୍ରଛାତ୍ରୀମାନେ ଶାରୀରିକ ଓ ମାନସିକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଡିଜେ ଓ ଶବ୍ଦବର୍ଦ୍ଧକ ଯନ୍ତ୍ର ବ୍ୟବହାର ସମୟରେ ନିର୍ଦ୍ଧାରିତ ଶବ୍ଦସୀମା, ଅନୁମୋଦିତ ସମୟ ଓ ପ୍ରଶାସନର ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବା ସହ ଅନ୍ୟମାନଙ୍କ ଅଧିକାର ଓ ସୁବିଧା ପ୍ରତି ସମ୍ମାନ ଦେବା ଉଚିତ। ପୂଜା କମିଟି, ଉତ୍ସବ ଆୟୋଜକ, ଡିଜେ ମାଲିକ ଓ ସ୍ୱେଚ୍ଛାସେବୀମାନେ ମଧ୍ୟ ଶୃଙ୍ଖଳିତ ଓ ସୁରକ୍ଷିତ ଆୟୋଜନ ପାଇଁ ନିଜ ନିଜ ସ୍ତରରେ ଦାୟିତ୍ୱବାନ ଭୂମିକା ନିର୍ବାହ କରିବା ଦରକାର। ପୁଲିସ ଓ ପ୍ରଶାସନର ନିର୍ଦ୍ଦେଶକୁ ସମ୍ମାନ ଦେବା, ଟ୍ରାଫିକ୍ ନିୟମ ପାଳନ କରିବା ଓ ଶାନ୍ତିଶୃଙ୍ଖଳା ରକ୍ଷାରେ ସହଯୋଗ କରିବା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଛନ୍ତି। ଜୀବନର ମୂଲ୍ୟ ଓ ପରିବାରର ଭାବନାକୁ ଗୁରୁତ୍ୱ ଦେଇ ଆଇଜି ଡକ୍ଟର ନାୟକ ଏକ ହୃଦୟସ୍ପର୍ଶୀ ଆହ୍ୱାନ ଜଣାଇ କହିଛନ୍ତି ଯେ ଆସନ୍ତୁ, ଡିଜେର ଶବ୍ଦ ନୁହେଁ, ମାନବିକତାର ସ୍ୱରକୁ ଉଚ୍ଚ କରିବା। ଦୁର୍ଘଟଣା ନୁହେଁ, ସୁରକ୍ଷାର ଉତ୍ସବ ପାଳନ କରିବା। ଜୀବନ ବଞ୍ଚାଇବା, ପରିବାରର ହସ ରକ୍ଷା କରିବା। ତାଙ୍କର ଏହି ବାର୍ତ୍ତାର ମୂଳ ଉଦ୍ଦେଶ୍ୟ ହେଉଛି ଉତ୍ସବ ଆନନ୍ଦମୟ ହେଉ, ଆୟୋଜନ ଶୃଙ୍ଖଳିତ ହେଉ ଓ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସମାଜର ଏକ ସାମୂହିକ ସଂକଳ୍ପରେ ପରିଣତ ହେଉ।

ଓଡ଼ିଶା ଚେତାବନୀକୁ ମାନୁନି ଆନ୍ଧ୍ର

କୋଟିଆରେ ପ୍ରଚାର ଗାଡ଼ିକୁ ଫେରାଇଦେଲା ପ୍ରଶାସନ

କୋରାପୁଟ,୩୦ା୧୦(ସଂଚାର ବ୍ୟୁରୋ): ଓଡ଼ିଶାର ଚେତାବନୀ ସତ୍ତ୍ୱେ ଜିଦ୍‌ରେ ଅଟଳ ଆନ୍ଧ୍ର ସରକାର। ପ୍ରଚାର ଗାଡ଼ିକୁ ଫେରାଇଦେଲା ବ୍ଲକ୍ ପ୍ରଶାସନ। ଗୁରୁବାର କୋରାପୁଟରେ ସବୁ ଦଳ ନେତା ଓ ପ୍ରଶାସନ ଏକାଠି ହୋଇ ବଡ଼ ନିଷ୍ପତ୍ତି ନେଇଥିଲେ। କୌଣସି ପରିସ୍ଥିତିରେ ବି ଆନ୍ଧ୍ରର ନିର୍ବାଚନ କରାଇବା ନ ଦେବାକୁ ଏକ ସ୍ୱରରେ କହିଥିଲେ। ଯେଉଁମାନେ ଭୋଟ୍ ଦେବେ ସେମାନଙ୍କୁ ବହିଷ୍କାର କରିବାକୁ ଚେତାବନୀ ଦେଇଥିଲେ। ଚେତାବନୀର ମାତ୍ର ୨୪ ଘଣ୍ଟା ନପୂରୁଣୁ ପୁଣି କୋଟିଆକୁ ପଶିବାକୁ ଉଦ୍ୟମ କରିଛି ଆନ୍ଧ୍ର ପ୍ରଚାର ଗାଡ଼ି। କିନ୍ତୁ ସୀମାରେ ଜଗିଥିବା ପଟାଙ୍ଗି ବ୍ଲକ ପ୍ରଶାସନ ପ୍ରଚାର ଗାଡ଼ିକୁ ଅଧାବାଟରୁ ଫେରାଇ ଦେଇଛି। ଦୁଇ ରାଜ୍ୟ ମୁହାଁମୁହିଁ ସ୍ଥିତିରେ ଥିବା ବେଳେ ଖୁବ୍‌ଶୀଘ୍ର ସୁପ୍ରିମ କୋର୍ଟଙ୍କ ରାୟ ଆସିବ ବୋଲି କହିଛନ୍ତି କୋରାପୁଟ ଜିଲ୍ଲାପାଳ। ଆସନ୍ତା ୫ରେ କୋଟିଆରେ ଜିଲ୍ଲା ପରିଷଦ ଓ ସମିତି ସଭ୍ୟ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଥିଲା ଆନ୍ଧ୍ର। ଆସନ୍ତା ୨୯ରେ କୋଟିଆରେ ସରପଞ୍ଚ ଓ ୱାର୍ଡ ମେମ୍ବର ନିର୍ବାଚନ କରିବାକୁ ପୁଣି ବିଜ୍ଞପ୍ତି ଜାରି କରିଛି। ପୂର୍ବ ବିଜ୍ଞପ୍ତି ଅନୁସାରେ ମତଦାନ ପାଇଁ କୋଟିଆର ନେରେଡ଼ିୱାଲସା ଏବଂ ଆନ୍ଧ୍ର ସାମାନ୍ତ ଓଡ଼ମରେ ଦୁଇଟି ବୁଥ କରିଥିଲା। କିନ୍ତୁ ସରପଞ୍ଚ ଓ ୱାର୍ଡମେମ୍ବର ମତଦାନ ପାଇଁ ବୁଥ ଘୋଷଣା କରିନାହିଁ।

ଲଜ୍ଜା: ଜନ୍ମକଲା ମା'ଙ୍କୁ ଦୁଷ୍କର୍ମ, ପୁଅ ଗିରଫ

ତେରାବିଶ ଥାନାରେ ଲିଖିତ ଅଭିଯୋଗ କଲେ ବୃଦ୍ଧା ମା'

କେନ୍ଦ୍ରାପଡ଼ା,୩୦ା୧୦(ସଂଚାର ବ୍ୟୁରୋ): ଯେଉଁ ମା' ଦିନେ ଦଶ ମାସ ଦଶଦିନ ଗର୍ଭରେ ଧରି ଜନ୍ମ ଦେଇଥିଲା, ଯାହାର ଲାଳନପାଳନ ପାଇଁ ଜୀବନର ସବୁକିଛି ଉତ୍ସର୍ଗ କରିଥିଲା, ବୃଦ୍ଧାବସ୍ଥାରେ ସେହି ମା'ଙ୍କ ପାଇଁ ପୁଅ ପାଲଟିଛି ଯନ୍ତ୍ରଣାର କାରଣ। ନିଜ ଜନ୍ମକଲା ପୁଅ ବିରୋଧରେ ଦୁଷ୍କର୍ମ ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ଜଣେ ବୃଦ୍ଧା ମା'। ଏଭଳି ଏକ ସମ୍ବେଦନଶୀଳ ଓ ଲଜ୍ଜାଜନକ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ତେରାବିଶ ଥାନା ଅଞ୍ଚଳରେ ଘଟିଥିବା ବେଳେ ଏହା ଏବେ ଚର୍ଚ୍ଚାର ମୁଖ୍ୟ କାରଣ ହୋଇଛି। ତେରାବିଶ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, କିଛି ବର୍ଷ ପୂର୍ବେ ଅଭିଯୁକ୍ତଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଥିଲା। ଏହାପରେ ସେ ଦ୍ୱିତୀୟ ବିବାହ କରିବାକୁ ଚାହୁଁଥିଲେ। ଏହି ପ୍ରସଙ୍ଗକୁ ନେଇ ଘରେ ବୃଦ୍ଧ ବାପା ଓ ମା'ଙ୍କ ସହ ପୁଅଙ୍କର ବାରମ୍ବାର ଝଗଡ଼ା ହୋଇଆସୁଥିଲା। ଏପରିକି ସେ ବାପା-ମା'ଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରି ନିର୍ଯାତନା ଦେଇଆସୁଥିବା ଅଭିଯୋଗ ମଧ୍ୟ ହୋଇଛି। ତେବେ ଗତ ମଙ୍ଗଳବାର ଅଭିଯୁକ୍ତ ପୁଅ ନିଜ ମା'ଙ୍କୁ ଘର ଭିତରକୁ ଡାକି ନେଇଥିଲେ। ସେଠାରେ ମାରଣାସ୍ତ୍ର ଦେଖାଇ ତାଙ୍କୁ ଭୟଭୀତ କରିବା ସହ ଦୁଷ୍କର୍ମ କରିଥିବା ବୃଦ୍ଧା ମା' ଜଣାଇ ତେରାବିଶ ଥାନାରେ ଦାଖଲ କରିଥିବା ଲିଖିତ ଅଭିଯୋଗରେ ବର୍ଣ୍ଣାଇଛନ୍ତି।

ଏହି ଅଭିଯୋଗକୁ ଆଧାର କରି ତେରାବିଶ ଥାନା ପୁଲିସ ୨୪୩/୨୬ ନମ୍ବରରେ ମାମଲା ରୁଜୁ କରି ଅଭିଯୁକ୍ତ ପୁଅକୁ ଗିରଫ କରିଛି। ତେବେ ଏପରି ଏକ ଲଜ୍ଜାକର ଘଟଣା ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ମା'-ପୁଅ ଭଳି ପବିତ୍ର ସମ୍ପର୍କରେ ଏଭଳି ଅଭିଯୋଗ ସମାଜକୁ ସ୍ତବ୍ଧ କରିଦେଇଛି।

ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ବାତିଲ୍

ଭୁବନେଶ୍ୱର, ୩୦ା୧୦ (ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ତିନିଦିନିଆ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ କୌଣସି କାରଣ ଯୋଗୁଁ ବାତିଲ କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ରାଇରଙ୍ଗପୁର ଏଡିଏମ ଅଜିତ କୁମାର ପୂର୍ତ୍ତିରୁ ଗତ ୨୮ ତାରିଖରେ ରାଷ୍ଟ୍ରପତିଙ୍କ ଦୁଇଦିନିଆ ରାଇରଙ୍ଗପୁର ଗସ୍ତ ଅର୍ଣ୍ଣବ ବାତ୍ୟା ପାଇଁ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମକୁ ମଧ୍ୟ ବାତିଲ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁରଠାରେ ବିଭିନ୍ନ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ମଧ୍ୟ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଯାଇଛି।

● ପାହାଡ଼ରୁ ଖସିଲା ବିରାଟ ପଥର

ଭାସିଗଲେ ଛେଳି-କୁକୁଡ଼ା, ସୃଷ୍ଟି ହେଲା ୨୦୦ ଫୁଟର ଖାଲ

ଜି.ଉଦୟଗିରି,୩୦ା୧୦(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାରେ 'ଅର୍ଣ୍ଣବ' ବାତ୍ୟାର ପ୍ରଭାବରେ ଲଗାତାର ୨୨ ଘଣ୍ଟାରୁ ଅଧିକ ସମୟ ଧରି ବର୍ଷା ହେବା ଫଳରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଜି. ଉଦୟଗିରିରେ ଜିଲ୍ଲାର ସର୍ବାଧିକ ୪୨୨.୪୦ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ଜଣାପଡ଼ିଛି। ଏଥିସହ ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ପାହାଡ଼ ଧସିବା, ରାସ୍ତା ଓ ପୋଲ ଭାଙ୍ଗିବା, ଚାଷଜମି ଜଳମଗ୍ନ ହୋଇଛି। ଜି.ଉଦୟଗିରି ବ୍ଲକର କଟିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ବଲିଙ୍ଗିଆ ଗ୍ରାମ ନିକଟସ୍ଥ ପାହାଡ଼ରେ ଭୟଙ୍କର ଭୂସ୍ଖଳନ ହୋଇଛି। ପାହାଡ଼ ଉପରୁ ବଡ଼ ବଡ଼ ପଥର, ମାଟି ଅତଡ଼ା ଓ ଗଛ ଖସି ରାସ୍ତା ଉପରେ ପଡ଼ିବା ଫଳରେ ଗ୍ରାମକୁ ଯାତାୟାତ ବିଚ୍ଛିନ୍ନ ହୋଇଯାଇଛି।ଭୂସ୍ଖଳନର ପ୍ରଭାବ ପ୍ରାୟ ଏକ କିଲୋମିଟର ଅଞ୍ଚଳ ପର୍ଯ୍ୟନ୍ତ ଦେଖାଯାଇଥିବା ବେଳେ କେତେକ ସ୍ଥାନରେ ୨୦୦ ଫୁଟରୁ ଅଧିକ ଗଭୀର ଖାଲ ସୃଷ୍ଟି ହୋଇଥିବା ଜଣାପଡ଼ିଛି।

ବଲିଙ୍ଗିଆ ଗ୍ରାମରେ ପ୍ରାୟ ୧୨ଟି ପରିବାରର ୪୦ ଜଣ ଲୋକ ବସବାସ କରନ୍ତି। ଭୂସ୍ଖଳନ ଯୋଗୁଁ ଗ୍ରାମର ରାସ୍ତା ବନ୍ଦ ହୋଇଯିବାରୁ ସେମାନଙ୍କ ଯାତାୟାତ ସହ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ଓ ବହୁ ପ୍ରଶାସନିକ ଅଧିକାରୀ ମଧ୍ୟ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ବଲିଙ୍ଗିଆ ଗ୍ରାମବାସୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ୟମ କରାଯାଇଥିଲା। ଭୂସ୍ଖଳନ ପରେ ଗ୍ରାମବାସୀ ଜୀବନ ବଞ୍ଚାଇବା ପାଇଁ ଘରୁ ବାହାରକୁ ଦୌଡ଼ି ପଳାଇଥିଲେ। ଫଳରେ ସେମାନେ ଅଳ୍ପକେ ବଡ଼ ବିପଦରୁ ବର୍ତ୍ତିଯାଇଥିଲେ। ତେବେ ଘର ଭିତରେ ପାଣି, କାଦୁଅ ଓ ମାଟି ପଶି ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ କେତେକ କୁକୁଡ଼ା ଓ ଛେଳି ଭାସିଯାଇଥିବା କିମ୍ବା ମରିଯାଇଥିବା ଜଣାପଡ଼ିଛି। ଏକର ଏକର ଜମିରେ ଚାଷ ହୋଇଥିବା ହଳଦୀ, ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି।

■ ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ସାଂସଦଙ୍କ ଡିଭିଜନାଲ କମିଟି ବୈଠକ

ରେଳ ଭିତ୍ତିଭୂମି, ଯାତ୍ରୀ ସୁବିଧା ଓ ସଂଯୋଗକୁ ଗୁରୁତ୍ୱ

ଭୁବନେଶ୍ୱର,୩୦ା୧୦(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ଅଧୀନସ୍ଥ ସାଂସଦମାନଙ୍କୁ ନେଇ ଡିଭିଜନାଲ କମିଟି ବୈଠକ ଆଜି ସମ୍ବଲପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସମେତ ବରିଷ୍ଠ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ଓ ଛତିଶଗଡ଼ର ସାଂସଦମାନେ ଏହି ବୈଠକରେ ଯୋଗଦେଇ ଅଞ୍ଚଳର ରେଳ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ସାଂସଦମାନେ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ଡିଭିଜନାଲ କମିଟିର ଅଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରିଥିଲେ। ବୈଠକରେ ମହାସମୁନ୍ଦର ଲୋକସଭା ସାଂସଦ ରୂପ କୁମାରୀ ଚୌଧୁରୀ ଓ କନ୍ଧମାଳର ଲୋକସଭା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ଏଥିସହ ସମ୍ବଲପୁର, ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡିର ସାଂସଦମାନଙ୍କ ପ୍ରତିନିଧିମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ସାଂସଦମାନେ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପର ପ୍ରଶଂସା କରିବା ସହ ରେଳ ଭିତ୍ତିଭୂମିର ଅଧିକ ସୁଦୃଢ଼ୀକରଣ ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଯାତ୍ରୀ ସୁବିଧାର ଉନ୍ନତି, ଟ୍ରେନ୍ ଓ ରେଳ ଷ୍ଟେସନଗୁଡ଼ିକର ପରିଚ୍ଛନ୍ନତା, ଟ୍ରେନ୍ ଚଳାଚଳର ବୃଦ୍ଧି, ନୂତନ ରେଳପଥ ନିର୍ମାଣ, ଦୁର୍ଗମ ଅଞ୍ଚଳକୁ ଉନ୍ନତ ରେଳ ସଂଯୋଗ, ରେଳ ଓଭରବ୍ରିଜ୍ ଓ ଅଣ୍ଡରବ୍ରିଜ୍ ନିର୍ମାଣ, ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକର ସମୟୋଚିତ ସମାପ୍ତି, ବିଭିନ୍ନ ଷ୍ଟେସନରେ ଟ୍ରେନ ରହଣି ଏବଂ ଅଞ୍ଚଳର ରାଜସ୍ୱ ଓ ନିଯୁକ୍ତି ସୃଷ୍ଟି ବୃଦ୍ଧି ଆଦି ବିଷୟ ଉପରେ ବିଶେଷ ଆଲୋଚନା ହୋଇଥିଲା।

ବନ୍ୟା ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ବିଫଳ

ବିପର୍ଯ୍ୟୟକୁ ନେଇ ସରକାରଙ୍କ ପୂର୍ବାନୁମାନ ଫେଲ୍ ମାରିଲା

ଲୋକଙ୍କ ଦୁର୍ଦ୍ଦଶା ବୁଝିବା ବଦଳରେ ନିଜ ପ୍ରଚାରରେ ବ୍ୟସ୍ତ ସରକାର

ଭୁବନେଶ୍ୱର,୩୦ା୧୦(ସଂଚାର ବ୍ୟୁରୋ): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପ୍ରବଳ ବର୍ଷା ଓ ସମ୍ଭାବ୍ୟ ବନ୍ୟା ସମ୍ପର୍କରେ ଆଗୁଆ ସତର୍କ ସୂଚନା ଜାରି ହୋଇଥିବା ସତ୍ତ୍ୱେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି କରିବାରେ ସରକାରଙ୍କ ବିଫଳତାକୁ ନେଇ ତୀବ୍ର ସମାଲୋଚନା କରିଛି ବିଜେଡି। ଆଜି ଏଠାରେ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ଉପସଭାପତି ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ବିଜେଡି ଉପସଭାପତି ପ୍ରତାପ ଜେନା ସରକାରଙ୍କ ପ୍ରସ୍ତୁତି ଓ ବନ୍ୟା ପରିସ୍ଥିତିର ମୁକାବିଲା ନେଇ ପ୍ରଶ୍ନ ଉଠାଇଥିଲେ। ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ଗଞ୍ଜାମ ଓ ଗଜପତିରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସରକାର ଯଦି ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତେ, ତେବେ ଏପରି ଅବସ୍ଥା ହୋଇ ନ ଥାନ୍ତା। ବିଶେଷକରି ଜଳଭଣ୍ଡାର ପରିଚାଳନା, ଜଳ ନିଷ୍କାସନ ବ୍ୟବସ୍ଥା ଓ ଦୁର୍ବଳ ନଦୀବନ୍ଧଗୁଡ଼ିକର ମରାମତି ଉପରେ ଗୁରୁତ୍ୱ ଦେବା ଆବଶ୍ୟକତା ଥିଲା। ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅବୈଧ ବାଲି ଉତ୍ତୋଳନ ଯୋଗୁଁ ଅନେକ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଥିଲା, ଯାହା ଫଳରେ ବନ୍ୟା ବିଭୀଷିକା ସୃଷ୍ଟି ହେଲା। ବନ୍ୟା ପ୍ରଭାବିତ ଅଞ୍ଚଳରୁ ପ୍ରାୟ ୫୦ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଥିବା ନେଇ ସରକାର ଦାବି କରୁଛନ୍ତି। କିନ୍ତୁ ଉଦ୍ଧାର କାର୍ଯ୍ୟରେ କେତୋଟି ହେଲିକପ୍ଟର ନିୟୋଜିତ ହୋଇଥିଲା ଓ ବନ୍ୟା ବିପନ୍ନ ଲୋକଙ୍କୁ କେତେ ସହାୟତା ଯୋଗାଇ ଦିଆଯାଇଛି, ସରକାର ସାର୍ବଜନିନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

ବନ୍ଦେ ଭାରତ ସହ ୩୫ ଟ୍ରେନ୍ ବାତିଲ୍

ଭୁବନେଶ୍ୱର,୩୦ା୧୦(ସଂଚାର ବ୍ୟୁରୋ): ବାତ୍ୟା ଯାଇଛି, ଏବେ ବନ୍ୟା ସ୍ଥିତି ଗମ୍ଭୀର। ଗଞ୍ଜାମ, ଗଜପତି, ରେପଟେ ଆନ୍ଧ୍ରରେ ବନ୍ୟାର ଭୟଙ୍କର ପରିସ୍ଥିତି। ରାସ୍ତାଘାଟ-ବାଡ଼ି ଜମି ସବୁ ପାଣିରେ ଏକାକାର। ସେହିପରି ଟ୍ରେନ୍ ଟ୍ରାକ୍‌ରେ ବି ଚାଲୁଛି ବନ୍ୟାପାଣି। ଫଳରେ କିଛି ଟ୍ରେନ୍ ଆଜି ପାଇଁ ବାତିଲ୍ ହୋଇଥିବା ବେଳେ କିଛି ଟ୍ରେନ୍‌ର ଯାତାୟାତ ସମୟ ପରିବର୍ତ୍ତନ କରାଯାଇଛି। ଦକ୍ଷିଣ କେନ୍ଦ୍ରୀୟ ରେଳବାଇ ପକ୍ଷରୁ ଭୁବନେଶ୍ୱର-ବିଶାଖାପାଟନମ୍ ବନ୍ଦେ ଭାରତ ସହ ୩୫ଟି ଟ୍ରେନ୍ ବାତିଲ୍ କରାଯାଇଛି। ଶୁକ୍ରବାର ୫ଟି ଟ୍ରେନ୍‌ର ସମୟ ପରିବର୍ତ୍ତନ ହୋଇଛି। ଇଚ୍ଛାପୁରମ୍ ନିକଟରେ ଟ୍ରେନ୍ ଟ୍ରାକରେ ପାଣି ପ୍ରବାହିତ ହେଉଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ସିକନ୍ଦରାବାଦ ଫଲକନୁମା ଏକ୍ସପ୍ରେସ୍ ସକାଳ ୮ଟା ୨୫ରେ ବାହାରିବା ପରିବର୍ତ୍ତେ ୨ଟା ୪୫ରେ ବାହାରିଛି। ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍ ସକାଳ ୮ଟାରେ ବାହାରିବା ପରିବର୍ତ୍ତେ ୧ଟା ୩୦ରେ ବାହାରିଛି। ସିକନ୍ଦରାବାଦ ସାଲିମାର ଏକ୍ସପ୍ରେସ୍ ୩ଟା ୫୫ରେ ବାହାରିବାର ଥିଲା ଯାହା ସନ୍ଧ୍ୟା ୬ଟାକୁ ରିସେଡ୍ୟୁଲ୍ ହୋଇଛି।

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ୨୪ତମ କିସ୍ତି ବିତରଣ

କଟକ, ୩୦ା୧୦ (ସଂଚାର ବ୍ୟୁରୋ): ଜଗତପୁରସ୍ଥିତ କୃଷି ଭବନ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଆଜି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ୍)ର ୨୪ତମ କିସ୍ତି ପ୍ରଦାନ କରାଯାଇଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ଯୋଗ୍ୟ କୃଷକ ପରିବାରମାନଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ସିଧାସଳଖ ପ୍ରେରଣ କରାଯାଇଛି। କଟକ ଜିଲ୍ଲାର ୧,୬୨,୩୭୦ ଜଣ ହିତାଧିକାରୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ମୋଟ ୩୨ କୋଟି ୬୮ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ରାଜ୍ୟର ୩୫ ଲକ୍ଷରୁ ଅଧିକ କୃଷକ ପରିବାରଙ୍କୁ ୭୦୦ କୋଟି ଟଙ୍କାର ଆର୍ଥିକ ସହାୟତା ମିଳିଛି। ଏହା କୃଷକମାନଙ୍କୁ କୃଷି କାର୍ଯ୍ୟରେ ସହାୟକ ହେବ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳକାନ୍ତ ପାଣିଗ୍ରାହୀ ବରିଷ୍ଠ ବୈଜ୍ଞାନିକ ତଥା କୃଷି ବିକାଶ କେନ୍ଦ୍ର କଟକର ମୁଖ୍ୟ ରଞ୍ଜନ କୁମାର ମହାନ୍ତ, ସହକାରୀ କୃଷି ନିର୍ଦ୍ଦେଶକ ଅସୀମା ମିଶ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଗୁଜରାଟର ବନସକାଣ୍ଠାରେ ଆୟୋଜିତ ଜାତୀୟସ୍ତରର ପିଏମ କିଷାନ ଉତ୍ସବ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷକ ପରିବାରମାନଙ୍କୁ ପିଏମ୍-କିଷାନର ଏହି କିସ୍ତି ଅର୍ଥ ଡିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ କରିବା ସହ ପ୍ରାକୃତିକ ପ୍ରଣାଳୀରେ ଚାଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଚାଷୀ ତାଲିମ ଓ ଦକ୍ଷତା ବିକାଶ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ କିଷାନ ଉତ୍ସବ ସମାରୋହରେ ବନସକଣ୍ଠା, ଗୁଜରାଟରୁ ସିଧା ପ୍ରସାରଣ ଏଲଇଡି ପରଦା ମାଧ୍ୟମରେ ପ୍ରସାରିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣି ଜିଲ୍ଲାର କୃଷକ ଭାଇଭଉଣୀମାନେ ଖୁସି ଜାହିର କରିଥିଲେ।

ଭୁଷୁଡ଼ିଲା ପଳାଶପୁର ବ୍ରିଜ୍ ଦିଗପହଣ୍ଡି-ଆସିକା ଯୋଗାଯୋଗ ଠପ୍

ଦିଗପହଣ୍ଡି,୩୦ା୧୦(ସଂଚାର ବ୍ୟୁରୋ): 'ଅର୍ଣ୍ଣବ' ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ବଡ଼ ଧରଣର କ୍ଷୟକ୍ଷତି ହୋଇଛି। ସାଲକୋଇଛି କୁକ୍ ପଳାଶପୁର ବ୍ରିଜ୍ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ଫଳରେ ଦିଗପହଣ୍ଡିରୁ ଆସିକାକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସୂଚନାନୁଯାୟୀ, ଗତ ତିନି ଦିନ ଧରି ପଳାଶପୁର ବ୍ରିଜ୍ ଉପରେ ପ୍ରାୟ ୧୫ ଫୁଟ ଉଚ୍ଚତାରେ ବନ୍ୟା ଜଳ ପ୍ରବାହିତ ହେଉଥିଲା। ଜଳସ୍ରୋତ କମିବା ପରେ ବ୍ରିଜଟି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ବ୍ରିଜ୍ ଭାଙ୍ଗିଯିବା ଯୋଗୁଁ ଦିଗପହଣ୍ଡି-ଆସିକା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏହାଦ୍ୱାରା ଉଭୟ ଅଞ୍ଚଳର ଲୋକଙ୍କ ଯାତାୟାତ ସହ ଦୈନନ୍ଦିନ ଜୀବନ ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ସେପଟେ ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆକାଶ ମାର୍ଗରୁ ଉଭୟ ଜିଲ୍ଲାର ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ପରେ ରଙ୍ଗେଇଲୁଣ୍ଡାରେ ଅବତରଣ କରି ସ୍ଥିତିର ସମୀକ୍ଷା କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ପରିବହନ ମନ୍ତ୍ରୀ ବିଭୂତି ଜେନା ମଧ୍ୟ ଗଞ୍ଜାମ ଗସ୍ତରେ ଯିବେ। ଆସିକା, ଯୋରାଡ଼ା, ହିଞ୍ଜିଳି, ଭେଲଗୁଣ୍ଠା ଓ ଭଞ୍ଜନଗରରେ ବନ୍ୟା ଯୋଗୁଁ କେତେ କ୍ଷୟକ୍ଷତି ହୋଇଛି, କେତେ ଘର ଭାଙ୍ଗିଛି, ତାହା ଆକାଶ ମାର୍ଗରୁ ଅନୁଧ୍ୟାନ କରିବେ।

ଜାତୀୟ କ୍ଷେତ ବଞ୍ଚାଅ ଅଭିଯାନ ନେଇ ଆଲୋଚନା ଚକ୍ର

କଟକ, ୩୦ା୧୦ (ସଂଚାର ବ୍ୟୁରୋ): କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ କଟକ ଜିଲ୍ଲାର ଆଇକିପୁର ଓ ପରମାନନ୍ଦପୁର ଗ୍ରାମରେ ଜାତୀୟ କ୍ଷେତ ବଞ୍ଚାଅ ଅଭିଯାନ (ରବି-୨୦୨୬) ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନ ବୈଜ୍ଞାନିକ ଶ୍ରୀ ଜେନା, ବରିଷ୍ଠ ବୈଜ୍ଞାନିକ, ଲକ୍ଷ୍ମୀଧର ବେହେରା, ପ୍ରଧାନ ବୈଜ୍ଞାନିକ, ଭୂପେନ୍ଦ୍ର, ବରିଷ୍ଠ ବୈଷୟିକ ଅଧିକାରୀ, ଅକ୍ଷୟ କୁମାର ସେଠୀ (ସରପଞ୍ଚ), ଦେବେନ୍ଦ୍ରନାଥ ସେଠୀ ଯୋଗଦେଇ ଚାଷୀମାନଙ୍କୁ କ୍ଷେତ ବଞ୍ଚାଅ ଅଭିଯାନ- ମୃତ୍ତିକା ସ୍ୱାସ୍ଥ୍ୟର ସୁରକ୍ଷା ଉପରେ ସଚେତନ କରିଥିଲେ। ମାଟି, ଜଳ ଏବଂ ପରିବେଶର ସୁରକ୍ଷା ସହିତ ଫସଲ ଉତ୍ପାଦନ ବୃଦ୍ଧି ଏବଂ ଧାନ କ୍ଷେତରେ ବହୁଳ ମାତ୍ରାରେ ସାର ପ୍ରୟୋଗ ଓ ଜୈବିକ ପଦ୍ଧତିରେ ଚାଷ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧାନ ଓ ଅନ୍ୟାନ୍ୟ ଫସଲରେ ସନ୍ତୁଳିତ ସାର ପ୍ରୟୋଗ କରି ମୃତ୍ତିକା ସ୍ୱାସ୍ଥ୍ୟର ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ଧାନ ଗବେଷଣା କେନ୍ଦ୍ରର ବିକଶିତ ହୋଇଥିବା ମାଇକ୍ରୋବିଆଲ୍ କନସୋର୍ଟିଆ (ଶ୍ରଦ୍ଧାଳ ସମ୍ମିଶ୍ରଣ), ଏନ୍‌ସାଇଆସ୍‌ଆଇଆର ଟେକ୍ ଡି କମ୍ପୋଜର, ରେଳ ଦେବିକ ସାର, କେଜ୍ରିକ, ପତ୍ର ରଙ୍ଗ ଚାର୍ଟ ଏବଂ ପ୍ରାକୃତିକ ଚାଷ ପ୍ରଣାଳୀ ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା।

ଅସରାଏ ବର୍ଷାରେ ବେହାଲ କଟକ ସହର

ଡ୍ରେନ୍ ସଫେଇ ଓ ରାସ୍ତା ମରାମତିକୁ ନେଇ ଉଠିଲା ପ୍ରଶ୍ନ

କଟକ, ୩୦ା୧୦ (ସଂଚାର ବ୍ୟୁରୋ): ଅସରାଏ ବର୍ଷା ହେଲେ ବଦଳିଯାଉଛି କଟକ ସହରର ଚିତ୍ର। ରାସ୍ତା ଉପରେ ଜମୁଛି ବର୍ଷା ପାଣି, ଯାତାୟାତରେ ସୃଷ୍ଟି ହେଉଛି ବାଧା ଏବଂ ଖାଲଖମା ଭରା ରାସ୍ତାରେ ଦୁର୍ଘଟଣାର ଆଶଙ୍କା ବଢ଼ୁଛି। ରାଜ୍ୟର ପୁରାତନ ରାଜଧାନୀ କଟକରେ ଜଳ ନିଷ୍କାସନ ବ୍ୟବସ୍ଥାର ବାସ୍ତବ ସ୍ଥିତିକୁ ନେଇ ଏବେ ଉଠିଛି ଗୁରୁତର ପ୍ରଶ୍ନ। ବର୍ଷା ଜଳ ନିଷ୍କାସନ ଓ ସହରର ସଫେଇ ପାଇଁ କଟକ ମହାନଗର ନିଗମ (କେଏମ୍‌ସି) ପକ୍ଷରୁ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଉଥିବା କୁହାଯାଉଥିଲେ ମଧ୍ୟ ସହରର ଅନେକ ସ୍ଥାନରେ ଜଳ ଜମିବା ଘଟଣା ବ୍ୟବସ୍ଥାର କାର୍ଯ୍ୟକାରିତାକୁ ନେଇ ସନ୍ଦେହ ସୃଷ୍ଟି କରିଛି।ସହରର ଲିଙ୍କ୍ ରୋଡ୍‌ରୁ ବାଦାମବାଡ଼ି ଯିବା ରାସ୍ତାର ଅନ୍ନପୂର୍ଣ୍ଣୋଦୟ ମାର୍କେଟ୍ ନିକଟରେ ବର୍ଷା ଜଳ ଜମି ରହୁଥିବା ଦେଖିବାକୁ ମିଳୁଛି। ସେହିପରି ମଙ୍ଗଳାବାଗ ଅଞ୍ଚଳ ଓ ଏସ୍‌ସିବି ମେଡିକାଲକୁ ଯାଉଥିବା ରାସ୍ତା ସମେତ ସହରର ବିଭିନ୍ନ ଗଳିକନ୍ଦିରେ ଜଳ ନିଷ୍କାସନ ସମସ୍ୟା ସାଧାରଣ ଲୋକଙ୍କ ଯାତାୟାତକୁ ପ୍ରଭାବିତ କରୁଛି। ଫଳରେ ଦୈନନ୍ଦିନ କାମରେ ବାହାରୁଥିବା ଲୋକଙ୍କଠାରୁ ଆରମ୍ଭ କରି ରୋଗୀଙ୍କୁ ନେଇ ମେଡିକାଲ ଯାଉଥିବା ପରିବାର ପର୍ଯ୍ୟନ୍ତ ଅନେକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାଗଜପତ୍ରରେ ଡ୍ରେନ ସଫେଇ, ଭିତ୍ତିଭୂମିରେ କାହିଁକି ଜଳବନ୍ଦୀ ?ବର୍ଷା ଋତୁ ପୂର୍ବରୁ ଡ୍ରେନ୍ ସଫେଇ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ନେଇ ପ୍ରଶାସନ ସ୍ତରରେ ବିଭିନ୍ନ ପଦକ୍ଷେପର କଥା କୁହାଯାଏ। ହେଲେ ସାମାନ୍ୟ ବର୍ଷାରେ ଯଦି ରାସ୍ତାରେ ପାଣି ଜମି ରହୁଛି, ତେବେ ଡ୍ରେନ୍ ସଫେଇ କାର୍ଯ୍ୟ କେତେ ଦୂର ସଫଳ ହୋଇଛି, ତାହା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। କେଉଁଠି ଡ୍ରେନ୍ ଅବରୋଧ ହେଉଛି, କେଉଁଠି ଜଳ ନିଷ୍କାସନର ଠିକ୍ ବ୍ୟବସ୍ଥା ନାହିଁ ଏବଂ କେଉଁଠି ରାସ୍ତାର ଉଚ୍ଚତାରେ ଅବହେଳା ରହିଛି, ସେ ସମ୍ପର୍କରେ ଠୋସ୍ ଯାଞ୍ଚ ଓ ତଦାରଖର ଆବଶ୍ୟକତା ରହିଛି।

ବାଲିଯାତ୍ରା ପ୍ଲଟ୍ ନିଲାମ ପ୍ରକ୍ରିୟା, ୩୧ ତାରିଖ ଶେଷ ପଞ୍ଜୀକରଣ

କଟକ, ୩୦ା୧୦ (ସଂଚାର ବ୍ୟୁରୋ): ଐତିହାସିକ କଟକ ବାଲିଯାତ୍ରା ପାଇଁ ପ୍ଲଟ୍ ପଞ୍ଜୀକରଣ ଅବଧିକୁ ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି। ଆସନ୍ତାକାଲି ଅର୍ଥାତ୍ ୩୧ ଅକ୍ଟୋବର ପର୍ଯ୍ୟନ୍ତ ପଞ୍ଜୀକରଣ ଜାରି ରହିବା ଅନ୍ୟପକ୍ଷରେ ଆସନ୍ତା ନଭେମ୍ବର ୨ ତାରିଖରୁ ପ୍ଲଟ୍ ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ଏହି ପ୍ରକ୍ରିୟା ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।ବିଭିନ୍ନ ପ୍ଲଟ୍ ପାଇଁ ଏକାଧିକ ପଞ୍ଜୀକରଣ ହୋଇଥିବାରୁ ପ୍ରାୟ ୩୦୦ଟି ପ୍ଲଟ୍ ନିଲାମ ପ୍ରକ୍ରିୟାରେ ସାମିଲ ହେବା ନେଇ ଆଶା କରାଯାଉଛି। ନିଲାମ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ଲାଗି ପ୍ରାୟ ୭ଟି ଟିମ୍ ଗଠନ କରାଯାଇଛି। ନଭେମ୍ବର ୨ରୁ ୧୦ ତାରିଖ ଯାଏଁ ପ୍ରତିଦିନ ସକାଳ ୧୦ଟାରୁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ। ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ବିରତି ରହିବ। ନିଲାମରେ ଭାଗ ନେବା ପାଇଁ ପଞ୍ଜୀକରଣ କରିଥିବା ବ୍ୟକ୍ତି ସିଧା ନିଲାମରେ ଭାଗ ନିଅନ୍ତି ନାହିଁ, ତେବେ ସେମାନଙ୍କ ଦାଖଲ କରିଥିବା ଫି' ଫେରସ୍ତ କରାଯିବ ନାହିଁ। ପ୍ଲଟ୍ ପଞ୍ଜୀକରଣ ପାଇଁ ବେସ୍ ପ୍ରାଇସ୍ ୬୦୨୬ ୫% ଟଙ୍କା ମଧ୍ୟରେ ରଖାଯାଇଥିଲା। ଏଥିସହ ନିଲାମ ପ୍ରକ୍ରିୟା ସମୟରେ ସମସ୍ତ ବିଡରଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଛି। କୌଣସି ବିଡର ନିର୍ଦ୍ଧାରିତ ସମୟରେ ଉପସ୍ଥିତ ନ ରହିଲେ, ତାଙ୍କ ପାଇଁ ସର୍ବାଧିକ ୨ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରାଯିବ। ଚଳିତ ବର୍ଷ ବାଲିଯାତ୍ରାର ପ୍ଲଟ୍ ନିଲାମ ପ୍ରକ୍ରିୟାକୁ ସୁରୁଖୁରୁରେ ଓ ସ୍ୱଚ୍ଛତାର ସହ ସମ୍ପନ୍ନ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ କମଳକାନ୍ତ ଦାସ ସୂଚନା ଦେଇଛନ୍ତି।

ଜିଲ୍ଲାସ୍ତରୀୟ 'ୱାନ୍ ହେଲ୍ଥ' ଟାସ୍କଫୋର୍ସ କମିଟି ବୈଠକ

କଟକ, ୩୦ା୧୦ (ସଂଚାର ବ୍ୟୁରୋ): ଜିଲ୍ଲାସ୍ତରୀୟ 'ୱାନ୍ ହେଲ୍ଥ' ଟାସ୍କଫୋର୍ସ କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ 'ୱାନ୍ ହେଲ୍ଥ' ଆଭିମୁଖ୍ୟର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷକରି ଦେଖା ଦେଇଥିବା ପଶୁପକ୍ଷୀମାନଙ୍କଠାରୁ ମଣିଷଙ୍କୁ ସଂକ୍ରମିତ ହେଉଥିବା ରୋଗଗୁଡ଼ିକର ନିୟନ୍ତ୍ରଣ କରିବା ସହ ଲୋକମାନଙ୍କୁ ସଚେତନ କରିବା ନିମନ୍ତେ ବିଭାଗୀୟ

ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ସ୍ୱାଇଁ ମାନବ ସ୍ୱାସ୍ଥ୍ୟ, ପ୍ରାଣୀସ୍ୱାସ୍ଥ୍ୟ ଓ ସୁସ୍ଥ ପରିବେଶ ସମ୍ପର୍କରେ ଆଲୋଚନା କରିଥିଲେ। ଜଳାତଙ୍କ, ବ୍ରୁସେଲୋସିସ, ଲେପ୍ଟୋସ୍ପାଇରୋସିସ, ଆନ୍ଥ୍ରାକ୍ସ, ବର୍ଡ଼ଫ୍ଲୁ, କ୍ୟାସାନୁର ଫରେଷ୍ଟ ରୋଗ, ନିପାଭାଇରସ ରୋଗ, ଅଭିଯାନ ଇନଫ୍ଲୁଏଞ୍ଜା ରୋଗର ନିରାକରଣ, ଲକ୍ଷଣ ସଂକ୍ରମଣର କାରଣ ଉପରେ ଆଲୋକପାତ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ. ଇନ୍ଦିରା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ପୋଲିସ, ଶିକ୍ଷା, ବନ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ସଂକ୍ରାମକ ରୋଗର ପ୍ରତିରୋଧ ଦିଗରେ ସମନ୍ୱିତ ଭାବେ କାର୍ଯ୍ୟ କରିବା ସହ ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବା ଉପରେ ଆଲୋଚନା କରିଥିଲେ।

ବିଜେଡିରେ ମିଶିଲେ ପୂର୍ବତନ ବିଧାୟକ ରମେଶ ପଟୁଆ

ଭୁବନେଶ୍ୱର,୩୦ା୧୦(ସଂଚାର ବ୍ୟୁରୋ): ବିଜେଡିରେ ସାମିଲ ହୋଇଛନ୍ତି ଝେଙ୍କାରିଆ ପୂର୍ବତନ ବିଧାୟକ ରମେଶ ପଟୁଆ। ସେ ସମର୍ଥକଙ୍କ ସହ ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନଠାରେ ଆଜି ଆୟୋଜିତ ଏକ ମିଶ୍ରଣ ପର୍ବରେ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ, ଉପସଭାପତି ପ୍ରତାପ ଜେନା, ବିଧାୟକ ସୁଦର୍ଶନ ହରିପାଲ ଓ ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ଉପସ୍ଥିତ ରହି ଶ୍ରୀ ପଟୁଆ ଓ ତାଙ୍କ ସମର୍ଥକମାନଙ୍କୁ ବିଜେଡି ପରିବାରକୁ ସ୍ୱାଗତ କରିଥିଲେ। ଦଳରେ ଯୋଗଦେଇଥିବା ସମସ୍ତମାନଙ୍କୁ ସ୍ୱାଗତ କରି ବରିଷ୍ଠ ନେତୃବୃନ୍ଦ କହିଥିଲେ ଯେ ରମେଶ ପଟୁଆ ଓ ତାଙ୍କ ସମର୍ଥକଙ୍କ ଯୋଗଦାନ ଦ୍ୱାରା ବିଶେଷକରି ଝେଙ୍କାରିଆ ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଜେଡିର ସାଙ୍ଗଠନିକ ଶକ୍ତି ଆହୁରି ସୁଦୃଢ଼ ହେବ। ଦଳର ଜନକଲ୍ୟାଣ, ଆଞ୍ଚଳିକ ବିକାଶ, ସାମାଜିକ ନ୍ୟାୟ ଓ ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

SANCHAR
ସଂଚାର
sanchar.live

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ସମ୍ପାଦକୀୟ

କ୍ୟାନ୍ସର ରୋଗୀଙ୍କୁ ନୂଆ ଆଶା

କ୍ୟାନ୍ସର ଏକ ଭୟଙ୍କର ରୋଗ। ଏହା କେବଳ ଶାରୀରିକ ଯନ୍ତ୍ରଣା ଦିଏ ନାହିଁ, ବରଂ ପରିବାରକୁ ଆର୍ଥିକ ଭାବେ ଧ୍ୱଂସ କରିଦିଏ। ଚିକିତ୍ସା ଖର୍ଚ୍ଚ ଏତେ ଅଧିକ ଯେ ଅନେକ ପରିବାର ଘରବାଡ଼ି ବିକ୍ରି କରନ୍ତି, ଋଣ ନିଅନ୍ତି କିମ୍ବା ଚିକିତ୍ସା ଛାଡ଼ି ଦିଅନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ନିକଟତମ ନିଷ୍ପତ୍ତି ଏକ ବଡ଼ ଆଶାର ଆଲୋକ।

ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନ୍‌ପିପିଏ) ୧୩୭ଟି ନନ୍-ସେଡ୍ୟୁଲ ଆଣ୍ଟି-କ୍ୟାନ୍ସର ଔଷଧର ବ୍ୟବସାୟିକ ମାର୍ଜିନକୁ ଏମ୍‌ଆର୍‌ପିର ୩୦ ପ୍ରତିଶତରେ ସୀମିତ କରିଛି। ଏହା ଫଳରେ ଔଷଧ ମୂଲ୍ୟ ୭୦ ପ୍ରତିଶତ ପର୍ଯ୍ୟନ୍ତ କମିବ ଏବଂ ରୋଗୀମାନେ ବାର୍ଷିକ ପ୍ରାୟ ୨,୫୦୦ କୋଟି ଟଙ୍କା ସଞ୍ଚୟ କରିପାରିବେ। ନଭେମ୍ବର ୯, ୨୦୨୬ରୁ ଏହି ନୂତନ ଦର ଲାଗୁ ହେବ।

ଏହି ପଦକ୍ଷେପ କେବଳ ଏକ ପ୍ରଶାସନିକ ନିଷ୍ପତ୍ତି ନୁହେଁ; ଏହା ହଜାର ହଜାର କ୍ୟାନ୍ସର ରୋଗୀ ଓ ସେମାନଙ୍କ ପରିବାର ପାଇଁ ବଡ଼ ଆର୍ଥିକ ରିହାତି। କ୍ୟାନ୍ସର ଚିକିତ୍ସାରେ ବ୍ୟବହୃତ ଅନେକ ଔଷଧ, ବିଶେଷକରି ଇମ୍ୟୁନୋଥେରାପି ଓ ଟାର୍ଗେଟେଡ୍ ଥେରାପି ଔଷଧ, ଅତ୍ୟନ୍ତ ମହଙ୍ଗା। ଏକ ଇଞ୍ଜେକ୍ସନ୍ କିମ୍ବା ଏକ ମାସର ଔଷଧ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ। ମଧ୍ୟବିତ୍ତ ଓ ଗରିବ ପରିବାର ପାଇଁ ଏହା ଅସମ୍ଭବ ଭାର ହୋଇପଡ଼େ। ଅନେକ ସମୟରେ ପରିବାରର ସଦସ୍ୟମାନେ ନିଜର ଶିକ୍ଷା, ବିବାହ କିମ୍ବା ଘର ନିର୍ମାଣର ଯୋଜନା ବନ୍ଦ କରି ରୋଗୀଙ୍କ ଚିକିତ୍ସା ପାଇଁ ଟଙ୍କା ଯୋଗାଡ଼ କରନ୍ତି। ଏହି ପରିସ୍ଥିତିରେ

ସରକାରଙ୍କ ଏହି ପଦକ୍ଷେପ ସେମାନଙ୍କୁ ବଡ଼ ସାନ୍ତ୍ୱନା ଦେବ। ୨୦୧୯ ମସିହାରେ ମଧ୍ୟ ସରକାର ୪୨ଟି କ୍ୟାନ୍ସର ଔଷଧର ମାର୍ଜିନ ନିୟନ୍ତ୍ରଣ କରିଥିଲେ, ଯାହା ଫଳରେ ରୋଗୀମାନେ ପ୍ରାୟ ୯୮୪ କୋଟି ଟଙ୍କା ସଞ୍ଚୟ କରିଥିଲେ। ଏବେ ଏହାକୁ ବିସ୍ତାର କରି ୧୩୭ଟି ଔଷଧକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିରେ ପେମ୍ବ୍ରୋଲିଜୁମାବ, ନିଭୋଲୁମାବ, ଓସିମର୍ଟିନିବ ଭଳି ଗୁରୁତ୍ୱପୂର୍ଣ୍ଣ ଔଷଧ ଅଛି, ଯାହା ବ୍ରେଷ୍ଟ, ଫୁସଫୁସ, ପ୍ରୋଷ୍ଟେଟ୍ ଆଦି ବିଭିନ୍ନ ପ୍ରକାରର କ୍ୟାନ୍ସରରେ ବ୍ୟବହୃତ ହୁଏ। ସୁପ୍ରିମକୋର୍ଟ ମଧ୍ୟ ଔଷଧର ଅତ୍ୟଧିକ ମାର୍ଜିନକୁ 'ଅତ୍ୟାଚାର' ବୋଲି ଅଭିହିତ କରିଥିଲେ। ସରକାରଙ୍କ ଏହି ଦ୍ରୁତ ପ୍ରତିକ୍ରିୟା ପ୍ରଶଂସନୀୟ।

ଏହି ନିଷ୍ପତ୍ତିର ପ୍ରଭାବ କେବଳ ରୋଗୀଙ୍କ ଉପରେ ସୀମିତ ନୁହେଁ। ପରିବାରର ଆର୍ଥିକ ସ୍ଥିତି ସୁଧୁରିବ, ଋଣର ଭାର କମିବ ଏବଂ ରୋଗୀମାନେ ସମୟରେ ଚିକିତ୍ସା ଆରମ୍ଭ କରିପାରିବେ। ଅନେକ ସମୟରେ ମୂଲ୍ୟ ଭୟରେ ଚିକିତ୍ସା ବିଳମ୍ବ ହୁଏ, ଯାହା ରୋଗୀଙ୍କ ଜୀବନକୁ ବିପଦରେ ପକାଏ। ଶସ୍ତା ଔଷଧ ମିଳିବା ଫଳରେ ଅଧିକ ଲୋକ ସମୟରେ ଚିକିତ୍ସା କରାଇପାରିବେ। ଏହା ସମାଜରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ।

ତଥାପି କିଛି ଚ୍ୟାଲେଞ୍ଜ ରହିଛି। ନୂତନ ଦର ଯେପରି ସଠିକ୍ ଭାବେ ଲାଗୁ ହୁଏ, ତାହା ନିଶ୍ଚିତ କରିବା ଆବଶ୍ୟକ। ରାଜ୍ୟ ଔଷଧ ନିୟନ୍ତ୍ରକମାନେ ନିୟମିତ ନିରୀକ୍ଷଣ କରିବା ଉଚିତ। ଜନ ଔଷଧି କେନ୍ଦ୍ର ମାଧ୍ୟମରେ ଅଧିକ କ୍ୟାନ୍ସର ଔଷଧ ଉପଲବ୍ଧ କରାଇବା ଏବଂ ଆୟୁଷ୍ମାନ ଭାରତ ଭଳି ଯୋଜନାର ପରିସର ବିସ୍ତାର କରିବା ଆବଶ୍ୟକ। ସରକାରୀ ହସ୍ପିଟାଲରେ ମାଗଣା କିମ୍ବା ଶସ୍ତା ଚିକିତ୍ସାର ବ୍ୟବସ୍ଥା ମଧ୍ୟ ଆହୁରି ମଜବୁତ କରାଯିବା ଉଚିତ।

ସରକାରଙ୍କ ଏହି ପଦକ୍ଷେପ ଦେଖାଏ ଯେ ସ୍ୱାସ୍ଥ୍ୟ ସେବାକୁ ଅଗ୍ରାଧିକାର ଦିଆଯାଉଛି। କ୍ୟାନ୍ସର ଭଳି ଜୀବନହାନୀକାରୀ ରୋଗରେ ଔଷଧ ମୂଲ୍ୟ ନିୟନ୍ତ୍ରଣ ଏକ ମାନବିକ ଦାୟିତ୍ୱ। ଏହା ରୋଗୀଙ୍କୁ ଆର୍ଥିକ ଭାରରୁ ମୁକ୍ତି ଦେବ ଏବଂ ସେମାନଙ୍କୁ ଜୀବନ ପ୍ରତି ଆଶା ଦେବ। ହଜାର ହଜାର ପରିବାର ଏହି ନିଷ୍ପତ୍ତିକୁ ସ୍ୱାଗତ କରୁଛନ୍ତି। ଆଶା କରାଯାଏ ଯେ ସରକାର ଏହି ଦିଗରେ ଆହୁରି ଅଧିକ ପଦକ୍ଷେପ ନେବେ, ଯାହା ଫଳରେ ପ୍ରତ୍ୟେକ ନାଗରିକ ସୁଲଭ ମୂଲ୍ୟରେ ଗୁଣାତ୍ମକ ଚିକିତ୍ସା ପାଇପାରିବେ। ଏହି ପଦକ୍ଷେପ ଏକ ଐତିହାସିକ ପରିବର୍ତ୍ତନର ଆରମ୍ଭ।

ଇନ୍ଦିରା ଗାନ୍ଧୀ

ଡ଼ଃ.ଅରୁନ୍ଧତୀ ଦେବୀ

ଭାରତର ପ୍ରଥମ ଏବଂ ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଥିଲେ ଇନ୍ଦିରା ପ୍ରିୟଦର୍ଶିନୀ ଗାନ୍ଧୀ। ସେ ଏଭଳି ଜଣେ ମହିଳା ଥିଲେ, ଯିଏ ନା କେବଳ ଭାରତୀୟ ରାଜନୀତି ବରଂ ବିଶ୍ୱ ରାଜନୀତି କ୍ଷେତ୍ରରେ ମଧ ବିଶେଷ ପ୍ରଭାବ ପଡ଼ିଥିଲା। ଏହି କାରଣରୁ ତାଙ୍କର ଲୌହ ମାନବୀ ନାମରେ ସମ୍ବୋଧିତ କରାଯାଏ। ସେ ଭାରତର ପୂର୍ବ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କର କନ୍ୟା ଥିଲେ। ନେହେରୁଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଇନ୍ଦିରା ଗାନ୍ଧୀ ତାଙ୍କ ସରକାର ଭିତରେ ନିଜର ସ୍ଥିତି ସୁଦୃଢ଼ କରିପାରିଥିଲେ। ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ପରେ ଥରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ତାଙ୍କ ଶାସନ ସମୟରେ ଭାରତର ସମ୍ବିଧାନର ମୂଳ ସ୍ୱରୂପର ସଂଶୋଧନ ଯେତିକି ହୋଇଥିଲା,

ତାହା ଅନ୍ୟ କୌଣସି ଶାସକଙ୍କ ସମୟରେ ହୋଇନଥିଲା। ଇନ୍ଦିରାଙ୍କ ପ୍ରତିଭା ଏବଂ ରାଜନୈତିକ ଦୃଢ଼ତା ପାଇଁ ଭାରତୀୟ ଇତିହାସ ତାଙ୍କୁ ସର୍ବଦା ମନେରଖିବ।

ଭାରତର ସ୍ୱାଧୀନତା ସଂଗ୍ରାମରେ ମଧ ତାଙ୍କ ଯୋଗଦାନ କିଛି କମ୍ ନଥିଲା। ପିଲାଦିନରୁ ଘରେ ସବୁବେଳେ ରାଜନୈତିକ ମାହୋଲ ଦେଖୁଥିଲେ ସେ। ପିତା ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ମଧରୁ ପ୍ରମୁଖ ଥିଲେ। ତେଣୁ ଏହି ପ୍ରଭାବ ଇନ୍ଦିରାଙ୍କ ଉପରେ ବି ପଡ଼ିଥିଲା। ପଞ୍ଜାବରୁ ଆତଙ୍କବାଦର ମୂଳପୋଛ ପାଇଁ ସେ ଅମୃତସରସ୍ଥିତ ଶିଖ୍‌ଙ୍କ ପବିତ୍ରସ୍ଥଳ 'ସ୍ୱର୍ଣ୍ଣ ମନ୍ଦିର'ରେ ସେନା ଓ ସୁରକ୍ଷାବଳ ଦ୍ୱାରା 'ଅପରେସନ ବ୍ଲୁଷ୍ଟାର' ଆରମ୍ଭ କରିଥିଲେ। ଏହି କାର୍ଯ୍ୟାନୁଷ୍ଠାନରେ ଅନେକ ଲୋକ ପ୍ରାଣ ହରାଇଥିଲେ। ଫଳତଃ ଶିଖ୍ ସମୁଦାୟଙ୍କ ମଧରେ ଇନ୍ଦିରାଙ୍କ ବିରୋଧରେ ଆକ୍ରୋଶ ଜନ୍ମ ନେଲା। ୧୯୮୪ ମସିହା ଆଜିର ଦିନରେ ତାଙ୍କହ ମହାପ୍ରୟାଣ ହୋଇଥିଲା।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ, ଦୂରଭାଷ : ୯୯୩୭୧୭୨୮୧୦

ଏକତାର ମହାନାୟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲ : ଯାହାଙ୍କ ଦୃଢ଼ ସଂକଳ୍ପରେ ଏକ ସୂତ୍ରରେ ବାନ୍ଧି ହୋଇଥିଲା ଭାରତ

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଭାରତର ଇତିହାସ କେବଳ ରାଜାମହାରାଜାଙ୍କ ଶାସନ, ଯୁଦ୍ଧବିଗ୍ରହ ଓ ସାମ୍ରାଜ୍ୟର ଉତ୍ଥାନପତନର କାହାଣୀ ନୁହେଁ, ଏହା ଅସଂଖ୍ୟା ତ୍ୟାଗ, ଅସୀମ ଧୈର୍ଯ୍ୟ, ଅଟଳ ଆତ୍ମବିଶ୍ୱାସ ଏବଂ ଜାତୀୟ ଆତ୍ମାର ଅଦମ୍ୟ ଶକ୍ତିର ଏକ ଅବିସ୍ମରଣୀୟ ଗାଥା। ଏହି ଗାଥାର ଏକ ଉଜ୍ଜ୍ୱଳ ଅଧ୍ୟାୟ ହେଉଛନ୍ତି ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ। ତାଙ୍କ ନାମ ଉଚ୍ଚାରଣ କରିବାମାତ୍ରେ ଆମ ମନରେ ଭାସିଉଠେ ଏକ ଦୃଢ଼ଶକ୍ତିର ମଣିଷଙ୍କ ପ୍ରତିଛବି, ଯିଏ ଅସଂଖ୍ୟା ବାଧାବିଘ୍ନ ସତ୍ତ୍ୱେ ଭାରତର ଏକତାକୁ ନିଜ ଜୀବନର ପରମ ଲକ୍ଷ୍ୟ କରିଥିଲେ। ତାଙ୍କ ଜନ୍ମଦିନ ଅକ୍ଟୋବର ୩୧କୁ ଜାତୀୟ ଏକତା ଦିବସ ଭାବେ ପାଳନ କରିବା କେବଳ ଜଣେ ମହାନ ନେତାଙ୍କୁ ସ୍ମରଣ କରିବା ନୁହେଁ, ବରଂ ଭାରତର ଅଖଣ୍ଡତା, ଭାଇଚାରା, ସାମ୍ବିଧାନିକ ମୂଲ୍ୟବୋଧ ଓ ସାମୂହିକ ଦାୟିତ୍ୱ ପ୍ରତି ଆମର ଅଙ୍ଗୀକାରକୁ ପୁନର୍ବାର ଦୃଢ଼ କରିବାର ଏକ ମହତ୍ୱପୂର୍ଣ୍ଣ ଅବସର। ୧୮୭୫ ମସିହା ଅକ୍ଟୋବର ୩୧ରେ ଗୁଜରାଟର ନଡିଆଦରେ ଜନ୍ମଗ୍ରହଣ କରିଥିବା ପଟେଲ ସାଧାରଣ କୃଷକ ପରିବାରରୁ ନିଜ ଜୀବନଯାତ୍ରା ଆରମ୍ଭ କରିଥିଲେ। ତାଙ୍କ ପିତା ଝାଭେରଭାଇ ଓ ମାତା ଲାଡାବାଇଙ୍କ ସଂସ୍କାର ତାଙ୍କ ମନରେ ପରିଶ୍ରମ, ସାହସ, ଶୃଙ୍ଖଳା ଓ କର୍ତ୍ତବ୍ୟନିଷ୍ଠାର ମୂଳଦୁଆ ପକାଇଥିଲା। ଜୀବନର ପ୍ରତ୍ୟେକ ପରୀକ୍ଷାଗୁ ସେ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ସହିତ ସାମ୍ନା କରିଥିଲେ। ଆଇନ ଶିକ୍ଷା ଗ୍ରହଣ କରି ସେ ଜଣେ ସଫଳ ଆଇନଜୀବୀ ଭାବେ ପ୍ରତିଷ୍ଠା ଲାଭ କରିଥିଲେ, କିନ୍ତୁ ନିଜସ୍ୱ ସଫଳତାର ସୀମାରେ ତାଙ୍କ ଜୀବନ ଅଟକି ରହିନଥିଲା। ଦେଶର ପରାଧୀନତା, ଲୋକଙ୍କ ଦୁର୍ଦ୍ଦଶା ଓ ବ୍ରିଟିଶ ଶାସନର ଅନ୍ୟାୟ ତାଙ୍କୁ ଜାତୀୟ ଆନ୍ଦୋଳନରେ ସାମିଲ ହେବାକୁ ପ୍ରେରିତ କରିଥିଲା। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ପ୍ରଭାବିତ ହୋଇ ସେ ସ୍ୱାଧୀନତା ସଂଗ୍ରାମକୁ ନିଜ ଜୀବନର ମୁଖ୍ୟ ଲକ୍ଷ୍ୟ କରିଥିଲେ। ଖେଡା ସତ୍ୟାଗ୍ରହ ଓ ବାରଡୋଲି ଆନ୍ଦୋଳନରେ ତାଙ୍କ ନେତୃତ୍ୱ ଜନସାଧାରଣଙ୍କ ମନରେ ଅସାଧାରଣ ସାହସ ସୃଷ୍ଟି କରିଥିଲା। ବିଶେଷକରି ବାରଡୋଲିର କୃଷକମାନେ ନ୍ୟାୟାସଙ୍ଗତ ଦାବି ପାଇଁ ତାଙ୍କ ଦୃଢ଼ ସଂଗ୍ରାମ ତାଙ୍କୁ 'ସର୍ଦ୍ଦାର' ଉପାଧି ଦେଇଥିଲା। ଏହା କେବଳ ଏକ ଉପାଧି ନଥିଲା, ବରଂ ଜନସାଧାରଣଙ୍କ ଆସ୍ଥା, ସ୍ନେହ ଓ ସମ୍ମାନର ପ୍ରତୀକ ଥିଲା। ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଅବଦାନ ତାଙ୍କୁ ଜଣେ ଦକ୍ଷ ସଂଗଠକ, ଦୃଢ଼ ନିଷ୍ପତ୍ତିକାରୀ ଓ ଜନନେତା ଭାବେ ପ୍ରତିଷ୍ଠିତ ଭାବେ ପ୍ରତିଷ୍ଠିତ କରିଥିଲା। କିନ୍ତୁ ତାଙ୍କ ଜୀବନର ସବୁଠାରୁ ବଡ ଐତିହାସିକ ପରୀକ୍ଷା ଆସିଥିଲା ୧୯୪୭ ମସିହାରେ, ଯେତେବେଳେ ଦୀର୍ଘ ସଂଗ୍ରାମ ପରେ ଭାରତ ସ୍ୱାଧୀନତା ଲାଭ କଲା। ସ୍ୱାଧୀନତା ସହିତ ଦେଶ ବିଭାଜନର ଯନ୍ତ୍ରଣା, ସାମ୍ପ୍ରଦାୟିକ ହିଂସା, ଲକ୍ଷଲକ୍ଷ ଲୋକଙ୍କ ବିସ୍ଥାପନ ଓ ପ୍ରଶାସନିକ ଅନିଶ୍ଚିତତା ଭାରତ ସମ୍ମୁଖରେ ଭୟଙ୍କର ଆହ୍ୱାନ ସୃଷ୍ଟି କରିଥିଲା। ଏହା ସହିତ ଦେଶରେ ଶହ ଶହ ଦେଶୀୟ ରାଜ୍ୟ ଥିଲା, ଯାହାର ଶାସକମାନଙ୍କୁ ଭାରତୀୟ ସଂଘରେ ଯୋଗଦେବା ପାଇଁ ରାଜି କରାଇବା ଅତ୍ୟନ୍ତ ଜଟିଳ କାର୍ଯ୍ୟ ଥିଲା। ଯଦି ଏହି ରାଜ୍ୟଗୁଡ଼ିକ ଭିନ୍ନ ଭିନ୍ନ ଦିଗରେ ଚାଲିଯାଇଥାନ୍ତେ, ତେବେ ନବସ୍ୱାଧୀନ ଭାରତର ରାଜନୈତିକ ଏକତା, ସୁରକ୍ଷା ଓ ଆର୍ଥିକ ବିକାଶ ଗଭୀର ସଙ୍କଟରେ ପଡ଼ିପାରିଥାନ୍ତା। ଏହି ଐତିହାସିକ ସମୟରେ ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଭାବେ ପଟେଲ ଅସାଧାରଣ ଦାୟିତ୍ୱ ଗ୍ରହଣ କରିଥିଲେ। ଭି.ପି.ମେନନଙ୍କ ସହଯୋଗରେ ସେ ଆଲୋଚନା, କୂଟନୀତି, ଦୃଢ଼ ନିଷ୍ପତ୍ତି ଓ ଆବଶ୍ୟକ ସ୍ଥଳରେ ରାଜନୈତିକ ପଦକ୍ଷେପ ମାଧମରେ ଅଧିକାଂଶ ଦେଶୀୟ ରାଜ୍ୟକୁ ଭାରତୀୟ ସଂଘର ସାମିଲ କରିବାରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ। ଜୁନାଗଡ଼ ଓ ହାଇଦ୍ରାବାଦ ପରି ଜଟିଳ ପ୍ରସଙ୍ଗରେ ସମାଧାନ ଏହି ଏକତା ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଥିଲା। ଜମ୍ମୁ ଓ କାଶ୍ମୀରର ଭାରତ ସହ ମିଶ୍ରଣର ନିଜସ୍ୱ ଐତିହାସିକ ପରିସ୍ଥିତି ଥିଲା, ତେଣୁ ସମଗ୍ର ଏକତ୍ରୀକରଣ ପ୍ରକ୍ରିୟାକୁ ଜଣେ ବ୍ୟକ୍ତିଙ୍କ କାର୍ଯ୍ୟ ବୋଲି କହିବା ଇତିହାସର ସରଳକରଣ ହେବ। ତଥାପି ଦେଶୀୟ ରାଜ୍ୟଗୁଡ଼ିକର ଏକତ୍ରୀକରଣରେ ପଟେଲଙ୍କ ଅବଦାନ ଭାରତୀୟ ଇତିହାସରେ ଅତୁଳନୀୟ ସ୍ଥାନ ଅଧିକାର କରିଛି। ସେ ପ୍ରମାଣ କରିଥିଲେ ଯେ ଜାତୀୟ ଏକତା କେବଳ ଭାବପ୍ରବଣ ସ୍ଲୋଗାନରେ ପ୍ରତିଷ୍ଠିତ ହୁଏନାହିଁ, ଏଥିପାଇଁ ଦୂରଦୃଷ୍ଟି, ଧୈର୍ଯ୍ୟ,



ଅକ୍ଟୋବର ୩୧ ଜାତୀୟ ଏକତା ଦିବସ: ଦେଶର ଅଖଣ୍ଡତା, ଜାତୀୟ ସଂହତି ଓ ଅଦମ୍ୟ ଦେଶପ୍ରେମର ଅମର ପ୍ରତୀକ

ଆଲୋଚନା, ନ୍ୟାୟାବୋଧ ଓ ଦୃଢ଼ ନେତୃତ୍ୱ ଆବଶ୍ୟକ। ସେହିପରି ଦେଶର ପ୍ରଶାସନିକ ଢାଞ୍ଚାକୁ ସୁଦୃଢ଼ କରିବା ଦିଗରେ ମଧ ତାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ଅଖି, ଭାରତୀୟ ପ୍ରଶାସନିକ ସେବାଗୁଡ଼ିକୁ ସେ ଦେଶର ଏକତା ଓ ପ୍ରଶାସନିକ ସ୍ଥିରତାର ଏକ ମୁଖ୍ୟ ଆଧାର ଭାବେ ଦେଖୁଥିଲେ। ତାଙ୍କ ମତରେ ଦେଶର ଶାସନ ବ୍ୟବସ୍ଥା ନିରପେକ୍ଷ, ଦକ୍ଷ ଓ ଦାୟିତ୍ୱବାନ ହେବା ଆବଶ୍ୟକ। ଏହି ଦୃଷ୍ଟିକୋଣ ଆଜି ମଧ ପ୍ରଶାସନିକ କ୍ଷେତ୍ରରେ ପ୍ରାସଙ୍ଗିକ। ୧୯୫୦ ମସିହା ଡିସେମ୍ବର ୧୫ରେ ତାଙ୍କର ପରଲୋକ ଘଟିଥିଲା, କିନ୍ତୁ ତାଙ୍କ ଆଦର୍ଶ ଓ ଜାତୀୟ ଏକତା ପାଇଁ ଅବଦାନ ଆଜି ମଧ କୋଟି କୋଟି ଭାରତୀୟଙ୍କୁ ପ୍ରେରଣା ଦେଉଛି। ୨୦୧୪ ମସିହାରୁ ଅକ୍ଟୋବର ୩୧କୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ଏହି ଦିନ ଦେଶବ୍ୟାପୀ ଏକତା ଦୌଡ଼, ଶପଥ ଗ୍ରହଣ, ଆଲୋଚନାଚକ୍ର ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧମରେ ଜାତୀୟ ସଂହତିର ବାର୍ତ୍ତା ପ୍ରସାର କରାଯାଏ। ଗୁଜରାଟର କେବଡିଆଠାରେ ନର୍ମଦା ନଦୀ ନିକଟରେ ନିର୍ମିତ 'ଏକତାର ପ୍ରତିମୂର୍ତ୍ତି' ପଟେଲଙ୍କ ସ୍ମୃତିକୁ ଏକ ବିଶ୍ୱବ୍ୟାପୀ ପରିଚୟ ଦେଇଛି। ୧୮୨ ମିଟର ଉଚ୍ଚତାବିଶିଷ୍ଟ ଏହି ପ୍ରତିମୂର୍ତ୍ତି ଦୃଢ଼ ସଂକଳ୍ପ ଓ ଜାତୀୟ ଏକତାର ପ୍ରତୀକ ଭାବେ ପରିଚିତ। ତେବେ ଏକତାର ପ୍ରକୃତ ଅର୍ଥ କେବଳ ଏକ ବିଶାଳ ପ୍ରତିମୂର୍ତ୍ତି କିମ୍ବା ଆନୁଷ୍ଠାନିକ ଉତ୍ସବରେ ସୀମିତ ନୁହେଁ। ଏହାର ପ୍ରକୃତ ଅର୍ଥ ହେଉଛି ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମ୍ମାନ, ସମାନ ସୁଯୋଗ, ନ୍ୟାୟା ଓ ସୁରକ୍ଷା ପ୍ରଦାନ କରିବା। ଭାଷା, ଧର୍ମ, ଜାତି, ଅଞ୍ଚଳ, ପୋଷାକ ଓ ଖାଦ୍ୟାଭ୍ୟାସରେ ଭିନ୍ନତା ଥାଇ ମଧ ଆମେ ସମସ୍ତେ ଭାରତୀୟ - ଏହି ଭାବନା ହିଁ ଜାତୀୟ ଏକତାର ମୂଳ ଆଧାର। ଭାରତର ଶକ୍ତି ଏହାର ବିବିଧତାରେ ନିହିତ। ତେଣୁ ଭିନ୍ନ ମତକୁ ଶତ୍ରୁତାର କାରଣ ନକରି ପରସ୍ପର ସମ୍ମାନ ଓ ସଂଳାପ ମାଧମରେ ସମାଧାନ ଖୋଜିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଆଜି ସାମାଜିକ ଗଣମାଧମରେ ଭ୍ରାନ୍ତ ସୂଚନା, ଘୃଣାପୂର୍ଣ୍ଣ ମନ୍ତବ୍ୟ ଓ ଅଞ୍ଚଳଭିତିକ ବିଭେଦର ପ୍ରସାର ଜାତୀୟ ସଂହତି ପାଇଁ ନୂଆ ଆହ୍ୱାନ ସୃଷ୍ଟି କରୁଛି। ଏପରି ସମୟରେ ପ୍ରତ୍ୟେକ ନାଗରିକଙ୍କୁ ସୂଚନାର ସତ୍ୟତା ଯାଞ୍ଚ କରିବା, ଅନ୍ୟର ମତକୁ ସମ୍ମାନ ଦେବା ଏବଂ ହିଂସା କିମ୍ବା ଘୃଣାକୁ ପ୍ରୋତ୍ସାହନ ନଦେବା ଆବଶ୍ୟକ। ଏକତାର ଅର୍ଥ ସମସ୍ତେ ଗୋଟିଏ ମତ ରଖିବେ ନୁହେଁ, ବରଂ ମତଭେଦ ଥିଲେ ମଧ ସମ୍ବିଧାନର ସୀମା ମଧରେ ପରସ୍ପର ସହ ରହିବାର ସଙ୍କଳ୍ପ ହିଁ ପ୍ରକୃତ ଏକତା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପାଇଁ ମଧ ଜାତୀୟ ଏକତା ଦିବସର ଏକ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଭାଷାଭିତିକ ରାଜ୍ୟ ଗଠନର ଗୌରବମୟ ଇତିହାସ ଥିବା ଓଡ଼ିଶା ଆମକୁ ଶିଖାଏ ଯେ ନିଜ ଭାଷା, ସଂସ୍କୃତି ଓ ପରିଚୟକୁ ସୁରକ୍ଷିତ ରଖି ମଧ ଜାତୀୟ ଏକତାକୁ ସୁଦୃଢ଼ କରାଯାଇପାରେ। ଓଡିଆ ଭାଷାର ସମ୍ମାନ, ଆଦିବାସୀ ସଂସ୍କୃତିର ସୁରକ୍ଷା, ସୀମାନ୍ତ ଅଞ୍ଚଳର ସମାବେଶୀ ବିକାଶ, ଯୁବପିଢ଼ିଙ୍କ ପାଇଁ ଶିକ୍ଷା ଓ ରୋଜଗାରର ସୁଯୋଗ ଏବଂ ସମସ୍ତ ଅଞ୍ଚଳର ସମାନ ଅଗ୍ରଗତି ଜାତୀୟ ଏକତାକୁ ଆହୁରି ମଜବୁତ କରିପାରିବ। ରାଜ୍ୟର ଗାଁଠାରୁ ସହର ପର୍ଯ୍ୟନ୍ତ ଲୋକଙ୍କ ମଧରେ ସହଯୋଗ, ସାମାଜିକ ସଦ୍‌ଭାବ ଓ ନାଗରିକ ଦାୟିତ୍ୱବୋଧ ବଢ଼ାଇବା ଆବଶ୍ୟକ। ଏକତା କେବଳ ସୀମାର ସୁରକ୍ଷାରେ ନୁହେଁ, ଏହା ଭୋକିଲା ମଣିଷକୁ ଖାଦ୍ୟ, ଅସହାୟଙ୍କୁ ସହାୟତା, ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ମହିଳାଙ୍କୁ ସମ୍ମାନ ଓ ଦୁର୍ବଳ ବର୍ଗଙ୍କୁ ନ୍ୟାୟା ଦେବାରେ ମଧ ପ୍ରତିଫଳିତ ହୁଏ। ଏହି ଦିନ ଆମେ ନିଜକୁ ପ୍ରଶ୍ନ କରିବା ଉଚିତ - ଆମର କଥା, କାର୍ଯ୍ୟ ଓ ଆଚରଣ ଦେଶକୁ ଯୋଡୁଛି ନା ବିଭାଜିତ କରୁଛି? ଆମେ ଆମ ପଡୋଶୀଙ୍କ ଦୁଃଖରେ ସହଭାଗୀ ହେଉଛୁ କି ? ଆମେ ଆମ ପିଲାମାନଙ୍କୁ ଭିନ୍ନତାକୁ ସମ୍ମାନ କରିବା ଶିଖାଉଛୁ କି? ଏହି ପ୍ରଶ୍ନଗୁଡିକର ଉତର ହିଁ ଆମ ଜାତୀୟ ଚରିତ୍ରର ପ୍ରକୃତ ପରିଚୟ ଦେବ। ସର୍ଦ୍ଦାର ପଟେଲଙ୍କ ଜୀବନ ଆମକୁ ଶିଖାଏ ଯେ ବଡ ସ୍ୱପ୍ନ ପୂରଣ ପାଇଁ ଦୃଢ଼ ଇଚ୍ଛାଶକ୍ତି ସହିତ ନିଷ୍ଠାପର କାର୍ଯ୍ୟ ଓ ସାମୂହିକ ପ୍ରୟାସ ଅପରିହାର୍ଯ୍ୟ। ଦେଶର ଏକତା ରକ୍ଷା କେବଳ ସରକାର କିମ୍ବା ସୁରକ୍ଷାବାହିନୀର ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ସାମ୍ବିଧାନିକ ଓ ନୈତିକ କର୍ତ୍ତବ୍ୟ। ଜାତୀୟ ଏକତା ଦିବସରେ ଆସନ୍ତୁ, ଆମେ ସଂକଳ୍ପ ନେବା ଯେ ଦେଶର ଅଖଣ୍ଡତାକୁ ସମ୍ମାନ କରିବା, ସମ୍ବିଧାନର ଆଦର୍ଶକୁ ଅନୁସରଣ କରିବା, ଧର୍ମ ଓ ଭାଷା ଆଧାରରେ ଘୃଣା ପ୍ରସାର କରିବା ନାହିଁ, ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା ଏବଂ ଏକ ସମାନତାଭିତିକ, ଶାନ୍ତିପୂର୍ଣ୍ଣ ଓ ସମୃଦ୍ଧ ଭାରତ ଗଠନରେ ନିଜ ନିଜ ଭୂମିକା ନିଷ୍ଠାର ସହିତ ନିର୍ବାହ କରିବା। ସର୍ଦ୍ଦର ବଲ୍ଲଭଭାଇ ପଟେଲଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି କେବଳ ତାଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ନୁହେଁ, ବରଂ ତାଙ୍କ ଜୀବନରୁ ପ୍ରେରଣା ନେଇ ଦେଶର ଏକତାକୁ ନିଜ ଆଚରଣରେ ପ୍ରତିଫଳିତ କରିବା। ତାଙ୍କ ସ୍ମୃତି ଆମକୁ ସଦା ସ୍ମରଣ କରାଉ-ଭାରତର ଶକ୍ତି ଏହାର ଏକତାରେ, ଏକତାର ଶକ୍ତି ପରସ୍ପର ବିଶ୍ୱାସରେ ଏବଂ ସେହି ବିଶ୍ୱାସର ମୂଳ ହେଉଛି ନ୍ୟାୟା, ସମ୍ମାନ ଓ ମାନବିକତା। ଏକତା ଆମର ଶକ୍ତି, ଅଖଣ୍ଡତା ଆମର ସଂକଳ୍ପ ଏବଂ ଭାରତର ଗୌରବ ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସଞ୍ଚୟ ଜରୁରୀ

ସୁକାନ୍ତ କୁମାର ଛାଟୋଇ

୧୯୨୪ ଅକ୍ଟୋବର ୩୧ରେ ଇଟାଲିର ମିଲାନୋରେ ଆୟୋଜିତ ପ୍ରଥମ ଅନ୍ତର୍ଜାତୀୟ ସଞ୍ଚୟ ବ୍ୟାଙ୍କ କଂଗ୍ରେସରେ ସ୍ଥାପନା ହୋଇଥିଲା ବିଶ୍ୱ ସଞ୍ଚୟ ଦିବସ। ଉକ୍ତ କଂଗ୍ରେସର ଅନ୍ତିମ ଦିନ ଇଟାଲିର ପ୍ରଫେସର ଫିଲିପ୍ପୋ ରାଜିବା ଏହି ଦିନକୁ ଅନ୍ତର୍ଜାତୀୟ ସଞ୍ଚୟ ଦିବସ ଘୋଷଣା କରିଥିଲେ। ସଞ୍ଚୟକୁ ବିଶ୍ୱସ୍ତରରେ ପ୍ରୋତ୍ସାହନ ଦେବାକୁ କଂଗ୍ରେସରେ ଏହି ନିଷ୍ପତ୍ତି ନିଆଯାଇଥିଲା। ତେବେ ଭାରତରେ ଅକ୍ଟୋବର ୩୦ରେ ଏହି ଦିବସ ପାଳନ କରାଯାଏ। ଏ ଅବସରରେ ଲୋକେ ସେମାନଙ୍କର ସଞ୍ଚୟ ରାଶିକୁ ଅନ୍ୟ ଆକାଉଣ୍ଟକୁ ସ୍ଥାନାନ୍ତର କରିଥାନ୍ତି। ସ୍ୱଚ୍ଛଳରେ ଜୀବନ ନିର୍ବାହ

ଓ ଅର୍ଥନୀତିକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଧନରାଶି ସଞ୍ଚୟ ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଏହି ଦିବସର ଲକ୍ଷ୍ୟ। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଏହି ଦିବସର ଲୋକପ୍ରିୟତା ବଢ଼ିଲା ଏବଂ ୧୯୫୫ ଓ ୧୯୭୦ ମଧରେ ଏହା ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଗଲା। ତେବେ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ପରମ୍ପରା ଅନୁସାରେ ଏହି ଦିବସ ପାଳନ କରାଯାଏ।

ବର୍ତ୍ତମାନ ବିକାଶଶୀଳ ଦେଶମାନଙ୍କରେ ବ୍ୟାଙ୍କଗୁଡ଼ିକ ବିଶ୍ୱ ସଞ୍ଚୟ ଦିବସ ଆୟୋଜନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଗରିବଙ୍କ ଜମାଖାତାରେ ସଞ୍ଚୟ ଦ୍ୱିଗୁଣିତ ଏବଂ ସେମାନଙ୍କ ଆର୍ଥିକ ସମସ୍ୟା ଦୂର କରିବା ଉଦ୍ଦେଶ୍ୟରେ ସଞ୍ଚୟକୁ ପ୍ରୋତ୍ସାହନ ଦେବା ପାଇଁ ଏ ସମ୍ପର୍କିତ ବିଭିନ୍ନ ଅଭିଯାନ, ଏନ୍ଜିଓ ସହ ମିଶି କାମ କରିବା ଆଦି ଅନେକ ପଦକ୍ଷେପ ବ୍ୟାଙ୍କ ତରଫରୁ ନିଆଯାଏ। ଭବିଷ୍ୟତରେ ବେଳେ ବେଳେ ମଣିଷକୁ ସଙ୍କଟଜନକ ଆର୍ଥିକ ସ୍ଥିତିର ମୁକାବିଲା କରିବାକୁ ପଡ଼ିଥାଏ। ଏହାକୁ ଦୃଷ୍ଟିରେ ରଖି ସଞ୍ଚୟ କରିବା ଜରୁରୀ। ସଞ୍ଚୟ ଅର୍ଥାତ୍ ମିତବ୍ୟୟିତା ସମ୍ପର୍କରେ ସଚେତନତା ବଢ଼ାଇବା ପାଇଁ ୩୧ ଅକ୍ଟୋବରକୁ ବିଶ୍ୱ ମିତବ୍ୟୟିତା ଦିବସ ଭାବେ ପାଳନ କରାଯାଏ। ସମସ୍ତଙ୍କ ଜୀବନରେ ସଞ୍ଚୟ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଏହାକୁ ମନେରଖିବା ଉଚିତ।

ପୋପରଡ଼ା, ନୂଆ ବଜାର, କଟକ, ଦୂରଭାଷ : ୮୨୪୯୨୬୦୬୨୧
E-MAIL: CHHATOI.SUKANTA@YAHOO.CO.IN

ଦୀପ ପ୍ରଜ୍ଜ୍ୱଳନ ଓ ବିଜ୍ଞାନ ଦୃଷ୍ଟିକୋଣ

ଡକ୍ଟର ରାଜକିଶୋର ମିଶ୍ର

ଅନ୍ଧାରର ବିନାଶ କରିଥାଏ ଦୀପ। ଏହା ସମସ୍ତଙ୍କର ମଙ୍ଗଳକାରିଣୀ ହୋଇଥାଏ। ଆମ ମହାନ ଭାରତୀୟ ଆଧାତ୍ମିକ ସଂସ୍କୃତି ଓ ଓଡ଼ିଆ ଘର ଜୀବନ ଚଳଣୀ ଭିତରେ ବିଶେଷକରି ପର୍ବପର୍ବାଣୀ ସମୟରେ ପ୍ରଦୀପ ପ୍ରଜ୍ଜ୍ୱଳନର ଅନେକ ରୀତିନୀତି ରହିଛି। ଆନନ୍ଦର ସହ ଦୀପାବଳି ଦିନ ପ୍ରତିଟି ଓଡ଼ିଆଙ୍କ ଘରେ ପ୍ରଦୀପ ପ୍ରଜ୍ଜ୍ୱଳନ ଅପୂର୍ବ ଦୃଶ୍ୟ ସୃଷ୍ଟି କରିଥାଏ। ତେବେ ଏହି ପ୍ରଦୀପ ପ୍ରଜ୍ଜ୍ୱଳନ ସମ୍ପର୍କରେ ବିଜ୍ଞାନ ଦୃଷ୍ଟିକୋଣ ଏହା ବ୍ୟତୀତ କେତେକ କ୍ଷେତ୍ରରେ ବାସ୍ତୁଶାସ୍ତ୍ରର ସମ୍ପର୍କିତ ତଥ୍ୟ ଉଲ୍ଲେଖ ରହିଛି। ପ୍ରଦୀପ ପ୍ରଜ୍ଜ୍ୱଳନର ପ୍ରକୃଷ୍ଟ ସ୍ଥାନ ହେଉଛି ଘରର ବା କାର୍ଯ୍ୟ କରୁଥିବା କୌଣସି ଅନୁଷ୍ଠାନ, କାରଖାନା, ପ୍ରତିଷ୍ଠାନର ମୁଖ୍ୟ ଦ୍ୱାର, ତୁଳସୀ ଚଉରା, ରୋଷେଇଘର, ଠାକୁର ଘରର କିମ୍ବା ଯେଉଁଠି ବି ମାତା ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ଆସ୍ଥାନ, ବ୍ୟବସାୟ ବାଣିଜ୍ୟର କୋଠରୀ ଏପରିକି ଛାତ ଉପରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ କୌଣସି ଶୁଭକର୍ମରେ, କାହାଙ୍କର ଶୁଭ ମାନସିକ ସଂକଳ୍ପ କ୍ଷେତ୍ରରେ ମଧ ପ୍ରଦୀପ ପ୍ରଜ୍ଜ୍ୱଳନର ବିଧି ରହିଛି ଏବଂ ଏହାଦ୍ୱାରା ଆମେ ଏକ ପବିତ୍ର ଆବହନୀର ବାତାବରଣ ସୃଷ୍ଟି କରିପାରିଥାଉ।

ପ୍ରଦୀପ ପ୍ରଜ୍ଜ୍ୱଳନ ପଛରେ ଅନେକ ରୀତିନୀତି ମଧ ରହିଛି। ଯେଉଁଠି ଦୀପ ବସା ଯାଇଥାଏ ଦୀପ ତଳେ କୌଣସି ପତ୍ର, ଅରୁଆ ଚାଉଳ କେହି କେହି ଧାନ ରଖି ଏହା ଉପରେ ଦୀପ ବସାଇଥାନ୍ତି। ଜ୍ୟୋତିର୍ବିଦ ଉତ୍କଳାନନ୍ଦ ଅଜୟ କୁମାର ବେହେରାଙ୍କ କହିବା ଅନୁଯାୟୀ - 'ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ପରେ ତିନିରୁ ଚାରି ଦଣ୍ଡ ଭିତରେ ଦୀପ ଜଳାଇବା ଉଚିତ। ଏତଦ ବ୍ୟତୀତ ପୂଜାକର୍ମ ବା କୌଣସି ଶୁଭ ମୁହୂର୍ତ୍ତ ଆବାହନୀ ସମୟରେ ଦୀପ ଦେବା ବିଧେୟ।' ଦୀପାବଳି ସମୟରେ ଯିଏ ଦୀପ ପ୍ରଦାନ କରୁଥାନ୍ତି ସିଏ ଗୃହକର୍ତ୍ତା ବା କର୍ତ୍ତ୍ରୀ ହୁଅନ୍ତୁ ନା କାହିଁକି ତାଙ୍କ ହାତ ପାପୁଲି ଅନୁସାର ଦକ୍ଷିଣାବର୍ତ୍ତୀ ଶଙ୍ଖକୁ ନାଲି କିମ୍ବା ହଳଦିଆ କପଡ଼ା ଭିତରେ ଅରୁଆ ଚାଉଳ, ହଳଦିଆ ସୋରିଷ, ମୁଦ୍ରାର ପ୍ରତୀକ ଭାବେ ରୂପା ଟଙ୍କା ସହ ଆରାଧ ଦେବୀ ମାତା ଲକ୍ଷ୍ମୀଙ୍କୁ ପୂଜା ସଂକଳ୍ପ କରି ମାଟିର ପ୍ରଦୀପ ଆଲୁଅ ଭିତରେ ବୁଲେଇ ଟଙ୍କା ବାକ୍ସରେ ରଖିଲେ ସମୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ପ୍ରାୟତଃ ପ୍ରଦୀପରେ ଘିଅ କିମ୍ବା ଅନ୍ୟ ତେଲ ବ୍ୟବହାର ହୋଇଥାଏ ତେବେ ଏ ସବୁ ଭିତରେ ବିଜ୍ଞାନ ସମତ ଏକ କାରଣଟି ହେଉଛି ପ୍ରଦୀପର ଭିତର ଉତ୍ତାପର ତୀବ୍ର ଉର୍ଜା ଏହା ସହିତ ଦକ୍ଷିଣାବର୍ତ୍ତୀ ଶଙ୍ଖ ସହିତ ଉର୍ଜା ମିଶିବା ଦ୍ୱାରା ଏକ ସମ୍ମିଶ୍ରିତ ନୂଆ ଉର୍ଜା ସୃଷ୍ଟି ହୋଇଥାଏ ଯାହା ଏ ବିଶ୍ୱର ଉର୍ଜାଗତ ପରିବେଶ ସଂରଞ୍ଚନା କ୍ଷେତ୍ରରେ କଲ୍ୟାଣକର।

ବାସ୍ତୁ ଶାସ୍ତ୍ରର ତଥ୍ୟ ଅନୁଯାୟୀ ପ୍ରଦୀପ ପ୍ରଜ୍ଜ୍ୱଳନର କ୍ଷେତ୍ରଟି ଐଶାନ୍ୟ ଦିଗରେ ଧଳା ବା ନୀଳ ଫୁଲ, ପୂର୍ବ ଦିଗରେ ସବୁଜ, ନୈଋତ ଦିଗରେ ହଳଦିଆ, ପଶ୍ଚିମ ଦିଗରେ ଧଳା, ଉତ୍ତର ଦିଗରେ ସବୁଜ ବା ନୀଳ ରଙ୍ଗର ଫୁଲ ରହିଲେ ପ୍ରଦୀପ ଶିଖାର ଉଦଭାସିତ ଅପୂର୍ବ ଉର୍ଜା ବାୟୁମଣ୍ଡଳର ନିଜସ୍ୱ ପ୍ରକୃତିଗତ ଉର୍ଜା ସହିତ ଏକାକାର ହୋଇଯାଏ। ଏହି ଯେଉଁ ନୂଆ ଉର୍ଜା ସୃଷ୍ଟି ହୋଇଥାଏ ଏହା ଆନନ୍ଦମୟ ଓ ମଙ୍ଗଳକର। ପ୍ରଦୀପ ପ୍ରଜ୍ଜ୍ୱଳନ ପଛରେ ବିଜ୍ଞାନ ପୃଷ୍ଠଭୂମି ନେଇ ଅନେକ ଆଲୋଚନା ହୋଇଥାଏ। ଏ ବ୍ରହ୍ମାଣ୍ଡର ଯେଉଁ ସ୍ଥାନରେ ହେଉ ନା କାହିଁକି ଦୀପଟିଏ ଜଳାଇବା ଦ୍ୱାରା ପଞ୍ଚତତ୍ତ୍ୱ ଅର୍ଥାତ୍ ଜଳ, ଅଗ୍ନୀ, ପୃଥିବୀ, ବାୟୁ ଓ ଆକାଶ ଏ ସବୁ ଭିତରେ ଏକ ନୂତନ ପ୍ରକାର ସଂରଚନା ଚେତନା ତିଆରି କରିଥାଏ। ପ୍ରଦୀପ ପ୍ରଜ୍ଜ୍ୱଳନ ଦ୍ୱାରା ବାୟୁମଣ୍ଡଳର ଶୋଧନ ହୋଇଥାଏ ଏହା ଆମ ମାନଙ୍କର ମାନସିକ ଚାପକୁ ଦୂରୀଭୂତ କରିବାରେ ସହାୟକ ହୋଇଥାଏ। ଦୀପ ପ୍ରଜ୍ଜ୍ୱଳନ ଦ୍ୱାରା ଛୋଟ ଛୋଟ କ୍ଷତିକାରକ କୀଟଙ୍କର ନାଶ ହୋଇଥାଏ ଏବଂ ଏହାଦ୍ୱାରା ବିଶୁଦ୍ଧ ଓ ମୁକ୍ତ ପ୍ରବାହିତ ବାୟୁ ସମଗ୍ର ବାତାବରଣକୁ ମୁଗ୍ଧକର କରିଥାଏ। ଅନେକ ସେମାନଙ୍କର ନିତିଦିନିଆ ଜୀବନରେ ଧ୍ୟାନ କରିବା ସମୟରେ ସେମାନଙ୍କର ବିଚଳିତ ଚଳଚଞ୍ଚଳ ବିକ୍ଷିପ୍ତ ମନକୁ ଗୋଟିଏ ଦିଗକୁ ଟାଣି ନେଇ ଏକ କୈନ୍ଦ୍ରିକର ଶିକ୍ଷା ଦେଇଥାଏ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ପ୍ରଦୀପ ପ୍ରଜ୍ଜ୍ୱଳନ ଦ୍ୱାରା ବାୟୁମଣ୍ଡଳରେ ବିଯୁକ୍ତାତ୍ମକ ବ୍ୟାକ୍ଟେରିଆଯୁକ୍ତ ଆୟନ କ୍ଷୟ ହୁଏ ଓ ଯୁକ୍ତାତ୍ମକ ଆୟନ ସୃଷ୍ଟି ହୁଏ ଯାହା ଶକ୍ତି ପ୍ରବାହର କାରଣ। ଅନେକ ହୁଏତ ଜାଣି ନଥିବେ ଏହି ଛୋଟିଆ ଦୀପଶିଖା ଆମ ମାନଙ୍କର ମସ୍ତିଷ୍କରେ ଆଲଫା ତରଙ୍ଗ ସୃଷ୍ଟି କରିଥାଏ ଏହା ଶରୀରରେ ସ୍ନାୟବିକ ତରଙ୍ଗ ସୃଷ୍ଟି କରିଥାଏ ଯାହାଦ୍ୱାରା ବୈଦ୍ୟୁତିକ ଚୁମ୍ବକୀୟ ବଳ ସଶକ୍ତ ହୋଇଥାଏ। ଏହା ଶରୀର ବିଜ୍ଞାନ କ୍ଷେତ୍ରରେ 'ପାରାସିମ୍ପାଥେଟିକ୍' ସ୍ନାୟୁ ପ୍ରଣାଳୀକୁ କେବଳ ସୃଷ୍ଟି କରିନଥାଏ ବରଂ ପରିଚାଳନା କରିଥାଏ। ସର୍ବୋପରି ପ୍ରଦୀପ ପ୍ରଜ୍ଜ୍ୱଳନ କେବଳ ଆମ ଗୃହ ବା ବାୟୁମଣ୍ଡଳ ନୁହଁ ଶରୀରରେ ଶାନ୍ତ ଓ ଆନନ୍ଦମୟ ବାତାବରଣ ସୃଷ୍ଟି କରିଥାଏ।

ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦, E-MAIL : DRRAJKISHOREMISHRA224@GMAIL.COM

ଗୁଜୁରାଟରୁ ଗୁଜବକାରୀଙ୍କୁ ମୋଦିଙ୍କ କଡ଼ା ପ୍ରହାର

ଦେଶର ବିପଦରେ ଆନନ୍ଦ ପାଉଛନ୍ତି ବିରୋଧୀ



ବନାସକାଣ୍ଠା (ଗୁଜୁରାଟ), ୩୦।୧୦: ଚାଲିଥିବା ଇରାନ ଯୁଦ୍ଧ, ରନ୍ଧନ ଗ୍ୟାସ୍ ଓ ସାର ଅଭାବର ଗୁଜବକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିବାକୁ ଚେଷ୍ଟା କରୁଥିବା ବିରୋଧୀ ଦଳଗୁଡ଼ିକ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗୁଜୁରାଟର ବନାସକାଣ୍ଠାରେ ଏକ ବିଶାଳ ରୋଡ୍‌ଶୋ ପରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କୌଣସି ଦଳର ନାମ ନନେଇ ଅତି ଶାଣିତ ଭାବେ କହିଛନ୍ତି ଯେ, ଦେଶ ଯେତେବେଳେ କୌଣସି ସଙ୍କଟ ଦେଇ ଗତି କରେ, କିଛି ଲୋକ ସେତେବେଳେ ଆନନ୍ଦ ପାଆନ୍ତି ଓ ଗୁଜବ ଖେଳାଇ ଭୟର ବାତାବରଣ ସୃଷ୍ଟି କରିବା ସହ ଅନିଶ୍ଚିତତା ସୃଷ୍ଟି କରନ୍ତି।

ସାରା ଦେଶ ମିଳିମିଶି ଇରାନ ଯୁଦ୍ଧର ପ୍ରଭାବର ମୁକାବିଲା କରୁଥିବା ବେଳେ ବିରୋଧୀମାନେ ସାର ମିଳିବନି ବୋଲି କହି କୃଷକମାନଙ୍କୁ ଏବଂ ରନ୍ଧନ ଗ୍ୟାସ୍ ଶେଷ ହୋଇଯିବ ବୋଲି କହି ମହିଳାମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ। ସରକାରଙ୍କ ସୁନାମ କ୍ଷୁଣ୍ଣ କରିବା ଏବଂ ଦେଶରେ ଅଶାନ୍ତି ସୃଷ୍ଟି କରିବା ଏହି ଷଡ଼ଯନ୍ତ୍ରର ମୂଳ ଉଦ୍ଦେଶ୍ୟ ଥିଲା। ଯୁଦ୍ଧର ସଙ୍କଟ ସତ୍ତ୍ୱେ ସରକାର କୃଷକଙ୍କୁ ମାତ୍ର ୩୦୦ ଟଙ୍କାରେ ସାର ଯୋଗାଇ ଦେଉଛନ୍ତି। ବିଶ୍ୱବ୍ୟାପୀ ଅନିଶ୍ଚିତତା ସତ୍ତ୍ୱେ ଭାରତର ଦ୍ରୁତ ଅର୍ଥନୈତିକ ପ୍ରଗତି ସାରା ଦୁନିଆର ଦୃଷ୍ଟି ଆକର୍ଷଣ କରିଛି। ପୂର୍ବତନ ସରକାରଗୁଡ଼ିକ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ନେଇ କେବଳ ମିଛ ପ୍ରତିଶ୍ରୁତି ଦେଉଥିବା ବେଳେ ତାଙ୍କ ସରକାର ଅତୀତର ସମସ୍ତ ପ୍ରତିଶ୍ରୁତି ପୂରଣ କରିଛନ୍ତି।

ଗତ ୧୨ ବର୍ଷ ମଧ୍ୟରେ ଗହମ ଓ ଧାନ ଚାଷୀଙ୍କୁ ଏମ୍‌ଏସ୍‌ପି ବାବଦରେ ପ୍ରାୟ ୨୪ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହା ସହିତ ପିଏମ୍-କିଷାନ୍ ସମ୍ମାନ ନିଧି ଯୋଜନାରେ କ୍ଷୁଦ୍ର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରାୟ ୪.୫ ଲକ୍ଷ କୋଟି ଟଙ୍କା ସିଧାସଳଖ ପଠାଯାଇଛି। ଦେଶର ୮୫ ପ୍ରତିଶତରୁ ଅଧିକ କ୍ଷୁଦ୍ର ଚାଷୀ ଯେଉଁମାନେ ଦଶନ୍ଧି ଦଶନ୍ଧି ଧରି ଅବହେଳିତ ଥିଲେ, ତାଙ୍କୁ ତାଙ୍କ ସରକାର ପ୍ରାଥମିକତା ଦେଇଛନ୍ତି। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ୧୯, ୦୦୦ କୋଟି ଟଙ୍କାର ପିଏମ୍-କିଷାନ୍‌ର ୨୪ଶ କିସ୍ତି ମଧ୍ୟ ଜାରି କରିଛନ୍ତି।

ବନାସକାଣ୍ଠାରେ ୧୪,୦୦୦ କୋଟିର ବୃହତ୍ ପ୍ରକଳ୍ପର ଭେଟି

ନିଜର ଦୁଇଦିନିଆ ଗୁଜୁରାଟ ଗସ୍ତର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ୧୪, ୦୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସେ ବନାସକାଣ୍ଠାର ଭିଲ୍‌ଡିଠାରେ ୧୨୭ ଏକର ପରିମିତ କାଙ୍କ୍ରେଜ୍ ଗାଈ ପ୍ରଜାତି ପାଇଁ ସମର୍ପିତ ଦେଶର ପ୍ରଥମ 'ଭାରତ ବୋଭାଇନ୍ ବ୍ରିଡିଂ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର'ର ଲୋକାର୍ପଣ କରିଛନ୍ତି, ଯାହା ଗୋ-ସମ୍ପଦ ବ୍ରିଡିଂ, ଆନୁବଂଶିକ ସୁଧାର ଓ ପ୍ରଜନନ ପ୍ରଯୁକ୍ତି ଉପରେ କାର୍ଯ୍ୟ କରିବ। ଥରାଦ୍ ଓ ରାଧନପୁରଠାରେ ଦୈନିକ ୭୫ ମେଟ୍ରିକ ଟନ୍ ଓ ୧୦୦ ମେଟ୍ରିକ ଟନ୍ ଗୋବର ପ୍ରକ୍ରିୟାକରଣ କ୍ଷମତାସମ୍ପନ୍ନ ବନାସ ଡେରୀର ଦୁଇଟି ବାୟୋ-ସିଏନ୍‌ଜି ପ୍ଲାଣ୍ଟର ଶିଳାନ୍ୟାସ କରାଯାଇଛି।

ଏଥିସହିତ ବିମାନବନ୍ଦର ଓ ଗିଫ୍ଟ ସିଟିକୁ ସଂଯୋଗ କରୁଥିବା ଅହମଦାବାଦ ମେଟ୍ରୋ ଫେଜ୍-୨ ର ସମ୍ପ୍ରସାରଣ ଏବଂ ୨, ୬୦୦ କୋଟି ଟଙ୍କା ବ୍ୟୟରେ ଅହମଦାବାଦ-ମେହସାଣା ରାସ୍ତାକୁ ୪ ଲେନ୍‌ରୁ ୮ ଲେନ୍‌କୁ ପ୍ରଶସ୍ତୀକରଣ କାର୍ଯ୍ୟର ଶିଳାନ୍ୟାସ ହୋଇଛି। ଶିଶୁ ବିକାଶ ପାଇଁ ୮୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୩୬୧ଟି ଶିଶୁ-ଅନୁକୂଳ ଆଙ୍ଗନବାଡ଼ି କେନ୍ଦ୍ରର ଉଦ୍‌ଘାଟନ ଓ ୪, ୦୩୦ଟି ନୂଆ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯାହାଦ୍ୱାରା ୪ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ। କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ ୪, ୯୫୦ କୋଟି ଟଙ୍କାର ୫୨୧ଟି ପ୍ରକଳ୍ପ ଯେପରିକି ଶୀତଳ ଭଣ୍ଡାର, ଗୋଦାମ, ସାଇଲୋ, ଗ୍ରୀନ୍‌ହାଉସ୍ ଓ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ରର ଲୋକାର୍ପଣ କରାଯାଇଛି। ଶେଷରେ ପ୍ରଧାନମନ୍ତ୍ରୀ ଅହମଦାବାଦ (ସାବରମତୀ)-ବାରାଣସୀ ଏକ୍ସପ୍ରେସ୍ ଏବଂ ମେହସାଣା-ବେଚରାଜୀ-ସାବରମତୀ ମେମୁ ଟ୍ରେନ୍ ସେବାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।

ସୌରଭ ଦାସଙ୍କ ନାଗରିକତା ଯାଞ୍ଚ ଦାବି

ସମସ୍ତ ପକ୍ଷରୁ ମାଡ୍ରାସ୍ ହାଇକୋର୍ଟଙ୍କ ନୋଟିସ୍

ଚେନ୍ନାଇ,୩୦।୧୦: କକ୍ରୋଚ୍ ଜନତା ପାର୍ଟି (ସିଜେପି) ମୁଖପାତ୍ର ସୌରଭ ଦାସଙ୍କ ନାଗରିକତା ଓ ପୃଷ୍ଠଭୂମିର ତଦନ୍ତ ପାଇଁ ମାଡ୍ରାସ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ଆବେଦନରେ ନ୍ୟାୟପାଳିକା ଓ ସୁପ୍ରିମକୋର୍ଟ ବିଚାରପତିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ଅବରୋଧ କରିବାକୁ ମଧ୍ୟ ଦାବି କରାଯାଇଛି। ହାଇକୋର୍ଟ ଶୁକ୍ରବାର ମାମଲାରେ ଜଡ଼ିତ ପକ୍ଷମାନଙ୍କୁ ନୋଟିସ୍ ଜାରି କରି ସେମାନଙ୍କ ଜବାବ ମାଗିଛନ୍ତି। ନ୍ୟାୟପାଳିକା ଓ ସୁପ୍ରିମକୋର୍ଟର ବିଚାରପତିମାନଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ସୌରଭଙ୍କ ସାମାଜିକ ଗଣମାଧ୍ୟମ ଖାତା ବନ୍ଦ କରିବାକୁ ମଧ୍ୟ ଆବେଦନ କରାଯାଇଛି। ତାମିଲନାଡୁର କାଞ୍ଚିପୁରମ୍ ଅଞ୍ଚଳର ଗଣେଶ କୁମାର ଏହି ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଆବେଦନରେ ସୌରଭ ଦାସଙ୍କ ପ୍ରକୃତ ନାମ ଯୋଗେଶ ଶର୍ମା ବୋଲି ଦର୍ଶାଯାଇଛି। ତାଙ୍କ ପରିଚୟ, ନାଗରିକତା ଓ ମାତାପିତାଙ୍କ ସମ୍ପର୍କରେ ବିସ୍ତୃତ ତଦନ୍ତ କରିବାକୁ ଆବେଦନକାରୀ ଦାବି କରିଛନ୍ତି। ତଦନ୍ତରେ ସେ ବିଦେଶୀ ନାଗରିକ ବୋଲି ପ୍ରମାଣିତ ହେଲେ ତାଙ୍କ ପାସପୋର୍ଟ ଓ ଆଧାର କାର୍ଡ ରଦ୍ଦ କରିବାକୁ ମଧ୍ୟ ଆବେଦନରେ କୁହାଯାଇଛି। ଏଥିସହିତ ତାଙ୍କ 'ଏକ୍ସ' ଓ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ବନ୍ଦ କରିବାକୁ ଦାବି ହୋଇଛି। ମୁଖ୍ୟ ବିଚାରପତି ଏସ୍.ଏ. ଧର୍ମାଧିକାରୀ ଓ ବିଚାରପତି ଜି. ଅରୁଲ ମୁରୁଗନ୍‌ଙ୍କ ଖଣ୍ଡପୀଠ ସୌରଭ ଦାସ, କେନ୍ଦ୍ର ସରକାର ଓ ଅନ୍ୟ ପକ୍ଷମାନଙ୍କୁ ଜବାବ ମାଗିଛନ୍ତି। ଛଅ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

● ମହାରାଷ୍ଟ୍ରରେ ଏମ୍‌ଏଲସି ବିପର୍ଯ୍ୟୟ

ବଢ଼ିଲା ବିଜେପି-ଶିବସେନା ଫାଟ

ମୁମ୍ବାଇ,୩୦।୧୦: ମହାରାଷ୍ଟ୍ରରେ ବିଧାନ ପରିଷଦ ନିର୍ବାଚନରେ ପରାଜୟ ପରେ ଶାସକ ମହାଯୁତି ମେଣ୍ଟରେ ଫାଟ ସୃଷ୍ଟି ହୋଇଛି। ବିଜେପି ଓ ଶିବସେନା ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ଏହି ବିବାଦ ଏବେ ମେଣ୍ଟର ଏକତା ଉପରେ ପ୍ରଶ୍ନ ଉଠାଇଛି। ଶିବସେନା ନେତା ନିଲେଶ ରାଣେ ବିଜେପି ମୁଖପାତ୍ର ନବନାଥ ବନ୍‌ଙ୍କୁ କଡ଼ା ଶବ୍ଦରେ ଜବାବ ଦେଇଛନ୍ତି। ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ସମାଲୋଚନା କରିବା ପୂର୍ବରୁ ନିଜ ସୀମା ମଧ୍ୟରେ ରହିବାକୁ ସେ ବନ୍‌ଙ୍କୁ ଚେତାବନୀ ଦେଇଛନ୍ତି। ସିନ୍ଦେଙ୍କ ବିଷୟରେ କଥା ହେବାବେଳେ ନିଜ ମର୍ଯ୍ୟାଦା ରଖିବା ଉଚିତ ବୋଲି ସେ କହିଛନ୍ତି। ବିଧାନ ପରିଷଦର ୫ଟି ଆସନ ପାଇଁ ଅକ୍ଟୋବର ୨୩ରେ ଭୋଟ୍ ହୋଇଥିଲା। ୨୮ ତାରିଖରେ ଫଳ ପ୍ରକାଶ ପାଇଥିଲା। ବିରୋଧୀ ମହାବିକାଶ ଆଘାଡ଼ି ୩ଟି ଆସନ ଜିତିଥିବାବେଳେ ମହାଯୁତିକୁ ମିଳିଥିଲା ମାତ୍ର ୨ଟି ଆସନ। ବିଜେପି ନେତା ନବନାଥ ବନ୍‌ଙ୍କ ଅଭିଯୋଗ ଥିଲା, ଶିବସେନାର ସହଯୋଗ ମିଳିଥିଲେ ମେଣ୍ଟ ସମସ୍ତ ୫ଟି ଆସନ ଜିତିପାରିଥାନ୍ତା। ଏହାକୁ ନେଇ ଦୁଇ ଦଳ ମଧ୍ୟରେ ବିବାଦ ବଢ଼ିଛି। ଅନ୍ୟପଟେ ବିଜେପି ନେତା ତଥା ମନ୍ତ୍ରୀ ନିତେଶ ରାଣେ ମଧ୍ୟ ମେଣ୍ଟ ଭିତରେ କିଛି 'ଶକୁନି ମାମା' ଅଛନ୍ତି କି ନାହିଁ, ତାହା ଯାଞ୍ଚ ହେବା ଦରକାର ବୋଲି କହିଥିଲେ।

● ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ଅଭିଯୋଗ

୧୦ ଜଣଙ୍କୁ ଗିରଫ କଲା କାଶ୍ମୀର ପୁଲିସ

ଶ୍ରୀନଗର,୩୦।୧୦: ଦକ୍ଷିଣ କାଶ୍ମୀରର ଶୋପିଆନ୍ ଜିଲ୍ଲାରେ ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ଯୋଗାଉଥିବା ଏକ ବଡ଼ ମଡ୍ୟୁଲର ପର୍ଦ୍ଦାଫାଶ କରିବାରେ ଜମ୍ମୁ-କାଶ୍ମୀର ପୁଲିସ ସଫଳ ହୋଇଛି। ଏହି ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ୧୦ ଜଣ ଓଭରଗ୍ରାଉଣ୍ଡ ୱର୍କର୍ ଙ୍କୁ ଗିରଫ କରାଯାଇଥିବା ନେଇ ଶୁକ୍ରବାର ପୁଲିସ ଅଧିକାରୀମାନେ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଦକ୍ଷିଣ କାଶ୍ମୀରରେ ଆତଙ୍କବାଦୀ ସଂଗଠନଗୁଡ଼ିକୁ ଚାନ୍ଦା ଏବଂ ଆର୍ଥିକ କାରବାର ମାଧ୍ୟମରେ ସହାୟତା ଯୋଗାଇ ଦିଆଯାଉଥିବା ନେଇ ଗୁପ୍ତ ସୂଚନା ମିଳିବା ପରେ ପୁଲିସ ପକ୍ଷରୁ ଏକ ପ୍ରତ୍ୟକ୍ଷ ତଦନ୍ତ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ଅଭିଯାନରେ ଗିରଫ ହୋଇଥିବା ୧୦ ଜଣ ଅଭିଯୁକ୍ତ ସ୍ଥାନୀୟ ଅଞ୍ଚଳରେ ଆତଙ୍କବାଦୀ ନେଟୱର୍କକୁ କେବଳ ଆର୍ଥିକ ନୁହେଁ, ବରଂ ଲଜିଷ୍ଟିକାଲ୍ (ରହିବା, ଖାଇବା ଓ ଯାତାୟାତ) ସହାୟତା ମଧ୍ୟ ଯୋଗାଇ ଦେଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଗିରଫ ଅଭିଯୁକ୍ତମାନଙ୍କୁ ଅଧିକ ପଚରାଉଚରା କରାଯାଉଥିବା ବେଳେ ଏହି ଆର୍ଥିକ ମଡ୍ୟୁଲ୍ ସହ ଜଡ଼ିତ ଅନ୍ୟ ସନ୍ଦିଗ୍ଧମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ରେଡ୍ ଜାରି ରହିଛି।

ଫାଟିଲା ଗ୍ଲେସିଅର ଲେକ୍, ଭାରତରେ ବନ୍ୟା ଆଲର୍ଟ

ନୂଆଦିଲ୍ଲୀ,୩୦।୧୦: ଭୁଟାନର ପାହାଡ଼ିଆ ସୀମାନ୍ତରେ ପ୍ରକୃତିର ଭୟଙ୍କର ରୂପ ଦେଖିବାକୁ ମିଳିଛି। ଗ୍ଲେସିଅର ଲେକ୍ ଫାଟିଯିବା ଫଳରେ ଭାରତୀୟ ସୀମାନ୍ତ ରାଜ୍ୟଗୁଡ଼ିକ ପ୍ରତି ପ୍ରଳୟଙ୍କରୀ ବନ୍ୟା ବିପଦ ମାଡ଼ି ଆସିଛି। ପାହାଡ଼ ଉପରୁ ପ୍ରଚଣ୍ଡ ବେଗରେ ଜଳରାଶି ତଳକୁ ମାଡ଼ି ଆସୁଥିବାରୁ ଆସାମ ଏବଂ ପଶ୍ଚିମବଙ୍ଗର ବିଭିନ୍ନ ଜିଲ୍ଲାରେ ସତର୍କତା ଜାରି କରାଯାଇଛି। ସଙ୍କୋଶ ନଦୀ କୂଳରେ ରହୁଥିବା ଜନସାଧାରଣଙ୍କୁ ତୁରନ୍ତ ନିଜ ଘରଦ୍ୱାର ଛାଡ଼ି ନିରାପଦ ଓ ଉଚ୍ଚ ସ୍ଥାନକୁ ଚାଲିଯିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉଦ୍ଧାରକାରୀ ଦଳଗୁଡ଼ିକୁ ମୁତୟନ କରାଯିବା ସହ ସାଇରନ୍ ଏବଂ ଡାକବାଜି ଯନ୍ତ୍ର ଜରିଆରେ ଲୋକଙ୍କୁ ସତର୍କ କରାଯାଉଛି। ଭୁଟାନର ଗାସା ଜିଲ୍ଲା ଅନ୍ତର୍ଗତ ଲୁନାନା ଅଞ୍ଚଳରେ ଥିବା ଶିନ୍ତାପୁ ହ୍ରଦ ଫାଟିଯିବା କାରଣରୁ ଏଭଳି ଭୟାନକ ପରିସ୍ଥିତି ସୃଷ୍ଟି ହୋଇଛି। ଭୁଟାନରୁ ଭାରତକୁ ପ୍ରବାହିତ ପୁନାସାଙ୍ଗଚୁ ନଦୀ ଭାରତୀୟ ସୀମାରେ ପ୍ରବେଶ କରିବା ପରେ ଏହା ସଙ୍କୋଶ ନଦୀ ଭାବେ ପରିଚିତ ହୋଇଛି। ତେଣୁ ଏହି ନଦୀର ତଳମୁଣ୍ଡରେ ଥିବା ସମସ୍ତ ଗ୍ରାମ ଓ ସହର ଏବେ ସୀମାହୀନ ବିପଦ ଘେରରେ ରହିଛନ୍ତି। ଭାରତୀୟ କର୍ତ୍ତୃପକ୍ଷଙ୍କ ଆକଳନ ଅନୁସାରେ, ଉପର ମୁଣ୍ଡରୁ ଆସୁଥିବା ପ୍ରଚଣ୍ଡ ଜଳରାଶି ୬ରୁ ୮ ଘଣ୍ଟା ମଧ୍ୟରେ ଭାରତ-ଭୁଟାନ ସୀମାରେ ପହଞ୍ଚିପାରେ। ଏହାଦ୍ୱାରା ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇବା ସହ ନଦୀକୂଳିଆ ଅଞ୍ଚଳରେ ଚାଷ ଜମି, ରାସ୍ତାଘାଟ, ପୋଲ ଓ ଗୃହପାଳିତ ପଶୁ ପ୍ରଭାବିତ ହେବା ଆଶଙ୍କା ରହିଛି। ଭୁଟାନ ପ୍ରଶାସନ ମଧ୍ୟ ନଦୀ କୂଳରେ ସାଇରନ୍ ବଜାଇ ଲୋକଙ୍କୁ ସ୍ଥାନାନ୍ତର କରିବା ଆରମ୍ଭ କରିଦେଇଛି।

୧ରୁ ଦିଲ୍ଲୀରେ ପଲ୍ୟୁସନ୍ ଟ୍ରାଫିକ୍

● ବିଏସ୍-୬ ନହେଲେ ବାହାର ଗାଡ଼ି ପ୍ରବେଶ ମନା

ନୂଆଦିଲ୍ଲୀ, ୩୦।୧୦: ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଓ ବାୟୁର ଗୁଣବତ୍ତା ସୁଧାରିବା ପାଇଁ ନଭେମ୍ବର ୧ ତାରିଖରୁ ସଂଶୋଧିତ ଗ୍ରେଡେଡ୍ ରେସପନ୍ସ ଆକ୍ସନ୍ ପ୍ଲାନ୍ (ଜିଆରଏପି) ଅଧୀନରେ ନୂଆ ନିୟମାବଳୀ ଲାଗୁ ହେବାକୁ ଯାଉଛି। ଦିଲ୍ଲୀ ଟ୍ରାଫିକ୍ ପୁଲିସ ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ ସୂଚନା ଦିଆଯାଇଛି ଯେ, ବାହାର ରାଜ୍ୟରୁ ଦିଲ୍ଲୀକୁ ଆସୁଥିବା ଯାନବାହନଗୁଡ଼ିକ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରୁଛନ୍ତି କି ନାହିଁ ତାହା ଯାଞ୍ଚ କରି ଯାତ୍ରା କରିବାକୁ ଚାଳକମାନଙ୍କୁ ପରାମର୍ଶ ଦିଆଯାଇଛି। ନୂତନ କଟକଣା ଅନୁଯାୟୀ, ୨୦୨୬ ନଭେମ୍ବର ୧ରୁ ୨୦୨୭ ଜାନୁଆରୀ ୩୧ ପର୍ଯ୍ୟନ୍ତ ଦିଲ୍ଲୀ ବାହାରେ ପଞ୍ଜୀକୃତ ହୋଇଥିବା ଟ୍ରକ୍ ଓ ଅନ୍ୟାନ୍ୟ ଯାନବାହନଗୁଡ଼ିକ ଦିଲ୍ଲୀକୁ ପ୍ରବେଶ କରିପାରିବେ ନାହିଁ। କେବଳ ବିଏସ୍-୬ ନିର୍ଗମନ ମାନଦଣ୍ଡ ପୂରଣ କରୁଥିବା ଗାଡ଼ି, ସିଏନଜି ଓ ଇଭି ଯାନବାହନଗୁଡ଼ିକୁ ପ୍ରବେଶ ପାଇଁ ଅନୁମତି ମିଳିବ। ଏହାସହିତ ବିଏସ୍-୬ ମାନଦଣ୍ଡ ଥିଲେ ମଧ୍ୟ ସମସ୍ତ ଗାଡ଼ି ପାଇଁ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ରହିବା ବାଧ୍ୟତାମୂଳକ କରାଯାଇଛି। ଯେଉଁ ପଣ୍ୟବାହୀ ଗାଡ଼ିଗୁଡ଼ିକର ଗନ୍ତବ୍ୟ ସ୍ଥଳ ଦିଲ୍ଲୀ ନୁହେଁ, ସେଗୁଡ଼ିକୁ ଇଷ୍ଟର୍ଣ୍ଣ କିମ୍ବା ୱେଷ୍ଟର୍ଣ୍ଣ ପେରିଫେରାଲ୍ ଏକ୍ସପ୍ରେସୱେ ବ୍ୟବହାର କରିବାକୁ କୁହାଯାଇଛି। ସେହିପରି ଅନ୍ୟ ରାଜ୍ୟରୁ ଆସୁଥିବା ବିଏସ୍-୬ ମାନଦଣ୍ଡର ନଥିବା ଡିଜେଲ ଆନ୍ତଃରାଜ୍ୟ ବସଗୁଡ଼ିକୁ ଦିଲ୍ଲୀ ପ୍ରବେଶ ମନା କରାଯାଇଛି।

ଭାରତ ମହାସାଗରରେ ଶକ୍ତି ବଢ଼ାଇବ ନୌସେନା

ନିର୍ମାଣ ହେବ ୮ ବିନାଶକାରୀ ଯୁଦ୍ଧଜାହାଜ

ନୂଆଦିଲ୍ଲୀ,୩୦।୧୦: ଭାରତୀୟ ନୌସେନାର ସାମରିକ ଶକ୍ତି ବଢ଼ାଇବା ସହ ସମୁଦ୍ର ସୀମାର ସୁରକ୍ଷାକୁ ଅଧିକ ମଜବୁତ କରିବା ଲାଗି କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ୪୦ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟରେ ୮ଟି ଅତ୍ୟାଧୁନିକ ଯୁଦ୍ଧଜାହାଜ ନିର୍ମାଣ ପ୍ରସ୍ତାବକୁ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି ମଞ୍ଜୁରି ଦେଇଛି। ଏହି ୮ଟି ଯୁଦ୍ଧଜାହାଜ ମଧ୍ୟରୁ ୫ଟି କୋଲକାତାସ୍ଥିତ ଗାର୍ଡେନ୍ ରିଚ୍ ଜାହାଜ ନିର୍ମାଣ ସଂସ୍ଥା ଓ ୩ଟି ଗୋଆ ଜାହାଜ ନିର୍ମାଣ ସଂସ୍ଥା ତିଆରି କରିବ। ଆସନ୍ତା କିଛି ଦିନ ମଧ୍ୟରେ ଏଥିପାଇଁ ଚୁକ୍ତି ସ୍ୱାକ୍ଷର ହେବାର ଆଶା ରହିଛି। ପ୍ରତ୍ୟେକ ଯୁଦ୍ଧଜାହାଜର ଓଜନ ପ୍ରାୟ ୨ ହଜାର ଟନ୍ ହେବ। ଏଗୁଡ଼ିକ ଘଣ୍ଟାପ୍ରତି ପ୍ରାୟ ୫୫ କିଲୋମିଟର ବେଗରେ ଗତି କରିପାରିବ। ଶତ୍ରୁପକ୍ଷର ରାଡାର୍‌ରେ ସହଜରେ ଧରା ନପଡ଼ିବା ଭଳି ସ୍ୱତନ୍ତ୍ର ଢାଞ୍ଚାରେ ଏହା ନିର୍ମାଣ ହେବ। ଶତ୍ରୁ ଯୁଦ୍ଧଜାହାଜ, ବୁଡ଼ାଜାହାଜ ଓ ଆକାଶମାର୍ଗରୁ ଆସୁଥିବା ଆକ୍ରମଣର ମୁକାବିଲା କରିବାରେ ଏହା ସକ୍ଷମ ହେବ। ଏଥିସହ ସମୁଦ୍ରରେ ନଜର ରଖିବା, ଉପକୂଳ ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟରେ ମଧ୍ୟ ଏହା ସହାୟକ ହେବ।

ଏହି ଯୁଦ୍ଧଜାହାଜ ନିର୍ମାଣରେ ୭୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ହେବ। ଫଳରେ ଦେଶର ଜାହାଜ ନିର୍ମାଣ ଶିଳ୍ପ ସହ ହଜାର ହଜାର ଲୋକଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି ହେବ। ୨୦୩୦ ସୁଦ୍ଧା ପ୍ରଥମ ଯୁଦ୍ଧଜାହାଜ ନୌସେନାକୁ ହସ୍ତାନ୍ତର କରିବାର ଲକ୍ଷ୍ୟ ରଖାଯାଇଛି। ଏହି ପଦକ୍ଷେପ ଭାରତ ମହାସାଗର ଅଞ୍ଚଳରେ ଭାରତର ପ୍ରତିରକ୍ଷା କ୍ଷମତାକୁ ଆହୁରି ମଜବୁତ କରିବ।

ପାର୍କିଂ ବିବାଦରୁ ଗୁଳିକାଣ୍ଡ

ଗୋଟିଏ ପରିବାରର ୩ ଜଣଙ୍କୁ ହତ୍ୟା

ଲକ୍ଷ୍ନୌ,୩୦।୧୦: ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ପାର୍କିଂ ବିବାଦକୁ କେନ୍ଦ୍ର କରି ଗୋଟିଏ ପରିବାରର ତିନି ଜଣଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଏହି ଘଟଣାର ଭିଡିଓ ସାମ୍ନାକୁ ଆସିଛି। ଏଥିରେ ଅଭିଯୁକ୍ତ ମାତ୍ର ୨୨ ସେକେଣ୍ଡ ମଧ୍ୟରେ ୫ ରାଉଣ୍ଡ ଗୁଳି ଚଳାଉଥିବା ଦେଖାଯାଇଛି। ପ୍ରଥମେ ଦୁଇ ରାଉଣ୍ଡ ଗୁଳି ଚଳାଇବା ପରେ ସେ ପିସ୍ତଲରେ ପୁଣି ଗୁଳି ଭରିଥିଲା ଓ ଆଉ ତିନି ରାଉଣ୍ଡ ଗୁଳି ଚଳାଇଥିଲା। ଅକ୍ଟୋବର ୨୬ ତାରିଖ ସକାଳ ପ୍ରାୟ ସାଢ଼େ ୧୦ଟାରେ ଲକ୍ଷ୍ନୌର ସାଦତଗଞ୍ଜ ଥାନା ଅଞ୍ଚଳର ବ୍ରାହ୍ମଣୀ ଟୋଲାରେ ଏହି ଘଟଣା ଘଟିଥିଲା। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଋଷଭ ଶୁକ୍ଲା ଓ ତିୱାରୀ ପରିବାର ମଧ୍ୟରେ ଏକ ଖାଲି ଜାଗାରେ ଗାଡ଼ି ରଖିବାକୁ ନେଇ ବିବାଦ ହୋଇଥିଲା। ଏହି ବିବାଦ ଉଗ୍ରରୂପ ନେବା ପରେ ଋଷଭ ନିଜ ପିସ୍ତଲରୁ ଗୁଳି ଚଳାଇଥିଲା। ଏଥିରେ ଶିବାଜୀ ତିୱାରୀ, ଶିବେନ୍ଦ୍ର ତିୱାରୀ ଓ ସୁୟଶ ତିୱାରୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ କିଙ୍ଗ୍ ଜର୍ଜ ମେଡିକାଲ ୟୁନିଭର୍ସିଟି (କେଜିଏମ୍‌ୟୁ)ର ଟ୍ରମା ସେଣ୍ଟରକୁ ନିଆଯାଇଥିଲା।

ଆଜି ସିଇସିଙ୍କ ବିରୋଧରେ ସାଙ୍କେତିକ ମହାଭିଯୋଗ

ନୂଆଦିଲ୍ଲୀ,୩୦।୧୦: ରାଜଧାନୀ ଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁଁ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ଜନ ମହାଭିଯୋଗ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ବାସଭବନ ବାହାରେ ଅନୁଷ୍ଠିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସର୍ବସମ୍ମତି କ୍ରମେ ଏହି କାର୍ଯ୍ୟକ୍ରମକୁ ଆସନ୍ତାକାଲି ଅର୍ଥାତ୍ ଅକ୍ଟୋବର ୩୧ ତାରିଖକୁ ଘୁଞ୍ଚାଯାଇଥିବା ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୂଚନା ଦେଇଛନ୍ତି। ଭୋଟର ତାଲିକା ସଂଶୋଧନ (ଏସଆଇଆର୍) ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ଆୟୁକ୍ତଙ୍କ ପକ୍ଷପାତିତା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ଏହି ସାଙ୍କେତିକ ଶୁଣାଣିର ଆୟୋଜନ କରିଛନ୍ତି।

କନଷ୍ଟିଚ୍ୟୁସନ୍ କ୍ଲବ୍ କିମ୍ବା ତାଲକଟୋରା ଷ୍ଟାଡିୟମରେ ଅନୁମତି ନମିଳିବାରୁ ଏହି କାର୍ଯ୍ୟକ୍ରମ ଖଡଗେଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ହେବ। ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାରଙ୍କ ଅଧ୍ୟକ୍ଷତାରେ ପ୍ରାୟ ୩ ଘଣ୍ଟା ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୧ଟି ରାଜନୈତିକ ଦଳର ୩୦ରୁ ଅଧିକ ବକ୍ତା ଓ ସାଧାରଣ ନାଗରିକ ଅଂଶଗ୍ରହଣ କରିବେ। ଖଡଗେ ଏହି ମହାଭିଯୋଗ ପ୍ରସ୍ତାବ ଆଗତ କରିବାକୁ ଥିବା ବେଳେ ରାହୁଲ ଗାନ୍ଧୀ ଶେଷ ବକ୍ତବ୍ୟ ରଖିବେ।

ପୂର୍ବରୁ ସଂସଦର ଉଭୟ ଗୃହରେ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ପାଇଁ ବିରୋଧୀ ନୋଟିସ୍ ଦେଇଥିଲେ ହେଁ ଗତ ଏପ୍ରିଲ ୬ ତାରିଖରେ ଲୋକସଭା ବାଚସ୍ପତି ଓ ରାଜ୍ୟସଭା ଅଧ୍ୟକ୍ଷ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏଥିସହିତ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସନ୍ଧୁ ଓ ବିବେକ ଯୋଶୀ ମଧ୍ୟ ଏସଆଇଆର୍ ନିଷ୍ପତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା ରିପୋର୍ଟ ସାମ୍ନାକୁ ଆସିବା ପରେ ବିରୋଧୀ ସରକାରଙ୍କ ଘେରିବା ଆରମ୍ଭ କରିଛନ୍ତି।

● ଦୁଲାରଚାନ୍ଦ ଯାଦବ ହତ୍ୟା ମାମଲା

ଡିସେମ୍ବର ୧ ସୁଦ୍ଧା ଆତ୍ମସମର୍ପଣ ପାଇଁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୩୦।୧୦: ଜେଡିୟୁରୁ ବହିଷ୍କୃତ ବିବାଦୀୟ ରାଜନେତା ତଥା ମୋକମା ବିଧାୟକ ଅନନ୍ତ କୁମାର ସିଂହଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟ୍‌କା ଲାଗିଛି। ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଦୁଲାରଚାନ୍ଦ ଯାଦବଙ୍କ ହତ୍ୟା ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କୁ ମିଳିଥିବା ଜାମିନକୁ ଖାରଜ କରିଦେଇଛନ୍ତି। ବିଚାରପତି ଏମ୍‌ଏମ୍ ସୁନ୍ଦରେଶ ଓ ପିଭି ଭରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଅନନ୍ତ ସିଂହଙ୍କୁ ଡିସେମ୍ବର ୧ ତାରିଖ ସୁଦ୍ଧା ଆତ୍ମସମର୍ପଣ କରିବାକୁ କହିଛନ୍ତି। ଖଣ୍ଡପୀଠ ପାଟନା ହାଇକୋର୍ଟଙ୍କ ଜାମିନ ନିଷ୍ପତ୍ତିକୁ ମଧ୍ୟ ସମାଲୋଚନା କରିଛନ୍ତି। କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ଅପରାଧର ଗମ୍ଭୀରତା ଓ ସିଂହଙ୍କ ବ୍ୟାପକ ଅପରାଧିକ ରେକର୍ଡକୁ ପର୍ଯ୍ୟାପ୍ତ ଭାବରେ ବିଚାର କରାଯାଇ ନାହିଁ। ୩୦ ଅକ୍ଟୋବର, ୨୦୨୫ରେ ନିର୍ବାଚନ ପ୍ରଚାର ଚାଲିଥିବା ସମୟରେ ମୋକମା ତାଲରେ ଏକ ହିଂସାତ୍ମକ ସଂଘର୍ଷ ସମୟରେ ଜଣେ ଆଞ୍ଚଳିକ ଶକ୍ତିଶାଳୀ ବ୍ୟକ୍ତି ଦୁଲାରଚାନ୍ଦ ଯାଦବଙ୍କୁ ହତ୍ୟା କରାଯାଇଥିଲା। ନିର୍ବାଚନ ପ୍ରଚାର ସମୟରେ ଯାଦବ ଜନ ସୁରାଜ ପାର୍ଟି ପ୍ରାର୍ଥୀ ପୀୟୁଷ ପ୍ରିୟଦର୍ଶୀଙ୍କୁ ସମର୍ଥନ କରିଥିଲେ।

ସାହାରାରୁ ମିଳିଲା ମଙ୍ଗଳ ଗ୍ରହର ଦୁର୍ଲ୍ଲଭ ଉଲ୍‌କାପିଣ୍ଡ

ଲାଲ୍ ଗ୍ରହରେ ଥିଲା ଜଳ ଓ ଅନୁକୂଳ ପରିବେଶ!



ମାଲି, ୩୦।୧୦: ଆଫ୍ରିକାର ବିଶାଳ ସାହାରା ମରୁଭୂମିରୁ ମିଳିଛି ମହାକାଶ ବିଜ୍ଞାନ ଇତିହାସର ସବୁଠାରୁ ଦୁର୍ଲଭ ଓ ପ୍ରାଚୀନ ସମ୍ପଦ। ମଙ୍ଗଳ ଗ୍ରହରୁ ଖସିପଡ଼ିଥିବା ଏକ ବିଶାଳ ଉଲ୍କାପିଣ୍ଡର ସନ୍ଧାନ ମିଳିଛି, ଯାହାର ବୟସ ଅତିକମରେ ୪୧୦ କୋଟି (୪.୧ ବିଲିୟନ୍) ବର୍ଷ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। ପୃଥିବୀ ପୃଷ୍ଠରୁ ମିଳିଥିବା ମଙ୍ଗଳ ଗ୍ରହର ସମସ୍ତ ପାଷାଣ ମଧ୍ୟରେ ଏହା ସବୁଠାରୁ ପୁରୁଣା ବୋଲି କୁହାଯାଉଛି। ଏହି ପ୍ରାଚୀନ ଶିଳାଖଣ୍ଡଟି ମଙ୍ଗଳ ଗ୍ରହର ଗଭୀର ଭୂତଳରେ କେବେ ଜଳ ପ୍ରବାହିତ ହେଉଥିବାର ଏବଂ ସେଠାରେ ଜୀବନ ଧାରଣ ପାଇଁ ଅନୁକୂଳ ପରିବେଶ ଥିବାର ଜ୍ୱଳନ୍ତ ପ୍ରମାଣ ଦେଇଛି।

'ତେଘାଜା ୦୦୧' ନାମରେ ନାମିତ ଏହି ଦୁର୍ଲଭ ଉଲ୍କାପିଣ୍ଡଟି ୨୦୨୨ ମସିହାରେ ମାଲିର ବିର ଚାଲି ଗ୍ରାମଠାରୁ ପ୍ରାୟ ୩୪ କିଲୋମିଟର ଦୂର ସାହାରା ମରୁଭୂମିରୁ ୮ଟି ଖଣ୍ଡରେ ମିଳିଥିଲା। ଏହାର ସବୁଠାରୁ ବଡ଼ ଖଣ୍ଡଟି ଗୋଟିଏ ମଣିଷ ମୁଠା ଆକାରର। ବିଖ୍ୟାତ ବିଜ୍ଞାନ ପତ୍ରିକା 'ସାଇନ୍ସ' ରେ ପ୍ରକାଶିତ ଏହି ଗବେଷଣା ଅନୁଯାୟୀ, ଗ୍ରହର ଭୂତଳ ଗଭୀରରେ ଗଳିତ ପଦାର୍ଥ ଧୀରେ ଧୀରେ ଥଣ୍ଡା ହୋଇ ଏହି ପାଷାଣ ସୃଷ୍ଟି ହେବା ସମୟରେ ଏହା ଜଳ ସଂସ୍ପର୍ଶରେ ଆସିଥିଲା। ଏଥିରେ ଥିବା ସୂକ୍ଷ୍ମ ଜିରକନ୍ ସ୍ଫଟିକରେ ଥିବା ୟୁରାନିୟମ୍‌ରୁ ସୀସାକୁ ରୂପାନ୍ତରିତ ହେବା ପ୍ରକ୍ରିୟା ଏବଂ ହାଇଡ୍ରୋଜେନ୍ ଓ ଅକ୍ସିଜେନ୍‌ର ପ୍ରକାରଭେଦକୁ ଅନୁଧ୍ୟାନ କରି ବୈଜ୍ଞାନିକମାନେ ଏହାର ବୟସ ନିରୂପଣ କରିଛନ୍ତି। ମହାକାଶ ଗବେଷଣା ସଂସ୍ଥା ନାସାର ଗ୍ରହ ବିଜ୍ଞାନୀ ୟାଙ୍ଗ୍ ଲିୟୁଙ୍କ ନେତୃତ୍ୱରେ ହୋଇଥିବା ଏହି ଗବେଷଣାରୁ ଜଣାପଡ଼ିଛି ଯେ, ୪୧୦ କୋଟି ବର୍ଷ ପୂର୍ବେ ମଙ୍ଗଳ ଗ୍ରହର ବାହ୍ୟ ପଥୁରିଆ ସ୍ତର ଦେଇ ଜଳ ଗଭୀରକୁ ପ୍ରବାହିତ ହେଉଥିଲା ଏବଂ ଉତ୍ତପ୍ତ ଗଳିତ ପାଷାଣ ସହ ମିଶୁଥିଲା। ସେହି ସମୟରେ ମଙ୍ଗଳ ଗ୍ରହ ଅଧିକ ଉଷ୍ମ ଓ ଆର୍ଦ୍ର ଥିଲା। ଗବେଷଣାର ସହ-ଲେଖକ ଲି ସାପରଙ୍କ ମତରେ, ଏହି ସନ୍ଧାନରୁ ପ୍ରାଚୀନ ମଙ୍ଗଳ ଗ୍ରହରେ ଜୀବନସତ୍ତା ପାଇଁ ଆବଶ୍ୟକୀୟ ଉପାଦାନ ଥିବା ପ୍ରମାଣିତ ହେଉଛି, ଯଦିଓ ସେଠାରେ ପ୍ରକୃତରେ ଜୀବସତ୍ତା ଥିଲା କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ଆଜି ମଙ୍ଗଳ ଗ୍ରହ ଅତ୍ୟନ୍ତ ଥଣ୍ଡା, ଶୁଷ୍କ ଓ ମରୁଭୂମି ସଦୃଶ ହୋଇପଡ଼ିଥିଲେ ହେଁ ଅତୀତରେ ସେଠାରେ ନଦୀ, ହ୍ରଦ ଏବଂ ଉତ୍ତର ଗୋଲାର୍ଦ୍ଧରେ ବିଶାଳ ମହାସାଗର ପ୍ରବାହିତ ହେଉଥିବାର ସଙ୍କେତ ମିଳୁଛି। ପୃଥିବୀରୁ ମିଳିଥିବା ମଙ୍ଗଳ ଗ୍ରହର ୪୩୫ଟି ଉଲ୍କାପିଣ୍ଡ ମଧ୍ୟରୁ କେବଳ ୩ଟି ଏହାର ସବୁଠାରୁ ପ୍ରାଚୀନ ଇତିହାସର ସୂଚନା ଦିଅନ୍ତି, ଯାହା ମଧ୍ୟରେ 'ତେଘାଜା ୦୦୧' ସବୁଠାରୁ ପୁରୁଣା। ମଙ୍ଗଳ ଗ୍ରହରେ କୌଣସି ମହାକାଶୀୟ ପିଣ୍ଡର ପ୍ରଚଣ୍ଡ ଧକ୍କା ଯୋଗୁଁ ଏହି ଶିଳାଖଣ୍ଡଟି ମହାକାଶକୁ ନିକ୍ଷିପ୍ତ ହୋଇ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରି ସାହାରା ମରୁଭୂମିରେ ଖସିପଡ଼ିଥିଲା।

ଚତୁର୍ଥ ଟି-୨୦: ବଡ଼ ସ୍କୋର୍ ଆଗରେ ଆଣ୍ଠେଇଲା ଭାରତ

ଫିଲିପ୍ସଙ୍କ ନିର୍ଘାତ ପ୍ରହାର: ବିଜୟ ଧାରାକୁ ଫେରିଲା ନ୍ୟୁଜିଲାଣ୍ଡ

ଅକ୍‌ଲାଣ୍ଡ,୩୦।୧୦: ଚଳିତ ଭାରତ ବିପକ୍ଷ ଟି-୨୦ ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ରେ ବିଜୟ ଧାରାକୁ ପ୍ରତ୍ୟାବର୍ତ୍ତନ କରିଛି ଘରୋଇ ନ୍ୟୁଜିଲାଣ୍ଡ୍। ପୂର୍ବରୁ ସିରିଜ୍‌ରେ ଅପରାଜେୟ ଅଗ୍ରଣୀ ହାସଲ କରିଥିବା ଭାରତ ସିରିଜ୍‌ରେ ପ୍ରଥମ ଥର ପାଇଁ ପରାଜୟ ବରଣ କରିଥିବା ବେଳେ ନ୍ୟୁଜିଲାଣ୍ଡର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍ ଗ୍ଲେନ୍ ଫିଲିପ୍ସଙ୍କ ଶତକୀୟ ଇନିଂସ ବଳରେ ଘରୋଇ ଦଳ ୮୭ ରନ୍‌ରେ ବିଜୟୀ ହୋଇଛି। ଭାରତୀୟ ବୋଲରଙ୍କୁ ନିର୍ଘାତ ପ୍ରହାର କରିଥିବା ଫିଲିପ୍ସଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ପ୍ରଥମେ ବ୍ୟାଟିଂ ପାଇଥିବା ନ୍ୟୁଜିଲାଣ୍ଡ୍ ଧାର୍ଯ୍ୟ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୨୫୯ ରନ୍‌ର ବଡ଼ ସ୍କୋର୍ କରିଥିଲା। ଦଳ ପକ୍ଷରୁ ଫିଲିପ୍ସ ମାତ୍ର ୪୯ ବଲ୍‌ରେ ୬ଟି ଚୌକା ଓ ୧୦ଟି ଛକା ସହ ୧୦୭ ରନ୍ କରିଥିଲେ। ଏଥିସହ ସେ ପଞ୍ଚମ ୱିକେଟ୍ ଯୋଡ଼ିରେ ମାଇକେଲ୍ ବ୍ରେସ୍‌ୱେଲ୍‌ଙ୍କ ସହ ମାତ୍ର ୪୦ ବଲ୍‌ରେ ୧୧୫ ରନ୍‌ର ଭାଗୀଦାରୀ କରି ଭାରତ ଆଗରେ ବଡ଼ ଟାର୍ଗେଟ୍ ଧାର୍ଯ୍ୟ କରିଥିଲେ। ବ୍ରେସ୍‌ୱେଲ୍ ୧୯ଟି ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବା ସହ ୨୫ ବଲ୍‌ରେ ୪ଟି ଚୌକା ଓ ୬ଟି ଛକା ସହ ୬୫ ରନ୍ କରିଥିଲେ। ଏହା ବ୍ୟତୀତ ଓପନର ଫିନ୍ ଆଲେନ୍ ୩୧, ଡାରିଲ୍ ମିଚେଲ୍ ୨୪ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ମୟଙ୍କ ଯାଦବ ୩ଟି ୱିକେଟ୍ ନେଇଥିବା ବେଳେ ଅର୍ଶଦୀପ ସିଂହ, ଅକ୍ଷର ପଟେଲ୍, ପ୍ରିନ୍ସ ଯାଦବ ଓ ନୀତୀଶ କୁମାର ରେଡ୍ଡି ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ବ୍ୟାଟିଂରେ ଦଳ ବଡ଼ ଟାର୍ଗେଟ୍‌ର ଚାପରେ ପ୍ରାରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଓଭରରେ ଓପନର ସଞ୍ଜୁ ସାମ୍‌ସନ୍ (୪୦) ଓ ଈଶାନ୍ କିଶନ୍ (୦) ଆଉଟ୍ ହୋଇଥିଲେ।

ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ୱିକେଟ୍‌ମାନ ହରାଇ ଚାଲିଥିଲା। ଫଳତଃ ଦଳ ୨୦ ଓଭର୍ ଶେଷ ସୁଦ୍ଧା ୯ ୱିକେଟ୍ ହରାଇ ମାତ୍ର ୧୭୨ ରନ୍ କରିପାରିଥିଲା। ଦଳ ପକ୍ଷରୁ ତିଲକ ବର୍ମା ସର୍ବାଧିକ ୩୫ ରନ୍ କରିଥିବା ବେଳେ ତାଙ୍କର ଏହି ଇନିଂସରେ ଗୋଟିଏ ଚୌକା ଓ ୩ଟି ଛକା ରହିଥିଲା।

ଏହାଛଡ଼ା ନମନ୍ ଧୀର ୨ଟି ଲେଖାଏଁ ଚୌକା ଓ ଛକା ସହ ୨୮, ଓପନର ଅଭିଷେକ ଯାଦବ ୩ଟି ଚୌକା ଓ ଗୋଟିଏ ଛକା ସହ ୨୭ ଏବଂ ଅଧିନାୟକ ଶ୍ରେୟସ୍ ଆୟର୍ ୪ଟି ଚୌକା ସହ ୨୨ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଜାକବ୍ ଡଫି ୪ଟି, ମାଥ୍ୟୁ ଫିଶର୍ ଓ ଅଧିନାୟକ ମିଚେଲ୍ ସାଣ୍ଟନର୍ ୨ଟି ଲେଖାଏଁ ଏବଂ ଆଡାମ୍ ମିଲ୍‌ନେ ଗୋଟିଏ ୱିକେଟ୍ ନେଇଥିଲେ। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ସୁଦ୍ଧା ଭାରତ ୩-୧ରେ ଆଗୁଆ ରହିଥିବା ବେଳେ ଅନ୍ତିମ ମ୍ୟାଚ୍‌ଟି ଆସନ୍ତା ୧ ତାରିଖରେ ହାମିଲଟନ୍‌ଠାରେ ଖେଳାଯିବ।

ମୁମ୍ବାଇ ଲୋକଭବନରେ ଡକ୍ଟର କୃପାନିଧି ବିଶ୍ୱାଳ ସମ୍ମାନିତ

ମୁମ୍ବାଇ,୩୦।୧୦(ସଂଚାର ବ୍ୟୁରୋ): ମହାରାଷ୍ଟ୍ରର ଲୋକଭବନସ୍ଥିତ ଦରବାର ହଲ୍‌ରେ ଜମ୍ମୁ-କାଶ୍ମୀର ଓ ଲଦାଖର ପ୍ରତିଷ୍ଠା ଦିବସ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଛି। ଏଥିରେ ମହାରାଷ୍ଟ୍ରର ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଆଦର୍ଶକୁ ଆଗେଇ ନେବା ସହ ଜାତୀୟ ଏକତା ଓ ସଂହତିକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ବରିଷ୍ଠ ସମାଜସେବୀ ତଥା ଓଡ଼ିଶା ଭବନ, ମୁମ୍ବାଇର ପୂର୍ବତନ ସହକାରୀ ଆବାସିକ ଆୟୁକ୍ତ ଡକ୍ଟର କୃପାନିଧି ବିଶ୍ୱାଳଙ୍କୁ ତାଙ୍କର ଦୀର୍ଘଦିନର ସମାଜସେବା, ଓଡ଼ିଶା ଭବନର ସୁପରିଚାଳନା, କୋଭିଡ୍ ମହାମାରୀ ସମୟରେ ମାନବସେବା, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଏବଂ ଓଡ଼ିଶାର କଳା, ସ୍ଥାପତ୍ୟ ଓ ସଂସ୍କୃତିର ପ୍ରସାର ପାଇଁ ସମ୍ମାନ ଫଳକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବଲିଉଡ଼୍‌ରେ ପ୍ରତିଷ୍ଠା ଅର୍ଜନ କରିଥିବା ଓଡ଼ିଆ ଝିଅ ଲେସ୍‌ଲୀ ତ୍ରିପାଠୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସେହିପରି ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ଓ ଜିଏଚ୍‌ଆର୍‌ଟି ଇଣ୍ଟରନ୍ୟାସନାଲ୍‌ର ଅଧ୍ୟକ୍ଷ ତଥା ଓଡ଼ିଶା ଶାଖାର ସଭାପତି ଡକ୍ଟର ମାନସ କୁମାର ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଡକ୍ଟର ବିଶ୍ୱାଳ ଆସନ୍ତା ନଭେମ୍ବର ୨୮ ଓ ୨୯ ତାରିଖରେ ପୁଣେଠାରେ ଆୟୋଜିତ ହେବାକୁ ଥିବା ସତ୍‌ସଙ୍ଗ ମହାରାଷ୍ଟ୍ର ମହୋତ୍ସବ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ।

ଶୈଳବାଳା ମହିଳା ମହାବିଦ୍ୟାଳୟରେ ଶିଳ୍ପ ପ୍ରେରଣା ଅଭିଯାନ

କଟକ, ୩୦।୧୦ (ସଂଚାର ବ୍ୟୁରୋ): କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ଉଦ୍ୟୋଗ ପ୍ରତିଷ୍ଠା, ନବସୃଜନ, ଷ୍ଟାର୍ଟଅପ୍ ଏବଂ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଦକ୍ଷତା ବିକାଶ ସୁଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଏକ ଶିଳ୍ପ ପ୍ରେରଣା ଅଭିଯାନ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା ଏହି ସଭାରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ଏ.କେ. ଖିଲାର ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସହକାରୀ ଶିଳ୍ପ ଅଧିକାରୀ ସତ୍ୟପ୍ରିୟ ସାହୁ ଓ ସମୀର କୁମାର ବାରିକ ସରକାରଙ୍କ ପକ୍ଷରୁ ଷ୍ଟାର୍ଟଅପ୍, ଉଦ୍ୟୋଗ ପ୍ରତିଷ୍ଠା ଓ ଦକ୍ଷତା ବିକାଶ ନିମନ୍ତେ ଉପଲବ୍ଧ ବିଭିନ୍ନ ସୁଯୋଗ ଓ ଯୋଜନା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ନବସୃଜନ ପାଇଁ ଚିହ୍ନଟ ହୋଇଥିବା ୨୧ଟି ବିଷୟବସ୍ତୁ ଉପରେ ସେମାନେ ବିସ୍ତୃତ ଆଲୋକପାତ କରିଥିଲେ। ଛାତ୍ରୀମାନେ କିପରି ନିଜର ନୂତନ ଓ ସୃଜନଶୀଳ ଚିନ୍ତାଧାରା ଉପସ୍ଥାପନ କରି ଏହି ପ୍ରତିଯୋଗିତାରେ ଭାଗନେବା ସହ ଆକର୍ଷଣୀୟ ପୁରସ୍କାର ହାସଲ କରିପାରିବେ, ସେ ସମ୍ପର୍କରେ ମଧ୍ୟ ସେମାନେ ମାର୍ଗଦର୍ଶନ କରିଥିଲେ।ଏହି ଅଭିଯାନରେ ଶତାଧିକ ଛାତ୍ରୀ ଯୋଗଦେଇ ଶିଳ୍ପ ଓ ଉଦ୍ୟୋଗ କ୍ଷେତ୍ରରେ ରହିଥିବା ବିଭିନ୍ନ ସମ୍ଭାବନା ସମ୍ପର୍କରେ ଉପାଦେୟ ତଥ୍ୟ ହାସଲ କରିଥିଲେ।

ଅମ୍ଳୀୟ ମାଟିର ପରିଚାଳନା ନେଇ ବୁଝାମଣା

କଟକ, ୩୦।୧୦ (ସଂଚାର ବ୍ୟୁରୋ): ଶିଳ୍ପ କାରଖାନାରୁ ବାହାରୁଥିବା ଉପ-ଉତ୍ପାଦ ବା ଷ୍ଟିଲ୍ ସ୍ଲାଗ୍‌କୁ କୃଷି କ୍ଷେତ୍ରରେ ସୁବିନିଯୋଗ କରିବା ଉଦ୍ଦେଶ୍ୟରେ ଭାରତୀୟ କୃଷି ଗବେଷଣା ପରିଷଦ ଅଧୀନସ୍ଥ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (କଟକ) ଏବଂ ଶିଳ୍ପ ସଂସ୍ଥା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ବିକଶିତ ଅଭିନବ ଉତ୍ପାଦ ମାଧ୍ୟମରେ ଅମ୍ଳୀୟ ମାଟିର ଉନ୍ନତି ଓ ମୃତ୍ତିକା ସ୍ୱାସ୍ଥ୍ୟର ସୁରକ୍ଷା ଏହି ସହଯୋଗର ମୁଖ୍ୟ ଉଦ୍ଦେଶ୍ୟ। ଏହି ପଦକ୍ଷେପ ଦ୍ୱାରା ଶିଳ୍ପ ଓ ଗବେଷଣା କ୍ଷେତ୍ର ମଧ୍ୟରେ ସହଯୋଗ ବୃଦ୍ଧି ପାଇବା ସହିତ ଶିଳ୍ପ ବର୍ଜ୍ୟବସ୍ତୁର ସୁବିନିଯୋଗ ଏବଂ ସ୍ଥାୟୀ କୃଷିର ବିକାଶକୁ ପ୍ରୋତ୍ସାହନ ମିଳିବ। ଏହି ବୁଝାମଣାପତ୍ରରେ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଜି. ଏ. କେ. କୁମାର ଏବଂ ସଂପୃକ୍ତ ଶିଳ୍ପ ସଂସ୍ଥାର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ ରାୟ ସ୍ୱାକ୍ଷର କରିଥିଲେ। ଏହି ଅବସରରେ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ଫସଲ ଉତ୍ପାଦନ ବିଭାଗର ମୁଖ୍ୟ ତଥା ପ୍ରଧାନ ବୈଜ୍ଞାନିକ ଡ. ପ୍ରତାପ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ। ଏଥିସହ ଶିଳ୍ପ ସଂସ୍ଥାର ଅଧିକାରୀ ପ୍ରକାଶ ସାହ୍ୱା, ଉପସଭାପତି ତଥା ଜୋନାଲ୍ ମୁଖ୍ୟ ମନୋଜ ପଟ୍ଟୱାରୀ, ପରିବେଶ ବିଭାଗର ଅଧିକାରୀ ସନ୍ତୋଷ କୁମାର ପଟ୍ଟଯୋଶୀ ଏବଂ ଅନ୍ୟାନ୍ୟ ଜୋନାଲ୍ ମୁଖ୍ୟ ଓ ପରିବେଶ ବିଭାଗର ସଦସ୍ୟମାନେ ଯୋଗ ଦେଇଥିଲେ।

ବିଜୟା ବ୍ୟାଙ୍କ ପେନସନଭୋଗୀ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସଭା

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଆଜି ଭୁବନେଶ୍ୱରର ବାଣୀ ବିହାର ନିକଟସ୍ଥ ହୋଟେଲ୍ ଶୀତଲ୍‌ରେ 'ବିଜୟା ବ୍ୟାଙ୍କ ପେନସନଭୋଗୀ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ'ର ଓଡ଼ିଶା ଶାଖା ପକ୍ଷରୁ ତ୍ରିବାର୍ଷିକ ସାଧାରଣ ସଭା ଓ ସଦସ୍ୟ ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବିଜୟା ବ୍ୟାଙ୍କର ବହୁ ଅବସରପ୍ରାପ୍ତ କର୍ମଚାରୀ ଏହି ସଭାରେ ଯୋଗ ଦେଇଥିଲେ ଓ ସଂଗଠନର ବିକାଶ ତଥା ପେନସନଭୋଗୀମାନଙ୍କ ସମସ୍ୟା ସମ୍ପର୍କରେ ନିଜର ମତାମତ ଆଦାନପ୍ରଦାନ କରିଥିଲେ। ଏହି ସଭାରେ ସଂଘର କେନ୍ଦ୍ରୀୟ କମିଟିର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ, ଯେଉଁମାନଙ୍କ ମଧ୍ୟରେ ସଭାପତି ଶିବରାମ ଆଲଭା, ଉପସଭାପତି କମଲ ଶାହ ଓ ପରାମର୍ଶଦାତା ପ୍ରକାଶ ରାଓ ଅନ୍ତର୍ଭୁକ୍ତ ଥିଲେ। ଓଡ଼ିଶା ଶାଖାର ସଭାପତି ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ବିମଳ ପଟ୍ଟନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରି ସଂଘର ବିଭିନ୍ନ କାର୍ଯ୍ୟକଳାପ ଓ ସଫଳତା ଉପରେ ଆଲୋକପାତ କରିଥିଲେ। ପରାମର୍ଶଦାତା ଅନନ୍ତ ଚରଣ ସ୍ୱାଇଁ ଓଡ଼ିଶା ଶାଖାକୁ ଅଧିକ ସୁଦୃଢ଼ ଓ ବିକଶିତ କରିବା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। କେନ୍ଦ୍ରୀୟ କମିଟିର ପ୍ରତିନିଧିମାନେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀମାନଙ୍କୁ ପ୍ରଭାବିତ କରୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ଭିଏଏମ୍‌ଏଲ୍ ଦକ୍ଷତା କେନ୍ଦ୍ରର ବ୍ୟାଚ୍ ଅଗ୍ରଣୀ କମ୍ପାନୀରେ ନିଯୁକ୍ତି ସୁନିଶ୍ଚିତ କରିଛି

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଯୁବ ସଶକ୍ତିକରଣ, ଗ୍ରାମୀଣ ବିକାଶ ଓ ସ୍ଥାୟୀ ଜୀବିକା ସୃଷ୍ଟି ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ନିଜର ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଦକ୍ଷତା କେନ୍ଦ୍ର ମାଧ୍ୟମରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ତାଲିମ କେନ୍ଦ୍ରର ସଦ୍ୟତମ ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ୍ ବ୍ୟାଚ୍ ୮୭ ପ୍ରତିଶତ ନିଯୁକ୍ତି ହାର ରେକର୍ଡ କରିଛି, ଯେଉଁଥିରେ ୩୦ ଜଣ ତାଲିମପ୍ରାପ୍ତ ପ୍ରାର୍ଥୀଙ୍କ ମଧ୍ୟରୁ ୨୬ ଜଣ ଅଗ୍ରଣୀ କମ୍ପାନୀରେ ନିଯୁକ୍ତି ସୁଯୋଗ ହାସଲ କରିଛନ୍ତି। ୩ ମାସର ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ୍ ତାଲିମ କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଶିଳ୍ପ-ପ୍ରାସଙ୍ଗିକ ବୈଷୟିକ ଜ୍ଞାନ ଓ ବ୍ୟାବହାରିକ ଦକ୍ଷତା ସହ ସଜ୍ଜିତ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ନିର୍ଦ୍ଦିଷ୍ଟ ତାଲିମ ସହ ଅଂଶଗ୍ରହଣକାରୀମାନେ ଆଇଟି ପାଠ, ଯୋଗାଯୋଗ ଦକ୍ଷତା, କାର୍ଯ୍ୟସ୍ଥଳୀ ନୈତିକତା, ସାକ୍ଷାତକାର ପ୍ରସ୍ତୁତି, ବ୍ୟକ୍ତିତ୍ୱ ବିକାଶ ଓ ଆଜିର ଚାକିରି ବଜାର ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା ଲାଗି ଅନ୍ୟାନ୍ୟ ନିଯୁକ୍ତି-ବୃଦ୍ଧି ଦକ୍ଷତା ଉପରେ ନିର୍ଦ୍ଦେଶ ପାଇଥିଲେ।

ବ୍ୟାଚର ଏକ ପ୍ରମୁଖ ବିଶେଷତ୍ୱ ହେଉଛି କୋଏମ୍ବାଟୁରରେ ୧୧ ଜଣ ପ୍ରାର୍ଥୀଙ୍କୁ ଫ୍ଲିପକାର୍ଟରେ ନିଯୁକ୍ତି ମିଳିଛି। ଏମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ନିଜ ନିଜ କାର୍ଯ୍ୟସ୍ଥଳୀକୁ ବିମାନରେ ଯାତ୍ରା କରିବା ଏକ ଜୀବନ ପରିବର୍ତ୍ତନକାରୀ ପ୍ରଥମ ଅନୁଭୂତି ଓ ଆର୍ଥିକ ସ୍ୱାଧୀନତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଏହି ପଦକ୍ଷେପ ଲାଞ୍ଜିଗଡ଼ରେ ନିଯୁକ୍ତି ସୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ପ୍ରତିନିଧିତ୍ୱ କରେ, ସ୍ଥାନୀୟ ଯୁବକମାନଙ୍କୁ ଆନୁଷ୍ଠାନିକ ନିଯୁକ୍ତି ପାଇବା ଓ ସ୍ଥାୟୀ କ୍ୟାରିୟର ନିର୍ମାଣ ପାଇଁ ଆବଶ୍ୟକ ଦକ୍ଷତା ଓ ସୁଯୋଗ ସହ ସଜ୍ଜିତ କରେ। ଏହି ସଫଳତା ଉପରେ ବକ୍ତବ୍ୟ ରଖି ଭିଏଏମଏଲର ଆଲୁମିନା ବିଜନେସ୍ ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଭିଏଏମଏଲରେ, ଆମେ ବିଶ୍ୱାସ କରୁ ଯେ ଅର୍ଥପୂର୍ଣ୍ଣ ଦକ୍ଷତା ବିକାଶ ଜୀବନକୁ ବଦଳାଇ ଦେଇପାରିବ ଓ ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସୁଯୋଗ ଉନ୍ମୁକ୍ତ କରିପାରିବ। ଏହି ବ୍ୟାଚର ସଫଳତା ଆମର ଯୁବକମାନଙ୍କ ଆକାଂକ୍ଷା ଓ ସଂକଳ୍ପକୁ ପ୍ରତିଫଳିତ କରୁଛି, ଯାହା ଗୁଣାତ୍ମକ ତାଲିମ ଓ ଦୃଢ଼ ଶିଳ୍ପ ସଂଯୋଗ ଦ୍ୱାରା ସମର୍ଥିତ। ଆମେ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଓ ଯୁବକମାନଙ୍କୁ ନିଜ ପାଇଁ ଏବଂ ସେମାନଙ୍କ ସମ୍ପ୍ରଦାୟ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ପାଇଁ ସଶକ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ।

କୋଏମ୍ବାଟୁରରେ ନିଯୁକ୍ତି ପାଇଥିବା ଲାଞ୍ଜିଗଡ଼ର ନିତୁନି ଦଣ୍ଡସେନା କହିଛନ୍ତି ଯେ ବେଦାନ୍ତ ଦକ୍ଷତା କେନ୍ଦ୍ରରେ ତାଲିମ ମୋତେ ନିଯୁକ୍ତି ସୁରକ୍ଷିତ କରିବା ପାଇଁ ଆବଶ୍ୟକ ବୈଷୟିକ ଦକ୍ଷତା, ଆତ୍ମବିଶ୍ୱାସ ଓ କାର୍ଯ୍ୟସ୍ଥଳୀ ପ୍ରସ୍ତୁତି ଦେଇଥିଲା।

ଦୁର୍ନୀତି ନିବାରଣ ସଚେତନତା ୱାକାଥନ୍

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଏକ ସଚେତନତା ୱାକାଥନ୍ ଅନୁଷ୍ଠିତ ହୋଇଛି। ଏହା ପାୱାର ହାଉସ୍ ଛକରୁ ବାହାରି କଳିଙ୍ଗ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଇଥିଲା। ଏହାକୁ ଓଡ଼ିଶା ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଲ ଶୁଭାରମ୍ଭ କରିଥିଲେ। ଏଥିରେ ଡିଏଭି ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖରପୁର, ୟୁନିଟ୍-୮ ଓ ପୋଖରୀପୁଟର ଛାତ୍ରଛାତ୍ରୀ, ଷ୍ଟୁଆର୍ଟ ସ୍କୁଲ, ଲୋୟଲା ସ୍କୁଲ, ମଦର୍ସ ପବ୍ଲିକ୍ ସ୍କୁଲ ଓ ଅନ୍ୟାନ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟ ୧୨୦୦ ଛାତ୍ରଛାତ୍ରୀ ଓ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ତୃଣମୂଳ ସ୍ତରରୁ ଦୁର୍ନୀତି ତଥା ଲାଞ୍ଚ ଦେବା ଓ ନେବା ଏକ ଅପରାଧ ବୋଲି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ଓ ସ୍ଲୋଗାନ୍ ଦେଇ ୱାକାଥନ୍‌ରେ ଯୋଗଦେଇଥିଲେ। ନିଜ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ଦୁର୍ନୀତି ବିରୋଧରେ ଲଢ଼େଇ କରିବା ପାଇଁ ପ୍ରୟାସୀ ହେବେ ବୋଲି ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଭିଜିଲାନ୍ସ ଏଆଇଜି ସିଏମ୍ ପାତ୍ର, ଭୁବନେଶ୍ୱର ଦୁର୍ନୀତି ନିବାରଣ ଶାଖାର ଆରକ୍ଷୀ ଅଧୀକ୍ଷକ ସରୋଜ କୁମାର ସାମଲ, କଟକ ଦୁର୍ନୀତି ନିବାରଣ ଶାଖାର ଆରକ୍ଷୀ ଅଧୀକ୍ଷକ କେବି ଆଚାର୍ଯ୍ୟ, ସେଲ୍ ଡିଭିଜନ୍‌ର ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାର ବିଶ୍ୱାଳ, ଭୁବନେଶ୍ୱର ଡିସିପି ଡ. ସର୍ବଣା ବିବେକ ଏମ., ଆଇନ ପରାମର୍ଶଦାତା ଆର୍‌ଏନ୍ ଦାସଙ୍କ ସମେତ ରାଜ୍ୟ ଦୁର୍ନୀତି ନିବାରଣ ଏକାଡେମୀ ଓ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ୱାକାଥାନ୍‌ରେ ସାମିଲ ହୋଇଥିଲେ।

୧୪ରୁ ୩୭ତମ ପିକକ୍ ଶିଶୁମେଳା

ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ): ଚଳିତ ବର୍ଷ ୩୭ତମ ଶିଶୁ ମେଳା ଆସନ୍ତା ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଭୁବନେଶ୍ୱର ଏକାମ୍ର ହାଟର ମୁକ୍ତ ରଙ୍ଗମଞ୍ଚରେଅନୁଷ୍ଠିତ ହେବ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିକକ୍ ପକ୍ଷରୁ ୧୯୯୦ରୁ ଶିଶୁ ଅଧିକାର ସପ୍ତାହରେ ସପ୍ତାହବ୍ୟାପୀ 'ଶିଶୁମେଳା' ଅନୁଷ୍ଠିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଶିଶୁ ମେଳାର ବିଭିନ୍ନ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଶିଶୁମେଳା ଅବସରରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆସନ୍ତା ୧୫ ତାରିଖରେ ସ୍ଥାନୀୟ ଏକାମ୍ର ହାଟଠାରେ ପ୍ରାତଃ ୮ଟାରେ ଚିତ୍ରାଙ୍କନ ପ୍ରତିଯୋଗିତା (୨ୟରୁ ଦଶମ ଶ୍ରେଣୀ); ପୂର୍ବାହ୍ନ ୧୧ଟାରେ ଗୀତ ପ୍ରତିଯୋଗିତା (୨ୟରୁ ଦଶମ ଶ୍ରେଣୀ), ଅପରାହ୍ନ ୪ଟାରେ ୩ ବର୍ଷରୁ କମ୍ ବୟସର ଶିଶୁଙ୍କ ମଧ୍ୟରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା (ଜନ୍ମ ପ୍ରମାଣପତ୍ର ଓ ଟିକାକରଣ ପ୍ରମାଣପତ୍ର ବାଧ୍ୟତାମୂଳକ); ସନ୍ଧ୍ୟା ୬ଟାରେ ଓଡିଶୀ ନୃତ୍ୟ ପ୍ରତିଯୋଗିତା (୨ୟ ରୁ ୧୦ମ ଶ୍ରେଣୀ) ଆୟୋଜିତ ହେବ। ସେହିପରି ୧୬ ତାରିଖ ଅପରାହ୍ନ ସାଢ଼େ ୪ଟାରେ ଆବୃତ୍ତି ପ୍ରତିଯୋଗିତା (ନର୍ସରୀରୁ ପ୍ରଥମ ଶ୍ରେଣୀ); ୧୮ ତାରିଖ ଅପରାହ୍ନ ୪ଟାରେ କୌତୁକ ପୋଷାକ (ନର୍ସରୀରୁ ସପ୍ତମ ଶ୍ରେଣୀ); ସନ୍ଧ୍ୟା ୮ଟାରେ କମେଡି ପ୍ରତିଯୋଗିତା (ପଞ୍ଚମରୁ ଦଶମ ଶ୍ରେଣୀ) ଓ ୧୯ ତାରିଖ ଅପରାହ୍ନ ସାଢ଼େ ୪ଟାରେ ଆଧୁନିକ ନୃତ୍ୟ ପ୍ରତିଯୋଗିତା (ନର୍ସରୀରୁ ୪ର୍ଥ ଶ୍ରେଣୀ) ପିଲାଙ୍କ ମଧ୍ୟରେ ଅନୁଷ୍ଠିତ ହେବ।

ଅପମିଶ୍ରିତ ସାମଗ୍ରୀ, ବ୍ରହ୍ମପୁର ମହାନଗର ନିଗମ ଆଗରେ

ଭୁବନେଶ୍ୱର,୩୦।୧୦: ଅପମିଶ୍ରିତ ଖାଦ୍ୟ ଜବତ ସହିତ ଜୋରିମାନା ପ୍ରଦାନରେ ବ୍ରହ୍ମପୁର ମହାନଗର ନିଗମ ରାଜ୍ୟରେ ସବୁଠାରୁ ଆଗରେ ରହିଛି। ଏଠାରେ ଗତ ଦୁଇବର୍ଷ ମଧ୍ୟରେ ଅପମିଶ୍ରିତ ଖାଦ୍ୟ ବାବଦରେ ୨୩ଲକ୍ଷ ଟଙ୍କାରୁ ଅଧିକ ପରିମାଣର ଜୋରିମାନା ଆଦାୟ ହୋଇଥିବାବେଳେ ୧୦ ଜଣଙ୍କୁ ଦଣ୍ଡିତ କରାଯାଇଛି। ଖାଦ୍ୟ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ନିୟମିତ ଭାବେ ଖାଦ୍ୟ ଯାଞ୍ଚ କରିବା ସହିତ ପରୀକ୍ଷାପାଇଁ ନମୂନା ସଂଗ୍ରହ କରିଥାନ୍ତି। ଯେଉଁସବୁ ନମୂନା ପରୀକ୍ଷାରୁ ଖାଦ୍ୟ ଅପମିଶ୍ରିତ ବୋଲି ଜଣାଯାଇଥାଏ ସେଠାରେ ତାହା ଜବତ ସହିତ ଜୋରିମାନା ଆଦାୟ ହୁଏ ଏବଂ ଏଥିପାଇଁ ସମ୍ପୃକ୍ତ ବ୍ୟବସାୟୀ କିମ୍ବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥାଏ।

ଗତ ଦୁଇ ବର୍ଷରେ ରାଜ୍ୟରେ ୭୩୯୨ ନମୂନା ସଂଗ୍ରହ କରାଯାଇଥିବାବେଳେ ୪୨୭ କୁଇଣ୍ଟାଲ ଖାଦ୍ୟ ସାମଗ୍ରୀ ଜବତ ହୋଇଛି। ତେବେ ଖାଦ୍ୟ ଅପମିଶ୍ରଣ ଅଭିଯୋଗରେ ପ୍ରାୟ ୯୬ଲକ୍ଷ ଟଙ୍କା ଜରିମାନା ଆକାରରେ ଆଦାୟ କରାଯାଇଛି। ଏହି ସମୟରେ ୧୩୩ ଜଣ ଦଣ୍ଡିତ ହୋଇଛି। ଜରିମାନା ଆଦାୟରେ ବ୍ରହ୍ମପୁର ମହାନଗର ନିଗମ ଆଗରେ ଥିବାବେଳେ ଏହା ପଛକୁ ସୁନ୍ଦରଗଡ ଜିଲ୍ଲା ରହିଛି। ଏହି ଜିଲ୍ଲାରୁ ଜୋରିମାନା ବାବଦରେ ୫ ଲକ୍ଷ ୪୬ ହଜାର ଟଙ୍କା ଆଦାୟ ହୋଇଛି। ଅନୁଗୁଳରୁ ୩ଲକ୍ଷ ୩୩ହଜାର ଟଙ୍କା ଆଦାୟ ହୋଇଥିବା ବେଳେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରୁ ୩ଲକ୍ଷ ୭୦ହଜାର, କଟକ ମହାନଗର ନିଗମରୁ ୩ଲକ୍ଷ ୩୧ ହଜାର ଟଙ୍କା ଆଦାୟ କରାଯାଇଛି। ଗଜପତି ଜିଲ୍ଲାରୁ ୩ ଲକ୍ଷ ୭୭ ହଜାର ଟଙ୍କା ଆଦାୟ ହୋଇଥିବାବେଳେ ମାଲକାନଗିରି ଭଳି ଜିଲ୍ଲାରୁ ୨ଲକ୍ଷ ୪୦ହଜାର ଟଙ୍କା ଆଦାୟ ହୋଇଛି।

ରାଜ୍ୟରେ ଜନସଂଖ୍ୟା ତୁଳନାରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସଂଖ୍ୟା ସୀମିତ ରହିଛି। ଏମାନଙ୍କ ମଧ୍ୟରୁ ୫ ଜଣ ଅଧିକାରୀଙ୍କ ବିରୋଧରେ ସରକାର ବିଭିନ୍ନ ଅଭିଯୋଗ ଆଧାରରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଭୁବନେଶ୍ୱର, କଟକ, ବ୍ରହ୍ମପୁର ଭଳି ସହରରେ ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ ଆବଶ୍ୟକ ସଂଖ୍ୟକ ଅଧିକାରୀ ନାହାନ୍ତି। ତେବେ ଯେତିକି ବି ଖାଦ୍ୟ ସୁରକ୍ଷା ଅଧିକାରୀ ରହିଛନ୍ତି ସେମାନେ ଯେଉଁଠାରେ ହାତ ମାରୁଛନ୍ତି ସେଠାରେ ଅପମିଶ୍ରିତ ସାମଗ୍ରୀ ଜବତ ହେଉଛି। ନିକଟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଛେନା ଓ ପନୀର ଦୋକାନ ଉପରେ ଚଢ଼ାଉରୁ ଏହା ପଦାକୁ ଆସିଥିଲା। ସେହିଭଳି ରାଜ୍ୟର ବିଭିନ୍ନ ସ୍ଥାନରୁ ନିମ୍ନମାନର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କାରଖାନା ବି ଜବତ ହେଉଛି। କେତେକ ସ୍ଥାନରେ ନାମୀଦାମୀ କମ୍ପାନୀର ସାମଗ୍ରୀ ପ୍ୟାକେଟରେ ନିମ୍ନ ମାନର ସାମଗ୍ରୀ ଭର୍ତ୍ତିକରି ବଜାରକୁ ଛଡାଯାଉଛି। ନିୟମିତ ଚଢ଼ାଉରୁ ଯେତେସବୁ ଧରାପଡୁଛନ୍ତି ବାସ୍ତବତା ତୁଳନାରେ ତାହାର ସଂଖ୍ୟା ଢେର କମ୍ ରହୁଥିବା କୁହାଯାଉଛି। ଯେତିକି ବି ସାମଗ୍ରୀ ଜବତ ହେଉଛି କିମ୍ବା ମାମଲା ରୁଜୁ ହେଉଛି କଠୋର ଦଣ୍ଡ ବ୍ୟବସ୍ଥା ନ ଥିବାରୁ ଅପମିଶ୍ରଣକାରୀମାନେ କେବଳ ଅର୍ଥ ଦଣ୍ଡ ଗଣି ସହଜରେ ଖସିଯାଉଛନ୍ତି। (ତଥ୍ୟ)

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଉବୁଟୁବୁ ହେଉଛି...

ଯୋଗୁ ଜନବସତି ଅଞ୍ଚଳରେ ଥିବା ପ୍ରଭାବିତଙ୍କ ପାଖରେ ଖାଦ୍ୟ ସାମଗ୍ରୀ ପହଞ୍ଚାଇବାକୁ ପ୍ରଶାସନ ଏବେ ପ୍ରାଥମିକତା ଦେଇ ଏୟାର ଡ୍ରପିଙ୍ଗ୍ କରାଉଛି। ଆଉ ଏସବୁ ମଧ୍ୟରେ ଆସନ୍ତା ୨ ତାରିଖରେ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସି କ୍ଷୟକ୍ଷତିର ଆକଳନ କରିବେ ବୋଲି ଜଣାପଡ଼ିଛି। ସେହିପରି ଆକାଶମାର୍ଗରୁ ପରିସ୍ଥିତିର ଆକଳନ କରିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିପଦର ସମୟରେ ରାଜ୍ୟବାସୀଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ମୋର ସର୍ବୋଚ୍ଚ ପ୍ରାଥମିକତା। ପ୍ରଭାବିତଙ୍କ ନିକଟରେ ଖାଦ୍ୟ, ପାନୀୟ ଜଳ ଓ ଜରୁରୀ ସ୍ୱାସ୍ଥ୍ୟସେବା ଯେପରି ବିନା ବାଧାରେ ପହଞ୍ଚିପାରିବ, ସେଥିପାଇଁ ସମଗ୍ର ପ୍ରଶାସନ ଅହୋରାତ୍ର କାର୍ଯ୍ୟ କରୁଛି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛି। ଏଥିସହ ବିପର୍ଯ୍ୟସ୍ତ ଗାଁଗୁଡ଼ିକର ପୁନରୁଦ୍ଧାର, ବିଦ୍ୟୁତ ସରବରାହ ସ୍ୱାଭାବିକ କରିବା ଓ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ପାଇଁ ପ୍ରଶାସନକୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କଠିନ ସମୟରେ ସରକାର ଦୃଢ଼ତାର ସହ ସହ ଛିଡ଼ା ହୋଇ ରହିଛନ୍ତି। ପ୍ରଭାବିତ ଅଞ୍ଚଳ ଲୋକମାନଙ୍କୁ ସାହସ ରଖି ସୁରକ୍ଷିତ ସ୍ଥାନରେ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳଙ୍କ ସୂଚନାକୁ ଅନୁସରଣ କରି ପଦକ୍ଷେପ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି। ସମସ୍ତେ ମିଳିତ ଭାବେ ଏହି ସଙ୍କଟରୁ ଖୁବ୍ ଶୀଘ୍ର ବାହାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ବନ୍ୟା ପରିସ୍ଥିତିକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସହ ଫୋନରେ କଥା ହେବା ପରେ କେନ୍ଦ୍ର ସରକାର ତୁରନ୍ତ ସହାୟତା ଓ ହେଲିକପ୍ଟର ଯୋଗାଇ ଦେଉଛନ୍ତି ତଥା ରାଜ୍ୟର ପୁରା ପ୍ରଶାସନିକ ଟିମ୍ ସଜାଗ ରହି ଲୋକଙ୍କ ସେବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେପଟେ ବାତ୍ୟା ଓ ବନ୍ୟା କ୍ଷୟକ୍ଷତିର ପ୍ରତ୍ୟକ୍ଷ ଆକଳନ ପାଇଁ ଆସନ୍ତା ୨ ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରାଳୟର ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତ କରି କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିବେ ସହ ଜିଲ୍ଲାପାଳ ଓ ଅଧିକାରୀମାନଙ୍କ ସଙ୍ଗେ ବୈଠକ କରି ରିପୋର୍ଟ ପ୍ରସ୍ତୁତ କରିବେ। ସେହିପରି ସ୍ୱତନ୍ତ୍ର ରିଲିଫ କମିଶନର କେବଳ ଗଞ୍ଜାମ ଜିଲ୍ଲାର ବନ୍ୟା ମୁକାବିଲା ଓ ରିଲିଫ୍ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅତିରିକ୍ତ ୨୦ କୋଟିର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପରି ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ପ୍ରବଳ ବର୍ଷା ଯୋଗୁଁ ଅନେକ ଗାଁରେ ଘରର ତଳ ମହଲା ପର୍ଯ୍ୟନ୍ତ ବନ୍ୟାପାଣି ପଶିଯାଇ ଚାରିଆଡ଼ େ ଜଳମଗ୍ନ ହୋଇଯାଇଛି। ଏଭଳି ସଙ୍କଟଜନକ ସ୍ଥିତିରେ ଉଦ୍ଧାର କାର୍ଯ୍ୟ ପାଇଁ କୋଷ୍ଟଗାର୍ଡ ହେଲିକପ୍ଟର ନିୟୋଜିତ କରାଯାଇ ଗୁରୁତର ରୋଗୀମାନଙ୍କୁ ଏୟାରଲିଫ୍ଟ କରି ତୁରନ୍ତ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଛି। ଏଥିସହ ନୌସେନାର ହେଲିକପ୍ଟର ଯୋଗେ ବିଭିନ୍ନ ଜଳବନ୍ଦୀ ଅଞ୍ଚଳରେ ରିଲିଫ୍ ଓ ଶୁଖିଲା ଖାଦ୍ୟ ସାମଗ୍ରୀ ଏୟାର ଡ୍ରପିଙ୍ଗ୍ କରାଯାଉଛି। କୌଣସି ବି ପ୍ରଭାବିତ ପରିବାର କିମ୍ବା ବ୍ୟକ୍ତି ଯେପରି ଅନାହାରରେ ନ ରହନ୍ତି ଓ ପ୍ରତ୍ୟେକ ବନ୍ୟା ପିଡୁତଙ୍କ ପାଖରେ ରନ୍ଧା ଖାଦ୍ୟ କିମ୍ବା ଶୁଖିଲା ଖାଦ୍ୟ ପ୍ୟାକେଟ୍ ନିଶ୍ଚିତ ଭାବେ ପହଞ୍ଚେ, ତାହା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଜିଲ୍ଲାପାଳ ଓ ଆଇଜିଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ରିଲିଫ୍ ବଣ୍ଟନ ପାଇଁ ଗଞ୍ଜାମ ଜିଲ୍ଲାରେ ୨୧ଟି ସ୍ଥାନ ଚିହ୍ନଟ କରାଯାଇଛି। ନୌସେନାର ହେଲିକପ୍ଟର, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ରିଲିଫ୍ ବଣ୍ଟନ କରୁଛନ୍ତି। କେବଳ ହିଞ୍ଜିଳି ଅଂଚଳରେ ୧୨୦୦ କେଜିର ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଇଛି। କୋଷ୍ଟଗାର୍ଡ ହେଲିକପ୍ଟର ସହାୟତାରେ ପାଣି ଘେରରୁ ୬ଜଣଙ୍କୁ ଉଦ୍ଧାର କରାଯାଇଛି ଓ ଯୋରଡ଼ା, ଆସିକା, ଧରାକୋଟ ଭଳି ଜଳବନ୍ଦୀ ଅଂଚଳରେ ଖାଦ୍ୟ ଓ ଜରୁରୀ ସାମଗ୍ରୀ ପହଂଚାଯାଉଛି। ପ୍ରବଳ ଭୂସ୍ଖଳନ ଯୋଗୁଁ ଜାତୀୟ ରାଜପଥ, ରାଜ୍ୟ ରାଜପଥ ସମେତ ବହୁ ମୁଖ୍ୟ ରାସ୍ତା ନଷ୍ଟ ହୋଇଯାଇଛି।

୩୦ ଓଏଏସଙ୍କୁ...

ଗଞ୍ଜାମ ଜିଲ୍ଲା ପ୍ରଶାସନକୁ ପୁନରୁଦ୍ଧାର କାର୍ଯ୍ୟରେ ସହଯୋଗ କରିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୧୦ ଜଣ ବରିଷ୍ଠ ଓଏଏସ ଅଧିକାରୀଙ୍କୁ ତୁରନ୍ତ ମୁତୟନ କରାଯାଇଛି। ଜଗତସିଂହପୁରର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ଗାୟତ୍ରୀଦତ୍ତ ନାୟକ, ଭୁବନେଶ୍ୱରର ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ, କରଞ୍ଜିଆ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ବିଏମସି ଡେପୁଟି କମିଶନର ମନ୍ମଥ କୁମାର ନାୟକଙ୍କ ସମେତ ଅନ୍ୟ ପ୍ରମୁଖ ଅଫିସରମାନଙ୍କୁ ବିନା ବିଳମ୍ବରେ ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କ୍ଷେତ୍ରସ୍ତରୀୟ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ତଦାରଖ ପାଇଁ ଆଉ ୨୦ ଜଣ ଓଏଏସ-ଏ ତଥା ଓଆରଏସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନଆସିବା ପର୍ଯ୍ୟନ୍ତ ଏହି ଅଧିକାରୀମାନେ ଗଞ୍ଜାମରେ କାର୍ଯ୍ୟ ଜାରି ରଖିବେ।

ବଦଳିଲେ ୪୨...

ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଥିବା ସରୋଜ ରାଉତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଅତିରିକ୍ତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳାଇ ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ ହୋଇଛନ୍ତି।

ଗଞ୍ଜାମ ପୀଡ଼ିତଙ୍କଠାରୁ...

ବିରୋଧୀ ଦଳ କଂଗ୍ରେସ କଥା ବି ଅନୁରୂପ। ଗଞ୍ଜାମ ଜିଲ୍ଲାରେ ଦଳର ଏକମାତ୍ର ଚାଣ୍ଡ଼ିଆ ବିଧାୟକ ଥିବା ସାନଖେମୁଣ୍ଡିର ରମେଶ ଜେନା ଏବେ ଦଳରୁ ନିଲମ୍ବିତ। ତେଣୁ ଜିଲ୍ଲାରେ କଂଗ୍ରେସର ମଙ୍ଗ ଧରିବାକୁ କେହି ନାହାନ୍ତି। ରାଜଧାନୀରେ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ଗାଳି ଦେଉଥିବା କଂଗ୍ରେସ ନେତାମାନେ କେବେ ଗଞ୍ଜାମ ଯିବେ ତାହାକୁ ସେଠାକାର କର୍ମୀମାନେ ଅପେକ୍ଷା କରିଛନ୍ତି। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଆକାଶ ମାର୍ଗରୁ ବନ୍ୟାଞ୍ଚଳର ସ୍ଥିତି ପରଖି ରିଲିଫ୍ କାର୍ଯ୍ୟକୁ ଜୋରଦାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦଳୀୟ ନେତାମାନେ ବି ଗଞ୍ଜାମ ଅଭିମୁଖେ ବାହାରିଲେଣି। ଯାହା ଲକ୍ଷ୍ୟ କରାଯାଉଛି ଆଗାମୀ ଦିନରେ ଉଭୟ ଶାସକ ଓ ବିରୋଧୀ ଦଳର ନେତାମାନଙ୍କର ଗଞ୍ଜାମରେ ଭିଡ଼ ଜମିବ ସହ ରିଲିଫ୍ ରାଜନୀତି ଜୋରଦାର ହେବ। ହେଲେ ପାଣି କାଦୁଅରେ ଘାଣ୍ଟି ହେଉଥିବା ଲୋକେ ଏମାନଙ୍କ ପ୍ରତି କେତେ ସହାନୁଭୂତି ଦେଖାଇବେ ତାହା ସମୟ ହିଁ କହିବ।

ବଙ୍ଗୋପସାଗରରେ ଲଘୁଚାପ,...

ବାଦ୍ ଦିଆଯାଇପାରିବ ନାହିଁ। ସ୍ଥଳଭାଗ ଅତିକ୍ରମ କରିବାର ନିର୍ଦ୍ଦିଷ୍ଟ ସ୍ଥାନ, ସମୟ ଓ ତୀବ୍ରତା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହା ଗଭୀର ଅବପାତ କିମ୍ବା ସାମାନ୍ୟ ତୀବ୍ରତାବିଶିଷ୍ଟ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଅଧିକ ଶକ୍ତିଶାଳୀ ହେବାର ସମ୍ଭାବନାକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇପାରିବ ନାହିଁ। ଆନ୍ଧ୍ର ପ୍ରଦେଶ ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିବାର ପୂର୍ବାନୁମାନ କରିଛନ୍ତି ଶ୍ରୀ ପଣ୍ଡାପାଳକା ଉତ୍ତର-ପୂର୍ବ ଭାରତ ଓ ମିଆଁମାର ଉପରେ ଥିବା ଉପକ୍ରାନ୍ତୀୟ ଉଚ୍ଚଚାପ ବଳୟର ଦକ୍ଷିଣ ପାର୍ଶ୍ୱ ଦେଇ ସିଷ୍ଟମଟି ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ମଧ୍ୟ ଅକ୍ଷାଂଶରୁ ଆସୁଥିବା କୌଣସି ଶକ୍ତିଶାଳୀ ନିମ୍ନଚାପ ପ୍ରଭାବ ନ ଥିଲେ ପ୍ରଣାଳୀଟି ଉତ୍ତର ଦିଗକୁ ମୋଡ଼ ନେବାର ସମ୍ଭାବନା କମ୍ ରହିବ। ଆନ୍ଧ୍ର ପ୍ରଦେଶ ଉପକୂଳର ଶ୍ରୀହରିକୋଟା, ନେଲୋର, କାଭାଲି, ଓଙ୍ଗୋଲ, ଚିରାଲା ଓ ବାପଟଲା ଅଞ୍ଚଳରେ ସ୍ଥଳଭାଗ ଅତିକ୍ରମ କରିପାରେ। ତେବେ ଏହା ଏକ ସମ୍ଭାବ୍ୟ ପୂର୍ବାନୁମାନ, ନିର୍ଦ୍ଦିଷ୍ଟ ସ୍ଥଳଭାଗ ଅତିକ୍ରମ ସ୍ଥାନ ନୁହେଁ। ଦକ୍ଷିଣ ଆନ୍ଧ୍ର ପ୍ରଦେଶ ସହ ଉତ୍ତର ତାମିଲନାଡୁ ଉପକୂଳକୁ ଯିବାର ସମ୍ଭାବନା ମଧ୍ୟ ରହିଛି। ବର୍ତ୍ତମାନର ପବନ ପ୍ରବାହ ଅନୁସାରେ ସିଷ୍ଟମଟି ଓଡ଼ିଶା କିମ୍ବା ପଶ୍ଚିମବଙ୍ଗ ଆଡ଼କୁ ମୋଡ଼ ନେବାର ସମ୍ଭାବନା କମ୍। ତଥାପି ଏହାକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇପାରିବ ନାହିଁ। ଓଡ଼ିଶା ଉପରେ ଏହାର ସମ୍ଭାବ୍ୟ ପ୍ରଭାବ ରହିପାରେ।

ବିକାଶକୁ ଆଗକୁ...

ରାଶି ଆକାରରେ ସମୁଦାୟ ୭୦୭.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ୍, ପଞ୍ଚାୟତ, ପାକ୍ସ ଓ ମଣ୍ଡି ସ୍ତରରେ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ପାଇଁ କୃଷକ ସମାଜ କେବଳ ଚାଷୀ ନୁହନ୍ତି, ସେମାନେ ଆମ ପାଇଁ ଅନ୍ନଦାତା। ପ୍ରଧାନମନ୍ତ୍ରୀ ଅନ୍ନଦାତାଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ କରିବା ପାଇଁ ପ୍ରଥମ ଦିନରୁ ହିଁ ବିଭିନ୍ନ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟର କୌଣସି ଜଣେ ବି ଯୋଗ୍ୟ କୃଷକ ଯେପରି ଏହି ଯୋଜନାର ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆମ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଉଛନ୍ତି। ଚାଷୀମାନେ ସେମାନଙ୍କ ନିକଟସ୍ଥ ରାଜସ୍ୱ କାର୍ଯ୍ୟାଳୟ କିମ୍ବା କୃଷି କାର୍ଯ୍ୟାଳୟକୁ ଯାଇ ଅଗ୍ରୀଷ୍ଟ୍ୟାକ ପୋର୍ଟାଲରେ ତୁରନ୍ତ ପଞ୍ଜିକରଣ କରାଇନେବାକୁ ସେ ଅନୁରୋଧ କରିଥିଲେ। କୃଷକମାନଙ୍କ ଉନ୍ନତି ଓ ଆର୍ଥିକ ବିକାଶ ହିଁ ଓଡ଼ିଶାର ସାମଗ୍ରିକ ବିକାଶକୁ ଆଗକୁ ନେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ନିକଟ ଅତୀତରେ ଲଗାଣ ବର୍ଷା, ବନ୍ୟା ଓ ସାମ୍ପ୍ରତିକ ବାତ୍ୟା ପରବର୍ତ୍ତୀ ବର୍ଷା ଯୋଗୁଁ ରାଜ୍ୟର କେତେକ ଜିଲ୍ଲାରେ ଫସଲ ନଷ୍ଟ ହୋଇଥିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଦୃଢ଼ ଆଶ୍ୱାସନା ଦେଇ କହିଛନ୍ତି ଯେ ଯେତେ ବିପତ୍ତି ଆସୁ ନା କାହିଁକି, ଆପଣଙ୍କ ସରକାର ଓ ମୁଖ୍ୟମନ୍ତ୍ରୀ ସର୍ବଦା ଆପଣଙ୍କ ଦୁଃଖସୁଖରେ ସାଥୀ ହୋଇ ଠିଆ ହୋଇଛନ୍ତି। କ୍ଷତିଗ୍ରସ୍ତ ଫସଲର ଆକଳନ କରାଯାଇ ନିୟମାନୁଯାୟୀ ଚାଷୀମାନଙ୍କୁ ଯଥାଶୀଘ୍ର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ।

ବରିଷ୍ଠ ପଦାଧିକାରୀଙ୍କ...

ମଧ୍ୟରେ ପ୍ରତାପ ବି. ନିଗମଗାରୁ, ଅରୁଣ ସାଲୁଙ୍କେ, ସୁଧୀର କେ., ଏଚ୍.ଏସ୍.ନଟରାଜ ଓ ଶଙ୍କର ଗୌଡ଼ା ଭି. ବି. ସମସ୍ତେ ବେଙ୍ଗାଲୁରୁର ବାସିନ୍ଦା ଥିଲେ। ଏହି ଯାତ୍ରୀଙ୍କ ମଧ୍ୟରୁ ଅରୁଣ ସାଲୁଙ୍କେ ଜଣେ ପୁଲିସ ଅଫିସର (ଇନ୍‌ସପେକ୍ଟର) ଥିବା ବେଳେ ଶଙ୍କର ଗୌଡ଼ା ଜଣେ ଓକିଲ ଥିଲେ। ଖରାପ ପାଗ ଯୋଗୁ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣେ ଅଧିକାରୀ କହିଛନ୍ତି।

ଜାନୁଆରୀ ୨୫ରୁ...

ଯାଏଁ ତଥ୍ୟର ସଂଶୋଧନ ଓ ଯାଞ୍ଚ ପାଇଁ ରିଭିଜନାଲ୍ ରାଉଣ୍ଡ ଚାଲିବ। ତେବେ ଏହି ପର୍ଯ୍ୟାୟରେ ସବୁ ରାଜ୍ୟରେ ଏକସାଙ୍ଗରେ ଜନଗଣନା ହେବ ନାହିଁ। ମଣିପୁରରେ ପରବର୍ତ୍ତୀ ଘୋଷଣା ପର୍ଯ୍ୟନ୍ତ ଜନଗଣନା ସ୍ଥଗିତ ରହିବ। ସେହିପରି ଗୋଆ, ଉତ୍ତରପ୍ରଦେଶ, ପଞ୍ଜାବ ଓ ଉତ୍ତରାଖଣ୍ଡରେ ଏହି ସମୟସୂଚୀ ଅନୁସାରେ ଗଣନା ହେବ ନାହିଁ। ଲଦାଖ ସମେତ ହିମାଚଳ ପ୍ରଦେଶ ଓ ଜମ୍ମୁ-କାଶ୍ମୀରର ତୁଷାରପାତ ପ୍ରଭାବିତ ଅଣ-ସମକାଳୀନ ଅଞ୍ଚଳରେ ମଧ୍ୟ ଅଲଗା ସମୟସୂଚୀ ରହିଛି। ଦୀର୍ଘ ବର୍ଷର ବ୍ୟବଧାନ ପରେ ହେବାକୁ ଯାଉଛି ଦେଶର ଜନଗଣନା।

ବର୍ଷା ଛାଡ଼ିଲା, ଲୋକଙ୍କ ଦୁର୍ଦ୍ଦଶା ବଢ଼ିଲା

ହଜାର ହଜାର ହେକ୍ଟର ଚାଷଜମି ଜଳବନ୍ଦୀ, ୩ ଘଣ୍ଟା କାଳ ଫସିରହିଲେ ଅତିରିକ୍ତ ଜିଲ୍ଲା ଦୌରାଜଜ

ହିଞ୍ଜିଳିକାଟୁ,୩୦।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଅବିଶ୍ରାନ୍ତ ବର୍ଷା ଯୋଗୁଁ ହିଞ୍ଜିଳିକାଟୁ ବ୍ଲକର ହଜାର ହଜାର ହେକ୍ଟର ଚାଷ ଜମି ଆଣ୍ଠୁଏ ପାଣିରେ ବୁଡ଼ି ରହିଛି। ବର୍ଷକର ପରିଶ୍ରମରେ ସୁନାର ଫସଲ ଫଳେଇବା ବଦଳେ ଲଗାଣ ବର୍ଷା ଯୋଗୁଁ ଚାଷୀର ମେରୁଦଣ୍ଡ ଭାଙ୍ଗିଯାଇଛି। ଘୋଡ଼ାହାଡ଼ ଜଳସ୍ତର ହ୍ରାସ ପାଉଥିଲେ ବି ଏବେ ବି ନଦୀ ନିକଟବର୍ତ୍ତୀ ନୂଆ ବୁରୁପଡ଼ା ଗ୍ରାମରେ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ଜଳବନ୍ଦୀରେ କେବଳ ସାପ ମାନଙ୍କୁ ଦେଖିବାକୁ ମିଳୁଛି। ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି।

ଆଜି ପୂର୍ବାହ୍ନ ସମୟରେ ଓଡ୍ରାଫ ଟିମର ସହାୟତାରେ ବୋଟ୍ ସାହାଯ୍ୟରେ ହିଞ୍ଜିଳି ବିଡ଼ିଓ ସାଗରୀକା ଷଡ଼ଙ୍ଗୀ, ତହସିଲଦାର ତପନ କୁମାର ମହାପାତ୍ର, ଥାନାଧିକାରୀ ଶ୍ରୀନିବାସ ସେଠୀ ଓ ଏସଆଇ ରଶ୍ମୀ ରଞ୍ଜନ ସାମଲ ଜଳସ୍ଥିତି ଅନୁଧ୍ୟାନ ସହ ସ୍ୱେଚ୍ଛାସେବୀ ଯୁଧିଷ୍ଠିର ସ୍ୱାଇଁ ଓ ରଜତ ପଟ୍ଟନାୟକ ରିଲିଫ କାର୍ଯ୍ୟରେ ସହଯୋଗ କରିଥିଲେ। ମୁନିସିପାଲିଟିର ଶ୍ରୀକ୍ଷେତ୍ର ବିହାର ଗତକାଲି ବୁଡ଼ି ରହିଥିବାରୁ ସ୍ଥାନୀୟ ପ୍ରଶାସନର ସହଯୋଗକୁ ଅପେକ୍ଷା ନ କରି ଯୁବ ଗୋଷ୍ଠୀ ୧୦ ଜଣ ଖାଦ୍ୟ ବାଣ୍ଟିଥିଲେ। ୧୧ ନଂ କାଉନସିଲର ଅମୁଲ୍ୟ ସାହୁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ଅନ୍ୟପଟେ ରାସ୍ତା ଭାଙ୍ଗିଯାଇଥିବାରୁ ହିଞ୍ଜିଳି - ଆସିକା, ହିଞ୍ଜିଳି - ଶେରଗଡ ଓ ଜଳମଗ୍ନ ଥିବାରୁ ହିଞ୍ଜିଳି - କାଞ୍ଚିଆମା ରାସ୍ତା, ବଇଁଚବଣିଆ - ନୂଆଗଡ କୋର୍ଟ ଯିବାକୁ କେନାଲ ରାସ୍ତା ଭାଙ୍ଗିଯିବାରୁ ଯା' ଆସ ସମ୍ପୂର୍ଣ ଠପ୍ ହୋଇଯାଇଛି। ଯାହା ଫଳରେ ମୁନିସିପାଲିଟି ଅଂଚଳରୁ ନଦୀକୁ ଜଳ ନିଷ୍କାସନ ହୋଇପାରିଛି। ସେପଟେ ସୂଦୁର ସୁରଟରୁ ହିଞ୍ଜିଳି ଆସି ଚାଲିଚାଲି ଭଂଜନଗର, ଆସିକା ଯାଉଥିବାର ଦେଖିବାକୁ ମିଳିଥିଲା। ଭାରୀ ଯାନ ଗୁଡିକୁ ଆରଏମସି ଛକ ନିକଟରେ ରଖାଯାଇଛି। ଚାନ୍ଦୁଳି ନିକଟ କୁକୁଡ଼ା ଫାର୍ମ ଓ ଇଟାଭାଟିରେ ଫସିଥିବା ପୁରା ପରିବାରକୁ ହିଞ୍ଜିଳି ଅଗ୍ନିଶମ ବାହିନୀ ଉଦ୍ଧାର କରିଛନ୍ତି। ଖଣ୍ଡରା ଛକରେ ରାସ୍ତା ଭୁଷୁଡିଥିବା ବିପଦ ଥିବାରୁ କାହାକୁ ଛଡ଼ା ଯାଉ ନ ଥିବା ବେଳେ ହିଞ୍ଜିଳି ବ୍ଲକ ଖରିଡ଼ା ଗ୍ରାମରେ ମା' କରେଇଶୁଣୀ ପୀଠ ଓ ନିକଟରେ ଥିବା ଶିଶୁ ଉଦ୍ୟାନ, କଲ୍ୟାଣୀ ମଣ୍ଡପ, ଗାଁର ୭ଟି ଇଟାଭଟି ଓ ଆଳପୁର ଖେଳ ପଡ଼ିଆ ପାଣିରେ ବୁଡ଼ି ରହିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହିଞ୍ଜିଳି ସିଭିଲ କୋର୍ଟ ପରିସର ଜଳାର୍ଣ୍ଣବ ଥିବାରୁ ଗତକାଲି ଛତ୍ରପୁର ଅତିରିକ୍ତ ଜିଲ୍ଲା ଦୌରା ଜଜ୍, ସବ ଜଜ, ଜେଏମଏଫସି ୩ ଘଣ୍ଟା କାଳ ଫସିଯାଇଥିଲେ । ଶେଷରେ ପ୍ରଶାସନ ତାଙ୍କୁ ଟ୍ରାକ୍ଟର ମାଧ୍ୟମରେ ଉଦ୍ଧାର କରିଛି। ବଳରାମପୁର ବାତ୍ୟା ଆଶ୍ରୟସ୍ଥଳୀରେ କିଛି ଲୋକଙ୍କୁ ରଖାଯାଇଛି। ମୁନିସିପାଲିଟି ଓ ବ୍ଲକ ଅଞ୍ଚଳରେ କୁହୁଳିଥିବା ଅସନ୍ତୋଷ ସିଧା ଜନପ୍ରତିନିଧିଙ୍କ ଉପରେ ଝାଡିଛନ୍ତି। ବନ୍ୟା ସମୟରେ କୋଉଠି ଥିଲ ବୋଲି ସିଧା ପ୍ରଶ୍ନ କରିଛନ୍ତି। ରିଲିଫ ବଣ୍ଟନ ବେଳେ ପ୍ରଶାସନକୁ ସମାନ ଅଭିଯୋଗ ଶୁଣିବାକୁ ମିଳିଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆକାଶ ମାର୍ଗରୁ ସ୍ଥିତି ଅନୁଧ୍ୟାନ କରିଛନ୍ତି ।

ବନ୍ୟା ସ୍ଥିତି ସମୀକ୍ଷା କରିବାକୁ ଯାଇ ହଟହଟା ହେଲେ ପରିବହନ ମନ୍ତ୍ରୀ

ହିଞ୍ଜିଳିକାଟୁ: ହିଞ୍ଜିଳିକାଟୁରେ ବନ୍ୟା ସ୍ଥିତିର ସମୀକ୍ଷା ପାଇଁ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ମତ୍ସ୍ୟ,ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳ ନନ୍ଦ ମଲ୍ଲିକ ଗସ୍ତ କରିଥିବା ବେଳେ ଜନସାଧାରଣଙ୍କ ପ୍ରଶ୍ନବାଣରେ ଘାଇଲା ହେଲେ ଦୁଇ ମନ୍ତ୍ରୀ। ବ୍ଲକ ଓ ମୁନିସିପାଲିଟିରେ ଜଳବନ୍ଦୀ ଲୋକଙ୍କୁ ଉଦ୍ଧାର କାର୍ଯ୍ୟରେ ଅବହେଳା, ରିଲିଫ ବଣ୍ଟନରେ ଅବହେଳା, ୪୮ ଘଣ୍ଟାରୁ ଉର୍ଦ୍ଧ୍ୱ ନେଟୱାର୍କ ଓ ଇଣ୍ଟରନେଟ ସେବା ଅଚଳ, ବିଦ୍ୟୁତ ସେବା ଅଚଳ, ହିଞ୍ଜିଳି-ଆସିକା ଓ ଶେରଗଡ଼ ଯାତାୟାତ ରାସ୍ତା କେତେ ଦିନରେ ମରାମତି ପ୍ରଶ୍ନ କରିବା ସହ ସରକାର ବନ୍ୟା ମୁକାବିଲାରେ ବିଫଳ ବୋଲି କହିବା ସହ ଉଚ୍ଚ ନାରା ଦେଇଥିଲେ। ଖୁବ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ଭଟିଆ ଅଲେଖ ମଠ ଅବହେଳିତ, ବିଧାୟକ ଦୃଷ୍ଟି ଦେବାକୁ ଦାବି

ଯାଜପୁର ରୋଡ଼, ୩୦।୧୦ (ସଂଚାର ବ୍ୟୁରୋ): ଅଲେଖ ମହିମା ଧର୍ମର ପ୍ରଚାର ଓ ସାଧନା ପୀଠ ଭାବେ ଏକଦା ପୂର୍ବେ ପରିଚିତ ବ୍ୟାସନଗର ପୌରାଂଚଳର ୱାର୍ଡ ନଂ-୧୨ ସ୍ଥିତ ଭଟିଆ ଅଲେଖ ମଠ ଆଜି ଅବହେଳିତ ଓ ପତିତପ୍ରାୟ ଅବସ୍ଥାରେ ପଡ଼ିରହିଛି। ଅଲେଖ ବ୍ରହ୍ମଙ୍କ ମହିମା ଗାନ କରୁଥିବା ଏହି ମଠ ଏବେ ପାଣି ଘେରରେ ବୁଡ଼ି ରହିଛି, ଯାହା ମହିମା ଧର୍ମାବଲମ୍ବୀଙ୍କୁ ବ୍ୟଥିତ କରିଛି। ପ୍ରାୟ ୪୦ ବର୍ଷ ତଳେ ନିର୍ମିତ ଏହି ମଠର ଛାତରୁ ପାଣି ଗଳୁଛି, ଚତୁର୍ଦ୍ଦିଗ ବର୍ଷା ପାଣି ଜମି ରହୁଛି। ମଠକୁ ଯିବାକୁ ରାସ୍ତା ନଥିବାରୁ ଆଣ୍ଠୁଏ ପାଣିରେ ପଶି ଯିବାକୁ ପଡୁଛି। ସାମାନ୍ୟ ବର୍ଷାରେ ଯାତାୟାତ ବନ୍ଦ ହୋଇଯାଉଛି। ଘରଟି ସରୀସୃପ ଓ ଜୀବଜନ୍ତୁଙ୍କ ବାସସ୍ଥଳୀ ପାଲଟିଛି।

ଏହି ମଠରେ ଦୀର୍ଘ ୪୮ ବର୍ଷ ଧରି ଅଲେଖ ମହିମାର ସାଧନା କରି ଆସୁଛନ୍ତି ମାତା ସତ୍ୟବତୀ ଦାସୀ। ଶାନ୍ତି, ଅହିଂସା ଓ ନିରାଡ଼ମ୍ବର ଜୀବନର ବାର୍ତ୍ତା ଦେଉଥିବା ମହିମା ଧର୍ମର ସେବିକା ଭାବେ ସେ ନିଃସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ତାଙ୍କର ସାହା ଭରସା କେହି ନାହାନ୍ତି। ମହିମା ଭକ୍ତମାନଙ୍କ ଯାତାୟାତ ଓ ମଠ ପୁନରୁଦ୍ଧାର ପାଇଁ ରାସ୍ତା ଓ ନୂଆ ଘର ଖଣ୍ଡେ ନିର୍ମାଣ ପାଇଁ ସେ ବାରମ୍ବାର ଗୁହାରି କରି ଆସୁଛନ୍ତି। ଏଣୁ ଅଲେଖ ମହିମାର ଏହି ସାଧନା ପୀଠର ସୁରକ୍ଷା ପାଇଁ କୋରେଇ ବିଧାୟକ ଆକାଶ ଦାସନାୟକ, ଜିଲ୍ଲାପାଳ ଓ ବ୍ୟାସନଗର ପୌର ପରିଷଦର ନଗରପାଳ ସୁବାସ ଚନ୍ଦ୍ର ବଳ ତୁରନ୍ତ ଦୃଷ୍ଟି ଦେବାକୁ ଭକ୍ତ ଓ ଗ୍ରାମବାସୀ ଅନୁରୋଧ କରିଛନ୍ତି।

କୁଳଡ଼ିହା ବନବିଭାଗ କାର୍ଯ୍ୟାଳୟ ମାଲଖାନାରେ ଅଗ୍ନିକାଣ୍ଡ

ନୀଳଗିରି, ୩୦।୧୦ (ସଂଚାର ବ୍ୟୁରୋ): ନୀଳଗିରିସ୍ଥିତ କୁଳଡ଼ିହା ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ମାଲଖାନା (ଗୋଦାମ ଗୃହ)ରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯.୧୦ମିନିଟ୍ ସମୟରେ ଏକ ପ୍ରଚଣ୍ଡ ଶବ୍ଦ କରି ବିସ୍ଫୋରଣ ପରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ନୀଳଗିରି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିଶମ ବିଭାଗର ପ୍ରାଥମିକ ତଦନ୍ତ ଅନୁଯାୟୀ ଗୋଦାମଗୃହରେ ଏକ ମଟରସାଇକେଲର ବ୍ୟାଟେରୀର ସର୍ଟସର୍କିଟ ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଇଛି। ଏହି ଅଗ୍ନିକାଣ୍ଡରେ ୨ଟି ଜବତ ମଟରସାଇକେଲ, ଗୋଟିଏ ତାର୍ପଲିନ୍ ଏବଂ ଗୋଟିଏ ପୁରୁଣା ଟାୟାର ଜଳିଯାଇଥିବା ବିଭାଗୀୟ ପ୍ରେସବିଜ୍ଞପ୍ତିରେ କୁହାଯାଇଛି। ଏହି ମାଲଖାନାରେ ଶିକାରୀଙ୍କ ଠାରୁ ଜବତ ବିସ୍ଫୋରକ ଠାରୁ ଆରମ୍ଭକରି ଅନ୍ୟାନ୍ୟ ବହୁ ଶିକାର ସରଞ୍ଜାମ ରହିଥିବା ବେଳେ ଅଳ୍ପକେ ବଡ଼ଧରଣର ଅଘଟଣରୁ ବର୍ତ୍ତିଯାଇଛି।

କଟର ମେସିନ ଚୋରି କରି ଛେଚା ଖାଇଲେ ଯୁବକ

ନୀଳଗିରି, ୩୦।୧୦ (ସଂଚାର ବ୍ୟୁରୋ): ଆଜି ଦିନ ଦ୍ୱିପ୍ରହରରେ ନୀଳଗିରୀ ଜେଲ୍ ରାସ୍ତାରେ କଲ୍ୟାଣ ମଣ୍ଡପ ନିକଟରେ ନିର୍ମାଣ ହେଉଥିବା ଇ-ଲାଇବ୍ରେରୀ କାର୍ଯ୍ୟ ଚାଲିଥିବା ବେଳେ ମିସ୍ତ୍ରୀ ରଡ୍ କାଟି ତଳେ କଟର ମେସିନକୁ ରଖି ଦ୍ୱିମହଲାକୁ ରଡ୍ ନେଇ ଯାଇଥିଲେ। ତେବେ ଏହାର ସୁଯୋଗ ନେଇ ଜଣେ ଚୋର ତଳେ ଥିବା କଟର ମେସିନକୁ ଚୋରି କରି ନେଇ ଯାଇଥିଲା। ପରେ ବହୁ ଖୋଜା ଖୋଜି କରିବା ପରେ ନୀଳଗିରି ଥାନା ଅଧିନସ୍ଥ ଜାମୁ ଡିଆ ଗ୍ରାମର ବୀରେନ୍ଦ୍ର ବେହେରା ପୁଅ ଚନ୍ଦୁ(୨୪) ଯୁବକକୁ କାବୁ କରିଥିଲେ। ପରେ ଚୋରକୁ ପକ୍କା ଖୁଣ୍ଟରେ ବାନ୍ଧି ଉତ୍ତମ ମଧ୍ୟମ ଦେଇ ଛାଡି ଦେଇଥିଲେ । ଅଭିଯୁକ୍ତ ନୀଳଗିରି ଏନଏସି ଅଧିନସ୍ଥ ୧୧ନମ୍ବର ୱାର୍ଡଷ୍ଟେସନ ସାହି ଗ୍ରାମରେ ଭଡାରେ ରହୁଥିବା ଜଣାପଡିଛି। ଅଭିଯୁକ୍ତର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ସଡ଼କ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

ଯୋଡ଼ା, ୩୦।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡା ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କୁଳମଣି ମୁଣ୍ଡା (୪୬)। ସେ ତୁରୁମୁଙ୍ଗା ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ କାଶିଆସ୍ଥିତ ଏକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ, କୁଳମଣି ସ୍କୁଟିରେ ଯାଉଥିବା ସମୟରେ ଏକ ଖଣିଜ ବୋଝେଇ ହାଇୱା ସହ ଧକ୍କା ହୋଇଥିଲା। ଫଳରେ ସେ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ଖବର ପାଇ ଯୋଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱାକୁ ଅଟକ ରଖିବା ସହ ସ୍କୁଟି ଓ ମୃତଦେହକୁ ଜବତ କରି ଅଧିକ ତଦନ୍ତ ଜାରି ରହିଛି।

ବନ୍ୟାଞ୍ଚଳ ବୁଲି ଦେଖିଲେ ବିଧାୟକ, ସାଂସଦ

୧୭୦୦ ଲୋକ ଏବେ ବି ଜଳବନ୍ଦୀ

୧୨ଟି ଗାଁ ଜଳମଗ୍ନ, ବୋଟ୍‌ରେ ପହଞ୍ଚୁଛି ରନ୍ଧା ଖାଦ୍ୟ

ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ନିୟୋଜିତ

ଗଂଜାମ,୩୦।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଗଞ୍ଜାମ ବ୍ଲକରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଛି। ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବାବେଳେ ପୋଇରାଶି ପଞ୍ଚାୟତର ବରପଲ୍ଲୀ ଓ ଭୁଆଁଭୂଇଁ ଗାଁର ପ୍ରାୟ ୧୭୦୦ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଏଭଳି ସ୍ଥିତିରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ସାଂସଦ ପ୍ରଦୀପ ପାଣିଗ୍ରାହୀ ବୋଟ୍ ଯୋଗେ ବନ୍ୟାଞ୍ଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବିପନ୍ନଙ୍କ ସମସ୍ୟା ବୁଝିଛନ୍ତି। ପୂର୍ବତନ ବିଧାୟକ ସୁବାସ ବେହେରା ଓ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ ମଧ୍ୟ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି।

ବନ୍ୟା ବିପନ୍ନଙ୍କ ପାଇଁ ବିଧାୟକ ଶ୍ରୀ ନାୟକଙ୍କ ପକ୍ଷରୁ ୧୫ ହଜାର ଲୋକଙ୍କ ନିମନ୍ତେ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ସନ୍ତୋଷପୁରଠାରେ ଖାଦ୍ୟ ପ୍ରସ୍ତୁତ କରାଯାଇ ବୋଟ୍ ଯୋଗେ ଜଳବନ୍ଦୀ ଲୋକଙ୍କ ନିକଟରେ ପହଞ୍ଚାଯାଉଛି। ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ସହ ଅଗ୍ନିଶମ ବାହିନୀ ନିୟୋଜିତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ବିପନ୍ନଙ୍କୁ ରିଲିଫ୍ ଯୋଗାଇ ଦିଆଯାଉଛି। ସ୍ୱେଚ୍ଛାସେବୀ ସଂଗଠନ, ଜନପ୍ରତିନିଧି ଓ ପଞ୍ଚାୟତିରାଜ ସଦସ୍ୟମାନେ ମଧ୍ୟ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗ କରୁଛନ୍ତି।

ଗଞ୍ଜାମ ବ୍ଲକର ଏକାଧିକ ପଞ୍ଚାୟତର ୧୨ଟି ଗାଁ ଏବେ ବି ଜଳମଗ୍ନ ରହିଛି। ପୋଇରାଶି ପଞ୍ଚାୟତର ବରପଲ୍ଲୀ, ଭୁଆଁଭୂଇଁ ଓ କଛିଆପଲ୍ଲୀ; ଉଡ଼ିୟାସପୁର ପଞ୍ଚାୟତର ଉମୁରୀ, ଧର୍ଷଣପୁର, ଖଟିଆ ଓ ବାଳସିଂହପଲ୍ଲୀ; କରପଡ଼ା ପଞ୍ଚାୟତର ଆଲିଆବାଦ, ବିରିପୁର ଓ କରପଡ଼ା ଏବଂ ରାଜପୁର ପଞ୍ଚାୟତର କାଚରା ଓ ରାଜପୁର ଗାଁରେ ବନ୍ୟାଜଳ ଜମି ରହିଛି।

ବନ୍ୟା ଯୋଗୁଁ ଗଞ୍ଜାମ-ପୁରୁଷୋତ୍ତମପୁର ମଧ୍ୟରେ ଯାତାୟାତ ବନ୍ଦ ରହିଛି। ଋଷିକୁଲ୍ୟା ନଦୀରେ ବନ୍ୟାଜଳ ଦେଖିବା ପାଇଁ ଗଞ୍ଜାମ ବ୍ରିଜ୍ ଉପରେ ଲୋକଙ୍କ ଭିଡ଼ ଜମୁଥିବାରୁ ପୁଲିସ ମୁତୟନ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ବ୍ରିଜ୍ ଉପରେ ସେଲ୍‌ଫି ଓ ଫଟୋ ଉଠାଇବାକୁ ପୁଲିସ ପକ୍ଷରୁ ବାରଣ କରାଯାଇଛି।

ତେବେ ଧୀରେ ଧୀରେ ନଦୀର ଜଳସ୍ତର ହ୍ରାସ ପାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି। ତଥାପି ବିଭିନ୍ନ ଗାଁରେ ବନ୍ୟାଜଳ ଜମି ରହିଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ଦୂର ହୋଇନାହିଁ।

ଶିଶୁ ଶ୍ରମ ମୁକ୍ତ ଗ୍ରାମ ପଞ୍ଚାୟତ ଅଭିଯାନ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ

ଭବାନୀପାଟଣା, ୩୦।୧୦ (ସଂଚାର ବ୍ୟୁରୋ): ଆଜି ଶ୍ରମ ବିଭାଗ, କଳାହାଣ୍ଡି ପକ୍ଷରୁ ଜିଲ୍ଲାବ୍ୟାପୀ ସଚେତନତା ଅଭିଯାନ 'ପାଲା/ଘୁମୁରା ଅନ୍ ହ୍ୱିଲ୍ସ' କାର୍ଯ୍ୟକ୍ରମକୁ ଜିଲ୍ଲାପାଳ କଳାହାଣ୍ଡିଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ, କଳାହାଣ୍ଡିର ଅଧିକାରୀ ଓ କର୍ମଚାରୀବୃନ୍ଦ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଶିଶୁ ଶ୍ରମିକ ମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ରାଜ୍ୟବ୍ୟାପୀ ଚାଲିଥିବା ୪୪ ଦିନିଆ ଅଭିଯାନର ଏକ ଅଂଶ ଭାବେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ପାଞ୍ଚ ଜଣିଆ ସାଂସ୍କୃତିକ ଦଳ ପ୍ରତ୍ୟେକ ବ୍ଲକ୍‌ରେ ଦୈନିକ ପାଞ୍ଚଟି ସ୍ଥାନ ପରିଦର୍ଶନ କରିବେ ଏବଂ ପ୍ରତ୍ୟେକ ସ୍ଥାନରେ ୩୦ ମିନିଟ୍‌ର ଏକ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିବେ।

ଏହି ରଥ ସମଗ୍ର ଜିଲ୍ଲା ପରିକ୍ରମା କରି ଶିଶୁ ଶ୍ରମିକ ପ୍ରଥାର ନିବାରଣ ଓ ଉଚ୍ଛେଦ ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରିବା ସହିତ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬ର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବ।

ଲୋକକଳା ମାଧ୍ୟମରେ 'ଶିଶୁ ଶ୍ରମମୁକ୍ତ ଓଡ଼ିଶା' ସଚେତନତା

ଶିଶୁକୁ କାମ ନୁହେଁ, ଶିକ୍ଷାରେ ସାମିଲ କରିବାକୁ ଆହ୍ୱାନ

ସତ୍ୟବାଦୀ, ୩୦।୧୦ (ସଂଚାର ବ୍ୟୁରୋ): "ଶିଶୁକୁ କାମ ନୁହେଁ, ଶିକ୍ଷାରେ ସାମିଲ କରନ୍ତୁ, ଦେଶର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ"- ଏହି ବାର୍ତ୍ତାକୁ ନେଇ ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଆନୁକୂଲ୍ୟରେ ଲୋକକଳା ମାଧ୍ୟମରେ ଶିଶୁ ଶ୍ରମ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଲୋକକଳାକୁ ମାଧ୍ୟମ କରି ସାଧାରଣ ଲୋକଙ୍କ ନିକଟରେ ଶିଶୁ ଶ୍ରମର କୁପରିଣାମ ଓ ଏହାର ନିରାକରଣ ସମ୍ପର୍କରେ ବାର୍ତ୍ତା ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

ଏହି କ୍ରମରେ ସାକ୍ଷୀଗୋପାଳ ମନ୍ଦିର ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଦାସକାଠିଆ ମାଧ୍ୟମରେ ଶିଶୁ ଶ୍ରମମୁକ୍ତ ଓଡ଼ିଶା ଗଠନ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିଶୁ ଶ୍ରମ ଯୋଗୁଁ ଶିଶୁମାନଙ୍କ ଶିକ୍ଷା, ମାନସିକ ବିକାଶ ଓ ଭବିଷ୍ୟତ ପ୍ରଭାବିତ ହେଉଥିବା ନେଇ ମଧ୍ୟ ସଚେତନ କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ୧୪ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ଏବଂ ୧୫ରୁ ୧୮ ବର୍ଷ ବୟସର କିଶୋରମାନଙ୍କୁ ବିପଜ୍ଜନକ କାମରେ ନିୟୋଜିତ କରିବା ବାରଣ ରହିଥିବା ନେଇ ଲୋକଙ୍କୁ ଅବଗତ କରାଯାଇଥିଲା। ଏହି ନିୟମର ଉଲ୍ଲଂଘନ କଲେ ନିୟୋଜକଙ୍କ ବିରୋଧରେ ଜରିମାନା ସହ ଜେଲ୍‌ଦଣ୍ଡର ବ୍ୟବସ୍ଥା ରହିଥିବା ନେଇ ମଧ୍ୟ ସଚେତନତା ବାର୍ତ୍ତା ଦିଆଯାଇଥିଲା।

ଥାନାରେ ପହଞ୍ଚିଲା ହରିଡ଼ାପାଳ ସେବା ସମବାୟ ସମିତି ବିବାଦ ମାମଲା

ଚାକିରି ନାଁରେ ଟଙ୍କା ନେବା ଓ ଧମକ ଦେବା ନେଇ ଅଭିଯୋଗ

ସମ୍ପାଦକ ଓ ପୂର୍ବତନ ଡାଟା ଏଣ୍ଟ୍ରି କର୍ମଚାରୀଙ୍କ ବିରୋଧରେ ଆସିଲା ସାଂଘାତିକ ଅଭିଯୋଗ

ଆନନ୍ଦପୁର, ୩୦।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡ଼ାପାଳ ସେବା ସମବାୟ ସମିତିକୁ ନେଇ ବିବାଦ ଏବେ ଥାନାରେ ପହଞ୍ଚିଛି। ଚାକିରି ଦେବା ନାଁରେ ଟଙ୍କା ନେବା, ପାରିଶ୍ରମିକ ପ୍ରଦାନରେ ଅବହେଳା ଏବଂ ଘରେ ପହଞ୍ଚି ଧମକ ଦେବା ଭଳି ସାଂଘାତିକ ଅଭିଯୋଗ ଆଣି ଘଷିପୁରା ଥାନାର ଦ୍ୱାରସ୍ଥ ହୋଇଛନ୍ତି ଟୋଲଙ୍କପଡ଼ା ଗ୍ରାମର ସସ୍ମିତା ସାହୁ।

ସସ୍ମିତାଙ୍କ ଅଭିଯୋଗ ଅନୁଯାୟୀ, ହରିଡ଼ାପାଳ ସେବା ସମବାୟ ସମିତିରେ ପିଅନ ଭାବେ ନିଯୁକ୍ତି ଦେବା ପାଇଁ ସମିତିର ସମ୍ପାଦକ ପ୍ରଦୀପ କୁମାର ସିଂ ଏବଂ ତତ୍କାଳୀନ ଡାଟା ଏଣ୍ଟ୍ରି କର୍ମଚାରୀ ବିଶ୍ୱଜିତ ମହାରଣାଙ୍କ ମାଧ୍ୟମରେ ତାଙ୍କୁ ୩୦ ହଜାର ଟଙ୍କା ମଗାଯାଇଥିଲା। ପରବର୍ତ୍ତୀ ସମୟରେ ସେ ୧୫ ହଜାର ଟଙ୍କା ଦେଇଥିଲେ ଏବଂ ତାଙ୍କୁ ଚାକିରି ମିଳିଥିଲା ବୋଲି ସେ ଅଭିଯୋଗ କରିଛନ୍ତି।

ସସ୍ମିତାଙ୍କ କହିବା ଅନୁସାରେ, ସେ ପ୍ରାୟ ଆଠ ମାସ ଧରି କାର୍ଯ୍ୟ କରିଥିଲେ। ହେଲେ ତାଙ୍କୁ ପାରିଶ୍ରମିକ ନଦେଇ ଘରେ ବସିବାକୁ ସମ୍ପାଦକ କହିଥିଲେ। ୨୦୨୪ରୁ ୨୦୨୬ ମଧ୍ୟରେ ନିଜର ପ୍ରାପ୍ୟ ପାଇବା ପାଇଁ ସେ ବାରମ୍ବାର ସମ୍ପାଦକଙ୍କ ପାଖକୁ ଦୌଡ଼ିଥିଲେ ମଧ୍ୟ ନିରାଶ ହୋଇଥିଲେ। ଶେଷରେ ସେ ଶ୍ରମ ବିଭାଗର ଦ୍ୱାରସ୍ଥ ହୋଇ ତିନି ମାସର ପାରିଶ୍ରମିକ ପାଇଥିବା ଦାବି କରିଛନ୍ତି। ଏହାପରେ ତାଙ୍କୁ ଆଉ କାର୍ଯ୍ୟକୁ ଡକାଯାଇନଥିବା ବେଳେ ସେହି ପଦବୀରେ ଅନ୍ୟ ଜଣେ ଯୁବକଙ୍କୁ ନିଯୁକ୍ତି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ସସ୍ମିତା ଜିଲ୍ଲାପାଳ ଏବଂ ଆନନ୍ଦପୁର ସହକାରୀ ନିବନ୍ଧକ (ଏଆର)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ହେଲେ କୌଣସି ସମାଧାନ ନମିଳିବାରୁ ଶେଷରେ ସେ ଗଣମାଧ୍ୟମର ସହାୟତା ନେଇଥିବା କହିଛନ୍ତି।

ତେବେ ଗଣମାଧ୍ୟମରେ ଘଟଣା ପ୍ରକାଶ ପାଇବା ପରେ ପୂର୍ବତନ ଡାଟା ଏଣ୍ଟ୍ରି କର୍ମଚାରୀ ବିଶ୍ୱଜିତ ମହାରଣା ତାଙ୍କୁ ଫୋନ୍ ଯୋଗେ ଧମକ ଦେବା ସହ ଘରେ ପହଞ୍ଚି ଖୋଲାଖୋଲି ଧମକ ଦେଇଥିବା ସସ୍ମିତା ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେ ଘଷିପୁରା ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି।

ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଜିଲ୍ଲାରୁ ୫୨,୫୫୮ ଚାଷୀ ଉପକୃତ

ମାଲକାନଗିରି, ୩୦।୧୦ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ପ୍ରଶାସନ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆଜି ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରସ୍ଥିତ ଏଫ୍.ଏଲ୍.ସି ହଲ୍‌ଠାରେ ଜିଲ୍ଲା ସ୍ତରୀୟ ପି.ଏମ୍-କିଷାନ ଉତ୍ସବ ଦିବସ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି।

ଏହି ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ବନସକାଣ୍ଠାରୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ବ୍ୟବସ୍ଥା ମାଧ୍ୟମରେ ଦେଶର ଯୋଗ୍ୟ ଚାଷୀମାନଙ୍କ ପାଇଁ ପି.ଏମ୍-କିଷାନ ଯୋଜନାର ୨୪ତମ କିସ୍ତିର ସହାୟତା ରାଶି ପ୍ରଦାନ କରିଛନ୍ତି, ଯାହାର ସିଧାପ୍ରସାରଣ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶିତ କରାଯାଇଥିଲା। ଏହି ନୂତନ କିସ୍ତି ମାଧ୍ୟମରେ ମାଲକାନଗିରି ଜିଲ୍ଲାର ମୋଟ ୫୨,୫୫୮ ଜଣ ହିତାଧିକାରୀ ଚାଷୀ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଆର୍ଥିକ ସହାୟତା ପାଇ ଉପକୃତ ହୋଇଛନ୍ତି।

ଏହି ଉତ୍ସବରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସୋଡ଼ି, ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ଗୋବିନ୍ଦ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

ପିଏମ୍ କିଷାନ ଉତ୍ସବ ପାଳିତ, ୨୪ତମ କିସ୍ତି ପ୍ରଦାନ

ସୁନ୍ଦରଗଡ଼, ୩୦।୧୦ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଠାରେ ଜିଲ୍ଲା ସ୍ତରୀୟ ପିଏମ କିଷାନ୍ ଉତ୍ସବ ଦିବସ ପାଳିତ ହୋଇଯାଇଛି ଏବଂ ଏହା ସହିତ କୃଷକ ମାନଙ୍କୁ ପିଏମ କିଷାନ୍ ଅନ୍ତର୍ଗତ ୨୪ତମ କିସ୍ତି ମଧ୍ୟ ପ୍ରଦାନ କରାଯାଇଅଛି। ଏହି ଅବସରରେ ସ୍ଥାନୀୟ ବିକାଶ ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନ ସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ସୁଶ୍ରୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ଉପ ବାଚସ୍ପତି ଶ୍ରୀ ଭୋଇ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ, ପିଏମ କିଷାନ୍ ଅର୍ଥ ରାଶି ଚାଷୀ ମାନଙ୍କୁ ଚାଷ ପ୍ରତି ଉତ୍ସାହିତ କରିବା ସହିତ ସେମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବାରେ ସହାୟକ ହେଉଛି। ଏହା ସହିତ ଚାଷୀ ମାନଙ୍କୁ ଚାଷ କ୍ଷେତ୍ରରେ କୌଣସି ପ୍ରକାର ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ଥିଲେ ବିଭାଗୀୟ ଅଧିକାରୀ ମାନଙ୍କ ସହାୟତା ନେବାକୁ ମଧ୍ୟ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଶୁକ୍ରବାର ଗୁଜରାଟର ବନସକୁଣ୍ଠା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପିଏମ କିଷାନ୍ ଅନ୍ତର୍ଗତ ୨୪ତମ କିସ୍ତି ଚାଷୀ ମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସିଧାସଳଖ ଭାବେ ହସ୍ତାନ୍ତର କରିଛନ୍ତି। ସେହିଭଳି ପିଏମ କିଷାନ୍ ଅନ୍ତର୍ଗତ ଜିଲ୍ଲାର ୧,୩୬,୩୫୮ ଚାଷୀ ମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସିଧାସଳଖ ଭାବେ କିସ୍ତି ହସ୍ତାନ୍ତର ହୋଇଅଛି।

ଗାଁ କମ୍ପୁଛି, ପୁଲିସ ଚୁପ୍



କାକଟପୁର/ଅସ୍ତରଙ୍ଗ, ୩୦।୧୦ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଏବେ ଡିଜେ ସାଉଣ୍ଡର ଆତଙ୍କ। ଗାଁ ଗାଁରେ ପ୍ରତିଦିନ ସନ୍ଧ୍ୟା ହେଲେ ଡିଜେ କମ୍ପୁଛି। ହେଲେ ପୋଲିସ କେବଳ ଲୋକଦେଖାଣିଆ ପାଟ୍ରୋଲିଂ କରୁଛି। ଡିଜେ ଗାଡି କି ମାଲିକଙ୍କ ଉପରେ କୌଣସି କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ, ଫଳରେ ଗାଁ ଗାଁରେ ଶବ୍ଦ ପ୍ରଦୂଷଣ ବଢିବାରେ ଲାଗିଛି।

ଗତ କିଛି ଦିନ ହେବ ଲକ୍ଷ୍ମୀପୂଜାକୁ ନେଇ ଅସ୍ତରଙ୍ଗ ବ୍ଲକର ନଗର, ଆଳସାହି, ଆଳଙ୍ଗପୁର, କରାଳ, ଛୁରିଆନା ଗାଁରେ ରାତି ଅଧ ଯାଏଁ ଉଚ୍ଚ ଶବ୍ଦରେ ଡିଜେ ବାଜୁଛି। ପୂଜା ମଣ୍ଡପ ଆଳରେ ବିନା ଅନୁମତିରେ ଡିଜେ ଲଗାଇ ଗୀତ ବଜାଯାଉଛି। ଏଥିରେ ବୃଦ୍ଧ, ଛୋଟ ପିଲା, ରୋଗୀ ଏବଂ ପରୀକ୍ଷା ପାଇଁ ପ୍ରସ୍ତୁତ ଛାତ୍ରଛାତ୍ରୀ ହଇରାଣ ହେଉଛନ୍ତି। ଗାଁ ଲୋକେ ଥାନାକୁ ଫୋନ କଲେ ପୋଲିସ ଆସି ବୁଝାମଣା କରି ଚାଲିଯାଉଛି ବୋଲି ଚର୍ଚ୍ଚା। କୌଣସି ଡିଜେ ଜବତ ହେଉନି କି ଜୋରିମାନା ହେଉନି।

ଗଣେଶ ପୂଜାରୁ ପାର୍ବଣ ଋତୁ ଆରମ୍ଭ ହୋଇଛି। ଆଗକୁ କାଳୀପୂଜା, କାର୍ତ୍ତିକ ପୂର୍ଣ୍ଣିମା ଅଛି। ଭସାଣି ଶୋଭାଯାତ୍ରାରେ ଶବ୍ଦ କଟକଣା କଡା ହେବ ବୋଲି ଅସ୍ତରଙ୍ଗ ପୋଲିସ ଚେତାବନୀ ଦେଇଛି। କିନ୍ତୁ କିଭଳି ଲାଗୁ ହେବ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ବ୍ୟାଣ୍ଡ ପାର୍ଟି ଓ ଡିଜେ ଅପରେଟରଙ୍କ ପାଖରେ ସାଉଣ୍ଡ ଲିମିଟର ମେସିନ ଅଛି କି ନାହିଁ ପୋଲିସ ଯାଞ୍ଚ କରୁନି। ହାଇକୋର୍ଟ ସମସ୍ତ ସଂସ୍ଥା ସାଉଣ୍ଡ ଲିମିଟର ଲଗାଇବା ବାଧ୍ୟତାମୂଳକ କରିଥିଲେ। ସେହି ସମୟରେ କିଛି ସଂସ୍ଥା ମେସିନ କିଣିଥିଲେ। ବର୍ଷ ବର୍ଷ ହେଲା କାକଟପୁର, ଅସ୍ତରଙ୍ଗ, ନୂଆଗଡ ପୋଲିସ ଖୋଳତାଡ଼ କରୁନଥିବାରୁ ମେସିନ ଅଛି କି ନାହିଁ ପୋଲିସ ପାଖରେ ସୂଚନା ନାହିଁ। ଭସାଣି, ବିବାହ ଶୋଭାଯାତ୍ରାରେ ଶବ୍ଦ ପ୍ରଦୂଷଣକୁ ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ମେସିନ ସିରିୟଲ ନମ୍ବର ବୁକିଂ ରସିଦରେ ଉଲ୍ଲେଖ ରହିବ ଏବଂ ସର୍ବାଧିକ ୬୫ ଡେସିବଲରେ ବାଜିପାରିବ। ପୋଲିସ ଲାଇସେନ୍ସ ଦେବାବେଳେ ଏହା ଯାଞ୍ଚ କରିବ ବୋଲି ନିର୍ଦ୍ଦେଶ ରହିଛି। କିଛି ମାସ ପୋଲିସ ଯାଞ୍ଚ କରି କଡା କାର୍ଯ୍ୟାନୁଷ୍ଠାନ ନେଇଥିଲା। ମାତ୍ର ଏବେ ଯାଞ୍ଚ ବନ୍ଦ। ଏବେ ସବୁ ଶିଥିଳ। ପାର୍ବଣରେ ଆଗକୁ ପୁଣି ଉଚ୍ଚ ଶବ୍ଦ ବାଜିବ ଆଶଙ୍କା।

ଅସ୍ତରଙ୍ଗରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର

ସାଉଣ୍ଡ ଲିମିଟର ବିନା ଦୌଡୁଛି ଡିଜେ

... ଦକ୍ଷିଣ ଓଡ଼ିଶାରେ ଜଳ ପ୍ରଳୟ ...

ଭଞ୍ଜନଗର, ଆସ୍କାରେ ରାସ୍ତାରେ ଚାଲୁଛି ଅଣ୍ଟାଏ ପାଣି ... ବିପଦ ସଙ୍କେତ ଉପରେ ଋଷିକୂଲ୍ୟା ... ଶୁକ୍ରବାରଠାରୁ ଆରମ୍ଭ ହେଲା ରିଲିଫ ବଣ୍ଟନ ... ଜଳବନ୍ଦୀ ଲୋକଙ୍କ ପାଖରେ ପହଞ୍ଚିଛି ଓଡ୍ରାଫ ଓ ଅଗ୍ନିଶମ ଟିମ ... ବିଭିନ୍ନ ସ୍ଥାନରେ ଆକାଶ ମାର୍ଗରୁ ଦିଆଯାଉଛି ରିଲିଫ ... ରନ୍ଧା, ଶୁଖିଲା ଖାଦ୍ୟ ସହ ପାଣି ବୋତଲ ଦେଉଛନ୍ତି ଉଦ୍ଧାରକାରୀ ଦଳ ... ଅସୁସ୍ଥ ମହିଳାଙ୍କୁ ବି ସ୍ଥାନାନ୍ତର କରାଯାଉଛି।

ପ୍ରତିଶୋଧ ପାଇଁ ପ୍ରଫେସରଙ୍କୁ ଆକ୍ରମଣ: ଅଭିଯୁକ୍ତ ଅଟକ

ସମ୍ବଲପୁର, ୩୦।୧୦ (ସଂଚାର ବ୍ୟୁରୋ) : ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରଫେସରଙ୍କୁ ଛୁରାମାଡ଼ ହୋଇଥିବା ବେଳେ ଏହି ମାମଲାରେ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି। ରସାୟନ ବିଜ୍ଞାନ ମୁଖ୍ୟ ପ୍ରଫେସର ସତ୍ୟନାରାୟଣ ସାହୁଙ୍କୁ ଛୁରାମାଡ଼ ହୋଇଛି। ଫଳରେ ଆହତ ପ୍ରଫେସର ଏବେ ବୁର୍ଲା ଭିମସାରରେ ଚିକିତ୍ସାଧୀନ ଅଛନ୍ତି। ରସାୟନ ବିଜ୍ଞାନ ବିଭାଗକୁ ପଶି ଜଣେ ଅବସରପ୍ରାପ୍ତ ସୁଇପର କୃପାସିନ୍ଧୁ ବାଗ ପ୍ରଫେସରଙ୍କୁ ଅତର୍କିତ ଛୁରା ମାଡ଼ କରିଛି। କାର୍ଯ୍ୟରେ ଅବହେଳା ଯୋଗୁ ପୂର୍ବରୁ ପ୍ରଫେସର ସତ୍ୟନାରାୟଣ ସୁଇପର କୃପାସିନ୍ଧୁଙ୍କୁ ଚାକିରିରୁ ବିଦା କରିଦେଇଥିଲେ। ତେବେ ଏଥିରେ ପ୍ରତିଶୋଧ ପରାୟଣ ହୋଇ କୃପାସିନ୍ଧୁ ଏପରି କରିଥିବା କହିଛନ୍ତି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର। ଘଟଣା ପରେ ବିଶ୍ୱବିଦ୍ୟାଳୟ ପରିସରରେ ଭୟ ଓ ଆତଙ୍କର ବାତାବରଣ ଖେଳିଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପୁଲିସ ତୁରନ୍ତ ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲା। ପୁଲିସ୍ ଅଭିଯୁକ୍ତ କୃପାସିନ୍ଧୁଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

● ଜଗା ଦର୍ଶନ ପାଇଁ ଆସିଥିଲେ ପୁରୀ

ମହାପ୍ରଭୁଙ୍କୁ ଦେଖିବା ଆଗରୁ ଆଖି ବୁଜିଲେ

ପୁରୀ,୩୦।୧୦୯(ସଂଚାର ବ୍ୟୁରୋ): ଜଗା ଦର୍ଶନ ହେଲା ଶେଷ ଦର୍ଶନ। ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। କିନ୍ତୁ ହଠାତ୍ ଚାଲିଗଲା ଭକ୍ତଙ୍କ ଜୀବନ। ମୃତ ଶ୍ରଦ୍ଧାଳୁ ଜଣଙ୍କ ଢେଙ୍କାନାଳ ଜିଲ୍ଲାର ଦେବରାଜ ସାହୁ ବୋଲି ଜଣାପଡ଼ିଛି। ସେ ନିଜ ବନ୍ଧୁବାନ୍ଧବଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟାରିକେଡ୍ ବାହାରେ ଅପେକ୍ଷା କରିଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବରାଜଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଦେବରାଜ ନିଜ ବନ୍ଧୁବାନ୍ଧବଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲେ। ଶ୍ରୀମନ୍ଦିରରେ ଜଗା ଦର୍ଶନ କରିବାକୁ ସେ ବେଶ୍ ଉତ୍ସାହିତ ଥିଲେ। ହେଲେ ଦର୍ଶନ ପାଇଁ ବ୍ୟାରିକେଡ୍ ବାହାରେ ଅପେକ୍ଷା କରିଥିବା ସମୟରେ ହଠାତ୍ ସେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କର ଅବସ୍ଥା ଖରାପ ହେବା ଦେଖି ସେଠାରେ ଉପସ୍ଥିତ ଲୋକେ ତୁରନ୍ତ ତାଙ୍କୁ ସହାୟତା କରିଥିଲେ। ପରେ ଦେବରାଜଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ତାଙ୍କ ମୃତଦେହର ବ୍ୟବଚ୍ଛେଦ କରାଯାଇଛି। ତେବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସି ଏଭଳି ଦୁଃଖଦ ପରିସ୍ଥିତିରେ ଜୀବନ ହରାଇବା ଘଟଣା ସମସ୍ତଙ୍କୁ ମର୍ମାହତ କରିଛି। ଯେଉଁ ଦର୍ଶନ ପାଇଁ ସେ ଏତେ ଦୂରରୁ ଆସିଥିଲେ, ତାହା ତାଙ୍କ ପାଇଁ ଶେଷ ଯାତ୍ରା ହୋଇ ରହିଗଲା। ଜଗା ଦର୍ଶନର ଆଶା ନେଇ ପୁରୀ ଆସିଥିବା ଦେବରାଜଙ୍କ ଏଭଳି ଅକାଳ ବିୟୋଗ ତାଙ୍କ ପରିବାର ଓ ଆତ୍ମୀୟସ୍ୱଜନଙ୍କ ପାଇଁ ଏକ ବଡ଼ ଦୁଃଖଦ ଘଟଣା ପାଲଟିଛି।

● ଓଏସ୍‌ସିପିସିଆର୍ ଅଧ୍ୟକ୍ଷାଙ୍କ ଚେତାବନୀ

ଅଭିଯୋଗ ନ ରଖିଲେ ପୁଲିସ ବିରୋଧରେ ହେବ ଆକ୍ସନ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଶିଶୁ ସୁରକ୍ଷା ଅଧିକାର ଆୟୋଗ କମିଶନ (ଓଏସ୍‌ସିପିସିଆର୍) ଆଜି ପୁଲିସ୍‌କୁ କଡ଼ା ଚେତାବନୀ ଦେଇଛନ୍ତି। ଶିଶୁ ନିଖୋଜ ସଂକ୍ରାନ୍ତରେ ଅଭିଯୋଗ ନ ରଖିଲେ ପୁଲିସ କର୍ମଚାରୀଙ୍କ ବିରୋଧରେ ଆକ୍ସନ ନିଆଯିବ ବୋଲି କମିଶନ୍‌ର ଅଧ୍ୟକ୍ଷା କହିଛନ୍ତି। ଜଳେଶ୍ୱରରେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଅଧ୍ୟକ୍ଷା ଏପରି ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଅଭିଭାବକମାନେ ଶିଶୁ ନିଖୋଜ ଥିବା ନେଇ ବାରମ୍ବାର ଥାନାକୁ ଦୌଡୁଛନ୍ତି। ହେଲେ ପୁଲିସ କର୍ମଚାରୀ ଘଟଣାର ତଦନ୍ତ ନ କରି ଏହାକୁ ଅତି ହାଲୁକା ଭାବେ ଗ୍ରହଣ କରୁଛି। ଫଳରେ ଅପରାଧୀ ଅପରାଧ କରି ଖସି ପଳାଇଯିବାରେ ସକ୍ଷମ ହେଉଛନ୍ତି ବୋଲି ଅଧ୍ୟକ୍ଷା କହିଛନ୍ତି। ସେହିପରି ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଅଭିଭାବକମାନେ ସଚେତନ ହୋଇ ଶିଶୁ ଆୟୋଗଙ୍କୁ ଟୋଲ୍ ଫ୍ରି' ନମ୍ବରରେ ଯୋଗାଯୋଗ କରିପାରିବେ। ଅଭିଯୋଗ ସଂକ୍ରାନ୍ତୀୟ କୌଣସି ମାମଲାରେ ପୁଲିସର ତ୍ରୁଟି ପରିଲକ୍ଷିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷା କହିଛନ୍ତି।

ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

ବିଦ୍ୟାଭାରତୀଙ୍କ ଜାମିନ ଆବେଦନର ଶୁଣାଣି ଶେଷ

କଟକ, ୩୦।୧୦ (ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ମାମଲାରେ ପୁଣି ଚର୍ଚ୍ଚାରେ ପତ୍ନୀ ବିଦ୍ୟାଭାରତୀ ପଣ୍ଡା। ହାଇକୋର୍ଟରେ ବିଦ୍ୟାଭାରତୀଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ରହିଛି। ଏହି ମାମଲାରେ ଏବେ ହାଇକୋର୍ଟଙ୍କ ରାୟକୁ ଅପେକ୍ଷା କରାଯାଇଛି।

ଗତ ୨୦୨୧ ଜୁଲାଇ ୧୧ ତାରିଖରେ ପାରଳାଖେମୁଣ୍ଡିସ୍ଥିତ ସରକାରୀ ବାସଭବନରେ ଗୁରୁତର ଭାବେ ପୋଡ଼ିଯାଇଥିଲେ ଏସିଏଫ୍ ସୌମ୍ୟରଞ୍ଜନ। ତାଙ୍କୁ ଚିକିତ୍ସା ପାଇଁ କଟକର ଏକ ଘରୋଇ ହସ୍ପିଟାଲକୁ ଅଣାଯାଇଥିଲା। ହେଲେ ଜୁଲାଇ ୧୨ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟରଞ୍ଜନଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ଚର୍ଚ୍ଚା ହୋଇଥିଲା। ଏହି ମାମଲାରେ ପତ୍ନୀ ବିଦ୍ୟାଭାରତୀ ଅନ୍ୟତମ ଅଭିଯୁକ୍ତ ଥିବା ବେଳେ ତାଙ୍କୁ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ହାଜର ହେବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ପ୍ରଥମେ ଗତ ୧ ତାରିଖ ସୁଦ୍ଧା ହାଜର ହେବାକୁ କୁହାଯାଇଥିଲା। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ବିଦ୍ୟାଭାରତୀ ସୁପ୍ରିମକୋର୍ଟ ଯାଇଥିଲେ। ତେବେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାଏମ ରଖିବା ସହ ଆଗୁଆ ଜାମିନ ଆବେଦନ କରିବାର ସୁଯୋଗ ଦେଇଥିଲେ। ପରେ ନିମ୍ନ ଅଦାଲତରେ ହାଜର ହେବା ପାଇଁ ଅଧିକ ସମୟ ଲୋଡ଼ିଥିଲେ ବିଦ୍ୟାଭାରତୀ। ତାଙ୍କ ଆବେଦନକୁ ଗ୍ରହଣ କରି ଆଜି ସୁଦ୍ଧା ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ହାଜର ହେବାକୁ ହାଇକୋର୍ଟ ଅନୁମତି ଦେଇଥିଲେ। ଏହାପରେ ସମ୍ଭାବ୍ୟ ଗିରଫଦାରୀରୁ ବର୍ତ୍ତିବା ପାଇଁ ବିଦ୍ୟାଭାରତୀ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ପୂର୍ବ ଶୁଣାଣିରେ ଅନ୍ତରୀଣ ସୁରକ୍ଷା ଦେବାକୁ ମନା କରିବା ସହ ମାମଲାର କେସ୍ ଡାଏରୀ ଦାଖଲ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

ବନ୍ୟାଞ୍ଚଳ ବୁଲି ସ୍ଥିତି ପରଖିଲେ ବ୍ରହ୍ମପୁର ସାଂସଦ

ଛତ୍ରପୁର,୩୦।୧୦(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବା ବେଳେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଆଜି ଛତ୍ରପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ବନ୍ୟାଜଳ ଘେରରେ ଥିବା ଅଞ୍ଚଳ ବୁଲିବା ସହ ପାଣି ଭିତରକୁ ଯାଇ ସ୍ଥାନୀୟ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ସାଂସଦ ବନ୍ୟାଜଳ ନିଷ୍କାସନ, ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବନ୍ୟା ପୀଡ଼ିତଙ୍କ ନିକଟରେ ତୁରନ୍ତ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସହାୟତା ପହଞ୍ଚାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସାଂସଦ ଶ୍ରୀ ପାଣିଗ୍ରାହୀ ପ୍ରଥମେ ଗଞ୍ଜାମ ବ୍ଲକର ୟୁଡିଏସପୁର ଓ ସନ୍ତୋଷପୁର ପଞ୍ଚାୟତ ପରିଦର୍ଶନ କରିଥିଲେ। ପରେ ବିଭିନ୍ନ ଜଳମଗ୍ନ ଅଞ୍ଚଳ ବୁଲି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ରୁଇନା ପଟ୍ଟନାୟକ, ଆର୍. ସନ୍ତୋଷ ରେଡ୍ଡୀଙ୍କ ସହ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଗ୍ୟାସ୍ ସିଲିଣ୍ଡର ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ: ୪ ଗିରଫ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ରାଜଧାନୀରେ ଗ୍ୟାସ୍ ସିଲିଣ୍ଡର ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇଛି। କେତେକ ଦୁର୍ବୃତ୍ତ ଘରୁ ଚୋରି କରୁଥିଲେ ଗ୍ୟାସ୍ ସିଲିଣ୍ଡର ଆଉ ବାଇକରେ ବୁଲିବୁଲି ସେସବୁ ଦୋକାନୀମାନଙ୍କୁ ବିକ୍ରି କରୁଥିଲେ। ତମାଣ୍ଡୋ ଥାନା ପୁଲିସ ହାତରେ ଧରାପଡ଼ିଛି ଏହି ଗ୍ୟାସ୍ ସିଲିଣ୍ଡର ଚୋରି ଗ୍ୟାଙ୍ଗ୍। ଗ୍ୟାଙ୍ଗର ମୁଖ୍ୟ ଓ ରିସିଭର ସହ ୪ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ୭୦ଟି ଗ୍ୟାସ୍ ସିଲିଣ୍ଡର ମଧ୍ୟ ଜବତ କରାଯାଇଛି। ଏଥିସହ ଚୋରି ସିଲିଣ୍ଡର କିଣୁଥିବା ତିନି ଦୋକାନୀଙ୍କ ସମ୍ପୃକ୍ତି ନେଇ ମଧ୍ୟ ତଦନ୍ତ ଚାଲିଛି। ଏହି ଗ୍ୟାଙ୍ଗର ଚୋରି କାରବାର ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେନେଇ କମିଶନରେଟ୍ ପୁଲିସ୍ ଖୋଳତାଡ଼ କରୁଛି।

ମହିଳା କନଷ୍ଟେବଳଙ୍କ ସ୍ୱାମୀ ହତ୍ୟା ଘଟଣାର ପର୍ଦ୍ଦାଫାସ: ୯ ଗିରଫ

କେନ୍ଦୁଝର,୩୦।୧୦(ସଂଚାର ବ୍ୟୁରୋ): ମହିଳା କନଷ୍ଟେବଳଙ୍କ ସ୍ୱାମୀଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାସ ହୋଇଛି। ଏହି ଘଟଣାରେ ୯ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ୩ ଜଣ ନାବାଳକ ସାମିଲ ଅଛନ୍ତି। କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅଞ୍ଚଳରେ ମହିଳା କନଷ୍ଟେବଳଙ୍କ ସ୍ୱାମୀ ତ୍ରିଲୋଚନ ମହାନ୍ତଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାସ କେନ୍ଦୁଝର ପୁଲିସ୍ କରିଥିବା ନେଇ ଏସ୍‌ପି ନୀତିନ୍ କୁଶଲକର ସୂଚନା ଦେଇଛନ୍ତି। ସେହିପରି ଆଜି ଘଟଣାସ୍ଥଳରେ ୬ ଜଣ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏସନ୍ କରାଯାଇଛି। ଗତ ୨୮ ତାରିଖ ରାତିରେ ତୁରୁମୁଙ୍ଗା ଥାନା ଅଞ୍ଚଳରେ ଘଟିଥିଲା ଏହି ଚାଞ୍ଚଲ୍ୟକର ହତ୍ୟାକାଣ୍ଡ। ତାଙ୍କ ପତ୍ନୀ ପାଟଣା ଥାନାରେ ମହିଳା କନଷ୍ଟେବଳ ଭାବେ କାର୍ଯ୍ୟ କରୁଥିବା ବେଳେ ତ୍ରିଲୋଚନ କେନ୍ଦେଇପଶିଠାରେ ଏକ ଜନସେବା କେନ୍ଦ୍ର ଚଳାଉଥିଲେ। ପ୍ରତିଦିନ ରାତିରେ ସେ ଦୋକାନ ବନ୍ଦ କରି ଟଙ୍କାପଇସା ଧରି ପାଟଣାସ୍ଥିତ ନିଜ ବାସଭବନକୁ ଫେରୁଥିଲେ। ତେବେ ଘଟଣା ଦିନ ମଧ୍ୟ ସେ ଟଙ୍କା ଧରି ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନଙ୍କ ଆକ୍ରମଣର ଶିକାର ହୋଇଥିଲେ। ପ୍ରଥମେ ଭୁଜାଲିରେ ଆକ୍ରମଣ କରିବା ପରେ ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଲୁଟ୍ ଉଦ୍ଦେଶ୍ୟରେ ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ପ୍ରାଥମିକ ସନ୍ଦେହ ପ୍ରକାଶ ପାଇଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏସପି ଶ୍ରୀ କୁଶଲକର ଘଟଣାସ୍ଥଳ ପରିଦର୍ଶନ କରିବା ସହ ଅପରାଧୀଙ୍କୁ ଧରିବା ପାଇଁ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ପୁଲିସର ତଦନ୍ତ ପରେ ଏହି ଘଟଣାରେ ମୋଟ ୯ ଜଣଙ୍କୁ ଗିରଫ କରାଯାଇଛି।

ଗଞ୍ଜାମ ବନ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ସହ କଥାହେଲେ ନବୀନ

● ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଗଞ୍ଜାମ ଗଲା ବିଜେଡି ପ୍ରତିନିଧି ଦଳ

● ଦୁଃଖ ସମୟରେ ସେବା ଯୋଗାଇବାକୁ କର୍ମୀଙ୍କୁ ପରାମର୍ଶ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଆଜି ଟେଲିଫୋନ ଯୋଗେ ଗଞ୍ଜାମ ଜିଲ୍ଲାପାଳଙ୍କଠାରୁ ହିଞ୍ଜିଳି ଓ ଶେରଗଡ଼ ସମେତ ସମଗ୍ର ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବିପନ୍ନ ଲୋକଙ୍କ ଉଦ୍ଧାର ଓ ରିଲିଫ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜିଲ୍ଲପାଳ ବିରୋଧୀଦଳ ନେତାଙ୍କୁ ଅବଗତ କରିଥିଲେ। 'ଅର୍ଣ୍ଣବ' ବାତ୍ୟାଜନିତ ଏହି ଅଭୂତପୂର୍ବ ବନ୍ୟା ଯୋଗୁଁ ଗଞ୍ଜାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଥିପାଇଁ ସେ ଦୁଃଖ ପ୍ରକାଶ କରିବା ସହ ବିପନ୍ନ ଲୋକଙ୍କୁ ତୁରନ୍ତ ଆବଶ୍ୟକ ରିଲିଫ ଓ ଅନ୍ୟ ସହାୟତା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଛନ୍ତି।

ଗଞ୍ଜାମ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ବିରୋଧୀ ଦଳ ନେତା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳକୁ ଗଞ୍ଜାମ ପଠାଇଛନ୍ତି। ଏହି ପ୍ରତିନିଧି ଦଳରେ ପ୍ରତାପ ଜେନା, ଟୁକୁନି ସାହୁ, ବିକ୍ରମ ପଣ୍ଡା, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଚନ୍ଦ୍ର ଶେଖର ସାହୁ, ଭୃଗୁ ବକ୍ସିପାତ୍ର, ଚିନ୍ମୟ ସାହୁ, ରଞ୍ଜିତା ସାହୁ ଓ ସଂଘମିତ୍ରା ଦଳେଇ ଯାଇଛନ୍ତି। ଏହି ପ୍ରତିନିଧି ଦଳ ଆଜି ଓ ଆସନ୍ତାକାଲି ଦୁଇ ଦିନ ଧରି ଗଞ୍ଜାମ ଗସ୍ତ କରି ବିପନ୍ନ ଲୋକଙ୍କୁ ଭେଟିବା ସହ କ୍ଷୟକ୍ଷତି ଆକଳନ କରିବ। ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆରଡିସି ଓ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବ। ପରେ କମିଟି ବିରୋଧୀଦଳ ନେତାଙ୍କୁ ଭେଟି ରିପୋର୍ଟ ପ୍ରଦାନ କରିବ। ସେହିପରି ଲୋକଙ୍କ ଏହି ଦୁଃଖ ସମୟରେ ଲୋକଙ୍କ ସହ ରହିବା ଓ ସେମାନଙ୍କ ସେବା କରିବା ପାଇଁ ନବୀନ ବିଜେଡି କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଶୋଇଥିବା ବେଳେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

କୋରାପୁଟ,୩୦।୧୦(ସଂଚାର ବ୍ୟୁରୋ): ସାମାନ୍ୟ ତରକାରୀକୁ ନେଇ ଘରୋଇ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। କ୍ରୋଧରେ ଅନ୍ଧ ହୋଇ ୧୫ ବର୍ଷର ବୈବାହିକ ସମ୍ପର୍କକୁ ଭୁଲିଗଲେ ସ୍ୱାମୀ। ଶୋଇଥିବା ଅବସ୍ଥାରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ଆକ୍ରମଣ କରି ହତ୍ୟା କରିଥିବା ଭଳି ଏକ ବୀଭତ୍ସ ଘଟଣା କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତ ଅନ୍ତର୍ଗତ ପଦୁଗୁଡ଼ା ଗ୍ରାମରେ ଘଟିଥିବା ବେଳେ ଏହା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ମହିଳା ଜଣଙ୍କ ହେଲେ ୩୨ ବର୍ଷୀୟା କବିତା ସାଉଁତା ଓ ତାଙ୍କୁ ହତ୍ୟା କରିଛନ୍ତି ସ୍ୱାମୀ ରାବ ସାଉଁତା। ମିଳିଥିବା ସୂଚନାନୁଯାୟୀ, ସାମାନ୍ୟ ତରକାରୀକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଓ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ବିଳମ୍ବିତ ରାତିରେ କବିତା ଶୋଇଥିବା ସମୟରେ ସ୍ୱାମୀ ରାବ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ କବିତାଙ୍କର ମୃତ୍ୟୁ ଘଟିଥିବା ବେଳେ ଦୀର୍ଘ ୧୫ ବର୍ଷର ସଂସାର ଓ ବୈବାହିକ ସମ୍ପର୍କ ମୁହୂର୍ତ୍ତକର ଉତ୍ତେଜନାରେ ରକ୍ତରଞ୍ଜିତ ହୋଇଛି।ଘଟଣା ସମ୍ପର୍କରେ ଖବର ପାଇ କୋରାପୁଟ ଏସ୍‌ଡିପିଓ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାସ୍ଥଳରୁ ବିଭିନ୍ନ ପ୍ରମାଣ ସଂଗ୍ରହ କରାଯାଇଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଓ ଏହା ସହ ଜଡ଼ିତ ଅନ୍ୟାନ୍ୟ ଦିଗକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି। ସାମାନ୍ୟ ଘରୋଇ ବିବାଦରୁ ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିବା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି।

● ବନ୍ୟା ନିୟନ୍ତ୍ରଣ ଓ ଜଳସେଚନ ପ୍ରକଳ୍ପ ଟିଏସି ବୈଠକ

ବନ୍ୟା ନିୟନ୍ତ୍ରଣ ୩୮ଟି ପ୍ରସ୍ତାବ ଉପରେ ଆଲୋଚନା

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଜଳସେଚନ ଭିତ୍ତିଭୂମିର ବିକାଶ ଓ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଦିଗରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲ୍ଲୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବନ୍ୟା ନିୟନ୍ତ୍ରଣ ବୋର୍ଡର ୧୫୮ତମ ବୈଷୟିକ ପରାମର୍ଶଦାତା କମିଟି (ଟିଏସି) ବୈଠକ ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିଲା। ବନ୍ୟା ନିୟନ୍ତ୍ରଣ ସମ୍ପର୍କିତ ପ୍ରକଳ୍ପଗୁଡ଼ିକର ତ୍ୱରିତ ସମୀକ୍ଷା ଓ ଅନୁମୋଦନ ଉପରେ ବିଭାଗର ବର୍ଦ୍ଧିତ ଗୁରୁତ୍ୱକୁ ଏହି ବୈଠକ ପ୍ରତିଫଳିତ କରିଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ୭ଟି ବୈଠକ ଅନୁଷ୍ଠିତ ହୋଇସାରିଛି। ବୈଠକରେ ରାଜ୍ୟର ବିଭିନ୍ନ ଡ୍ରେନେଜ୍ ଡିଭିଜନ୍‌ରୁ ଆସିଥିବା ୩୧ଟି ବନ୍ୟା ନିୟନ୍ତ୍ରଣ କାର୍ଯ୍ୟ ଓ ୭ଟି ଜଳ ନିଷ୍କାସନ କାର୍ଯ୍ୟ ସମେତ ମୋଟ ୩୮ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏହି ପ୍ରସ୍ତାବଗୁଡ଼ିକର ଆନୁମାନିକ ବ୍ୟୟ ଅଟକଳ ୬୫୩.୯୯ କୋଟି ଟଙ୍କା। ଦୁର୍ବଳ ଓ ବନ୍ୟାପ୍ରବଣ ଅଞ୍ଚଳର ସୁରକ୍ଷା, ନଦୀବନ୍ଧ ସୁଦୃଢ଼ୀକରଣ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସର୍ବୋଚ୍ଚ ଯନ୍ତ୍ରୀ ଇଂ. ରାଉତଙ୍କ ଅଧ୍ୟକ୍ଷତାରେ ଜଳସେଚନ ପ୍ରକଳ୍ପ ସମ୍ପର୍କିତ ୧୬୨ତମ ବୈଷୟିକ ପରାମର୍ଶଦାତା କମିଟି ବୈଠକ ମଧ୍ୟ ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୪୭ଟି ପ୍ରସ୍ତାବକୁ କମିଟି ଅନୁମୋଦନ କରିଥିଲା। ଏଥିରେ ମୁଖ୍ୟତଃ ବୃହତ୍ ଇନ୍-ଷ୍ଟ୍ରିମ୍ ଜଳଭଣ୍ଡାର ନିର୍ମାଣ ସଂରଚନା ଓ ଏ ସମ୍ପର୍କିତ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ସାମିଲ ରହିଛି।

● ଅନୁଗୋଳରେ ବିକାଶ କାର୍ଯ୍ୟର ସମୀକ୍ଷା କଲେ ଏସିଏସ

ଆଲୁମିନିୟମ୍ ପାର୍କ, ପରିମଳ ସମସ୍ୟାର ସମାଧାନକୁ ଗୁରୁତ୍ୱ

ଅନୁଗୋଳ,୩୦।୧୦(ସଂଚାର ବ୍ୟୁରୋ): ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡ୍‌କୋ ଅଧ୍ୟକ୍ଷା ଉଷା ପାଢ଼ୀ ଆଜି ଅନୁଗୋଳ ଗସ୍ତ କରି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି, ନାଗରିକ ସେବାର ସ୍ଥିତି ଓ କାର୍ଯ୍ୟାନ୍ୱୟନ ସ୍ତରରେ ରହିଥିବା ସମସ୍ୟାଗୁଡ଼ିକର ସମୀକ୍ଷା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସେ ନାଲ୍‌କୋ ନିକଟସ୍ଥ ଆଲୁମିନିୟମ୍ ପାର୍କ ପରିଦର୍ଶନ କରିଥିଲେ। ଏହି ଅବସରରେ ନାଲ୍‌କୋ ଓ ଇଡ୍‌କୋର ବରିଷ୍ଠ ଅଧିକାରୀଙ୍କ ସହ ବିଦ୍ୟୁତ୍ ଓ ଜଳ ଯୋଗାଣ ସମେତ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ଚିହ୍ନଟ ହୋଇଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ସମୟବଦ୍ଧ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ଅନୁଗୋଳ ପୌରପାଳିକାର ମଳ ଉପଚାର କେନ୍ଦ୍ର ବୁଲିବା ସହ ପଞ୍ଚମହଲାଠାରେ ଚାଲିଥିବା ପୁରୁଣା ଆବର୍ଜନାର ବାୟୋମାଇନିଂ ପ୍ରକଳ୍ପର ଅନୁଧ୍ୟାନ କରିଥିଲେ। ପରିମଳ ବ୍ୟବସ୍ଥା ଓ ପୁରୁଣା ଆବର୍ଜନାର ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ। ସେ ରାଜ୍ୟ ଗୃହ ନିର୍ମାଣ ବୋର୍ଡ ପକ୍ଷରୁ ନିର୍ମାଣାଧୀନ ଗୃହ ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିଥିଲେ। ନିର୍ମାଣ କାର୍ଯ୍ୟର ଅଗ୍ରଗତି, ଜଳ ନିଷ୍କାସନ ବ୍ୟବସ୍ଥା, ମୌଳିକ ଭିତ୍ତିଭୂମି ଓ ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର ଫ୍ଲାଟ୍ ଆବଣ୍ଟନ ସୁନିଶ୍ଚିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେ ବଣିଆବାହାଲ ଓ ଲିଙ୍ଗରାଯୋଡ଼ିର ଜଳବନ୍ଦୀ ପ୍ରବଣ ଅଞ୍ଚଳ ପରିଦର୍ଶନ କରି ଜିଲ୍ଲା ଓ ପୌରପାଳିକା ଅଧିକାରୀଙ୍କ ସହ ଜଳ ନିଷ୍କାସନ ନେଇ ସମୀକ୍ଷା କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

ଆଜିର ସୁନା ଦର

ସୁନା କିଣିବାକୁ ଚାହୁଁଥିଲେ, ଆପଣଙ୍କ ପାଇଁ ଖୁସି ଖବର । କମିଲା ସୁନା ଓ ରୁପା ଦାମ୍ । ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୨,୨୬୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୪୦୦ ଟଙ୍କା ଛୁଇଁଛି । ୧୮ କ୍ୟାରେଟ ସୁନା ଦାମ୍ ୧୦,୬୬୯ ଟଙ୍କା ରହିଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ୧,୪୨,୨୬୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୪୦୦ ଟଙ୍କା ରହିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ସୁନା ୧,୪୨,୨୬୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୪୦୦ ଟଙ୍କା ଛୁଇଁଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୨,୪୧୦ ଟଙ୍କା ଓ ୨୨ କ୍ୟାରଟେ ୧,୩୦,୫୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୨,୨୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୦,୪୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୨,୨୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୦,୪୦୦ ଟଙ୍କା ରହିଛି ।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ମଧ୍ୟ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

ଅନ୍ତର୍ଜାତୀୟ ବଜାର କବ୍‌ଜା କରିବା ଲକ୍ଷ୍ୟରେ ଆଦାନୀ ଗ୍ରୁପ

ଇଭୋସ ଟର୍ମିନାଲ୍ସକୁ କିଣିବା ପାଇଁ ଅଫର

ନୂଆଦିଲ୍ଲୀ,୩୦।୧୦: ଆଦାନୀ ଗ୍ରୁପ ବର୍ତ୍ତମାନ ଭାରତ ସମେତ ଅନ୍ତର୍ଜାତୀୟ ବଜାରରେ ନିଜର ବ୍ୟବସାୟିକ ସାମ୍ରାଜ୍ୟ ବିସ୍ତାର କରିବା ଚେଷ୍ଟାରେ ଲାଗିପଡ଼ିଛି। ଆଦାନୀ ଗ୍ରୁପର କମ୍ପାନୀ "ଆଦାନୀ ପୋର୍ଟ୍ସ ଆଣ୍ଡ ସ୍ପେସାଲ ଇକୋନୋମିକ ଜୋନ" ୟୁରୋପ ଇଭୋସ ଟର୍ମିନାଲ୍ସକୁ କିଣିବାକୁ ପ୍ରସ୍ତାବ ଦେଇଛି। ଏଥିପାଇଁ କମ୍ପାନୀ ୩ ବିଲିଅନ ୟୁରୋ ଅଫର କରିଛି। ଇଭୋସ ଟର୍ମିନାଲ୍ସ ହେଉଛି ୟୁରୋପର ଏକ ଲିକ୍ୱିଡ୍ ଷ୍ଟୋରେଜ୍ ଆଣ୍ଡ ଟର୍ମିନାଲ କମ୍ପାନୀ। ଏହାର ମାଲିକାନା ବର୍ତ୍ତମାନ ଇଗ୍ନିଓ ଇନଫ୍ରାଷ୍ଟ୍ରକଚର୍ ପାର୍ଟନର୍ସ ପାଖରେ ରହିଛି। ଆଦାନୀ ଗ୍ରୁପ ଏହି ଟର୍ମିନାଲ୍ସ କିଣି ୟୁରୋପରେ ନିଜର ବିଜନେଶ ବିସ୍ତାର କରିବାକୁ ଚାହୁଁଛି। ତେଣୁ କମ୍ପାନୀ ପ୍ରଥମେ ୟୁରୋପର ଷ୍ଟୋରେଜ ବିଜନେଶରେ ଏଣ୍ଟ୍ରି କରିବାକୁ ଲକ୍ଷ୍ୟ ରଖିଛି। କେବଳ ଏହି ଗୋଟିଏ କମ୍ପାନୀ ନୁହେଁ, ଡଚ୍ ଏନର୍ଜି ଷ୍ଟୋରେଜ୍ ଗ୍ରୁପ ଭିଟିଟିଆଇକୁ ମଧ୍ୟ କିଣିବାକୁ ଚାହୁଁଛି ଆଦାନୀ ପୋର୍ଟ୍ସ। ଏଥିପାଇଁ ମଧ୍ୟ ୩ ବିଲିଅନ ୟୁରୋ ଅଫର କରାଯାଇପାରେ ବୋଲି ବୁଧବାର ବ୍ଲୁମବର୍ଗ ରିପୋର୍ଟ ପ୍ରକାଶ କରିଥିଲା। ଇଭୋସ ଟର୍ମିନାଲ୍ସର ଷ୍ଟୋରେଜ୍ କ୍ଷମତା ଇଭୋସ ଟର୍ମିନାଲ୍ସର ମୋଟ ଇନ୍ଧନ ଷ୍ଟୋରେଜ କ୍ଷମତା ୬.୪ ମିଲିଅନ କ୍ୟୁବିକ ମିଟର ରହିଛି। କମ୍ପାନୀ ପାଖରେ

ମୋଟ ୮ଟି ଟ୍ୟାଙ୍କ ଟର୍ମିନାଲ୍ସ ଥିବା ବେଳେ ଏଗୁଡ଼ିକ ସବୁ ୫ ୟୁରୋପ ଦେଶର ୭ଟି ପୋର୍ଟରେ ରଖାଯାଇଛି। ତେଣୁ ଏହାର ବ୍ୟାବସାୟିକ ମହତ୍ୱ ବହୁତ ରହିଛି। ଏହି କମ୍ପାନୀ ମୋଟରର ଫ୍ୟୁଲ ସହିତ ବାୟୋ-ଡିଜେଲ, ବାୟୋ-ଇଥାନଲ, ଇ-ମେଥାନଲ ଓ ବାୟୋ ମରିନ ଫ୍ୟୁଲ୍ସ ଭଳି ଇକୋ ଫ୍ରେଣ୍ଡଲି ଫ୍ୟୁଲକୁ ବି ଷ୍ଟୋର କରି ରଖିପାରିବ। ଖୁବଶୀଘ୍ର ହୋଇପାରି ଡିଲ୍ଇ କୋନୋମିକ ଟାଇମ୍ସର ରିପୋର୍ଟ ଅନୁସାରେ, ଆଦାନୀ ଗ୍ରୁପ ଇଭୋସ ଟର୍ମିନାଲ୍ସ କମ୍ପାନୀକୁ କିଣିବାକୁ ଚଳିତ ସପ୍ତାହରେ ୩ ବିଲିଅନ ୟୁରୋ ଅଫର କରିଛି। ଏହି ପ୍ରାସ୍ତାବ ଅକ୍ସନ ମାଧମରେ ଦିଆଯାଇଛି ବୋଲି ବିଶେଷ ସୂତ୍ରରୁ ତଥ୍ୟ ନେଇ ଇକୋନୋମିକ୍ସ ଟାଇମ୍ସ ରିପୋର୍ଟ ପ୍ରକାଶ କରିଛି। ଆସନ୍ତା ସପ୍ତାହରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ୨୦ଟି କମ୍ପାନୀ ଉପରେ ଆଦାନୀ ଗ୍ରୁର ଲକ୍ଷ୍ୟ ଆଦାନୀ ମ୍ୟାନେଜମେଣ୍ଟର ଅନୁସାରେ ଗ୍ରୁପର ନଜର ଏବେ ୨୦ଟି ସମ୍ପତ୍ତି ଉପରେ ରହିଛି। ଏଥିରେ ପୋର୍ଟ୍ସ, ଓ ଟର୍ମିନାଲ୍ସ ବି ସାମିଲ ଅଛନ୍ତି। ବିଶ୍ୱ ସ୍ତରରେ ବ୍ୟବସାୟ ବିସ୍ତାର କରିବା ଉଦ୍ଦେଶ୍ୟରେ ଏଭଳି ନିଷ୍ପତ୍ତି ନିଆଯାଉଛି ବୋଲି ବୁଧବାର ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସମୟରେ ଆଦାନୀ ପୋର୍ଟ୍ସ ଦେଶର ୧୫ଟି ପୋର୍ଟକୁ ପରିଚାଳନା କରୁଛି। ଏହା ବାଦ କମ୍ପାନୀ ଇସ୍ରାଏଲ୍, ତାଞ୍ଜାନିଆ, ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆରେ ବି ପୋର୍ଟ ପରିଚାଳନା କରୁଛି। କମ୍ପାନୀର ସୂଚନା ଅନୁସାରେ ଏହାର ଘରୋଇ କାର୍ଗୋ ହ୍ୟାଣ୍ଡେଲ କରିବାର କ୍ଷମତା ୬୫୩ ମିଲିଅନ ମ୍ୟାଟ୍ରିକ ଟନ ରହିଛି।

କଣ୍ଟେନର ମାନୁଫାକ୍ଚରିଂ ଆସିଷ୍ଟାନ୍ସ ସ୍କିମ୍‌କୁ ମିଳିଳା କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୩୦।୧୦: ବିଶ୍ୱର ସିପିଂ କଣ୍ଟେନର ବଜାରରେ ଚୀନ୍‌ର ଦବ୍‌ଦବା ରହିଛି । ଏହି ବଜାରର ୯୦ରୁ ୯୭% ଡ୍ରାଗନ୍ କବ୍‌ଜାରେ । ଏହାର ବିପରୀତ ଭାରତ ପ୍ରତିବର୍ଷ ୨୦ ଲକ୍ଷ ଖାଲି କଣ୍ଟେନର ଆମଦାନି କରିଥାଏ । ଏବେ ଭାରତ ଯୋଗାଣ ଶୃଙ୍ଖଳରେ ଚୀନ୍ ଉପରେ ଏହି ନିର୍ଭରତାକୁ ସମାପ୍ତ କରିବାକୁ ନିଷ୍ପତ୍ତି ନେଇଛି । ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏହା ଅନ୍ତର୍ଗତ ୧୩ ବର୍ଷ ଅର୍ଥାତ୍ ୨୦୩୯-୪୦ ପର୍ଯ୍ୟନ୍ତ 'କଣ୍ଟେନର ମାନୁଫାକ୍ଚରିଂ ଆସିଷ୍ଟାନ୍ସ ସ୍କିମ୍(ସିଏମ୍ଏଏସ୍)କୁ ମଞ୍ଜୁରୀ ମିଳିଛି । ଏହା ଉପରେ ୧୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏ ସ୍କିମ୍ ଦେଶରେ ନୂଆ ନିର୍ମାଣ ୟୁନିଟ୍, ପରୀକ୍ଷଣ ଭିତ୍ତିଭୂମି ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଦେବ । ମୋଟାମୋଟି ଭାବେ ଦେଶରେ ଏକ ବିଶ୍ୱସ୍ତରୀୟ କଣ୍ଟେନର

ବିନିର୍ମାଣ ଇକୋସିଷ୍ଟମ ସ୍ଥାପନ କରିବା ଏହାର ଉଦ୍ଦେଶ୍ୟ। ଭାରତର ରପ୍ତାନି ଦ୍ରୁତ ବେଗରେ ବଢୁଛି । ପ୍ରତିବର୍ଷ ଏହାକୁ ପାଖାପାଖି ୨୦ ଲକ୍ଷ ଖାଲି କଣ୍ଟେନର ଲୋଡ଼ା । ଘରୋଇ ଚାହିଦା ପୂରଣ କରିବା ପାଇଁ ଏହାର ଆମଦାନି କରାଯାଇଥାଏ। ଏହା ଭାରତକୁ ଏହା ପ୍ରତି ସମ୍ବେଦନଶୀଳ କରୁଛି। ଏହା ପଛରେ ୩ଟି ମୁଖ୍ୟ କାରଣ ରହିଛି। ତାହା ହେଲା କଣ୍ଟେନର ଉପଲବ୍ଧତାରେ ବିଶ୍ୱ ବଜାରରେ ଦେଖାଦେଉଥିବା ଅସ୍ଥିରତା, ମାଲ ପରିବହନ ବା ଫ୍ରେଟ୍ ଦରରେ ଅଧିକ ଅସ୍ଥିରତା ଏବଂ ଏହା ଯୋଗୁ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି ହେବା। କଣ୍ଟେନର ବିନିର୍ମାଣ ସ୍କିମ୍‌ର ଉଦ୍ଦେଶ୍ୟ ହେଉଛି ଘରୋଇ ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବା। ଏଥିରେ ଅଂଶଗ୍ରହଣ କରୁଥିବା ୟୁନିଟ୍‌ଗୁଡ଼ିକୁ ଆଥି ର୍କବର୍ଷ ୨୦୩୧-୩୨ ସୁଦ୍ଧା ଅନ୍ୟୁନ ୭୦% ସ୍ଥାନୀୟ ସାମଗ୍ରୀର ବ୍ୟବହାର କରିବାକୁ ହେବ । ଆଥି ର୍କବର୍ଷ ୨୦୩୨-୩୩ରୁ ଏହା ବଢ଼ି ୯୦% ହୋଇଯିବ ।

୨୯ ବର୍ଷ ପରେ ଚେୟାରମ୍ୟାନ ପଦ ଛାଡ଼ିବେ ନୋଏଲ ଟାଟା



ନୂଆଦିଲ୍ଲୀ,୨୯।୧୦: ପ୍ରାୟ ୩ ଦଶନ୍ଧୀ ଧରି ରିଟେଲ ବ୍ୟବସାୟର ନେତୃତ୍ୱ ନେବା ପରେ ଶେଷରେ ଟ୍ରେଣ୍ଟ ଗ୍ରୁପର ଚେୟାରମ୍ୟାନ ପଦରୁ ଇସ୍ତଫା ଦେବେ ନୋଏଲ ଏନ. ଟାଟା। ନଭେମ୍ବର ୧୧ ତାରିଖରୁ ସେ ତାଙ୍କ ପଦ ଛାଡ଼ିବେ। ତାଙ୍କ ସ୍ଥାନରେ ବହରାମ ଭକିଲଙ୍କୁ ଟ୍ରେଣ୍ଟ ଗ୍ରୁପ ସିଇଓ ନିଯୁକ୍ତ କରାଯାଇ। ସେ ଏହାର ଦିନକ ପରେ ଅର୍ଥାତ୍ ନଭେମ୍ବର ୧୨ ତାରିଖରୁ ନିଜ ଦାୟିତ୍ୱ ସମ୍ଭାଳିବେ। ଏନେଇ ଟ୍ରେଣ୍ଟ ଗ୍ରୁପ ପକ୍ଷରୁ ରେଗୁଲେଟୋରି ଫାଇଲିଂ ବେଳେ ସୂଚନା ଦିଆଯାଇଛି। ନନୋଏଲ ଟାଟା ୧୯୯୭ ମସିହାରୁ ଟ୍ରେଣ୍ଟ ଗ୍ରୁପ ସହିତ ଜଡ଼ିତ ଆସିଛନ୍ତି। କମ୍ପାନୀରେ ତାଙ୍କର ଯୋଗଦାନକୁ ଦେଖି ସେ ନଭେମ୍ବର ୧୨ ତାରିଖରୁ ଚେୟାରମ୍ୟାନ ଏମିରେଟ୍ସ ଦାୟିତ୍ୱ ଗ୍ରହଣ କରିବେ। 'ଟାଟା ଗ୍ରୁପ୍ ଗଭର୍ଣ୍ଣାନ୍ସ ଗାଇଡ୍‌ଲାଇନ୍' ଅନୁସାରେ କମ୍ପାନୀର ନେତୃତ୍ୱ ପରିବର୍ତ୍ତନ କରାଯାଇଥାଏ। ଯେଉଁଥିରେ ବୋର୍ଡ ଗଠନ, ବିଭିନ୍ନ କମିଟି ଏବଂ ଡାଇରେକ୍ଟରମାନଙ୍କ ଅବସର ସମ୍ବନ୍ଧୀୟ ଆବଶ୍ୟକତାଗୁଡ଼ିକ ନିର୍ଦ୍ଧାରିତ କରାଯାଇଛି। ଏହି ନିୟମ ଅନୁସାରେ ନୋଏଲ ଟାଟାଙ୍କର ବି ନେତୃତ୍ୱ ପରିବର୍ତ୍ତନ କରାଯାଇଛି। ସେହିପରି ରାଜୀବ ଦୁବେଙ୍କୁ ଜଣେ ଅତିରିକ୍ତ ଅଣକାର୍ଯ୍ୟନିର୍ବାହୀ ତଥା ଅଣସ୍ୱାଧୀନ ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି। ବୋର୍ଡ ତାଙ୍କୁ ଡିସେମ୍ବର ୩୦ ତାରିଖ ଠାରୁ ଏହି ଦାୟିତ୍ୱ ପାଇଁ ନିଯୁକ୍ତ କରିଥିବା ବେଳେ ଏଥିରେ କମ୍ପାନୀର ଅଂଶିଦାରମାନଙ୍କର ଅନୁମତି ଆବଶ୍ୟକ ହେବ। ସେହିପରି କଲ୍ପନା ମର୍ଚ୍ଚାଣ୍ଟଙ୍କୁ ୩୦ ଅକ୍ଟୋବରରୁ ତିନି ବର୍ଷ ପାଇଁ ଜଣେ ଅତିରିକ୍ତ ନିର୍ଦ୍ଦେଶକ ତଥା ସ୍ୱାଧୀନ ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇ ଥିବା ବେଳେ ଏହାର ଅନୁମୋଦନ ଅଂଶୀଦାରମାନଙ୍କ ଉପରେ ନିର୍ଭର କରେ। ଖୁଚୁରା ବ୍ୟବସାୟ ବିସ୍ତାର ଯୋଜନା ମଧ୍ୟରେ ବୋର୍ଡର ପୁନର୍ଗଠନ କଲା ଟ୍ରେଣ୍ଟ ବର୍ତ୍ତମାନ ଟ୍ରେଣ୍ଟ ଏହାର ଫ୍ୟାସନ ବ୍ରାଣ୍ଡ, ୱେଷ୍ଟସାଇଡ୍‌ଓ ଜୁଡିଓ ମାଧମରେ ଖୁଚୁରା ବ୍ୟବସାୟକୁ ବଢ଼ାଇବାକୁ ଚାହୁଁଛି। ଷ୍ଟାର ଫୁଡ୍ ଓ ଗ୍ରୋସରି ବିଜନେଶକୁ ମଧ କମ୍ପାନୀ ଆଗକୁ ବଢ଼ାଉଛି। ଏହି ସମୟରେ ଟ୍ରେଣ୍ଟ ବାର୍ଷିକ ଆଧାରରେ ୨୫% ଲାଭ କରିଛି। ସେପ୍ଟେମ୍ବର ତ୍ରୈମାସିକ ପାଇଁ ନିଜର ସମନ୍ୱିତ ନିଟ୍ ଲାଭରେ ବାର୍ଷିକ ଭିତ୍ତିରେ ୨୫% ବୃଦ୍ଧି ଘଟି ଏହା ୪୬୮ କୋଟି ଟଙ୍କାରେ ପହଞ୍ଚିଥିବା କମ୍ପାନୀ ରିପୋର୍ଟରେ କହିଛି। ଅନ୍ୟପକ୍ଷରେ ଏହାର ରାଜସ୍ୱ ୨୨% ବଢ଼ି ୫,୮୭୩ କୋଟି ଟଙ୍କାରେ ପହଞ୍ଚି ବୋଲି ଟ୍ରେଣ୍ଟ ଫାଇଲିଂରେ ଜଣାଇଛି।

୧ରୁ ୭ ବିମାନ ବନ୍ଦରରେ ଆରମ୍ଭ ହେବ ଡିଜି ଯାତ୍ରା ଟ୍ରାୟଲ

ନୂଆଦିଲ୍ଲୀ,୨୯।୧୦: ବିଦେଶ ଯାଉଥିବା ଯାତ୍ରୀଙ୍କୁ ଏୟାରପୋର୍ଟରେ ବାରମ୍ବାର ତାଙ୍କ କାଗଜ ଦେଖାଇବାକୁ ଲମ୍ବା ଧାଡିରେ ଛିଡାହେବାର ଝିନଝଟ ଏବେ ସମାପ୍ତ ହେବାକୁ ଯାଉଛି। ଏହାର କାରଣ ହେଉଛି କେନ୍ଦ୍ର ସରକାର ଏବେ ଅନ୍ତର୍ଜାତୀୟ ଉଡାଣ ଲାଗି 'ଡିଜି ଯାତ୍ରା' ସୁବିଧାର ପରିସର ବଢାଇବାକୁ ଯାଉଛନ୍ତି। ନଭେମ୍ବର ୧ ତାରିଖରୁ ଦେଶର ୭ଟି ଏୟାରପୋର୍ଟରେ ଏହାର ଟ୍ରାୟଲ ଆରମ୍ଭ ହେବ, ଯାହା ଡିସେମ୍ବର ପର୍ଯ୍ୟନ୍ତ ଚାଲିବ।

ଏ ପର୍ଯ୍ୟନ୍ତ ବିଦେଶ ଯାତ୍ରା ପାଇଁ ଯାତ୍ରୀଙ୍କୁ ଏୟାରପୋର୍ଟରେ ଏଣ୍ଟ୍ରି କରିବାକୁ, ସିକ୍ୟୁରିଟି ଚେକ୍ କରିବାକୁ ଓ ବୋର୍ଡିଂ ସମୟରେ ବାରମ୍ବାର ପାସପୋର୍ଟ ଓ ଟିକେଟ୍ ଦେଖାଇବାକୁ ପଡୁଛି। ନୂଆ ବ୍ୟବସ୍ଥାରେ ଆପଣଙ୍କୁ ପ୍ରଥମରୁ ଡିଜିଟାଲ ରୂପେ ଭେରିଫାଏ କରିନିଆଯିବ। ଏଣୁ ବାରମ୍ବାର କାଗଜପତ୍ର ବାହାର କରିବାକୁ ଓ ଦୀର୍ଘ ଧାଡିରେ ଛିଡା ହେବାକୁ ପଡିବନି। ଏହା ଦ୍ୱାରା ସମୟ ବଞ୍ଚିବା ସହ ଯାତ୍ରାର ନୂଆ ଅଭିଜ୍ଞତା ମିଳିପାରିବ। ଏହି ଟ୍ରାୟଲ ଦେଶର ୭ ପ୍ରମୁଖ ବିମାନ ବନ୍ଦରରେ ନଭେମ୍ବର ୧ ତାରିଖରୁ ଆରମ୍ଭ ହେବ ଓ ଡିସେମ୍ବର ମାସ ପର୍ଯ୍ୟନ୍ତ ଜାରି ରହିବ।

ଏଥିରେ ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଚେନ୍ନାଇ, କୋଚି ଓ ଅମୃତସର ଏୟାରପୋର୍ଟକୁ ସାମିଲ କରାଯାଇଛି। ଯଦି ଆପଣ ଏହି ସୁବିଧାର ଲାଭ ନେବାକୁ ଚାହୁଁଛନ୍ତି ତେବେ ଦୁଇଟି ଜିନିଷ ଥିବା ଆବଶ୍ୟକ। ତାହା ହେଉଛି ଯାତ୍ରୀଙ୍କ ନିକଟରେ ଚିପ୍ ଲଗା ଇ-ପାସପୋର୍ଟ ଥିବା ଦରକାର। ଅନ୍ୟ କଥାଟି ହେଲା

ଆପଣଙ୍କ ଉଡାଣ ଏୟାର ଇଣ୍ଡିଆ ଅଥବା ଇଣ୍ଡିଗୋରେ କରୁଥିବା ଆବଶ୍ୟକ। ଏହି ଦୁଇଟି ଏୟାର ଲାଇନ୍ସକୁ ଟ୍ରାୟଲରେ ସାମିଲ କରାଯାଇଛି। ଏହି ବ୍ୟବସ୍ଥାରେ ଆପଣଙ୍କ ପାସପୋର୍ଟ ଓ ଭିସା ପୂର୍ବ ଭଳି ଅନିବାର୍ଯ୍ୟ ରହିବ। ସେହିପରି ଏୟାରଲାଇନ୍ସ ମଧ ପୂର୍ବ ଭଳି କାଗଜପତ୍ରର ଯାଞ୍ଚ, ସୁରକ୍ଷା ଓ ଇମିଗ୍ରେସନ ପ୍ରକ୍ରିୟା ଆଦି ଦେଖିବେ। ସେହିପରି ଆପଣ ବିଦେଶ ପହଞ୍ଚିବା ପରେ ସେହି ଦେଶର ସ୍ଥାନୀୟ ପ୍ରବେଶ ନିୟମ ଓ ଆଇନ ମଧ ଲାଗୁ ରହିବ। ସାଧାରଣ ପାସପୋର୍ଟ ଭଳି ଦେଖା ଯାଉଥିବା ଇଲେକ୍ଟ୍ରୋନିକ୍ ପାସପୋର୍ଟରେ ଏକ ଚିପ୍ ଲାଗି ରହିଥାଏ। ଏହି ଚିପ୍ ରେ ଯାତ୍ରୀଙ୍କ ନାମ, ଜନ୍ମତାରିଖ, ଫଟୋ ଓ ବାୟୋମେଟ୍ରିକ ବିବରଣୀ ସୁରକ୍ଷିତ ଥାଏ। ଏଥିରେ ଡିଜି ଯାତ୍ରା କଥା କୁହାଗଲେ ୨.୬୫ କୋଟି ଯାତ୍ରୀ ଏବେ ଏହି ସୁବିଧା ଉପଲବ୍ଧ କରୁଛନ୍ତି। ଦେଶରେ ବିମାନ ଯାତ୍ରା କରୁଥିବା ଲୋକଙ୍କ ୩୦% ଏହି ସୁବିଧା ଉପଲବ୍ଧ କରୁଛନ୍ତି। ସେହିପରି ଦେଶର ୩୯ଟି ଘରୋଇ ବିମାନ ବନ୍ଦରରେ ଏହି ଯାତ୍ରା ସୁବିଧା ଉପଲବ୍ଧ ରହିଛି। ଏହାକୁ ଏକ ଅନ୍ତର୍ଜାତୀୟ ସ୍ତରରେ ପ୍ରୟୋଗ କରାଯାଉଛି।

ପାକିସ୍ତାନକୁ ଭାରତୀୟ ସାମଗ୍ରୀ ଆମଦାନି ୬୯% ବୃଦ୍ଧି

ନୂଆଦିଲ୍ଲୀ,୩୦।୧୦: ଭାରତ ସିଧାସଳଖ ବାଣିଜ୍ୟିକ ସମ୍ପର୍କ କଟକଣା ସତ୍ତ୍ୱେ ପାକିସ୍ତାନରେ ଭାରତୀୟ ସାମଗ୍ରୀର ଚାହିଦା ଉଲ୍ଲେଖନୀୟ ଭାବେ ବଢ଼ିଛି । ଷ୍ଟେଟ୍ ବ୍ୟାଙ୍କ ଅଫି ପାକିସ୍ତାନ ତଥ୍ୟ ମୁତାବକ, ଆର୍ଥିକ ବର୍ଷ ୨୦୨୬-୧୭ର ପ୍ରଥମ ତ୍ରୈମାସରେ ପାକିସ୍ତାନ ଭାରତରୁ ୬୧.୭୫ ନିୟୁତ ଡଲାରର ସାମଗ୍ରୀ ଆମଦାନି କରିଛି । ଏହା ଗତ ବର୍ଷ ସମାନ ଅବଧି ତୁଳନାରେ ୬୯% ଅଧିକ ରହିଛି । ଗତ ବର୍ଷ ଏହି ସମୟ ମଧ୍ୟରେ ପାକିସ୍ତାନ ୩୪୭୮ କୋଟିର ଭାରତୀୟ ସାମଗ୍ରୀ ଆମଦାନି କରିଥିଲା । ତେବେ ଏହି ଅବଧିରେ ଭାରତ ପାକିସ୍ତାନରୁ କୌଣସି ସାମଗ୍ରୀ ଆମଦାନି କରିନି । ୨୦୨୫ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ୱାଘା ଅଟାରି ସୀମା ଦେଇ ହେଉଥିବା ସିଧାସଳଖ ବାଣିଜ୍ୟିକ କାରବାର ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି । ପାକିସ୍ତାନ ବଜାରରେ ଭାରତୀୟ ସାମଗ୍ରୀର ଚାହିଦା ଥିବା ବେଳେ ଯୋଗାଣ କମ୍ ରହିଛି । ଏହି କାରଣ ଯୋଗୁଁ ବ୍ୟବସାୟୀମାନେ ଅନ୍ୟ ଦେଶ ଜରିଆରେ ସାମଗ୍ରୀ ଆମଦାନି କରୁଛନ୍ତି । ଭାରତରୁ ସାମଗ୍ରୀଗୁଡ଼ିକୁ ସିଧା ସଳଖ ପାକିସ୍ତାନ ନ ଯାଇ ଦୁବାଇ, ସିଙ୍ଗାପୁର କିମ୍ବା ଶ୍ରୀଲଙ୍କା ପଠାଯାଉଛି । ଏହି ଦେଶଗୁଡ଼ିକରେ ଗୋଦାମରେ ମେଡି ଇନ୍ ଇଣ୍ଡିଆ ଲେବୁଲ ହଟାଯାଇ ୟୁଏଇ କିମ୍ବା ସିଙ୍ଗାପୁର ଲେବୁଲ ଲଗାଯାଉଛି । ନୂଆ ଲବୁଲ ଲଗାଯିବା ପରେ ସାମଗ୍ରୀଗୁଡ଼ିକ ଆଇନଗତ ଭାବେ ଅନ୍ୟ ଦେଶର ବୋଲି ଦର୍ଶାଇ ପାକିସ୍ତାନରେ ବିକ୍ରି କରାଯାଉଛି । ଥିଙ୍କ ଟ୍ୟାଙ୍କ ଗ୍ଲୋବାଲ ଟ୍ରେଡ୍ ଇନିସିଏଟିଭର ସଂସ୍ଥାପକ ଅଜୟ ଶ୍ରୀବାସ୍ତବ କହିଛନ୍ତି ଯେ, ତୃତୀୟ ପକ୍ଷ ଦେସ ମାଧ୍ୟମରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେଉଥିବା ଅନୌପଚାରିକ କାରବାର ବାର୍ଷିକ ୧୦ ବିଲିୟନ ଡଲାରରୁ ଅଧିକ ହୋଇପାରେ । ପୁନଃ ଲେବୁଲ ଏବଂ ଅତିରିକ୍ତ ଖର୍ଚ୍ଚ ଯୋଗୁଁ ସାମଗ୍ରୀ ଦର ବୃଦ୍ଧି ହୋଇଥାଏ ।

ଶସ୍ତା ୫ଜି ଫୋନ୍ ନେଇ ଫେରୁଛି 'କାର୍ବନ୍'

ନୂଆଦିଲ୍ଲୀ,୩୦।୧୦: ଭାରତର ନିଜର ସ୍ମାର୍ଟଫୋନ୍ ବ୍ରାଣ୍ଡ 'କାର୍ବନ୍' ପୁଣି ଫେରୁଛି। ଯୁବପିଢ଼ିଙ୍କୁ ଆକୃଷ୍ଟ କରିବାକୁ କମ୍ପାନୀ କମ୍ ଦାମରେ ସ୍ମାର୍ଟଫୋନ୍ ଲଞ୍ଚ କରିବାକୁ ଯୋଜନା କରିଛି। ଛାତ୍ରଛାତ୍ରୀ ଏବଂ କଣ୍ଟେଣ୍ଟ କ୍ରିଏଟରଙ୍କ ଲାଗି କାର୍ବନ ଆକର୍ଷଣୀୟ ଫୋନ୍ ଲଞ୍ଚ କରିବାକୁ ଯାଉଛି । ଦିନକୁ ଦିନ ମୋବାଇଲ୍ ଫୋନ୍‌ଗୁଡ଼ିକର ଦାମ୍ ଆକାଶଛୁଆଁ ହେଉଥିବା ବେଳେ, କାର୍ବନ୍ ଶସ୍ତା ଓ ବଜେଟ୍ ଫ୍ରେଣ୍ଡଲି ୫ଜି ଫୋନ୍ ବଜାରକୁ ଆଣିବ। କାର୍ବନ୍‌ର ପ୍ୟାରେଣ୍ଟ କମ୍ପାନୀ 'ଜୈନା ଗ୍ରୁପ୍' ର ସିଇଓ ପ୍ରଦୀପ ଜୈନ୍ ସୂଚନା ଦେଇଛନ୍ତି ଯେ, କମ୍ପାନୀ କିଛି ଖାସ୍ ସ୍ମାର୍ଟଫୋନ୍ ବଜାରକୁ ଆଣିବ। ଦାମ୍ ବଢ଼ିବା ଯୋଗୁଁ ସାଧାରଣ କ୍ରେତାମାନେ ବଜେଟ୍ ଫୋନ୍ ଖୋଜିବାରେ ନାକେଦମ୍ ହେଉଛନ୍ତି । କାର୍ବନ୍‌ର ଏହି ଶସ୍ତା ୫ଜି ଫୋନ୍‌ଗୁଡ଼ିକ ପୁଣି ଥରେ ଭାରତୀୟ ବଜାରରେ ସ୍ୱଦେଶ ବ୍ରାଣ୍ଡର ସ୍ଥିତିକୁ ମଜଭୁତ କରିବ । ଗତ କିଛି ବର୍ଷ ହେବ ସ୍ମାର୍ଟଫୋନ୍‌ରେ ବ୍ୟବହୃତ ହେଉଥିବା ରାମ୍ ଏବଂ ଷ୍ଟୋରେଜ୍ କମ୍ପୋନେଣ୍ଟସର ଦାମ୍ ବୃଦ୍ଧି ପାଇଛି । ଫଳରେ କମ୍ପାନୀଗୁଡ଼ିକ ବଜାରରେ ଶାସ୍ତା ଫୋନ୍ ଉପଲବ୍ଧ କରାଇବାରେ ଅସମର୍ଥ ହେଉଛନ୍ତି । ଏଭଳି ସ୍ଥିତିରେ ବଜେଟ୍ ଫ୍ରେଣ୍ଡଲି ଫୋନ୍ କିଣିବାକୁ ନାକେଦମ ହେଉଛନ୍ତି ଗ୍ରାହକ । ତେଣୁ କାର୍ବନ କମ୍ ଦାମରେ ଭଲ ଫିଚର୍ସ ଥିବା ସ୍ମାର୍ଟଫୋନ୍ ଲଞ୍ଚ କରିବାକୁ ଯୋଜନା କରିଛି । ସାଧାରଣ ଲୋକଙ୍କ ନିକଟରେ ସହଜରେ ଆଧୁନିକ ଟେକ୍ନୋଲୋଜି ପହଞ୍ଚାଇବା କାର୍ବନ୍‌ର ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରଦୀପ ଜୈନ୍ ସୋସିଆଲ ମିଡିଆରେ ଲେଖିଛନ୍ତି । ଗୋଟିଏ ସମୟରେ ଭାରତୀୟ ବଜେଟ୍ ସ୍ମାର୍ଟଫୋନ୍ ବଜାରରେ କାର୍ବନ୍‌ର ବହୁତ ବଡ଼ ନାଁ ଥିଲା। କିନ୍ତୁ ୨୦୧୪ରେ ଶାଓମି, ଭିଭୋ ଏବଂ ଓପୋ ଭଳି ଚାଇନିଜ୍ କମ୍ପାନୀଗୁଡ଼ିକ ଭାରତରେ କାୟା ମେଲାଇବାରୁ କାର୍ବନ ପଛରେ ପଡ଼ିଯାଇଥିଲା । ଏବେ ପୁଣି ଥରେ ଭାରତୀୟ ଗ୍ରାହକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ କମ୍ପାନୀ ପ୍ରସ୍ତୁତ ହେଉଛି। ମିଳିଥିବା ସୂଚନା ଅନୁସାରେ, କମ୍ପାନୀ 'କାର୍ବନ୍ ରେଭେଲ ୫ଜି' ନାମରେ ଏକ ନୂଆ ୫ଜି ଫୋନ୍ ଲଞ୍ଚ କରିପାରେ ।

ବନ୍ୟାରେ ଭାସିଗଲେ ୨୦ରୁ ଅଧିକ କୃଷ୍ଣସାର ହରିଣ

ଗଂଜାମ,୩୦।୧୦ (ସଂଚାର ବ୍ୟୁରୋ)ଃ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଋଷିକୁଲ୍ୟା ନଦୀରେ ବନ୍ୟାଜଳ ବୃଦ୍ଧି ପାଇବାରୁ ଅନେକ କୃଷ୍ଣସାର ହରିଣ ଭାସିଯାଇଥିବା ଆଶଙ୍କା କରାଯାଉଛି। ଉମୁରି ଖଟିଆ ନିକଟରେ ୧୫ରୁ ୨୦ଟି ଏବଂ ଖଣ୍ଡିଦେଉଳ ରାସ୍ତାରେ ୬ଟି ହରିଣଙ୍କୁ ଲୋକେ ଦେଖିଥିଲେ। ଏହାର ଭିଡିଓ କରି ସୋସିଆଲ ମିଡିଆରେ ଛାଡ଼ିବା ପରେ ବନ ବିଭାଗର ନଜରକୁ ଆସିଥିଲା।

ଏହାପରେ ରମ୍ଭା ବନାଞ୍ଚଳ ପକ୍ଷରୁ ହରିଣଙ୍କୁ ଠାବ କରିବା ପାଇଁ ଡ୍ରୋନ୍ ସର୍ଭେ କରାଯାଇଥିଲା। ବନ୍ୟାଜଳରେ ଭାସିଯାଇ ହରିଣଗୁଡ଼ିକ ପାହାଡ଼ିଆ ଅଞ୍ଚଳରେ ରହିଯାଇଥିବା ଅନୁମାନ କରାଯାଉଛି। ବନ୍ୟାଜଳ କମିବା ପରେ ସେମାନଙ୍କୁ ଠାବ କରି ଉଦ୍ଧାର କରାଯିବା ବୋଲି ରମ୍ଭା ବନାଞ୍ଚଳ ଅଧିକାରୀ କହିଛନ୍ତି।

ବନ୍ୟାଜଳ ଶାନ୍ତ ପାଇଁ ଗଙ୍ଗାଦେବୀଙ୍କୁ ପୂଜା

ଗଂଜାମ,୩୦।୧୦ (ସଂଚାର ବ୍ୟୁରୋ)ଃ ଗଞ୍ଜାମର ଋଷିକୁଲ୍ୟା ନଦୀ ମୁହାଣ ନିକଟରେ ଗଙ୍ଗାଦେବୀଙ୍କ ମନ୍ଦିର ରହିଛି। ସ୍ଥାନୀୟ ଲୋକେ ଋଷିକୁଲ୍ୟା ନଦୀକୁ ଗଙ୍ଗାଦେବୀ ବୋଲି ସମ୍ବୋଧନ କରନ୍ତି। ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ନଦୀରେ ବନ୍ୟାଜଳ ବୃଦ୍ଧି ପାଇଥିବାରୁ ଏହାକୁ ଶାନ୍ତ କରିବା ପାଇଁ ଶୁକ୍ରବାର ଦାମୋଦରପୁର ଗ୍ରାମବାସୀଙ୍କ ପକ୍ଷରୁ ଗଙ୍ଗାଦେବୀଙ୍କ ପୂଜା କରାଯାଇଥିଲା।

ଗ୍ରାମର ଲୋକେ ଲୋକାଚାର ପଦ୍ଧତିରେ ତାଳ ଓ ମୃଦଙ୍ଗ ବଜାଇ ଗଜାମୁହାଁ, ପଣା ହାଣ୍ଡି, ବାନା ଓ ପିଞ୍ଛମୁଠା ଧରି ନଗର ପରିକ୍ରମା କରିଥିଲେ। ପରେ ଋଷିକୁଲ୍ୟା ନଦୀ ଘାଟରେ ପହଞ୍ଚି ଗଙ୍ଗାଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ପୂଜା ପରେ ପଣା ଓ ଗଜାମୁହାଁ ଭୋଗକୁ ବ୍ରିଜ୍ ଉପରୁ ନଦୀରେ ବିସର୍ଜନ କରିଥିଲେ। ଏଥିସହ ମା'ଙ୍କ ଉଦ୍ଦେଶ୍ୟରେ ଏକ ଜୀବନ୍ତ ଗଞ୍ଜା କୁକୁଡ଼ାକୁ ମଧ୍ୟ ନଦୀରେ ଫୋପାଡ଼ି ଦେଇଥିଲେ। ବନ୍ୟାଜଳ ଶାନ୍ତ ହେବ ବୋଲି ଲୋକବିଶ୍ୱାସ ରହିଥିବାରୁ ଗ୍ରାମବାସୀ ଏହି ପୂଜା କରିଥିଲେ। ଏହି ପୂଜାରେ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ।

ଜଙ୍ଗଲ ଜମି ଜବରଦଖଲ ମାମଲାରେ ଗ୍ରାମବାସୀଙ୍କ ନାମରେ ମିଥ୍ୟା ଅଭିଯୋଗ

ନୀଳଗିରି,୩୦।୧୦ (ସଂଚାର ବ୍ୟୁରୋ)ଃ ଜୈନିକ ମହିଳା ଜଙ୍ଗଲ ଜମିକୁ ଜୋରଜବରଦସ୍ତ ଜବରଦଖଲ କରି ବାଡ଼ଘେରି ରଖିଥିବାରୁ ଏହାକୁ ଗ୍ରାମବାସୀ ବାରଣ କରିବାରୁ ମହିଳା ଜଣକ ନୀଳଗିରି ଥାନାରେ ଗ୍ରାମର କିଛି ଲୋକଙ୍କ ନାମରେ ମିଥ୍ୟା ଅଭିଯୋଗ କରିଥିଲେ।

ସୂଚନା ଯୋଗ୍ୟ ନୀଳଗିରି ବ୍ଲକ୍ ଭଉଁରିଆବାଡ ପଞ୍ଚାୟତ ବୁଢ଼ୁସାହି ଗ୍ରାମର ରବିନ୍ଦ୍ର ଦେହୁରୀଙ୍କ ଝିଅ ସବିତା ଦେହୁରୀ ସ୍ୱାମୀଙ୍କୁ ଛାଡ଼ି ବାପଘରେ ଆସି ରହୁଥିଲେ। ତେବେ ଗ୍ରାମ ସଂଲଗ୍ନ ଭଉଁରୀଆବାଡ଼ ସଂରକ୍ଷିତ ଜଙ୍ଗଲରେ କିଛିଜମିକୁ ଜୋରଜବରଦସ୍ତ ବାଡଘେରୁଥିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। ପରେ ବନବିଭାଗକୁ ଖବର ଦେବାପରେ ବନବିଭାଗ ଉକ୍ତ ବାଡକୁ ଉଠାଇ ଦେଇଥିଲେ।ମାତ୍ର ସଂପୃକ୍ତ ମହିଳାଜଣକ ପ୍ରଚ୍ଛଦପଟ ବାହୁବଳୀ ନାୟକଙ୍କ ପ୍ରରୋଚନାରେ ପଡ଼ି ଗ୍ରାମର କିଛି ଲୋକଙ୍କ ନାମରେ ଥାନାରେ ମିଥ୍ୟା ଅଭିଯୋଗ କରିବା ସହ ଗ୍ରାମବାସୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କଟୁରୀରେ ହାଣି ମୁଣ୍ଡଗଣ୍ଡି ଅଲଗା କରିଦେବେ ବୋଲି ଧମକ ଦେଇଥିବା ନେଇ ଗ୍ରାମର ପଙ୍କଜିନୀ ମଲ୍ଲିକ, ନିନିବାବୁ ମଲ୍ଲିକ, ତୁଳସୀମଣି ସିଂ, ରୁକ୍ମିଣୀ ସିଂ, ମିଲି ପ୍ରଧାନ ପ୍ରମୁଖ ନୀଳଗିରି ଥାନାରେ ପାଲଟା ଅଭିଯୋଗ କରିଥିବା ଜଣାଯାଇଛି।

ଏକାଥରକେ ତିନି ସନ୍ତାନଙ୍କୁ ଜନ୍ମ ଦେଲେ ମହିଳା

ନବରଙ୍ଗପୁର / ଉମରକୋଟ, ୩୦।୧୦ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲାରୁ ଏକ ବିରଳ ଓ ଚର୍ଚ୍ଚିତ ଖବର। ପୂର୍ବରୁ ଥିଲା ୩ଟି ଝିଅ, ଆଶା ଥିଲା ଗୋଟିଏ ପୁଅର। କିନ୍ତୁ ଉମରକୋଟ ମେଡିକାଲରେ ମା' ଜନ୍ମ ଦେଲେ ଏକାଥରକେ ୨ଟି ଝିଅ ଓ ୧ଟି ପୁଅ।

କୁହାଯାଏ ଯେ ଭଗବାନ ଯାହା ଦିଅନ୍ତି, ତାହା ବେଉସାରେ ବାଣ୍ଟି ଦିଅନ୍ତି ଏବଂ ଏହି କଥାଟି ସତ ପ୍ରମାଣିତ ହୋଇଛି ନବରଙ୍ଗପୁର ଜିଲ୍ଲାରୁ।ଘଟଣାଟି ଘଟିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ସାମଲା ପଞ୍ଚାୟତର ସିଉନାଗୁଡ଼ା ଗାଁରେ। ଏହି ଗାଁର ମହେଶ ପାଣ୍ଡେଙ୍କ ପତ୍ନୀ ଫୁଲମତି ପାଣ୍ଡେଙ୍କର ଆଜି ସକାଳ ଠିକ୍ ୬ଟା ସମୟରେ ଉମରକୋଟ ମେଡିକାଲରେ ପ୍ରସବ ହୋଇଛି।"

"ପରିବାର ସୂତ୍ରରୁ ଜଣାପଡିଛି ଯେ, ମହେଶ ଓ ଫୁଲମତିଙ୍କର ପୂର୍ବରୁ ତିନୋଟି ଝିଅ ସନ୍ତାନ ରହିଥିଲେ। ପରିବାର ଓ ବନ୍ଧୁବାନ୍ଧବଙ୍କର ଆଶା ଥିଲା ଯେ, ଏଥର ଗୋଟିଏ ପୁଅ ସନ୍ତାନ ହେଉ, ଯାହାଦ୍ୱାରା ପରିବାରଟି ପୂର୍ଣ୍ଣ ହୋଇଯିବ।"

କିନ୍ତୁ ଭଗବାନଙ୍କ ଖେଳ ଥିଲା ନିଆରା! ଆଜି ସକାଳ ସକାଳ ଫୁଲମତି ଏକାଥରକେ ତିନୋଟି ନବଜାତକଙ୍କୁ ଜନ୍ମ ଦେଇଛନ୍ତି—ଯେଉଁଥିରେ ୨ଟି କୁନି କନ୍ୟା ସନ୍ତାନ ଏବଂ ୧ଟି ପୁତ୍ର ସନ୍ତାନ ରହିଛନ୍ତି।"

"ଏହି ଖବର ପାଇବା ପରେ ମେଡିକାଲ ପରିସରରେ ଏବଂ ସିଉନାଗୁଡ଼ା ଗାଁରେ ଆନନ୍ଦର ଲହରୀ ଖେଳିଯାଇଛି। ପୂର୍ବର ୩ଟି ଝିଅ, ଆଉ ଏବେ ନୂଆ କରି ଜନ୍ମ ନେଇଥିବା ୨ଟି ଝିଅ ଓ ୧ଟି ପୁଅକୁ ମିଶାଇ ଏବେ ଏହି ଦମ୍ପତି ମୋଟ ୬ ଜଣ ସନ୍ତାନର (୫ଟି ଝିଅ ଓ ୧ଟି ପୁଅ) ଗର୍ବିତ ପିତା-ମାଆ ପାଲଟିଛନ୍ତି।"

"ଡାକ୍ତରଖାନାରୁ ମିଳିଥିବା ସୂଚନା ଅନୁଯାୟୀ, ମା' ଏବଂ ସମସ୍ତ ନବଜାତକ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ପାଣ୍ଡେ ପରିବାରରେ ଆଜି ସତେ ଯେମିତି ଦୀପାବଳି ଏବଂ ଦୋଳ ଉତ୍ସବ ଏକାଠି ଆସିଯାଇଛି।"

ଜିରୋ କାଜୁଆଲିଟି ଲକ୍ଷ୍ୟ ନେଇ ପ୍ରଶାସନର ପ୍ରସ୍ତୁତି

ଯନ୍ତ୍ରୀଙ୍କ ଦେଖା ମିଳିଲାନି

ଭୂସ୍ଖଳନରେ ରାସ୍ତା ଅବରୋଧ

ଗ୍ରାମବାସୀ ସଫା କଲେ ରାସ୍ତା

ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱକୁ ନେଇ ପ୍ରଶ୍ନ ?

ନାରାୟଣପାଟଣା,୩୦।୧୦ (ସଂଚାର ବ୍ୟୁରୋ)ଃ ବାତ୍ୟା ମୁକାବିଲାରେ ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ବ୍ଲକ୍ ସ୍ତରରେ ଅଧିକାରୀମାନଙ୍କୁ ସଜାଗ ରଖାଯାଇଥିଲା। ଏପରିକି ବାତ୍ୟା ମୁକାବିଲାର ସ୍ଥିତି ଅନୁଧ୍ୟାନ ପାଇଁ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ମଧ୍ୟ ଜିଲ୍ଲାରେ ଉପସ୍ଥିତ ଥିଲେ। ହେଲେ ଏତେସବୁ ପ୍ରସ୍ତୁତି ସତ୍ତ୍ୱେ ଦୁର୍ଗମ ଅଞ୍ଚଳରେ ଜଣେ ଯନ୍ତ୍ରୀଙ୍କ ଦାୟିତ୍ୱବୋଧକୁ ନେଇ ଉଠିଛି ବଡ଼ ପ୍ରଶ୍ନ।

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ରାସ୍ତାଘାଟ, ବିଦ୍ୟୁତ୍ ବ୍ୟବସ୍ଥା, ବଡ଼ବଡ଼ ଗଛ, ଘରର ଛପର ଓ ଚାଷଜମି ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି କୋରାପୁଟ ଜିଲ୍ଲାର ଆନ୍ଧ୍ର ସୀମାନ୍ତ ନାରାୟଣପାଟଣା ବ୍ଲକ୍‌ର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ବାତ୍ୟାର ପ୍ରଭାବ ଅଧିକ ଅନୁଭୂତ ହୋଇଛି।

ବ୍ଲକ୍‌ର ସୁଡେସୁ ଗାଁରେ ଏହାର ଏକ ନଗ୍ନ ଚିତ୍ର ସାମ୍ନାକୁ ଆସିଛି। ଗାଁରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ଗାଁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବାତ୍ୟା ପ୍ରଭାବରେ ଭୂସ୍ଖଳନ ଯୋଗୁଁ ଅବରୋଧ ହୋଇଯାଇଥିଲା। ପାହାଡ଼ରୁ ବଡ଼ବଡ଼ ପଥର ଓ ମାଟି ଧସି ରାସ୍ତା ଉପରେ ଜମା ହୋଇଯିବାରୁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା।

ଏଭଳି ସ୍ଥିତିରେ ଗ୍ରାମବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀଙ୍କୁ ରାସ୍ତା ସଫା କରିବା ପାଇଁ ବାରମ୍ବାର ଅବଗତ କରିଥିଲେ। ମାତ୍ର ଅଭିଯୋଗ ଅନୁଯାୟୀ, ନା ଯନ୍ତ୍ରୀ ଘଟଣାସ୍ଥଳକୁ ଆସିଥିଲେ, ନା ରାସ୍ତା ଅବରୋଧ ହଟାଇବା ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆଯାଇଥିଲା। ଦୀର୍ଘ ଏକ ଦିନ ଧରି ଅପେକ୍ଷା କରିବା ପରେ ଶେଷରେ ଗ୍ରାମବାସୀ ନିଜେ ଆଗକୁ ଆସି ପଥର ଓ ମାଟି ହଟାଇ ରାସ୍ତାକୁ ଯାତାୟାତ ଉପଯୋଗୀ କରିଥିଲେ। ପରିଶେଷରେ ମେସିନ୍ ପହଞ୍ଚି ଥିଲା।

ଏଠାରେ ପ୍ରଶ୍ନ ଉଠୁଛି, ବାତ୍ୟା ପରବର୍ତ୍ତୀ ଜରୁରୀକାଳୀନ ସ୍ଥିତିରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱ କ'ଣ? ଦୁର୍ଗମ ଅଞ୍ଚଳରେ ରାସ୍ତା ଅବରୋଧ ହେଲେ ତାହାକୁ ତୁରନ୍ତ ସ୍ୱାଭାବିକ କରିବାର ଦାୟିତ୍ୱ କାହାର? ଜଣେ ଦାୟିତ୍ୱପ୍ରାପ୍ତ ଯନ୍ତ୍ରୀ ଘଟଣାସ୍ଥଳକୁ ନଯାଇ କେବଳ ଅଭିଯୋଗ ଶୁଣି ନିଜ ଦାୟିତ୍ୱ ସାରିଦେଇ ପାରିବେ କି? ଜିରୋ କାଜୁଆଲିଟି କେବଳ ବୈଠକ, ନିର୍ଦ୍ଦେଶ ଓ ପ୍ରସ୍ତୁତିରେ ସୀମିତ ନରହି ବିପର୍ଯ୍ୟୟ ସମୟରେ ତାହାର ବାସ୍ତବ ପ୍ରତିଫଳନ ହେବା ଆବଶ୍ୟକ। ସୁଡେସୁ ଗ୍ରାମବାସୀ ନିଜ ଉଦ୍ୟମରେ ରାସ୍ତା ସ୍ୱାଭାବିକ କରି ଉଦାହରଣ ସୃଷ୍ଟି କରିଥିବାବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତି ଓ ପ୍ରଶାସନିକ ତଦାରଖକୁ ନେଇ ଏବେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଆମେ ଯନ୍ତ୍ରୀ ସଂଜୟ କୁମାର ସିଂ ଙ୍କୁ

ପଚାରିବାରୁ ସେ କହିଛନ୍ତି ମେସିନ୍ ମିଳିନଥିବା କାରଣରୁ ରାସ୍ତା ସ୍ୱାଭାବିକ କରିବା ପାଇଁ ସମୟ ଲାଗିଥିବା ସ୍ୱିକାର କରିଛନ୍ତି ।

ମାଲକାନଗିରିରେ 'ଶୌର୍ଯ୍ୟ କାଫେ'ର ଶିଳାନ୍ୟାସ

ଅମର ଶହୀଦଙ୍କୁ ଜିଲ୍ଲା ପ୍ରଶାସନର ବିନମ୍ର ଶ୍ରଦ୍ଧାଞ୍ଜଳି

ମାଲକାନଗିରି,୩୦।୧୦ (ସଂଚାର ବ୍ୟୁରୋ)ଃ ଜିଲ୍ଲା ପ୍ରଶାସନର ଏକ ପ୍ରେରଣାଦାୟୀ ତଥା ଅଭିନବ ପ୍ରୟାସ ସ୍ୱରୂପ ମାଲକାନଗିରି ଜନଜାତି ସଂଗ୍ରହାଳୟ ନିକଟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଙ୍କ ଦ୍ୱାରା 'ଶୌର୍ଯ୍ୟ କାଫେ'ର ଶୁଭ ଭୂମି ପୂଜନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି।

ଜିଲ୍ଲାରେ ମାଓବାଦୀ କାର୍ଯ୍ୟକଳାପ ଚରମ ସୀମାରେ ଥିବା ସମୟରେ ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ପ୍ରତିଷ୍ଠା ପାଇଁ ନିଜ ଜୀବନର ସର୍ବୋଚ୍ଚ ବଳିଦାନ ଦେଇଥିବା ଅମର ଆରକ୍ଷୀ ଏବଂ ଅର୍ଦ୍ଧସାମରିକ ବାହିନୀର ବୀର ଯବାନମାନଙ୍କ ସ୍ମୃତି ଚାରଣ ତଥା ସେମାନଙ୍କ ସାହସିକତା ପ୍ରତି ସମ୍ମାନ ଜଣାଇ ଏହି କାଫେକୁ ଉତ୍ସର୍ଗୀକୃତ କରାଯାଇଛି। ଏହା ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ ଦେଶପ୍ରେମ, ତ୍ୟାଗ ଏବଂ ସେବା ମନୋଭାବ ଜାଗ୍ରତ କରିବା ପାଇଁ ଏକ ଅନନ୍ୟ ପ୍ରେରଣାର କେନ୍ଦ୍ରବିନ୍ଦୁ ସାଜିବ।

ଏହି ଅବସରରେ ଜିଲ୍ଲାପାଳ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ଆମ ଜିଲ୍ଲାର ଶାନ୍ତି ଓ ପ୍ରଗତି ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସେହି ଅମର ଶହୀଦମାନଙ୍କ ନିକଟରେ ଆମେ ଚିର ଋଣୀ। ଏହି 'ଶୌର୍ଯ୍ୟ କାଫେ' କେବଳ ଏକ ସ୍ମାରକୀ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ତ୍ୟାଗ ଓ ଦେଶମାତୃକାର ସେବା ଦିଗରେ ଏକ ଜୀବନ୍ତ ପ୍ରେରଣା ହୋଇ ରହିବ।

ସେହିପରି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଆରକ୍ଷୀ ଅଧୀକ୍ଷକ ଯବାନମାନଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରି କହିଥିଲେ, ଆଜି ମାଲକାନଗିରିରେ ଯେଉଁ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇପାରିଛି, ତାହା କେବଳ ଆମ ସୁରକ୍ଷା ବଳର ଯବାନମାନଙ୍କ ଅଦମ୍ୟ ସାହସ ଓ ବଳିଦାନ ଯୋଗୁଁ ସମ୍ଭବ ହୋଇଛି। ଏହି ପ୍ରକଳ୍ପ ଆମର ସେହି ବୀର ନାୟକମାନଙ୍କ ପ୍ରତି ଏକ କ୍ଷୁଦ୍ର କୃତଜ୍ଞତା ଓ ସମ୍ମାନର ପ୍ରତୀକ।

ଏହି ଗୌରବମୟ ଉତ୍ସବରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ହଳଧର ଶବର ପ୍ରମୁଖ ବିଶେଷ ଭାବେ ଉପସ୍ଥିତ ରହି ଶହୀଦମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

୨୪ ତମ ପିଏମ୍ କିଷାନ୍ ସମ୍ମାନନିଧି କିସ୍ତି ପ୍ରଦାନ

ଭବାନୀପାଟଣା, ୩୦।୧୦ (ସଂଚାର ବ୍ୟୁରୋ)ଃ ପିଏମ୍ କିସାନ୍ ସମ୍ମାନନିଧି ର ୨୪ତମ କିସ୍ତି ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ବନାସକାଣ୍ଠା ଠାରୁ ପ୍ରଦାନ କରିଛନ୍ତି। ଯାହାର ସିଧା ପ୍ରସାରଣ ଆଭାସୀ ଜରିଆରେ ଭବାନୀପାଟଣା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା । ଏହି ଯୋଜନାରେ ୪ ମାସକୁ ୨୦୦୦/- ଟଙ୍କା ହିସାବରେ ଏକ କିସ୍ତି ପ୍ରଦାନ କରାଯାଇଥାଏ । ଏହି ୨୪ତମ କିସ୍ତିରେ କଳାହାଣ୍ଡି ଜିଲ୍ଲାର ମୋଟ ୧,୫୨,୯୮୪ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସର୍ବମୋଟ ୩୦କୋଟି ୫୯ଲକ୍ଷ ୬୮ହଜାର ଟଙ୍କା ପ୍ରଦାନ କରାଗଲା । ଆଜି ଓଡ଼ିଶାର ୩୫ ଲକ୍ଷ ରୁ ଉର୍ଦ୍ଧ୍ୱ ଚାଷୀ ଙ୍କ ଜମାଖାତାରେ ୭୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜମା କରାଯାଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ଯୋଗ ଦେବା ସଙ୍ଗେ ଅନ୍ୟତମ ଅତିଥି ଭାବରେ ସାଂସଦ ପ୍ରତିନିଧି ଜୟ ଶଙ୍କର ନାୟକ,ସି ଡି ଏ ଓ ପ୍ରମୋଦ ବଡ଼ପଣ୍ଡା,କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଅମିତାଭ ପଣ୍ଡା, ଡି ଡି ଏଚ ଅଜୟ ପଣ୍ଡା,ଡି ଆଇ ପି ଆର୍ ଓ ମନୋଜ ବେହେରା,ଡି ଡି ପ୍ଲାନିଙ୍ଗ ଶ୍ରୀକାନ୍ତ ଦଳେଇ, ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ଭବାନୀ ପାଟଣା ଅଜିତ ମହାପାତ୍ର,ଜିଲ୍ଲା କୃଷି ଅଧିକାରୀ ଧର୍ମଗଡ ଦିପ୍ତିମୟୀ ବାରିକଙ୍କ ସମେତ ସମସ୍ତ ବ୍ଲକରୁ କୃଷି କର୍ମଚାରୀ, ଚାଷୀ, ଏସଏଚ୍‌ଜି ସଦସ୍ୟ ଉପସ୍ଥିତ ଥିଲେ ।

ତିନି ମାସ ମଧ୍ୟରେ ମଲ୍ଲିପୁର ଗ୍ରାମର ସମସ୍ତ ସମସ୍ୟାର ସମାଧାନ ହେବ

ବିଦ୍ୟାଳୟ, ମନ୍ଦିର, ରାସ୍ତା, ବିଦ୍ୟୁତ ଓ ପାନୀୟଜଳ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

ନିଶ୍ଚିନ୍ତକୋଇଲି,୩୦।୧୦ (ସଂଚାର ବ୍ୟୁରୋ)ଃ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ୍ ଅନ୍ତର୍ଗତ ବନ୍ଧକାଟିଆ ଗ୍ରାମପଞ୍ଚାୟତର ମଲ୍ଲିପୁର (ହରିରାଜପୁର) ଗ୍ରାମ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଛନ୍ତି ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ (ବୁଲୁ ଭାଇ)। ଏହି ପରିଦର୍ଶନ ସମୟରେ ବିଦ୍ୟାଳୟ ଗୃହର ମରାମତି, ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଥିବା ଅଞ୍ଚଳର ସର୍ବପୁରାତନ ଲକ୍ଷ୍ମୀନାରାୟଣ ମନ୍ଦିରର ନିର୍ମାଣ କାର୍ଯ୍ୟ ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ହରିରାଜପୁର ଗ୍ରାମରେ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ତଦାରଖ କରିଥିଲେ। ସେହିପରି ଅଞ୍ଚଳବାସୀଙ୍କ ଗମନାଗମନ ସୁବିଧାକୁ ଦୃଷ୍ଟିରେ ରଖି କେନାଲ ବନ୍ଧରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବାଇପାସ୍ ରାସ୍ତା ନିର୍ମାଣ, ହରିରାଜପୁର ହାଟର ଉନ୍ନତିକରଣ, କାଳୀ ମନ୍ଦିରର ଉନ୍ନତିକରଣ, ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନୂତନ ୧୦୦ କେଭି ଟ୍ରାନ୍ସଫର୍ମର ସ୍ଥାପନ ଏବଂ ପାନୀୟଜଳ ପ୍ରକଳ୍ପର କାର୍ଯ୍ୟ ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ।

ପରିଦର୍ଶନ ଅବସରରେ ବିଧାୟକ ସ୍ଥାନୀୟ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଏଥିସହ ସମ୍ପୃକ୍ତ ସମସ୍ତ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ଆଗାମୀ ତିନି ମାସ ମଧ୍ୟରେ ଅଞ୍ଚଳବାସୀଙ୍କ ସମସ୍ତ ସମସ୍ୟାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଥିଲେ। ବିଧାୟକଙ୍କ ଏହି ପରିଦର୍ଶନ ପରେ ଅଞ୍ଚଳର ଅଧୁରା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ଶୀଘ୍ର ସମ୍ପୂର୍ଣ୍ଣ ହେବା ସହ ଦୀର୍ଘଦିନର ସମସ୍ୟାର ସମାଧାନ ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ବିଧାୟକ ଶ୍ରୀ ପ୍ରଧାନଙ୍କ ସହିତ ସରପଞ୍ଚ ପ୍ରଦୀପ କୁମାର ପରିଡ଼ା, ଆତ୍ମା ଅଧ୍ୟକ୍ଷ ଅଶୋକ କୁମାର ସାହୁ, ରବିନ୍ଦ୍ର ନାଥ ତ୍ରିପାଠୀ, ବିନୋଦ କୁମାର ସାମଲ,ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁ, ମିହିର ମିଶ୍ର, ଅନିଲ କୁମାର ଦଳେଇ, ନୃସିଂହ ଚରଣ ପରିଡ଼ା, ସମିତି ସଭ୍ୟ ବୈକୁଣ୍ଠ ଶତପଥୀ, ଲକ୍ଷ୍ମୀ ନାରାୟଣ ସାହୁ, ଭରତ ଚନ୍ଦ୍ର ବେହେରା, ବିଜୟ କୁମାର ବାରିକ, ଅରକ୍ଷିତ ବେହେରା, ଗଣେଶ୍ୱର ସାହୁ, ସୁରେଶ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ମାନସିକ ଭିନ୍ନକ୍ଷମ ଯୁବତୀକୁ ଦୁଷ୍କର୍ମ ଅଭିଯୋଗରେ ବୃଦ୍ଧକୁ ଆଜୀବନ ସଶ୍ରମ କାରାଦଣ୍ଡ

ବାରିପଦା, ୩୦।୧୦ (ସଂଚାର ବ୍ୟୁରୋ)ଃ ଏକ ମାନସିକ ଭିନ୍ନକ୍ଷମ ଯୁବତୀକୁ ଦୁଷ୍କର୍ମ ଅଭିଯୋଗ ସଂକ୍ରାନ୍ତ ମାମଲାର ବିଚାର କରି ମାନ୍ୟବର ଆଡ଼ ହକ ଆଡିସନାଲ ଜିଲ୍ଲା ଓ ଦୌରାଜଜ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ଅଣ୍ଡାର ପୋକ୍ସ ଆକ୍ଟ ସନ୍ତୋଷ କୁମାର ନାୟକ ଅଭିଯୁକ୍ତ କୁ ଭାରତୀୟ ନ୍ୟାୟ ସଂହିତା ଆଇନ ୬୪(୨)(କେ) ଅନୁଯାୟୀ ଆଜୀବନ ସଶ୍ରମ କାରାଦଣ୍ଡ ସମେତ କୋଡିଏ ହଜାର ଟଙ୍କା ଅନାଦେୟ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଜଣକ ହେଲା ମୟୁରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅନ୍ତର୍ଗତ କାନ୍ତା ଗ୍ରାମର ସରୋଜ ବେହେରା (୬୦) । ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୫ ମସିହା ମଇ ମାସରେ ଅଭିଯୁକ୍ତ ସରୋଜ ବେହେରା ଭିକ୍ଷାବୃତ୍ତି କରି ଚଳୁଥିବା ଜନୈକ ମାନସିକ ଭିନ୍ନକ୍ଷମ ଯୁବତୀ (୨୫)କୁ ଦୁଷ୍କର୍ମ କରିବାର ଥାନାରେ ଅଭିଯୋଗ ହୋଇଥିଲା । ଏ ବାବଦରେ କୁଳିଅଣା ଥାନାରେ କେସ ନମ୍ବର ୮୧/୪-୫-୨୦୨୫ରେ ଏକ ଦୁଷ୍କର୍ମ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ଆଜି ମାନ୍ୟବର ଅଦାଲତ ପକ୍ଷରୁ ସମସ୍ତ ସାକ୍ଷୀ ଏବଂ ଆବଶ୍ୟକୀୟ ପ୍ରମାଣପତ୍ର କୁ ଭିତ୍ତି କରି ଚୂଡାନ୍ତ ରାୟ ପ୍ରକାଶ ପାଇଅଛି । ଉକ୍ତ କେସକୁ ସରକାରୀ ଅଭିଯୋଗକ ପ୍ରଭାତ କୁମାର ବେହେରା ପରିଚାଳନା କରୁଥିବାବେଳେ ଜିଲ୍ଲା ଅଭିଯୋଗକ ନିର୍ଦ୍ଦେଶାଳୟ ତରଫରୁ କେସକୁ ନିରୀକ୍ଷଣ କରାଯାଉଥିଲା ।

ଆର୍‌ଆଇଙ୍କୁ ଆକ୍ରମଣ ଘଟଣାଃ ତହସିଲରେ ସମାଧାନ

ଧାମନଗର, ୩୦।୧୦ (ସଂଚାର ବ୍ୟୁରୋ)ଃ ଧାମନଗର ଅଞ୍ଚଳରେ ସରକାରୀ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ଅଫିସର ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ ଗତ ୨୩ତାରିଖ ଅପରାହ୍ନ ପ୍ରାୟ ୨ଟା ସମୟରେ ଧାମନଗର ତହସିଲ୍ ଅଧୀନ ରଇପୁର ଆର୍‌ଆଇ କାର୍ଯ୍ୟାଳୟରେ ଉକ୍ତ ଅଞ୍ଚଳର ବିଦ୍ୟାଧର ରାଉତଙ୍କ ପୁତ୍ର ବସନ୍ତ ରାଉତ ଅଫିସରେ ପହଞ୍ଚି କାର୍ଯ୍ୟରତ ଆର୍‌ଆଇ ଶକ୍ତି ରଞ୍ଜନ ମଲ୍ଲିକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ସରକାରୀ କାଗଜପତ୍ର ଚିରି ନଷ୍ଟ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣା ଓ ଅଭିଯୋଗ କ୍ରମେ ଧୁଷୁରୀ ଆଇଆଇସି ଅଜୟ ସୁଦର୍ଶନ ବାଗେଙ୍କ ନିର୍ଦ୍ଦେଶକ୍ରମେ ଥାନା କେସ ନଂ ୪୬୯/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲାଇଥିଲା ପୋଲିସ।

କୌଣସି ଉପାୟ ନପାଇ ବାଧ୍ୟ ହୋଇ ଅଭିଯୁକ୍ତ ବସନ୍ତ କୁମାର ରାଉତ ଗତ ୨୯ ତାରିଖରେ କ୍ଷମା ପ୍ରାର୍ଥନାର ଏକ ଲିଖିତ ଅନୁରୋଧ ପତ୍ର ଗ୍ରାମର ମୁରବି ଓ କେତେକ ମୁଖ୍ୟାଙ୍କ ସହ ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କ ନିକଟରେ ଦ୍ୱାରସ୍ତ ହୋଇଥିଲା। ଏହି ଅନୁରୋଧକୁ ଭିତ୍ତି କରି ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ପରିଦର୍ଶକ ଗିରୀଶ ଚନ୍ଦ୍ର ନାୟକ ଓ ଧର୍ମପଦ ସାହୁଙ୍କ ତତ୍ତ୍ୱାବଧାନରେ ଗୁରୁବାର ଅପରାହ୍ନ ୪ଟା ସମୟରେ ତହସିଲ କାର୍ଯ୍ୟାଳୟ ପରିସରରେ ବଡ଼ବାବୁ ତପନ କୁମାର ଜେନା, ବରିଷ୍ଠ କିରାଣୀ ଅଭିରାମ ବେଉରିଆ,ରାଜସ୍ୱ ସହାୟକ ରାଜେଶ କୁମାର ମାଝୀ ଓ ବାସୁଦେବ ପଣ୍ଡା, ରାଜସ୍ୱ ନିରୀକ୍ଷକ ବିକ୍ରମ କୁମାର ଦାସ, କିଶୋର ଚନ୍ଦ୍ର ମଲ୍ଲିକ, ନୀଳମାଧବ ବାରିକ,ଲଳିତ କୁମାର ବାରିକ,ଶୁଭଶ୍ରୀ ନାୟକ, କନ୍ଦ ମାରାଣ୍ଡି, ଦେବୀପ୍ରସନ୍ନ ବାରିକ, ଦେବାଶିଷ ମହାପାତ୍ରଙ୍କ ସମେତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତରେ ଆର୍‌ଆଇ ଶକ୍ତି ରଞ୍ଜନ ମଲ୍ଲିକ ଏବଂ ଅଭିଯୁକ୍ତ ବସନ୍ତ ରାଉତ ଉଭୟ ପକ୍ଷକଙ୍କୁ ନେଇ ବ୍ୟାପକ ଆଲୋଚନା କରି ନିଷ୍ପତ୍ତି ହେଲା ଯେ ସରକାରୀ ଅଫିସରେ ପଶି ଗଣ୍ଡଗୋଳ ଓ ଆକ୍ରମଣ କରିଥିବା ରୁ ଦ୍ୱିତୀୟ ପକ୍ଷ ନିଜର ଭଲ ଶିକାର କରି ପ୍ରଥମ ପକ୍ଷ ଶକ୍ତି ରଞ୍ଜନ ମଲ୍ଲିକକୁ କ୍ଷମା ମାଗିବା ସହ ଭବିଷ୍ୟତରେ ଆଉ କୌଣସି ଗଣ୍ଡଗୋଳ କରିବିନି ବୋଲି ଶ୍ରୀ ବସନ୍ତ ପ୍ରତିଶ୍ରୁତି ଦେବା ପରେ ସମାଧାନ ହୋଇଥିଲା। ଏହି ଆଲୋଚନା ଓ ସମାଧାନ ପତ୍ର ଥାନାରେ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି।

୭୩ ବର୍ଷର ପରମ୍ପରାକୁ ନେଇ ବେଡାରୀରେ ମା' ଗଜଲକ୍ଷ୍ମୀଙ୍କ ପୂଜା ମହୋତ୍ସବ

ପୂଜା ମଣ୍ଡପରେ ମା'ଙ୍କ ଦର୍ଶନ କଲେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର

ଗରଦପୁର, ୩୦।୧୦ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍‌ର ବେଡାରୀ ଗ୍ରାମରେ ଧୁମ୍‌ଧାମରେ ପାଳିତ ହୋଇଛି ମା' ଗଜଲକ୍ଷ୍ମୀଙ୍କ ପୂଜା ମହୋତ୍ସବ। ଦୀର୍ଘ ୭୩ ବର୍ଷର ପୁରାତନ ପରମ୍ପରା ବହନ କରୁଥିବା ଏହି ପୂଜା ଉତ୍ସବ ଗ୍ରାମବାସୀଙ୍କ ମଧ୍ୟରେ ଧାର୍ମିକ ଆସ୍ଥା ଓ ସାମାଜିକ ଏକତାର ପ୍ରତୀକ ପାଲଟିଛି। ପୂଜା ଅବସରରେ ଗ୍ରାମରେ ଭକ୍ତିମୟ ପରିବେଶ ସହ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା।

ପୂଜାର ପ୍ରଥମ ଦିନରେ କୀର୍ତ୍ତନ, ଘଣ୍ଟ ଓ ଶଙ୍ଖଧ୍ୱନି ମଧ୍ୟରେ ଗ୍ରାମ ପରିକ୍ରମା କରାଯିବା ସହ ପବିତ୍ର ଚିତ୍ରୋତ୍ପଳା ନଦୀରୁ ପୂଜା ନିମନ୍ତେ କଳସ ଅଣାଯାଇଥିଲା। ପରେ ମଣ୍ଡପରେ ଘଟ ସ୍ଥାପନ କରାଯାଇ ଶାସ୍ତ୍ରୀୟ ବିଧିବିଧାନ ଅନୁସାରେ ମା'ଙ୍କୁ ଆବାହନ କରାଯାଇଥିଲା। ପ୍ରତିଦିନ ପୂଜାର୍ଚ୍ଚନା ସାଙ୍ଗକୁ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମହାପ୍ରସାଦ ସେବନର ଆୟୋଜନ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିଥିଲା। ବିଶେଷ ଆକର୍ଷଣ ଥିଲା ଗତ ଗୁରୁବାର ସକାଳେ ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ମଣ୍ଡପରେ ଲକ୍ଷ୍ମୀ ପୁରାଣ ପାଠ କରିବା। ଏହାଦ୍ୱାରା ସମଗ୍ର ଅଞ୍ଚଳରେ ଏକ ଭକ୍ତିପୂତ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

ପୂଜା ମହୋତ୍ସବରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଯୋଗଦେଇ ମା' ଗଜଲକ୍ଷ୍ମୀଙ୍କ ଦର୍ଶନ କରିବା ସହ ଅଞ୍ଚଳବାସୀଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରିଥିଲେ। ମା'ଙ୍କ ବୀଜମନ୍ତ୍ର ଉଚ୍ଚାରଣ କରି ସେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ସମୟରେ ପୂଜା କମିଟିର କର୍ମକର୍ତ୍ତା ଓ ଉପସ୍ଥିତ ଶ୍ରଦ୍ଧାଳୁମାନେ ହରିବୋଲ ଓ ହୁଳହୁଳି ଧ୍ୱନିରେ ତାଙ୍କୁ ସ୍ୱାଗତ କରିବା ସହ ତାଙ୍କର ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଥିଲେ। ପରେ ସେ ପୂଜା ମଣ୍ଡପ ପରିଦର୍ଶନ କରିବା ସହ ଏହାର ଭବିଷ୍ୟତ ଉନ୍ନତି ଓ ବିକାଶ ସମ୍ପର୍କରେ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ।

ଏହି ପୂଜା ମହୋତ୍ସବର ସଫଳ ଆୟୋଜନରେ କମିଟି ସଭାପତି ବିପିନ ବିହାରୀ ସାହୁ, ଉପସଭାପତି ଅଜୟ କୁମାର ସାହୁ, ସମ୍ପାଦକ ମାନସ କୁମାର ଦାସଙ୍କ ସମେତ ପୂର୍ବତନ ସଭାପତି ଗୋକୁଳାନନ୍ଦ ବେହେରା, ଚିତ୍ତରଞ୍ଜନ ସାହୁ, ପ୍ରଫୁଲ୍ଲ ମହାରଣା, ଧୀରେନ ବେହେରା, ଦେବେନ୍ଦ୍ର ପରିଜା, ରମେଶ ଚନ୍ଦ୍ର ଖୁଣ୍ଟିଆ ଓ ଧ୍ରୁବଚରଣ ସାହୁଙ୍କ ସମେତ ଗ୍ରାମର ବହୁ ଯୁବକ ଓ ମହିଳା ସକ୍ରିୟ ସହଯୋଗ କରିଥିଲେ।

ଏହି ଅବସରରେ ପାଟକୁରା ବିଧାୟକଙ୍କ ପ୍ରତିନିଧି କ୍ଷିତିଶ ଚନ୍ଦ୍ର ଦାସ, ବ୍ଲକ୍ ଅଧ୍ୟକ୍ଷ ଅଭୟ ମହାରାଜ, ବିଧାୟକଙ୍କ ଜିଲ୍ଲା ପ୍ରତିନିଧି ସୁକାନ୍ତ ଦ୍ୱିବେଦୀ, ସମିତି ସଭ୍ୟ ଦିଲ୍ଲୀପ ସାହୁ, ସରପଞ୍ଚଙ୍କ ପ୍ରତିନିଧି ଗଙ୍ଗାଧର ମିଶ୍ର, ସମାଜସେବୀ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଶୈଳେନ୍ଦ୍ର ମହାନ୍ତି, କ୍ଷୀରୋଦ ମହାନ୍ତି, ସାମ୍ବାଦିକ ମୁକ୍ତେଶ୍ୱର ସ୍ୱାଇଁ ଓ ନଗେନ ସ୍ୱାଇଁଙ୍କ ସମେତ ବହୁ ବିଜୟ ମହାପାତ୍ର ସମର୍ଥକ ଓ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ପୂଜା ମଣ୍ଡପରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ମହାପ୍ରସାଦ ସେବନ କରିଥିଲେ।

ବକ୍ସ ଅଫିସ୍‌ରେ ଜେଲର ୨ର ରେକର୍ଡ

ରଜନୀକାନ୍ତଙ୍କ 'ଜେଲର-୨' ମଧ୍ୟ ବଢୁଥିବା ସମୟ ସହିତ ଅନେକ ରେକର୍ଡ ସୃଷ୍ଟି କରୁଛି । ଗତ ୩ ଦିନ ଧରି ଫିଲ୍ମର କଲେକ୍ସନ କମିଥିଲା । କିନ୍ତୁ ଏହା ପରେ ବକ୍ସ ଅଫିସରେ ଧମାକା ଦେଖିବାକୁ ମିଳିଛି । ଫିଲ୍ମର କଲେକ୍ସନରେ ଚମତ୍କାର କମବ୍ୟାକ ହୋଇଛି। ଏଥି ସହିତ ଏହା ଅନେକ ବଡ଼ ଚଳଚ୍ଚିତ୍ରକୁ ମଧ୍ୟ ପଛରେ ପକାଇ ଦେଇଛି । ଜେଲର-୨ ସଂଗ୍ରହର ସଦ୍ୟତମ ଆକଳନ ଆସିଛି। ଧୀରେ ଧୀରେ ହେଲେ ବି ଚଳଚ୍ଚିତ୍ରଟି ନିଶ୍ଚିତ ଭାବରେ ୧୦୦୦ କୋଟି ଆଡକୁ ଗତି କରୁଛି । କିନ୍ତୁ ଆଗାମୀ ଦିନରେ ଏହାକୁ ବଡ଼ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ । ଆଗାମୀ ସମୟରେ ରାମାୟଣ ସହିତ ତାମିଲରେ ଦୁଇଟି ଫିଲ୍ମ ଆସୁଛି । ଏଭଳି ସ୍ଥିତିରେ ଏହି ଫିଲ୍ମ ୧୦୦୦ କୋଟି ପାଖାପାଖି ପହଞ୍ଚିବା ପାଇଁ ମାତ୍ର ୫-୬ ଦିନ ବାକି ଅଛି । ଏଭଳି ପରିସ୍ଥିତିରେ ଜେଲର-୨ର ସଂଗ୍ରହ ଦୃଷ୍ଟିରୁ ଏହି ୱିକେଣ୍ଡ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । କେତେ ଟଙ୍କା ରୋଜଗାର କଲା 'ଜେଲର-୨' ? ରଜନୀକାନ୍ତଙ୍କ 'ଜେଲର ୨' ପ୍ରେକ୍ଷାଳୟରେ ୧୫ ତମ ଦିନରେ ୫.୯୦ କୋଟି ଟଙ୍କା ସଂଗ୍ରହ କରିଛି । ଏହା ଏପର୍ଯ୍ୟନ୍ତ ଏହି ଚଳଚ୍ଚିତ୍ରର ସର୍ବନିମ୍ନ ସଂଗ୍ରହ। ଏହା ବ୍ୟତୀତ ଫିଲ୍ମ ୧୫ ଦିନରେ ୪୨୯.୫୫ କୋଟି ଟଙ୍କା ଆୟ କରିଛି । ଅନ୍ୟପକ୍ଷରେ ଏହି ଫିଲ୍ମ ମୋଟ ଆୟ ଆକାରରେ ୫୦୨.୬୫ କୋଟି ଟଙ୍କା ଆୟ କରିଛି । ବିଦେଶୀ ସଂଗ୍ରହ ଦୃଷ୍ଟିରୁ ଏହି ଚଳଚ୍ଚିତ୍ରଟି ଏକ ବିରାଟ ସଂଗ୍ରହ କରିଛି । ଏହି ଚଳଚ୍ଚିତ୍ରର ବିଦେଶୀ ସଂଗ୍ରହ ୨୬୨.୫୦ କୋଟି ଟଙ୍କା ହୋଇଛି । ଯଦି ଏହାକୁ ମିଶାଇ ଦିଆଯାଏ, ତେବେ ଏହି ଚଳଚ୍ଚିତ୍ରଟି ବିଶ୍ୱବ୍ୟାପୀ ସଂଗ୍ରହ ଦୃଷ୍ଟିରୁ ୭୬୫.୧୫ କୋଟି ଟଙ୍କା ଆୟ କରିଛି । ବାହୁବଳୀ ସମେତ ୫ ଫିଲ୍ମରୁ ଟପିଲା - 'ଜେଲର ୨' ୧୫ ଦିନ ମଧ୍ୟରେ ଭାରତୀୟ ସିନେମାର ୫ ଟି ବଡ ଚଳଚ୍ଚିତ୍ରକୁ ପଛରେ ପକାଇ ଦେଇଛି । ଶ୍ରେଷ୍ଠ ୨୦ ଚଳଚ୍ଚିତ୍ର ତାଲିକାରେ ଏହାର ସ୍ଥାନ ନିଶ୍ଚିତ କରିଛି । ଏହି ଚଳଚ୍ଚିତ୍ରଟି ୭୬୫.୧୫ କୋଟି ଟଙ୍କା ରୋଜଗାର କରିଛି । ଏହା ସହିତ ଏହା ସଲମାନ ଖାନଙ୍କ ସୁଲତାନକୁ ପଛରେ ପକାଇ ଦେଇଛି ଯାହା ୬୧୪.୪୯ କୋଟି ଟଙ୍କା ସଂଗ୍ରହ କରିଥିଲା । ଏହି ଚଳଚ୍ଚିତ୍ରଟି ପ୍ରଭାସଙ୍କ ସାଲାରକୁ ମଧ୍ୟ ଟପିଛି । ଯାହା ୬୧୭.୭ କୋଟି ଆୟ କରିଥିଲା । 'ଜେଲର-୨' ବିଶ୍ୱବ୍ୟାପୀ ୬୫୦ କୋଟି ଟଙ୍କା ଆୟ କରିଥିବା ପ୍ରଭାସଙ୍କ 'ବାହୁବଳୀ'କୁ ମଧ୍ୟ ଚକମା ଦେଇଛି । ଏହା ବ୍ୟତୀତ 'ଜେଲର-୨' ୬୯୧.୦୮ କୋଟି ଆୟ କରିଥିବା ଗଦର-୨କୁ ମଧ୍ୟ ଅତିକ୍ରମ କରିଛି ।

ଇଠାର ଟ୍ରେଲର ରିଲିଜ୍

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁରଙ୍କ ଆଗାମୀ ଫିଲ୍ମ ଇଠାର ଟ୍ରେଲର ରିଲିଜ୍ ହୋଇଛି । ଏହି ଫିଲ୍ମରେ ଶ୍ରଦ୍ଧା କପୁର ଏକ ଭିନ୍ନ ଚରିତ୍ରରେ ନଜର ଆସିବେ। ମହାରାଷ୍ଟ୍ରର ପ୍ରସିଦ୍ଧ ତମାଶା ଓ ଲାବଣୀ କଳାକାର ବିଠାବାଇ ଭାଉ ମାଙ୍ଗ ନାରାୟଣଗାଓଁକରଙ୍କ ଜୀବନୀ ଉପରେ ଏହି ଫିଲ୍ମ ଆଧାରିତ । ଟ୍ରେଲରରେ ଶ୍ରଦ୍ଧାଙ୍କୁ ବିଠାବାଇଙ୍କ ଚରିତ୍ରରେ ଦେଖିବାକୁ ମିଳିଛି । ପାରମ୍ପରିକ ପୋଷାକ, ଲାବଣୀ ଡ୍ୟାନ୍ସ, ସଙ୍ଗୀତ ଓ ରଙ୍ଗିନ ମଞ୍ଚର ଦୃଶ୍ୟ ଫିଲ୍ମ ପ୍ରତି ଦର୍ଶକଙ୍କ ଉତ୍ସୁକତା ବଢ଼ାଇଛି । ଜଣେ ମହିଳା କଳାକାର ଭାବେ ବିଠାବାଇଙ୍କ ସଂଘର୍ଷ ଏବଂ ଲୋକକଳା ଜଗତରେ ନିଜର ପରିଚୟ ସୃଷ୍ଟି କରିବାର ଯାତ୍ରାକୁ ଏଥିରେ ଦେଖିବାକୁ ମିଳିବ । ଇଠାରେ ମହାରାଷ୍ଟ୍ରର ପାରମ୍ପରିକ ଲୋକକଳା ଲାବଣୀ ଓ ତମାଶାକୁ ଗୁରୁତ୍ୱ ଦିଆଯାଇଛି। ଏହି ଫିଲ୍ମରେ ଶ୍ରଦ୍ଧା କପୁରଙ୍କ ସହ ରଣଦୀପ ହୁଡ୍ଡା ଓ ମହମ୍ମଦ ଜିଶାନ ଅୟୁବ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ରଣଦୀପ ଫିଲ୍ମରେ ବିଠାବାଇଙ୍କ ସ୍ୱାମୀ ଅନ୍ନା ସାୱନ୍ତ ମର୍ଚାଣ୍ଟଙ୍କ ଚରିତ୍ରରେ ନଜର ଆସିବେ । ଏହାବ୍ୟତୀତ ଅନନ୍ତ ଯୋଶୀ, ସିଦ୍ଧାର୍ଥ ଯାଦବ, ଅକ୍ଷରା ସିଂହ ଓ ଉଲ୍କା ଗୁପ୍ତା ମଧ୍ୟ ଫିଲ୍ମରେ ଅଭିନୟ କରିଛନ୍ତି। ପୂର୍ବରୁ ଅଗଷ୍ଟରେ ଏହି ଫିଲ୍ମ ରିଲିଜ୍ ହେବାର ଯୋଜନା ଥିଲା । ପରେ ମୁକ୍ତିଲାଭ ତାରିଖରେ ପରିବର୍ତ୍ତନ କରାଯାଇଛି। ଏବେ ଇଠା ୪ ଡିସେମ୍ବର ୨୦୨୬ରେ ରିଲିଜ ହେବ ।

ଆସୁଛି ଛମ୍ମକ ଛଲ୍ଲୋ ୨.୦!

ବଲିଉଡର କିଙ୍ଗ ଖାନ ଶାହରୁଖ ଖାନଙ୍କ ଆଗାମୀ ଫିଲ୍ମ କିଙ୍ଗକୁ ନେଇ ଚର୍ଚ୍ଚା । ଫିଲ୍ମର ସୁଟିଂ ଶେଷ ହୋଇନଥିବା ବେଳେ ଶାହରୁଖଙ୍କ ଏକ ନୂଆ ପୋଷ୍ଟର ରିଲିଜ୍ ହୋଇଛି । ଯାହା ସୋସିଆଲ ମିଡିଆରେ ଚର୍ଚ୍ଚା ପାଲଟିଛି । ଏହି ପୋଷ୍ଟରେ ଶାହରୁଖ ଏକ ଭିନ୍ନ ଏବଂ ରଫ୍ ଲୁକରେ ନଜର ଆସିଛନ୍ତି । ଏହାରି ଭିତରେ ମେକର୍ସ ମୁମ୍ବାଇରେ ଏକ ଡ୍ୟାନ୍ସ ନମ୍ବର ସୁଟିଂ କରିଛନ୍ତି । ଏଥିରେ ଶାହରୁଖ ଏବଂ କରୀନା କପୁର ନଜର ଆସିବେ । ଖବର ମୁତାବକ, ଅକ୍ଟୋବର ୨୭ରୁ ମୁମ୍ବାଇରେ ଫିଲ୍ମ କିଙ୍ଗର ଏକ ଡ୍ୟାନ୍ସ ନମ୍ବରର ସୁଟିଂ ଆରମ୍ଭ ହୋଇଛି । ଏଥିରେ ଶାହରୁଖ ଖାନ୍ ଓ କରୀନା କପୁର ଖାନ୍ ଏକାଠି ନଜର ଆସିବେ । ପ୍ରସିଦ୍ଧ କୋରିଓଗ୍ରାଫର ବୈଭବୀ ମର୍ଚ୍ଚାଣ୍ଟ ଏହି ଗୀତର କୋରିଓଗ୍ରାଫି କରିଥିବା ଜଣାପଡିଛି । ଏହି ଗୀତଟି ଶାହରୁଖ ଓ କରୀନାଙ୍କ ଲୋକପ୍ରିୟ ଗୀତ 'ଛମ୍ମକ ଛଲ୍ଲୋ' ଡ୍ୟାନ୍ସକୁ ମନେ ପକାଇବ । ଏଥିରେ ଅନ୍ତର୍ଜାତୀୟ ଡ୍ୟାନ୍ସରମାନେ ମଧ୍ୟ ସାମିଲ ହେବାର ସମ୍ଭାବନା ରହିଛି । ଗୀତର ସୁଟିଂ ପାଇଁ ଏକ ବଡ଼ ସେଟ୍ ପ୍ରସ୍ତୁତ କରିବାର ଯୋଜନା ରହିଛି । ଶାହରୁଖ ଓ କରୀନାଙ୍କ ଯୋଡ଼ିକୁ ପୁଣି ଥରେ ବଡ଼ ପରଦାରେ ଦେଖିବାକୁ ପ୍ରଶଂସକମାନେ ଉତ୍ସାହିତ ରହିଛନ୍ତି । ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଥିବା ଫିଲ୍ମ କିଙ୍ଗରେ ଅନେକ ଲୋକପ୍ରିୟ କଳାକାର ନଜର ଆସିବେ । ଏହି ଫିଲ୍ମରେ ଶାହରୁଖ ଖାନଙ୍କ ସହ ତାଙ୍କ ଝିଅ ସୁହାନା ଖାନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି । ଏହା ବ୍ୟତୀତ ଅଭିଷେକ ବଚ୍ଚନ, ରାଣୀ ମୁଖାର୍ଜୀ, ଦୀପିକା ପାଦୁକୋନ୍, କରୀନା କପୁର ଖାନ୍, ଅନିଲ କପୁର, ଜ୍ୟାକି ଶ୍ରଫ୍, ଜୟଦୀପ ଅହଲାୱତ, ଅର୍ଶଦ ୱାର୍ସି, ରାଘବ ଜୁୟାଲ ଓ ଅଭୟ ବର୍ମାଙ୍କ ଭଳି କଳାକାର ଏହି ଫିଲ୍ମରେ ଅଭିନୟ କରୁଛନ୍ତି ।

ରାମାୟଣ ପରେ ହନୁମାନଙ୍କ ଉପରେ ଆସିବ ସ୍ୱତନ୍ତ୍ର ଫିଲ୍ମ!



ରଣବୀର କପୁରଙ୍କ ଅଭିନୀତ ଫିଲ୍ମ 'ରାମାୟଣ'କୁ ନେଇ ଦର୍ଶକଙ୍କ ମଧ୍ୟରେ ପୂର୍ବରୁ ହିଁ ଉତ୍ସାହ ରହିଛି। ଏହି ମଧ୍ୟରେ ଫିଲ୍ମର କାହାଣୀକୁ ଆହୁରି ବିସ୍ତାର କରିବା ପାଇଁ ପ୍ରସ୍ତୁତି ଚାଲିଥିବା ନେଇ ଖବର ସାମ୍ନାକୁ ଆସିଛି। ନିର୍ମାତା ନମିତ ମାଲହୋତ୍ରା ଭଗବାନହନୁମାନଙ୍କ ଉପରେ ଏକ ସ୍ୱତନ୍ତ୍ର ଫିଲ୍ମ ନିର୍ମାଣ କରିବାକୁ ଯୋଜନା କରୁଥିବା କୁହାଯାଉଛି। ଏହି ଫିଲ୍ମରେ ହନୁମାନଙ୍କ ଭୂମିକାରେ ଅଭିନୟ କରୁଥିବା ସନ୍ନି ଦେଓଲଙ୍କୁ ମୁଖ୍ୟ ଭୂମିକାରେ ରଖିବା ପାଇଁ ଆଲୋଚନା ଚାଲିଥିବା ଜଣାପଡ଼ିଛି। ତେବେ ନିର୍ମାତାଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ଏନେଇ କୌଣସି ଆଧିକାରିକ ଘୋଷଣା କରାଯାଇନାହିଁ। ରିପୋର୍ଟ ଅନୁଯାୟୀ, 'ରାମାୟଣ'ର ନିର୍ମାତାମାନେ ହନୁମାନଙ୍କ ଚରିତ୍ରକୁ ନେଇ ଏକ ପୂର୍ଣ୍ଣାଙ୍ଗ ଫିଲ୍ମ ନିର୍ମାଣ କରିବାକୁ ବିଚାର କରୁଛନ୍ତି। ରାମାୟଣର କାହାଣୀରେ ହନୁମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ପରିସ୍ଥିତିରେ ନିର୍ମାତାମାନେ ଏକ ସ୍ୱତନ୍ତ୍ର ଫିଲ୍ମ ମାଧ୍ୟମରେ ତାଙ୍କ କାହାଣୀକୁ ଆହୁରି ବିସ୍ତୃତ ଭାବେ ଦର୍ଶାଇବାକୁ ଚାହୁଁଥିବା କୁହାଯାଉଛି। ରିପୋର୍ଟ ଅନୁସାରେ, 'ରାମାୟଣ: ପାର୍ଟ ୨'ର ସୁଟିଂ ଶେଷ ହେବା ପରେ ଏହି ଫିଲ୍ମର କାମ ଆଗକୁ ବଢ଼ିପାରେ। ତେବେ ଫିଲ୍ମର ସୁଟିଂ କେବେ ଆରମ୍ଭ ହେବ ଏବଂ ଏଥିରେ ଅନ୍ୟ କେଉଁ କଳାକାର ଅଭିନୟ କରିବେ, ସେ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା କୌଣସି ଆଧିକାରିକ ସୂଚନା ମିଳିନାହିଁ। ଏହି ଚରିତ୍ରଗୁଡ଼ିକ ଉପରେ ମଧ୍ୟ ନିର୍ମାଣ ହୋଇପାରେ ଫିଲ୍ମ ହନୁମାନଙ୍କ ଉପରେ ନିର୍ମାଣ ହେବାକୁ ଥିବା ଫିଲ୍ମ ଏହି ଯୋଜନାର ପ୍ରଥମ ଅଂଶ ହୋଇପାରେ। ଏହା ପୂର୍ବରୁ ହାଇଦ୍ରାବାଦରେ ଏକ ପ୍ରଚାର କାର୍ଯ୍ୟକ୍ରମ ସମୟରେ ନମିତ ମଲହୋତ୍ରା ଶୂର୍ପଣଖା, ଜଟାୟୁ, ଇନ୍ଦ୍ରଜିତ ଏବଂ ଅଙ୍ଗଦଙ୍କ ଭଳି ଚରିତ୍ରକୁ ନେଇ ମଧ୍ୟ ସ୍ୱତନ୍ତ୍ର ଫିଲ୍ମ ନିର୍ମାଣ କରିବାର ସମ୍ଭାବନା ସମ୍ପର୍କରେ ସଙ୍କେତ ଦେଇଥିଲେ। ତେବେ ଏହି ଚରିତ୍ରଗୁଡ଼ିକୁ ନେଇ ଫିଲ୍ମ ନିର୍ମାଣ କରିବା ସମ୍ପର୍କରେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ଘୋଷଣା କରାଯାଇନାହିଁ।

ଦୂଷିତ ପାଣି ପିଉଛନ୍ତି ଛାତ୍ରଛାତ୍ରୀ !

ବୈଦିକ କଲେଜରେ ଜଣ୍ଡିସ୍ ଓ ଟାଇଫଏଡ୍ ଭୟ

ସମ୍ବଲପୁର,୩୦।୧୦ (ସଂଚାର ବ୍ୟୁରୋ): ବୈଦିକ କଲେଜରେ ଜଣ୍ଡିସ୍ ଆତଙ୍କ ! ଦୂଷିତ ପାଣି ପିଉଛନ୍ତି ଛାତ୍ରଛାତ୍ରୀ । ଶିକ୍ଷାନୁଷ୍ଠାନରେ ପିଲାଙ୍କ ସ୍ୱାସ୍ଥ୍ୟ ସହ ସାଂଘାତିକ ଖେଳ ! 'ଆମ ସ୍ୱାସ୍ଥ୍ୟକୁ ମଜାକ୍ ଭାବିଛନ୍ତି କଲେଜ କର୍ତ୍ତୃପକ୍ଷ' । 'କଲେଜରୁ ହିଁ ଆମକୁ ଜଣ୍ଡିସ ଓ ଟାଇଫଏଡ'ହୋଇଛି । ଏବେ କଲେଜ ଯିବାକୁ ଭୟ ଲାଗୁଛି । ଟାଇଫଏଡ ଓ ଜଣ୍ଡିସରେ ଆକ୍ରାନ୍ତ ହୋଇ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବୈଦିକ କଲେଜର ଦୁଇ ଛାତ୍ର କଲେଜ ବିରୋଧରେ ଆଣିଛନ୍ତି ଏଭଳି ସାଂଘାତିକ ଅଭିଯୋଗ। ସମ୍ବଲପୁର ବୈଦିକ କଲେଜରେ ୧୪ ଜଣ ଛାତ୍ରଛାତ୍ରୀଙ୍କୁ ଜଣ୍ଡିସ ହୋଇଥିବା ଆଶଙ୍କା କରାଯାଉଛି। ଅକ୍ଟୋବର ପ୍ରଥମ ସପ୍ତାହରୁ ପିଲାମାନେ ଅସୁସ୍ଥ ହେବାରୁ ତାଙ୍କୁ ଛୁଟି ଦେଇ ଘରକୁ ପଠାଇ ଦିଆଯାଇଥିଲା। ଏବେ ନିଜ ନିଜ ଜିଲ୍ଲାରେ ଚିକିତ୍ସିତ ହେଉଛନ୍ତି ଛାତ୍ରଛାତ୍ରୀ। କଲେଜର ପାଣିରୁ ରୋଗ ବ୍ୟାପୁଥିବା କହିଛନ୍ତି ଛାତ୍ରଛାତ୍ରୀ । ଗତକାଲିଠାରୁ ଜନସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ପର୍ଯ୍ୟାୟରେ ଯାଇ ବୈଦିକ କଲେଜରୁ ନମୁନା ସଂଗ୍ରହ କରୁଛି। ଆଜି ମଧ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଯାଇ ଯାଞ୍ଚ କରିଛି। ବଡ଼ କଥା ହେଉଛି ବୈଦିକର ପାଣି ଅସ୍ୱାସ୍ଥ୍ୟକର ହୋଇଥିବା ଅନେକ ଥର ଚିଠି ଲେଖି ଜନସ୍ୱାସ୍ଥ୍ୟ ବିଭାଗ ଚେତାଇବା ପରେ ମଧ୍ୟ ବେଫିକର କଲେଜ କର୍ତ୍ତୃପକ୍ଷ। ଏଣେ ପୂର୍ବରୁ ଥରେ କଲେଜର ପାଣି ପରୀକ୍ଷା କରାଯାଇଥିଲା ଓ ପାଣି ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା ବୋଲି କହିଛନ୍ତି ସମ୍ବଲପୁର ସିଡିଏମଓ ନାଗମାଧବ ଶତପଥୀ । ଏଣେ ସହରରେ ମଧ୍ୟ ଦୂଷିତ ପାଣି ଆସୁଥିବାରୁ ଆଶଙ୍କାରେ ସହରବାସୀ। ପୂର୍ବରୁ ଜଣ୍ଡିସ ମହାମାରୀରେ ସମ୍ବଲପୁର ହେହାଲ ହୋଇଥିବା ବେଳେ ଏବେ ପୁଣି ସହରରେ ଜଣ୍ଡିସ ଭୟ।

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାଣ ବର୍ଷାରେ ଭାଙ୍ଗିଲା ଘର କାନ୍ଥ

କନ୍ଧମାଳ,୩୦।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଏଲ ବଟଲମେଣ୍ଡି ପଞ୍ଚାୟତ ମୁଣ୍ଡାଗାଁ ଗ୍ରାମର ରୁନୁ ଦିଗାଲ ଙ୍କ ଘର ଲଗାଣ ବର୍ଷା ରେ ଘର କାନ୍ଥ ଭୁଶୁଡ଼ି ଆକସ୍ମିକ ସବୁ ଭାଙ୍ଗି ଯାଇଛି ଘର ଭୁଶୁଡ଼ିବା ସମୟରେ ରୁନୁ ତାର ସ୍ତ୍ରୀ ବିଜୁଳି ଦିଗାଲ ଏବଂ ତାର ଦୁଇ ପୁଅ ସହିତ ରୋଷେଇ ଘରେ ରାତ୍ର ଭୋଜନ କରୁଥିଲେ। ସେହି ସମୟରେ ହଠାତ ବହୁତ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଯାଇଛନ୍ତି। ଏଣୁ ଏହି ପରିବାରକୁ ସରକାରୀ ସହାୟତା କିମ୍ବା ନୂତନ ଘର ଖଞ୍ଜିଏ ଯୋଗେଇଦେବା ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

ତପ୍ତପାଣି ଘାଟି ରାସ୍ତାରେ ସ୍ୱାଭାବିକ ହେଲା ଗାଡ଼ି ଚଳାଚଳ

ଦିଗପହଣ୍ଡି,୩୦।୧୦ (ସଂଚାର ବ୍ୟୁରୋ): ତପ୍ତପାଣି ଘାଟି ରାସ୍ତାରେ ଗାଡ଼ି ଚଳାଚଳ ଶୁକ୍ରବାର ସ୍ୱାଭାବିକ ହୋଇଛି। ଗଞ୍ଜାମ-ଗଜପତି ସୀମାନ୍ତ ୩୨୬ ନଂ. ଜାତୀୟ ରାଜପଥ ତପ୍ତପାଣି ଘାଟିର ବେଲଗଡ ଗାଁ ନିକଟ କଲଭର୍ଟ ପାହାଡ଼ରୁ ଆସୁଥିବା ପାଣିରେ ଭାସି ଯାଇଥିଲା। ପ୍ରାୟ ୨୦ ଫୁଟ ରାସ୍ତା ସମ୍ପୂର୍ଣ୍ଣ ଧସିଯିବାରୁ ଏହି ରାସ୍ତାରେ ଗାଡ଼ି ଚଳାଚଳ ବିପଦପୂର୍ଣ୍ଣ ହୋଇପଡ଼ିଥିଲା। ପୋଲିସ ପ୍ରଶାସନ ପକ୍ଷରୁ ରାସ୍ତାର ଉଭୟ କଡ଼ରେ ଅସ୍ଥାୟୀ ବାରିକେଡ କରାଯାଇ ରାସ୍ତାକୁ ସିଲ କରାଯାଇଥିବା ବ୍ରହ୍ମପୁରଠାରୁ ଭାୟା ଦିଗପହଣ୍ଡି ଦେଇ ଗଜପତି, ରାୟଗଡ଼ା, କନ୍ଧମାଳ, ଜୟପୁର, କୋରାପୁଟ, କଳାହାଣ୍ଡି, ମାଲକାନଗିରି ଜିଲା ସମେତ ପଡୋଶୀ ଆନ୍ଧ୍ର, ଛତିଶଗଡ଼, ତେଲଙ୍ଗାନା, ମଧ୍ୟପ୍ରଦେଶକୁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଶୁକ୍ରବାର ସକାଳେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ କର୍ମଚାରୀ ସେଠାରେ ଉପସ୍ଥିତ ରହି ରାସ୍ତା ମରାମତି କରିବାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

ବ୍ଲକ୍‌ରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ମ.ରାମପୁର,୩୦।୧୦(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ୍ ସଭାଗୃହଠାରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ଓ ସ୍ୱଚ୍ଛ ପ୍ରଶାସନର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା।କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ କୁମାର ଆଇନ୍ଦ, ଭିଜିଲାନ୍ସ ଷ୍ଟେନୋ ସନ୍ତୋଷ କୁମାର ମହାନ୍ତି, ଏଇଇ ବଳବିନ୍ଦର ସିଂ ଯାଦବ ଓ ଏବିଡିଓ ଲକ୍ଷ୍ମଣ ପଧାନ ମଞ୍ଚାସୀନ ରହି ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରିଥିଲେ। ଦୁର୍ନୀତି ରୋକିବା ପାଇଁ ସମସ୍ତେ ସଚେତନ ଓ ଯତ୍ନବାନ ହେବା ସହ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଓ ଦାୟିତ୍ୱବୋଧ ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଥିଲା।ଦୁର୍ନୀତି ନିବାରଣ ସପ୍ତାହ ପାଳନ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟିର ଏକ ପ୍ରୟାସ ହୋଇଥିବାବେଳେ, ବାସ୍ତବ କ୍ଷେତ୍ରରେ ଦୁର୍ନୀତି ନିୟନ୍ତ୍ରଣ ଓ ସ୍ୱଚ୍ଛ ପ୍ରଶାସନ ପ୍ରତିଷ୍ଠା ହିଁ ଏହାର ପ୍ରକୃତ ଉଦ୍ଦେଶ୍ୟ। ତେଣୁ କେବଳ ସଚେତନତା କାର୍ଯ୍ୟକ୍ରମରେ ସୀମିତ ନରହି ଦୁର୍ନୀତି ବିରୋଧରେ ନିୟମିତ ତଦାରଖ, ଅଭିଯୋଗର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ନଚେତ୍ ଦୁର୍ନୀତି ନିବାରଣ ସପ୍ତାହ ପାଳନ କେବଳ ଏକ ଔପଚାରିକତାରେ ସୀମିତ ରହିଯିବାର ଆଶଙ୍କା ରହିଛି।ଏହି ଅବସରରେ ରାଜ୍ୟ ସରପଞ୍ଚ ସଂଘର ସଭାପତି ରୋମାଞ୍ଚ ସାହୁ, ପ୍ରେସ୍ କ୍ଲବ୍ ସଭାପତି ପ୍ରଶାନ୍ତ ସାମନ୍ତରା, ଯୁଗଯାତ୍ରୀ ସାହିତ୍ୟ ସଂସଦର ସମ୍ପାଦକ ହେମନ୍ତ ସାହୁ ଓ ଏମ୍‌ବିକେ ସବିତା ନାଗ ପ୍ରମୁଖ ନିଜ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏପିଓ ଅଭିଳାଷା ସିଂହଦେଓ ସହଯୋଗ କରିଥିଲେ। ଏଥିରେ ସମସ୍ତ ପିଇଓ, ଏଡିଇଓ, ବିପିଏମ୍, ଓଏଲ୍‌ଏମ୍ କର୍ମଚାରୀ, ଏମ୍‌ବିକେ, ସିଆର୍‌ପି ଏବଂ ସୁଭଦ୍ରା ଶକ୍ତି ମା'ମାନେ ଉପସ୍ଥିତ ଥିଲେ।

ପୂର୍ବ ନିର୍ଦ୍ଧାରିତ ସମୟରେ ମୋ ବସ ଚଳାଚଳ ପାଇଁ ବିଡ଼ିଓଙ୍କୁ ଦାବିପତ୍ର

ବାଲିଆପାଳ ,୩୦।୧୦ (ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କୁ ବ୍ଲକ ମୁଖ୍ୟାଳୟକୁ କୁ ଯୋଗାଯୋଗ ପାଇଁ ପୂର୍ବ ସରକାର ମୋ ବସ ସେବାର ଆରମ୍ଭ କରିଥିଲେ। ବାଲିଆପାଳ ବ୍ଲକରେ ଥିବା ସୁବର୍ଣ୍ଣ ରେଖା ମହାବିଦ୍ୟାଳୟ ସମ୍ମୁଖରେ ଥିବା ମୋ ବସ ଟି ସକାଳ ୯.୩୦ ସୁଦ୍ଧା ପହଞ୍ଚୁଥିଲା। ବସଟି ବିଭିନ୍ନ ଗ୍ରାମ ଦେଇ ଯାଉଥିବାରୁ ଲୋକ ମାନଙ୍କ ସହିତ ୫୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେଉଥିଲେ ମାତ୍ର ପ୍ରଶାସନ ପକ୍ଷରୁ ନିକଟରେ ବସ ଚଳାଚଳର ସମୟ ପରିବର୍ତ୍ତନ କରାଯାଇଥିବାରୁ ତିନି ଦିନ ଧରି ୧୧.୧୦ ମିନିଟ୍ ରେ ମହାବିଦ୍ୟାଳୟ ସମ୍ମୁଖରେ ପହଞ୍ଚୁଛି। ତେବେ ଯାତାୟତ ପାଇଁ ଅନ୍ୟ କୈଣସି ସୁବିଧା ନଥିବାରୁ ଛାତ୍ର ଛାତ୍ରୀଙ୍କ ପାଠ ପଢ଼ାରେ ବାଧ୍ୟା ସୃଷ୍ଟି ହେଉଛି। ଏନେଇ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାଶ ଙ୍କୁ ଭେଟି ବସ ଚଳାଚଳର ସମୟ ପୂର୍ବ ସମୟ ନିର୍ଦ୍ଧାରିତ ରଖାଯାଉ ବୋଲି ଦାବି ପତ୍ର ପ୍ରଦାନ କରିଛନ୍ତି। ଛାତ୍ର ଛାତ୍ରୀ ଙ୍କ ପାଠ ପଢ଼ାକୁ ଲକ୍ଷ ରଖି ଯଥା ଶିଘ୍ର ଏହାର ସମାଧାନ କରାଯିବ ବୋଲି ବିଡ଼ିଓ ଶ୍ରୀ ଦାଶ କହିଛନ୍ତି।

● ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦଯାପିତ

ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ୨୯ ଛାତ୍ର ଛାତ୍ରୀ ମନୋନୀତ

ବାଲିଆପାଳ,୩୦।୧୦(ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକସ୍ତରୀୟ ଶିଶୁମହୋତ୍ସବ ସୁରଭି ଉଦଯାପିତ ହୋଇଯାଇଛି। ଶ୍ରୀହରିଚରଣ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉପ୍ରା ବିଦ୍ୟାଳୟ ଦେଭୋଗ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଉଦଘାଟନୀ ଉତ୍ସବରେ ବାଲିଆପାଳ ଗୋଷ୍ଠିଶିକ୍ଷା ଅଧିକାରୀ ସୋମାରାଣୀ ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତିନିଧି ରବୀନ୍ଦ୍ରନାଥ ଅଣ୍ଡିଆ।, ସମ୍ମାନୀତ ଅତିଥି ଭାବରେ ବିଆରସିସି ବଂଶୀଧର ନାୟକ, ସରପଞ୍ଚ ସବିତା ନାୟକ, ସମିତି ସଦସ୍ୟା କଲ୍ୟାଣୀ ନାୟକ, ପ୍ରଧାନଶିକ୍ଷୟିତ୍ରୀ ସ୍ୱେତାସ୍ମିତ୍ମା ପ୍ରଧାନ, ମେନେଜିଙ୍ଗକମିଟି ସଭାପତି ମୃତ୍ୟୁଞ୍ଜୟ ନାୟକ, ସିଆରସିସି ପାର୍ଥସାରଥୀ ବେହେରା, ଏସଏମସି ସଭାପତି ଡମ୍ବରୁଧର ମାଣିକ ପ୍ରମୁଖ ଯୋଗଦେଇ ଶିଶୁ ମାନଙ୍କର ପ୍ରତିଭା ବିକାଶରେ ସୁରଭି କାର୍ଯ୍ୟକ୍ରମ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ।ଶିକ୍ଷକ ଶ୍ରୀକାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଶିକ୍ଷୟିତ୍ରୀ ସୁଲୋଚନା ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ ତଥା ଉଦଯାପନୀ ଉତ୍ସବରେ ମଧ୍ୟ ଗୋଷ୍ଠି ଶିକ୍ଷାଅଧିକାରିଣୀ ଶ୍ରିମତୀ ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସୁରଭି ପିଲାମାନଙ୍କର ଜ୍ଞାନ, କଳା, ସଂସ୍କୃତି ଓ ସୃଜନ ଶୀଳତା ତଥା ଆତ୍ମବିଶ୍ୱାସର ବିକାଶ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ।

ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗରେ ଅନ୍ତର୍ଜାତୀୟ ସଞ୍ଚୟ ଦିବସ ପାଳିତ

ବାରିପଦା,୩୦।୧୦ (ସଂଚାର ବ୍ୟୁରୋ): ଆନ୍ତର୍ଜାତୀୟ ସଞ୍ଚୟ ଦିବସ ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ "ସମୃଦ୍ଧି ପାଇଁ ସଞ୍ଚୟ: ପ୍ରଭାବଶାଳୀ ନିବେଶ ଓ ସମାବେଶୀ ଅଭିବୃଦ୍ଧିର ମାର୍ଗ" ଶୀର୍ଷକରେ ଏକ ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି।ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଧରଣୀଧର ବିଶ୍ୱବିଦ୍ୟାଳୟର ପୂର୍ବତନ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ତଥା ଅର୍ଥନୀତି ପ୍ରଫେସର ସତ୍ୟବ୍ରତ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ବିଶ୍ଳେଷଣାତ୍ମକ ଓ ପ୍ରୟୋଗମୂଳକ ଅର୍ଥନୀତି ବିଭାଗର ଆର୍‌ବିଆଇ ଚେୟାର ପ୍ରଫେସର ସୁଧାକର ପାତ୍ର ଏବଂ ଆୟୋଜକ ବିଶ୍ୱବିଦ୍ୟାଳୟର ବ୍ୟବସାୟ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଡ. ସୀତାରାମ ଦାସ ପ୍ରମୁଖ ବିଷୟ ବିଶେଷଜ୍ଞ ରୂପେ ଯୋଗଦେଇ ସଞ୍ଚୟ ଓ ନିବେଶର ବିଭିନ୍ନ ଦିଗ ଉପରେ ନିଜର ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବପ୍ରଥମେ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର କବିତା କୁମାରୀ ସାହୁ ସ୍ୱାଗତ ଓ ବିଷୟଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ତତ୍ପରେ ନିମନ୍ତ୍ରିତ ବକ୍ତାମାନେ ତାଙ୍କ ଅଭିଭାଷଣରେ ସଞ୍ଚୟକୁ ଆର୍ଥିକ ସୁରକ୍ଷା ଓ ସମୃଦ୍ଧିର ଏକ ମୁଖ୍ୟ ଆଧାର ଭାବେ ଅଭିହିତ କରିବା ସହ ଏହାର ସଠିକ୍ ଉପଯୋଗ ଦ୍ୱାରା ନିବେଶ, ସ୍ଥାୟୀ ଅଭିବୃଦ୍ଧି ଏବଂ ସମାବେଶୀ ବିକାଶକୁ କିପରି ଗତିଶୀଳ କରାଯାଇପାରିବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ପାଇଁ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର,୩୦।୧୦(ସଂଚାର ବ୍ୟୁରୋ): ଜନଗଣନା- ୨୦୨୭ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକୁ ସୁଚାରୁ ଓ ତ୍ରୁଟିଶୂନ୍ୟ ଭାବେ ସମ୍ପାଦନ କରିବା ନିମନ୍ତେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ସମୀକ୍ଷା, ଆଲୋଚନା ଓ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ତଥା ଜିଲ୍ଲାପାଳ ଦେବାଶିଷ ସିଂହ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଲିନା ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଜନଗଣନା ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ଦେଶରେ ପ୍ରତି ୧୦ ବର୍ଷରେ ଥରେ ଜନଗଣନା କରାଯାଉଥିବାବେଳେ ଶେଷଥର ପାଇଁ ୨୦୧୧ ମସିହାରେ ଏହା ଅନୁଷ୍ଠିତ ହୋଇଥିଲା। ୨୦୨୧ ମସିହାରେ ହେବାକୁ ଥିବା ଜନଗଣନା କୋଭିଡ୍ ମହାମାରୀ ଯୋଗୁଁ ସ୍ଥଗିତ ରହିଥିଲା। ଏହି ପରିପ୍ରେକ୍ଷୀରେ ଜନଗଣନା–୨୦୨୭ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଏହି ତାଲିମ ଓ ସମୀକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଉପ ଜିଲ୍ଲାପାଳ ସୋନପୁର ଡ ସୋମ୍ୟରୂପା ରଥ, ଉପ ଜିଲ୍ଲାପାଳ ବୀରମହାରାଜପୁର ସୁରେନ୍ଦ୍ର ମେହେର, ସହକାରୀ ଜିଲ୍ଲାପାଳ ଆଜାଦ କୁମାର ସାହୁ, ଜନଗଣନା ଶାଖାର ଅଧିକାରୀ, ସମସ୍ତ ତହସିଲଦାର, ନିର୍ବାହୀ ଅଧିକାରୀ ତଥା ଚାର୍ଜ ଜନଗଣନା ଅଧିକାରୀଙ୍କ ସମେତ ପ୍ରାୟ ୫୦ ଜଣ ଅଧିକାରୀ ଯୋଗଦେଇଥିଲେ।

ରଇପୁର ଗାଁରେ ବନ୍ଧୁକ ମୁନରେ ଡକାୟତି

● ସୁନାଗହଣା ସହ ଟଙ୍କା ଲୁଟ୍,ଫାଙ୍କା ଗୁଳିଚାଳନା କରି ଦୁର୍ବୃତ୍ତ ଫେରାର

ଧାମନଗର,୩୦।୧୦(ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଧୁଷୁରୀ ଥାନା ଅଧିନସ୍ଥ ରଇପୁର ଗ୍ରାମ ପଞ୍ଚାୟତର କଣ୍ଟିକା ଗାଁରେ ଏକ ସଶସ୍ତ୍ର ଡକାୟତି ଘଟଣାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ପରିବାର ସଦସ୍ୟଙ୍କୁ ଭୟଭୀତ କରି ଦୁର୍ବୃତ୍ତମାନେ ସୁନାଗହଣା ସହ ନଗଦ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଫେରାର ହେବା ସମୟରେ ଗ୍ରାମବାସୀ ଘେରିଯିବାରୁ ଦୁର୍ବୃତ୍ତମାନେ ଫାଙ୍କା ଗୁଳିଚାଳନା କରି ଖସି ପଳାଇଥିବା ଜଣାପଡ଼ିଛି।ସୂଚନା ଅନୁଯାୟୀ, କଣ୍ଟିକା ଗାଁର ପିତବାସ ରାଉତଙ୍କ ଘରେ ଗତକାଲି ରାତି ପ୍ରାୟ ୧୦ଟା ୧୫ ମିନିଟ୍ ସମୟରେ ଏହି ଘଟଣା ଘଟିଥିଲା। ପିତବାସ ପରିସ୍ରା କରିବା ପାଇଁ ଘର ବାହାରକୁ ଯାଇଥିବା ସମୟରେ ଡକାୟତମାନେ ତାଙ୍କୁ ଆକ୍ରମଣ କରି ଘର ଭିତରକୁ ପଶିଥିଲେ। ପିତବାସଙ୍କ ବଡ଼ଭାଇଙ୍କ ସୁଧିକର୍ମ ଅବସରରେ ଘରେ ପରିବାର ସଦସ୍ୟଙ୍କ ସମେତ ବିବାହିତ ଝିଅ, ବୋହୂ ଓ ଛୋଟ ପିଲାମାନେ ଉପସ୍ଥିତ ଥିଲେ। ଦୁର୍ବୃତ୍ତମାନେ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ସମସ୍ତଙ୍କୁ ଭୟଭୀତ କରିବା ସହ ସେମାନଙ୍କ ପିନ୍ଧିଥିବା ସୁନା ଅଳଙ୍କାର ଲୁଟି ନେଇଥିଲେ। ଏହାପରେ ଆଲମିରା ଭାଙ୍ଗି ସେଥିରେ ଥିବା ସୁନାଗହଣା ଓ ନଗଦ ଟଙ୍କା ମଧ୍ୟ ନେଇଯାଇଥିଲେ। ଡକାୟତମାନେ ଘରେ ପଶିବା ସମୟରେ ପିତବାସଙ୍କ ବୋହୂ ଭଦ୍ରକରେ ରହୁଥିବା ତାଙ୍କ ପୁଅଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ।

ବୈଶିଙ୍ଗାରେ ବଡ ଧରଣର ଚୋରୀ ଅଭିଯୋଗ

ବୈଶିଙ୍ଗା,୩୦।୧୦(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅଧୀନରେ ବିଭିନ୍ନ ଗ୍ରାମ ଏବଂ ବଜାର ମାନଙ୍କରେ ଛୋଟ ବଡ ଚୋରୀ ବଢ଼ି ଚାଲିଛି। ପୋଲିସ କୁ ଚ୍ୟାଲେଞ୍ଜ ଦେଇ ଚୋରମାନେ ଏଭଳି କାଣ୍ଡ ଭିଆଇ ଚାଲିଛନ୍ତି। କିଛି ଦିନ ହେବ ୧୦ ଗୋଟି ସ୍ଥାନରୁ ବିଦ୍ୟୁତ୍ ଟ୍ରାନ୍ସଫରମର ଚୋରୀ ହେବା ପରେ ଗତ କାଲି ପୁଣି ଏକ ଭଡା ଘରୁ ନଗଦ ତିନି ଲକ୍ଷ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନା ରୁପାର ଗହଣା ଚୋରୀ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ବୈଶିଙ୍ଗା ରୁପସା ରାସ୍ତାର ମହୁରୀ ଛକ ନିକଟରେ ସୁଶିଲ ସାହୁଙ୍କ ଘରେ ତିନି ବର୍ଷ ହେବ ଭଡା ନେଇ ରାଜକୁମାର ଜୈନ, ସ୍ତ୍ରୀ ଭାରତୀ ବେହେରା ଏବଂ ଦଶ ବର୍ଷର ଶିଶୁପୁତ୍ର ସହ ରହି ଆସୁଥିଲେ। ଦୁଇ ଦିନ ତଳେ ପୁରୀ ଜଗନ୍ନାଥ ଦର୍ଶନ କରି ଆଜି ଶୁକ୍ରବାର ସକାଳେ ଦେଖନ୍ତି ତ ଚୋରମାନେ ଘରେ କଳା କନା ବୁଲାଇ ଦେଇଛନ୍ତି। ରାଜକୁମାର ଙ୍କ ଅଭିଯୋଗ କ୍ରମେ ବୈଶିଙ୍ଗା ଥାନାରେ ୫୮୭ / ୨୬ ମୂଳେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଏହି ଘଟଣାର ଅଧିକ ତଥ୍ୟ ସଂଗ୍ରହ ପାଇଁ ବାରିପଦାରୁ ଫରେନସିକ୍ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସାହାଯ୍ୟରେ ଚାନ୍ ଭିନ୍ କରି ଫେରି ଯାଇଛନ୍ତି। ଉତ୍ତର ପ୍ରଦେଶ ର ଗାଜିଆବାଦ ଅଞ୍ଚଳ ର ରାଜକୁମାର ବୈଶିଙ୍ଗା ଗ୍ରାମର ରବୀନ୍ଦ୍ର ବେହେରା ଙ୍କ ଝିଅ ଭାରତୀ ଙ୍କୁ ବିବାହ କରି ଅନ୍ୟତ୍ର ଭଡା ନେଇ ରହି ଆସୁଥିଲେ। ବିଭିନ୍ନ ହାଟକୁ ହାଟ ବୁଲି ମନୋହରୀ ସାମଗ୍ରୀ ବିକ୍ରୀ କରି ନିଜର ଜମି କିଣିବା ପାଇଁ ଟଙ୍କା ସଂଗ୍ରହ କରି ରଖିଥିଲେ। ସେ ଏବେ ନିସହାୟ ହୋଇ ପଡ଼ିଛନ୍ତି।

ପାଇଖାନା ଟାଙ୍କିରେ ଗରିବ ବାଘଙ୍କ ମୃତ୍ୟୁକୁ ନେଇ ନାନା ଚର୍ଚ୍ଚା

ରାୟଗଡ଼ା,୩୦।୧୦(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଆମ୍ବାଦଳା ଥାନା ଅଧିନସ୍ଥ ବାଘଡଙ୍ଗରି ଗ୍ରାମରେ ଜଣେ ବ୍ୟକ୍ତି ପାଇଖାନା ଟାଙ୍କିରେ ପଡ଼ି ମୃତ୍ୟୁ ବରଣ କୁ ନେଇ ନାନା ପ୍ରକାର ଚର୍ଚ୍ଚା ଯୋରଧରିଛି। ଏପରି ଏକ ଦୁଖଦଃ ଘଟଣା ଘଟିଛି ବାଘଡଙ୍ଗରୀ ଗ୍ରାମରେ। ସୂଚନା ପ୍ରକାରେ ସେହି ଗ୍ରାମର ୪୫ ବର୍ଷିଆ ଗରିବ ବାଘ ଗୁରୁବାର ବିଳମ୍ବିତ ରାତିରେ ଦେଶୀ ମଦ ଭାଟି ପାଖରେ ଥିବା ଅସମ୍ପୂର୍ଣ୍ଣ ନିର୍ମାଣଧୀନ ଘରେ କିଛି ଯୁବକ ସବୁଦିନ ପରି ଜୁଆ ଖେଳ ଖେଳୁଥିଲେ। ଗରିବ ସେଠାରେ ଥିଲା। ସେଠାରୁ ଆସୁଥିବା ସମୟରେ ଅସମ୍ପୂର୍ଣ୍ଣ ଦାୟିତ୍ୱ ହୀନ ଭାବେ ଖୋଲା ଟାଙ୍କିରେ ଗରିବ ପଡ଼ିଯାଇଥିଲେ। ଜୁଆଖେଳ ସାରି ସମସ୍ତେ ନିଜ ନିଜ ଘରକୁ ଚାଲିଯାଇଥିଲେ, ମାତ୍ର ଗରିବ ଫେରି ନଥିଲା। ପରଦିନ ସକାଳେ ଗରିବର ଶବ ପାଇଖାନା ଟାଙ୍କିରେ ଭାସୁଥିବା ପରିବାର ଲୋକଙ୍କୁ ଦେଖଣା ହାରି କହିଥିଲେ। ଲୋକମାନେ ରୁଣ୍ଡ ହେବା ମଧ୍ୟରେ ଆମ୍ବାଦଳା ଥାନା ଆଇଆଇସି ପ୍ରଶାନ୍ତ କୁମାର ସେଠି ପୋଲିସ ଷ୍ଟାଫ ଧରି ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ମୁନିଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ, ସାଧାରଣରେ ପ୍ରଶ୍ନ ଉଠୁଛି ଗରିବ ସେଠାକୁ ଯୁଆ ଖେଳିବାକୁ ଯାଇଥିଲାକି? ଯଦି ଜୁଆ ଖେଳୁଥିଲା ପେପରୁଆ ଅସୁରକ୍ଷିତ ପାଇଖାନା ଟାଙ୍କି ଖୋଲା ରହିଥିଲା କାହିଁକି ଏବଂ କେତେଦିନ ହେବ ଖୋଲା ରହିଛି? ସବୁଦିନ ଜୁଆ ଖେଳ ହେଉଥିବା ପ୍ରଶାସନକୁ କଣ ଅଜଣା ଅଛିକି? ଯଦି ଜଣା ତେବେ ପୋଲିସ କି ପଦକ୍ଷେପ ନେଇଛି। ଅପରପକ୍ଷେ ଏତେ ଲୋକ ଜୁଆ ଖେଳୁଥିଲେ ମଧ୍ୟ ଗରିବ ପାଇଖାନାରେ ପଡ଼ିବା କିଏ ଜାଣି ପାରିଲେ ନାହିଁ କେମିତି ? ଏ ସବୁ ଦୃଷ୍ଟିକୁ ଆଖି ଆଗରେ ରଖି ତଦନ୍ତ ହେବା ଜରୁରୀ, କାରଣ ବାଟରେ ଘାଟରେ ବିଭିନ୍ନ ଚର୍ଚ୍ଚା ଯୋର ଧରି ଏହାକୁ ସାଧାରଣରେ ଟାଙ୍କିରେ ପଡ଼ି ମରିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି।

ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ଦାବିରେ ବିଶାଳ ଜନଆନ୍ଦୋଳନ

ବୈଶିଙ୍ଗା,୩୦।୧୦ (ସଂଚାର ବ୍ୟୁରୋ): ମୁଣ୍ଡାରୀ ଭାଷାର ଅଧିକାର, ଅସ୍ମିତା ଓ ସମ୍ମାନର ସୁରକ୍ଷା ପାଇଁ ଆରମ୍ଭ ହୋଇଥିବା ମୁଣ୍ଡାରୀ ଭାଷା ଉଲ୍‌ଗୁଲାନ୍ ଏବେ ଏକ ବ୍ୟାପକ ଜନଆନ୍ଦୋଳନର ରୂପ ନେଇଛି। ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଆହ୍ୱାନରେ ଆଜି ବେତନଟୀ ବ୍ଲକରେ ଆୟୋଜିତ ବିଶାଳ ଜନସମାବେଶ ଏହି ଆନ୍ଦୋଳନକୁ ଏକ ନୂତନ ଦିଗ ଓ ଶକ୍ତି ପ୍ରଦାନ କରିଛି। ମୁଣ୍ଡାରୀ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ସହ ଓଡ଼ିଶାର ଦ୍ୱିତୀୟ ରାଜଭାଷା ଭାବେ ମାନ୍ୟତା ପ୍ରଦାନ ଦାବିରେ ହଜାର ହଜାର ମୁଣ୍ଡାରୀ ଭାଷାଭାଷୀ ଲୋକଙ୍କ ଉପସ୍ଥିତି ଦେଖିବାକୁ ମିଳିଛି । ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ହେଉଛି ମୁଣ୍ଡାରୀ ଭାଷାଭାଷୀ ସମାଜର ଭାଷାଗତ ଅଧିକାର, ସାଂସ୍କୃତିକ ପରିଚୟ ଓ ଆଗାମୀ ପିଢ଼ିର ସ୍ୱାଭିମାନର ସୁରକ୍ଷା ପାଇଁ ଗଠିତ ଏକ ସାମୂହିକ ମଞ୍ଚ। ମୁଣ୍ଡା ସମାଜର ୧୭ଟି ସାମାଜିକ ସଂଗଠନର ସହଯୋଗ ଓ ସମନ୍ୱୟରେ ଗଠିତ ଏହି କମିଟି ମୁଣ୍ଡାରୀ ଭାଷା ଆନ୍ଦୋଳନକୁ ଗାଁରୁ ବ୍ଲକ, ବ୍ଲକରୁ ଜିଲ୍ଲା ଏବଂ ଜିଲ୍ଲାରୁ ରାଜ୍ୟ ଓ ଜାତୀୟ ସ୍ତରକୁ ପହଞ୍ଚାଇବା ପାଇଁ ନିରନ୍ତର ଉଦ୍ୟମ କରୁଛି। ବ୍ଲକସ୍ତରୀୟ ଜନସମାବେଶ, ଶୋଭାଯାତ୍ରା, ସରକାରୀ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ ଏବଂ ଗାଁ ଗାଁରେ ଜନସଚେତନତା ସୃଷ୍ଟି ମାଧ୍ୟମରେ କମିଟି ଏହି ଦାବିକୁ ଏକ ସୁସଂଗଠିତ ଜନଆନ୍ଦୋଳନରେ ପରିଣତ କରୁଛି। ଆନ୍ଦୋଳନର ଦୁଇଟି ପ୍ରମୁଖ ଦାବି ହେଉଛି ମୁଣ୍ଡାରୀ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ଏବଂ ଓଡ଼ିଶାର ଦ୍ୱିତୀୟ ରାଜଭାଷା ଭାବେ ସ୍ୱୀକୃତି ପ୍ରଦାନ କରିବା। ଏହି ଦାବିଗୁଡ଼ିକୁ ନେଇ ବେତନଟୀ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡ଼ିଓ)ଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଭାରତର ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁଣ୍ଡାରୀ ଭାଷା ଭାରତର ପ୍ରାଚୀନ ଆଦିବାସୀ ଭାଷାମାନଙ୍କ ମଧ୍ୟରୁ ଅନ୍ୟତମ। ଏହା କେବଳ ଭାବର ଆଦାନପ୍ରଦାନର ମାଧ୍ୟମ ନୁହେଁ; ବରଂ ମୁଣ୍ଡା ସମାଜର ଇତିହାସ, ପାରମ୍ପରିକ ଜ୍ଞାନ, ଲୋକସଂସ୍କୃତି, ପ୍ରକୃତି ସହିତ ଥିବା ଅନ୍ତରଙ୍ଗ ସମ୍ପର୍କ ଓ ପିଢ଼ି ପରେ ପିଢ଼ି ସଞ୍ଚିତ ସାମୂହିକ ସ୍ମୃତିର ଜୀବନ୍ତ ବାହକ। ତେଣୁ ଏହି ଭାଷାର ସୁରକ୍ଷା, ସଂରକ୍ଷଣ ଓ ସାମ୍ବିଧାନିକ ସ୍ୱୀକୃତି କେବଳ ଏକ ଭାଷାର ଦାବି ନୁହେଁ, ଏହା ଏକ ସମାଜର ଆତ୍ମପରିଚୟ ଓ ସ୍ୱାଭିମାନର ପ୍ରଶ୍ନ। ଭଗବାନ ବିରସା ମୁଣ୍ଡାଙ୍କ ସଂଘର୍ଷ ଓ ବଳିଦାନ ଆଦିବାସୀ ଅସ୍ମିତା, ସ୍ୱାଧିକାର ଓ ସ୍ୱାଭିମାନର ଏକ ଅମର ପ୍ରତୀକ। ତାଙ୍କ ଜନ୍ମଦିବସକୁ ଭାରତ ସରକାର 'ଜନଜାତୀୟ ଗୌରବ ଦିବସ' ଭାବେ ପାଳନ କରିବା ଆଦିବାସୀ ଇତିହାସ ଓ ଅବଦାନର ଗୁରୁତ୍ୱକୁ ସ୍ୱୀକାର କରେ।

ତହସିଲରେ ଉତ୍ତେଜନା: ଟାଇପିଷ୍ଟଙ୍କ ଆକ୍ରମଣରେ ଆଇନଜୀବୀ ଆହତ

● ପ୍ଲାସ୍‌ରେ ମୁଣ୍ଡ ଫଟାଇ ଦେଇଥିବା ଅଭିଯୋଗ

ବାଲିକୁଦା,୩୦।୧୦(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ତହସିଲ କାର୍ଯ୍ୟାଳୟ ପରିସରରେ ଟାଇପିଂ କାମକୁ କେନ୍ଦ୍ର କରି ଜଣେ ଟାଇପିଷ୍ଟ ଓ ଆଇନଜୀବୀଙ୍କ ମଧ୍ୟରେ ବଚସାରୁ ମାରପିଟ୍ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ଆଇନଜୀବୀ ମାନସ ପରିଡ଼ା ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଭୋଦା ଗ୍ରାମର ଟାଇପିଷ୍ଟ କେଦାର ମଲ୍ଲିକଙ୍କୁ ମାନସ ଏକ ଟାଇପିଂ କାମ ପାଇଁ କହିଥିଲେ। ମାତ୍ର ସେ ମନା କରିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାପରେ କେଦାର ଏକ ପ୍ଲାସ୍‌ରେ ଆକ୍ରମଣ କରିବାରୁ ମାନସଙ୍କ ମୁଣ୍ଡ ଫାଟିଯାଇଥିବା ଅଭିଯୋଗ ହୋଇଛି। ଆହତ ମାନସଙ୍କୁ ବାଲିକୁଦା ମେଡିକାଲରେ ଚିକିତ୍ସା କରାଯିବା ପରେ ସେ ବାଲିକୁଦା ଓକିଲ ସଂଘ ସଦସ୍ୟ ଙ୍କ ସହିତ ବାଲିକୁଦା ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି।